Split by PDF Splitter



ନ ୧ ଓ ଜଣସ୍ତର ଭଗ୍ନାବ ଜଉଚ୍ଚନ୍ଦ ନାମକ ସେଇଁ ସେବ ଷଡେଦ୍ଦେଶ କେଉ ଯାଇ ସୃଷ୍ଟ ସହିତ ଦଳୀୟ ଚେକାର ଦେଖ୍ୟା ଦଇବାର ସେଇଁ ମକଦ୍ଦମା ହୋଇଥିବ ତହିଁରେ ଭଉତ୍କଳର ୫ ୨୦ ଲା ଅର୍ଥଦଣ୍ଡ ହୋଇଅଛି।

ଅତ୍ତ୍ମପଦୋଭ ଏକଜିକ୍ୟୁଟିଭ ଇଞ୍ଜିନିୟର ଶ୍ରୀଯୁକ୍ତ ସମ୍ପ ସାହେବ ଅବକାଶପ୍ରାପ୍ତ ହେବାର ଉଣମାସ ପର୍ଯ୍ୟନ୍ତ ନୈଉଣ୍ଟାରୁ ତାଙ୍କ ସ୍ଥାନରେ ଶ୍ରୀଯୁକ୍ତ ଲଙ୍ଗ ସାହେବ ନିଯୁକ୍ତ ହୋଇ ଅଛିଅଛନ୍ତି। ଅବଧି ତାରୁ ଅନେକ ହଳ ଏଠାରେ ଏହେ। ସେ ଓଡ଼ିଶାର ଯେଉଁ ଅଭିବାଚ ଜଣା ନ ଥିବାରୁ ସମସ୍ତ ଦୁଃଖିତ ଅଛନ୍ତି।

---

## ପତ୍ରପ୍ରେରକଙ୍କ ପ୍ରତି।

ଗୋବିନ୍ଦଭଟ୍ଟ କବି—ବାନ ବିଷୟରେ ବଲାଇବାର ନାହିଁ। ତାହାଙ୍କ ଶକ୍ତି ଓ ବିବେଚନା ଉପରେ ନିର୍ଭର କରେ। ଅତଏବ ଆପଣଙ୍କ ପତ୍ର ପ୍ରକାଶ କରିବାର ପ୍ରୟୋଜନ ଦେଖୁ ନାହୁଁ।

ଶ୍ରୀ ନଗେନ୍ଦ୍ରନାଥ ସେନ—ସ୍ଥାନାଭାବ ପ୍ରସଂଗଂର ଅନେକ ପ୍ରେରିତପତ୍ର ସ୍ଥାନାନ୍ତରରେ ଜଡ ରହିଥିବାରୁ ଆପଣଙ୍କର ଆଶା ପୂର୍ଣ୍ଣ କରିବାକୁ ଅକ୍ଷମ ହେଲୁଁ।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

---

ପୂଜ୍ୟପାଦ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ—

ମହାଶୟ,

ଦିନେ ଜଣେ ବନ୍ଧୁଙ୍କ ନିକଟରେ "ନୂତନ ପାଠ" ନାମକ ଖଣ୍ଡିଏ ପୁସ୍ତକ ଦେଖି କି ନୂଆ ପାଠ ପୁଣି କେଉଁଅଛି ଅଛି ଜାଣିବା ନିମନ୍ତେ କୌତୁହଳାକ୍ରାନ୍ତ ହୋଇ ପୁସ୍ତକ ଖଣ୍ଡି ଉଦ୍ଘାଟନ କଲି। ପ୍ରଥମେ ଭୂମିକା ଉପରେ ଦୃଷ୍ଟି ପଡ଼ିଲା; ତହିଁରୁ ଅବଗତ ହେଲି ଯେ କଲିକତାନିବାସୀ ଶ୍ରୀବାବୁ ଚନ୍ଦ୍ରନାଥ ବସୁ "ନୂତନ ପାଠ" ନାମରେ ଖଣ୍ଡିଏ ବଙ୍ଗଳା ପୁସ୍ତକ ପ୍ରଣୟନ କରିଅଛନ୍ତି ଏବଂ "ବୋଧୋଦୟ" ପରିବର୍ତ୍ତେ ସେହି ପୁସ୍ତକର ଓଡ଼ିଆ ଅନୁବାଦ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ବ୍ୟବହୃତ ହେବା ନିମନ୍ତେ ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ଆଦେଶ ଦେବାରୁ ଓଡ଼ିଆ ଅନୁବାଦ ପ୍ରକାଶିତ ହୋଇଅଛି। ଡାଇରେକ୍ଟର ସାହେବ ଦେଖନ୍ତୁ, ଉପରି ଏହି ଆଦେଶ ଦେଲେ କାହାକୁ ଜଣାଅଛି କି? ସର୍ବସାଧାରଣ ଯେ ଆଦେଶ ଜାଣିବା ପୂର୍ବରୁ ଅନୁବାଦକ ତାହା କିପରି ଜାଣିଲେ ଏବଂ ଡାଇରେକ୍ଟର ସାହେବଙ୍କ ସହିତ ତାଙ୍କର କି ସମ୍ପର୍କ ଅଛି ଯେ ଯାହା ସର୍ବସାଧାରଣ ଜାଣିବା ଉଚିତ ତାହା ସେ ତାହାଙ୍କୁ ନ ଜଣାଇ ଅନୁବାଦକଙ୍କୁ ଗୋପନରେ ଜଣାଇ ଦେଲେ? ଓଡ଼ିଶା ଶିକ୍ଷାବିଭାଗର ଅନେକ କାର୍ଯ୍ୟ ସାଧାରଣଙ୍କ ଅଗୋଚରରେ ପରିଚାଳିତ ହୁଏ ଏବଂ ତହିଁରୁ କେବଳ ସ୍ୱାର୍ଥପରତାର ପରିଚୟ ମିଳେ। ଏହି ହେତୁ ସାଧାରଣ ବିଶ୍ୱାସ ଯେ ଉକ୍ତ ବିଭାଗ ବ୍ୟକ୍ତିବିଶେଷର ଖାସ-ଦଖଲର ଭୁକ୍ତ ହୋଇ ଅଛି।

ପୁସ୍ତକ ଖଣ୍ଡି ପାଠ କଲି, ଦେଖିଲି ବିଚିତ୍ର ଅନୁବାଦ! ବଙ୍ଗଳା ବହିର ଓଡ଼ିଆ ଅନୁବାଦ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ପ୍ରଚଳନର ଏହା ପ୍ରଥମ ଦୃଷ୍ଟାନ୍ତ ନୁହେଁ: ସରକାରଙ୍କ ପ୍ରାପ୍ତ ଭଜନ ପଣ୍ଡିତାୟକ ଅନେକ ପୁସ୍ତକ ଅନୁବାଦ କରିଥିଲେ ଏବଂ ତାଙ୍କର ପାଠକ ମଧ୍ୟ ସମୟେ ସମୟେ ଏକଥା ଛିଡ଼ି ଅନୁବାଦ କରିଦେଇ ଥିଲେ। କିନ୍ତୁ ନୂତନ ପାଠର ନୂତନ ଅନୁବାଦର ବାହାଦୁରି ଏହିକି ଯେ ଅନେକ ବଙ୍ଗଳା ଶବ୍ଦ ଓଡ଼ିଆ ଅନୁବାଦ ସହିତ ମିଶ୍ରିତ ହୋଇ ବଙ୍ଗୋତ୍କଳ ଖିଚୁଡ଼ି ପ୍ରସ୍ତୁତ ହୋଇ ଅଛି।

୰ବିଦ୍ୟାସାଗର ମହାଶୟଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ତାଙ୍କ ବିଦ୍ୟାବୃକ୍ଷ ଅସାର ବୋଲି ଗଣ୍ୟ ହେବ ଏବଂ ନୂତନ ଗ୍ରନ୍ଥକାରମାନଙ୍କର ନୂତନ ପୁସ୍ତକ ଭଲେ ଭଲେ ପ୍ରଚଳିତ ଲାଭ କରିବ, ଏହା କେହି ସ୍ୱପ୍ନ ନ ଥିଲା। ନୂତନ ପାଠର କେଉଁ ଗୁଣ ଦେଖି ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ତାହାକୁ ବଙ୍ଗ, ବିହାର ଓ ଓଡ଼ିଶାର ପାଠ୍ୟପୁସ୍ତକ ସ୍ୱରୂପ ମନୋନୀତ କଲେ ତାହା ତାଙ୍କୁ ଓ ତାଙ୍କର ଅମାତ୍ୟମାନଙ୍କୁ ଜଣାଥିବ। କେହି କେହି କହୁଥାନ୍ତି ବୋଧୋଦୟ ଓଡ଼ିଆ ଅନୁବାଦ ଓଡ଼ିଶାରେ ଚଳୁଥିଲା, ନୂତନ ପାଠର ଓଡ଼ିଆ ଅନୁବାଦ ଚଳିଲେ ଆପତ୍ତି କସ? କିନ୍ତୁ ବୋଧୋଦୟର ଦୋଷ ଓ ନୂତନ ପାଠର ଗୁଣ ଜାଣିବା ଆବଶ୍ୟକ। ସାଧାରଣତଃ ଉତ୍କୃଷ୍ଟ ପୁସ୍ତକ ପାଠ୍ୟ ପୁସ୍ତକ ସ୍ୱରୂପ ମନୋନୀତ ହୁଏ ଏବଂ କେଉଁ ପୁସ୍ତକ ଉତ୍କୃଷ୍ଟ, କେଉଁ ପୁସ୍ତକ ନିକୃଷ୍ଟ ତାହା ପାଠକ ମାତ୍ରେ ସହଜରେ ବୁଝିପାରନ୍ତି, ସୁତରାଂ ଦୋଷଗୁଣ ବୁଝାଇବା ଆବଶ୍ୟକ ହୁଏ ନାହିଁ। ଯଦି ବୋଧୋଦୟ ଅଧୁନାତନ ଅଭିନବ ମୋଡ଼ନର ଉପଯୋଗୀ ନ ହେଲା ତେବେ ତାହା ପ୍ରକାଶ ନ କରି ଏବଂ ଓଡ଼ିଆ ଭାଷାରେ କେହି ଉତ୍କୃଷ୍ଟ ପୁସ୍ତକ ପ୍ରଣୟନ କରି ପାରିବ କି ନାହିଁ, ନ ବୁଝି, ଗୋପନରେ ହଠାତ୍ ଏରୂପ ଆଦେଶ ଦେବା ଅତ୍ୟନ୍ତ ଗର୍ହିତ ହୋଇ ଅଛି। ଏତଦ୍ଦ୍ୱାରା ଓଡ଼ିଆଭାଷା ପ୍ରତି ଗୁରୁତର ଅବଜ୍ଞା ହୋଇଅଛି।

ବଶମ୍ବଦ
ସବ୍ ଡାକ୍ତର।

---

ମହାଶୟ!

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ କରି ଅଧୀନର କ୍ଷୁଦ୍ରଲିଖିତ ବିଷୟ ପଂକ୍ତିକୁ ପ୍ରକାଶ କରି ଚିରବାଧିତ କରିବା ହେବେ।

ଏ ସ୍ଥାନରେ ଜଣେ ଲୋକ ଆପଣାର କେତେକ ଗୋରୁ ଜାଲ କୂଳରେ ଚରାଉଥିବା ସମୟରେ ସେଥି ମଧ୍ୟରୁ ଗୋଟିଏ ଗୋରୁ ପାଣି ପିଇବା ଆଶାରେ ପାଣି କୂଳରେ ମୁଖ ବଢ଼ାଇ ଲକ୍ଷଣି ସେଠାରେ ଥିବା ଏକ କୁମ୍ଭୀର ତାହାର ଗଳଦେଶରୁ ଧରି ପକାଇ ଏପରି ଅପାଡ଼ କଲା ଯେ ତାହାର ସେହି ସ୍ଥାନରୁ ଶୋଣିତ ବାହାର ନିଃସୃତ ହୋଇ ଉକ୍ତ ଗୋରୁ ଘ ୧ ଘ ମଧ୍ୟରେ ପ୍ରାଣ ବିସର୍ଜନ କଲା। ଏ ଅବସ୍ଥାରେ ଗୋସ୍ୱାମୀ ଉପରେ କିଛି ଦୋଷାରୋପ ହୋଇ ପାରେ କି ନା ଓ ଦୋଷ ଯୁକ୍ତ ହେଲେ ଏହାର କି ପ୍ରାୟଶ୍ଚିତ୍ତ ଅଛି; ଆପଣଙ୍କ ବଙ୍ଗଦିଗ୍‌ବର୍ତ୍ତୀ ପଣ୍ଡିତବର୍ଗ ଏହାର ଉତ୍ତର ଦାନେ ଅଧୀନକୁ ଚିରବାଧିତ କରିବା ହେବେ।

ବଶମ୍ବଦ।

ହେଜାପୁର। ୧୧।୭।୯୫ } ଶ୍ରୀ ହୈଲାସ ଚନ୍ଦ୍ର ଦତ୍ତ। ପୋଷ୍ଟମାଷ୍ଟର।

---

ମହାଶୟ!

ଅନୁଗ୍ରହ ପୂର୍ବକ ନିମ୍ନଲିଖିତ ବିଷୟକୁ ଭବଦୀୟଙ୍କ ବିଖ୍ୟାତ ଉତ୍କଳଦୀପିକାରେ ପ୍ରକାଶିତ କରି ଉତ୍କଳଦୀପିକାର ପ୍ରଧାନ ପ୍ରଧାନ ଗ୍ରାହକମାନଙ୍କୁ ଜ୍ଞାତ କରାଇ ଦେବାର ବିଷୟର ପ୍ରକୃତ ମର୍ମ ବିଦିତ କରାଇବାକୁ ବିଜ୍ଞବ୍ୟକ୍ତିମାନଙ୍କୁ ପ୍ରାର୍ଥନା କରି ପ୍ରକାଶ କରିବେ।

ବିଷୟ ଏହି ଯେ କୌଣସି ଉଚ୍ଚ ଶ୍ରେଣୀର ବ୍ରାହ୍ମଣ ଯଦ୍ୟପି ଅଶ୍ରୋତ୍ରିୟଦ୍ୱାରା ଶୂଦ୍ରକର୍ମ କରନ୍ତି

Digitized by srujanika@gmail.com

Split by PDF Splitter



ଲେକେ ହିନ୍ଦୁଧର୍ମ ଅନୁସାରେ ଭାଗ୍ୟକୁ ଦୋଷ ଦେଇ ଦୋଷ ଘଟିବ ନାହିଁ ।

ଏହି ବିଷୟର ଉତ୍ତର ଶୀଘ୍ର ଉତ୍କଳଦୀପିକା-ରେ ପ୍ରକାଶ ପାଇଲେ ମନରୁ ସନ୍ଦେହ ମୋଚନ କରିବି ଏବଂ କରଭାରସ୍ୟ ବିଷୟ ମୀମାଂସା କରିବା କ୍ଷମତା ପ୍ରାପ୍ତ ହୋଇ ପାରିବି ଏତିକି ମାତ୍ର ପ୍ରାର୍ଥନା । ଇତି ।

ଜଳସ୍ନାନପୁରସ୍କୂଳ } ଆପଣଙ୍କର ଏକାନ୍ତ ବଶମ୍ବଦ
୧୩।୭।୯୫ } ଶ୍ରୀଚନ୍ଦ୍ରମଣିମହାନ୍ତି ଶିକ୍ଷକ

---

ମହାଶୟ !

ଅଳକୁ ପ୍ରାୟ ସାତଦିନ ହେଲା ଏହି ନଗରର ବାଣସ୍ତବାଦ ଅଞ୍ଚଳରେ ବସନ୍ତର ଓଲଉଠାର ପ୍ରାଦୁର୍ଭାବ ହୋଇଅଛି । ଅନେକ ମହାଶୟ କାଳକବଳରେ ପତିତ ହେଲେଣି । କେତେକ ଲୋକେ କେବଳ ଦୈବ ଉପରେ ନିର୍ଭର କରି ବସି ଅଛନ୍ତି । କେତେକ ଦୈବ ଓ ପୁରୁଷକାର ଏହି ଉଭୟର ଆଶ୍ରୟ ନେଉଅଛନ୍ତି । ଶେଷୋକ୍ତ ଲୋକମାନଙ୍କ କୃତକାର୍ଯ୍ୟ ହେବାର ଦେଖୁଅଛୁ । ତନ୍ମୁଁ ମୁଁ ଦେଖିଲି ପୁରୁଷକାର ନ ଥିଲେ ଦୈବ ଫଳଦାୟକ ହୁଏ । ଜଗଦୀଶ୍ୱରଙ୍କର ଏହି ମଙ୍ଗଳମୟ ନିୟମ ସର୍ବତ୍ର ବର୍ତ୍ତମାନ; ସବୁ ସାଂସାରିକ କାର୍ଯ୍ୟ ଏହି ନିୟମର ଅଧୀନ ।

ଏ ଅଞ୍ଚଳର ଅଧିବାସିମାନେ ବହୁଦର୍ଶୀ, କର୍ମାବିହିତ୍ୟପରି ଭାଗବତ ପାଠ ଓ ହୋମ ଇତ୍ୟାଦି ସଦନୁଷ୍ଠାନ ଦ୍ୱାରା ଅପଣାକୁ ରକ୍ଷା କରୁ ଅଛନ୍ତି । ସମସ୍ତେ ସର୍ବଦା "ଶ୍ରୀମଧୁସୂଦନ, ଜୟ ମଧୁସୂଦନ" ଉଚ୍ଚାରଣ କରୁଅଛନ୍ତି ।—ଏହାହିଁ ବର୍ତ୍ତମାନ ଏହି ସ୍ଥଳ ଲୋକଙ୍କର ଦୈବଶକ୍ତି । "ବିପଦ୍ରେ ମଧୁସୂଦନ" ।

ପୁଣି ପୁରୁଷକାର ସମ୍ବନ୍ଧରେ କେହି ସମର୍ଥ ଓ କେହି ଅବା ଅସମର୍ଥ । ଯେଉଁମାନେ ସମର୍ଥ ସେମାନେ ଯଥାସାଧ୍ୟ ଚେଷ୍ଟିତ ହେଉ ଅଛନ୍ତି । ତନ୍ତୁ ଅସମର୍ଥ ଲୋକଙ୍କ ପକ୍ଷରେ ଚିକିତ୍ସା ଆଉ କଣ ଅଛି ? ଏହାଙ୍କ ପାଇଁ ଶ୍ରୀବାବୁ ମଧୁସୂଦନ ମିଶ୍ରଙ୍କ ଅନୁଗ୍ରହ ଯୋଗୁ ଦୈବ ସହାୟତାକୁ ଅଙ୍ଗୀକାର କରୁ ନାହିଁ ।—ଏହି ବାବୁ ମହୋଦୟ ଏହି ଅଞ୍ଚଳରେ ବାସ କରନ୍ତି । ଏ ହୋମିଓପେଥିକ୍ ଔଷଧର ସାହାଯ୍ୟରେ ବିନା ମୂଲ୍ୟରେ ଏହି ଲୋକମାନଙ୍କର ସାହାଯ୍ୟ କରୁ ଅଛନ୍ତି । ଏହାଙ୍କ ଘର ଅନ୍ତୁର ଜେନେକ ଉଦାସୀନ ଉକ୍ତ ଚିକିତ୍ସା ଦ୍ୱାରା ଲୋକମାନଙ୍କର ପ୍ରଭୂତ ଉପକାର କରୁଅଛନ୍ତି । ସେମାନଙ୍କର ମଙ୍ଗଳ ହେଉ ।

ଏଠା ଲୋକେ 'ମଧୁସୂଦନ' ନାମକୁ ଦୁଇ ପ୍ରକାରରେ ଜପୁ ଥଛନ୍ତି । କାହାର କଷ୍ଟ ହେଲେ, ତାକ ମଧୁସୂଦନ ବାବୁଙ୍କୁ—ଅଙ୍ଗ ସର୍ବଦା, "ଶ୍ରୀମଧୁସୂଦନ, ଜୟ ମଧୁସୂଦନ" । ମଧୁସୂଦନବାବୁ ରୋଗିର ଯଥାସାଧ୍ୟ ଯତ୍ନ କରନ୍ତି ପ୍ରଭୁ ମଧୁସୂଦନ ଏହି ମଧୁସୂଦନମିଶ୍ରଙ୍କର ମଙ୍ଗଳ କରନ୍ତୁ ! ଅଲ୍ପ ମଧୁସୂଦନ ନାମଧାରୀ ସମସ୍ତ ଲୋକଙ୍କର ମଙ୍ଗଳ ହେଉ ।

ଅଶୀପ୍ରାର୍ଥୀ ।
ଜଣେ ଅଦୂରଦର୍ଶୀ ଦର୍ଶକ
ବାଣସ୍ତବାଦ—କଟକ ।
ତା ୨୧।୭।୯୫

---

ମହାଶୟ !

ଗତ ତା ୧୯ ଋଷ ଜୁଲାଇ "ଓଡ଼ିଆ ଓ ନବସମ୍ବାଦ"ରେ ପ୍ରକାଶିତ "ମୁଦ୍ରଣଦେବ" ଶୀର୍ଷକ ପ୍ରବନ୍ଧଟି ସମ୍ବନ୍ଧରେ ଅମ୍ଭମାନଙ୍କର କିଛି ବକ୍ତବ୍ୟ ଥିବାରୁ ତାହା ଉମ୍ଭେ ପ୍ରକଟିତ କରୁ ଅଛୁଁ; ଅନୁଗ୍ରହ ପୂର୍ବକ ଅବେ ପତ୍ରିକାସ୍ଥ କରି ବାଧିତ କରିବା ହେବେ ।

ମନସ୍ୱୀ ଲେଖକ ଆପଣା ପ୍ରବନ୍ଧର ଏକସ୍ଥଳରେ ଲେଖିଅଛନ୍ତି :—"ମୁଁ ମୁଦ୍ରଣ ଦେବଙ୍କୁ ଦେଖି ଅଛି, ଓଡ଼ିଶାର ସମସ୍ତ ସ୍ଥାନ ଦେଖିଅଛି ଏବଂ ଭାରତବର୍ଷର ଅଧିକାଂଶ ସ୍ଥାନର କଥା ଯଥାସମ୍ଭବ ଦୃଷ୍ଟି ( ? ) ସୂତ୍ରରେ ଅବଗତ ହୋଇ ଅଛି । ସମସ୍ତ ଦେଖି ଶୁଣି ମୋହର ଦୃଢ଼ବିଶ୍ୱାସ ହୋଇ ଅଛି ଯେ ମୁଦ୍ରଣ ଦେବଙ୍କ ତୁଲ୍ୟ ରାଜା ଭାରତବର୍ଷରେ ପ୍ରାପ୍ୟ ନାହାନ୍ତି" । ଏଥିରୁ ଅମ୍ଭମାନଙ୍କର ବକ୍ତବ୍ୟ ଏହିକି ଲେଖକେ ଓଡ଼ିଶାର ରାଜାମାନଙ୍କୁ ସ୍ୱଚକ୍ଷୁରେ ଦେଖିଥିବାରୁ ସେମାନଙ୍କର ଗୁଣାଗୁଣ ବର୍ଣ୍ଣନ କରି ସେମାନଙ୍କୁ ମୁଦ୍ରଣ ଦେବଙ୍କ ତଳେ ଅସନ ଦେବାକୁ ଅଧିକାରୀ ହୋଇ ପାରନ୍ତି ମାତ୍ର ଭାରତବର୍ଷର ଅଧିକାଂଶ ସ୍ଥାନର କଥା କେବଳ ଯଥାସମ୍ଭବ ଜନଶ୍ରୁତିରେ ଅବଗତ ହୋଇ ସେମାନଙ୍କ ସମ୍ବନ୍ଧରେ ଏପ୍ରକାର ଅସମାଚୀନ ମନ୍ତବ୍ୟ ପ୍ରକାଶ କରିବା ଅମ୍ଭମାନଙ୍କୁ ସଙ୍ଗତ ବୋଧ ହେଲା ନାହିଁ । ଲେଖକ ମହାଶୟ ଅମ୍ଭମାନଙ୍କର ପ୍ରତି ଭକ୍ତି ଦେଖାଇ ସନ୍ଦେହ ଭଞ୍ଜନ ନିମନ୍ତେ ଅମ୍ଭମାନେ ଏଥିରେ ଟିକିଏ ସ୍ୱାଧୀନଭାବ ମାତ୍ରାଧିକ୍ୟର ଅଘ୍ରାଣ ପ୍ରାପ୍ତ ହେଲୁଁ ।

ପ୍ରବନ୍ଧର ସ୍ଥଳାନ୍ତରରେ ଲେଖକ ଲେଖି ଅଛନ୍ତି । "ଶୁଦ୍ଧ ଦେବଗଡ଼ ନଗରକୁ ବର୍ତ୍ତମାନ ଯେତେ ଓଡ଼ିଆ ସୁଲେଖକ ବାହାରବେ ସମସ୍ତ ଓଡ଼ିଶାରେ ସେଥିରୁ ଅଧିକ ବାହାରବେ ନାହିଁ ସନ୍ଦେହ ।" ଲେଖକ ଯେ କେହି ହୋଇଥାନ୍ତୁ ନା କାହିଁକି ସେ ଯେ ଜଣେ ଉତ୍ତମ ଉତ୍କଳଦୀପିକାଭକ୍ତ ବ୍ୟକ୍ତି ଏଥିରେ ଆଉ ସନ୍ଦେହ ନାହିଁ । ମାତ୍ର ଏହି ମନ୍ତବ୍ୟଟି ଲେଖକଙ୍କର କେଉଁ ପ୍ରମାଣ ଉପରେ ସ୍ଥାପିତ ଅମ୍ଭେମାନେ ବୁଝିବାକୁ ଏକାନ୍ତ ଅକ୍ଷମ । ଯଦି କେବଳ "ହିତୈଷିଣୀ" ଉପରେ ନିର୍ଭର କରି ଲେଖକ ଏପ୍ରକାର ମନ୍ତବ୍ୟ ପ୍ରୟୋଗ କରିଥାନ୍ତି ତାହା ହେଲେ ଅମ୍ଭେମାନେ କହୁଅଛୁଁ ଯେ କୁଳଶୀଳ ଲେଖକମାନଙ୍କ ଦ୍ୱାରାନୁଷ୍ଠିତ ବଙ୍ଗୀୟ "ହିତୈଷିଣୀ" ପତ୍ରମାତ୍ର ବାଦକୁ ରହି ପାରିବ ନାହିଁ । ଅଳ୍ପ, ଯଦି ବାସ୍ତବରେ ଦେବଗଡ଼ରେ ଅନେକ ଅପ୍ରକାଶିତ ସୁଲେଖକ ଅଛନ୍ତି ସେମାନଙ୍କ ସଂଖ୍ୟା ଯେ କୁଳଶୀଳ ସୁଲେଖକଙ୍କ ଠାରୁ ଅଧିକ ହେବ ଏହା ଅମ୍ଭେମାନେ କଦାପି ବିଶ୍ୱାସ କରି ନ ପାରୁଁ ।

ଶେଷରେ ବକ୍ତବ୍ୟ ଏହି କି ଅମ୍ଭେମାନେ ମହାରାଜ ମୁଦ୍ରଣ ଦେବଙ୍କୁ ପ୍ରତ୍ୟକ୍ଷରେ ଦେଖି ନ ଥିଲେହେଁ ଲେଖକଙ୍କର ପ୍ରତ୍ୟେକ କଥାରେ ( କେବଳ ଉପରୋକ୍ତ ଦୁଇଟି କଥା ଛଡ଼ା ) ସରଳ ବିଶ୍ୱାସ ସ୍ଥାପନ କରିବାକୁ ପ୍ରସ୍ତୁତ ଅଛୁଁ । ବର୍ତ୍ତମାନ ଲେଖକମହାଶୟଙ୍କ ନିକଟରେ ଅମ୍ଭମାନଙ୍କର ବିନୀତ ପ୍ରାର୍ଥନା କି ଯଦ୍ୟପି ସେ ଅମ୍ଭମାନଙ୍କର ଉପରୋକ୍ତ ଆପତ୍ତିଦ୍ୱୟକୁ ନିତାନ୍ତ ଅଯୌକ୍ତିକ ମନେ ନ କରନ୍ତି ତାହା ହେଲେ ଆପଣାର ଉକ୍ତ ମନ୍ତବ୍ୟ ଦ୍ୱୟକୁ ପ୍ରତ୍ୟାହାର କରି ନେଇ ନିଜର ପ୍ରଶସ୍ତ ଉଦାରତାର ପରିଚୟ ଦେଇ ପାରିବେ କି ? ଇତି ।

କଟକ } ଆପଣଙ୍କର
୨୭।୭।୯୫ } ଶ୍ରୀ———

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମହନ୍ତ ରାମଦାସ | ପଣ୍ଡ଼ୁଆମଠ | ୫ ୩୯ |
| ଲାଲା ଚନ୍ଦନ, ଏଡ. ଇନ୍‌ସ୍ପେକ୍ଟର | କଟକ | ୨ ୩୯ |
| | | ୨ ୩୯/ |
| ବାବୁ କୃଷ୍ଣ ଦାସ | ମଙ୍ଗଳପୁର | ୨ ୩୯ |
| ” ଭୁବନ ଦାସ | କଟକ | ୨ ୯୯ |
| ” ଗୋପାଳ ଘୋଷ | ଭଦ୍ରକ | |
| ” ଚନ୍ଦନ ଦାସ | | |

Digitized by srujanika@gmail.com

Split by PDF Splitter



୨ ବାଣରସ ଦଉଡଦନ ମହାପାତ୍ର ବାଇଅନ୍ତା ଟ ୫୧
ଦୀନବନ୍ଧୁ ଚକ୍ରବର୍ତ୍ତୀ ଭଡ଼ଡ ଟ ୪୫

# ବିଜ୍ଞାପନ ।

ଯେହେତୁ । ମ୍ଭ । ଜଏପୁର । ସା । ମୌ । ଜନକିଶୋର ନିବାସୀ ରଘୁନାଥ ଷଡ଼ଙ୍ଗୀଙ୍କର ଔରସପୁତ୍ର ଅଛନ୍ତି ଅର୍ଥାତ୍ ଆମ୍ଭେ ଗୋପୀନାଥ ଷଡ଼ଙ୍ଗୀ ଓ ଜଗନ୍ନାଥ ଷଡ଼ଙ୍ଗୀ ଓ ପ୍ରାଣନାଥ ଷଡ଼ଙ୍ଗୀ ଅଟୁଁ । ପିତା ମୌଜୁଦ ଅମ୍ଭେ ଗୋପୀନାଥ ଷଡ଼ଙ୍ଗୀଙ୍କ ସହିତ ବିରୋଧ ଉପସ୍ଥିତ ହେବାରୁ ତାଙ୍କର ଅମ୍ଭର ମଉରସି ସମ୍ପତ୍ତିମାନଙ୍କୁ ନଷ୍ଟ କରିବାର ମାନସ ରଖି ଅଛନ୍ତି ଅତଏବ ଏଦ୍ୱାରାରେ ସର୍ବ ସାଧାରଣଙ୍କୁ ଜ୍ଞାତ କରାଇ ଦିଆଯାଉ ଅଛି କି ତାଙ୍କଠାରୁ କୌଣସି ବ୍ୟକ୍ତି କୌଣସି ସମ୍ପତ୍ତି ଖରିଦ ଅଥବା ବନ୍ଧକପ୍ରଭୃତି କୌଣସି ପ୍ରକାରରେ ଦସ୍ତାବିଜ ତାଙ୍କଠାରୁ କରାଇ ନ ନେବେ ଯେଉଁ ଦସ୍ତାବିଜ ତାଙ୍କଠାରୁ କରାଇ ନେଲେ ତଦ୍ଦ୍ୱାରା ଅମ୍ଭେ କମ୍ପା ଅମ୍ଭର ମଉରସି ସମ୍ପତ୍ତି ଦାୟୀ ହେବ ନାହିଁ ଓ ପିତାଙ୍କର ମତ ସ୍ଥିର ନାହିଁ । ଇତି ତା ୨୬।୭।୯୫ ସାଲ

ଶ୍ରୀ ଗୋପୀନାଥ ଷଡ଼ଙ୍ଗୀ ।

## ହିତୈଷିଣୀ ବିତରଣ ।

ସମ୍ବଲପୁରହିତୈଷିଣୀ ପତ୍ରିକା ବିତରଣ କରାଯାଉ ଅଛି । ଡାକମାସୁଲ ଓ କାଗଜ ଖର୍ଚ୍ଚା ସ୍ୱରୂପ ଯେ କେହି ଏକଟଙ୍କା ପଠାଇଲେ ଏକବର୍ଷକାଳ ତକ୍ତ ପତ୍ରିକା ପାଇ ପାରିବେ । ଶୀଘ୍ର ଗ୍ରାହକ ନ ହେଲେ ପରେ ଏ ସୁବିଧା ମିଳିବ ନାହିଁ । "ଦେବଗଡ଼ ପୋଃ, ଜିଲ୍ଲା ସମ୍ବଲପୁର ଠିକଣାରେ ହିତୈଷିଣୀ ମେନେଜରଙ୍କ ନାମରେ ଟଙ୍କା ପଠାଇବାକୁ ହେବ ।"

## NOTICE

P. W. D. THEATRICAL CLUB, CUTTACK

The management, having decided to enlarge and improve the stage, offers the existing stage, comprised of (a) the frontage, (b) one drop scene, (c) fourteen scenes and (d) twelve wings, and the dresses, for sale.

For particulars apply to :—

Bhushan Chandra Banerjea
*Honorary Secretary*
Cuttack Cantonment Pension Lines.

# ଶୁଭସଂବାଦ ।

ଆୟୁର୍ବେଦିକ ମେଡିସନ୍ ମ୍ୟାନୁଫ୍ୟାକ୍ଚରିଂ
କୋମ୍ପାନୀ ଅବ୍ ଇଣ୍ଡିଆ, ଲିମିଟେଡ୍ ।
କାଲନା, ବେଙ୍ଗଲ୍ ।

ଔଷଧର ମୂଲ୍ୟ ଶତକଡ଼ା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳ ଘୃତ ମୋଦକାଦି ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ ଗୁଣକାରୀ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ସେପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତା ନିମିତ୍ତ କୋମ୍ପାନୀ ଦାୟୀ । ଅତି ସୁଲଭ ମୂଲ୍ୟରେ ଯାହାର ଦରକାର ଔଷଧର ପ୍ରୟୋଜନ କୋମ୍ପାନୀ ନିକଟରୁ କେବେ ଠକିବାର ଭୟ ନାହିଁ । ରୋଗର ଅନୁପୁଙ୍ଖ ବିବରଣ ପଠାଇଲେ ବ୍ୟବସ୍ଥା ନିଆ ଯାଇ ହୁଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାର ଭେଲ୍ୟୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ କିୟଦଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନଚେତ୍ ଆଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟି—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ନିବୃତ୍ତି ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନ ଦୋଷ ଶୁକ୍ର କ୍ଷୟ ପ୍ରଭୃତି ବ୍ୟାଧିରେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୭ ବଟି ୧୯ ଟଙ୍କା ଡାକଖରଚ ।୵ ଅଣା ।

ମକରଧ୍ୱଜ—ସ୍ନାୟବିକ ଦୌର୍ବଲ୍ୟ ନାଶର ଅବ୍ୟର୍ଥ ମହୌଷଧ । ଶିଶୁମାନଙ୍କର କାଶ ଯୁକ୍ତ ଜ୍ୱରରେ ଏହା ପ୍ରଯୋଜ୍ୟ । ଏହାର ଗୁଣ ଅନନ୍ତ, ଅନୁପାନ ବିଶେଷରେ ଏହା ସର୍ବରୋଗରେ ମଧ୍ୟ ବ୍ୟବହାର ହୁଏ ।

( ୧ ମଶ୍ରେଣୀ ) ୭ ମାତ୍ରା ବା ୭ ଗ୍ରେନ ୧୯ ଟଙ୍କା
( ୨ ଯଶ୍ରେଣୀ ) " " ୩ ଅଣା

ଜ୍ୱରକୁଳାନ୍ତବଟି—ସେବନରେ ସର୍ବପ୍ରକାର ପାଳିଜ୍ୱର, ବିଷମଜ୍ୱର, ମ୍ୟାଲେରିଆଜ୍ୱର ପ୍ରଭୃତି ଅତ୍ୟଳ୍ପ କାଳ ମଧ୍ୟରେ ଏକାବେଳକେ ଉପଶମ ହୁଏ । ଏହାକେ ପ୍ଲୀହା ଯକୃତର ପ୍ରକୋପ ସମ୍ୟକ ପ୍ରକାରରେ ଦମନ ଏବଂ ଶରୀର ସୁସ୍ଥ ସବଳ, ପୁଷ୍ଟ ଓ କାନ୍ତିଯୁକ୍ତ କରେ ଏବଂ କୋଷ୍ଠ ପରିଷ୍କାର କରେ ।

୧ ବାକ୍ସ (୨୦ ବଟି) ୧ ଟଙ୍କା ଡାକମାସୁଲ ।୵ ଅଣା ।

ଅଶୋକ ଘୃତ—ସେବନରେ ସର୍ବପ୍ରକାର ପ୍ରଦର ରୋଗ ପ୍ରଭୃତି ରୋଗ ଦୂରୀଭୂତ ହୋଇ ସ୍ତ୍ରୀଲୋକ ପୁଷ୍ଟା ବଳିଷ୍ଠା ଏବଂ କାନ୍ତିଯୁକ୍ତା ହୁଏ ।

୧ ସେରକୁ ୧ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ଟ ୨୫ ଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଳ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

ସହଚର ଏଜେଣ୍ଟର ପ୍ରୟୋଜନ—ଏଜେଣ୍ଟଙ୍କୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନୁଗ୍ରହ ପୂର୍ବକ ପତ୍ର ଲେଖନ୍ତୁ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।
ସେକ୍ରେଟେରୀ ଓ ଟ୍ରେଜରର ।

## WANTED.

A clerk and Accountant on a monthly pay of Rs. 30 rising to Rs. 40 by binomial increment of Rs. 2 and a road mohorir on Rs. 20 with consolidated allowance Rs. 10 per month are wanted for the District Engineer's office at Puree.

The applicant for the clerk and accountantship must have had practical experience of correspondence and account of a Sub-Divisional office P. W. D, and that the applicant for the road mohorir must have passed the test of a Sub-overseer in the Shibpoor Engineering College and practical experience of road making, surveying and levelling &c.

Application with testimonials will be received in sealed covers by the undersigned till the 20th August, 1895.

P. C. DANERDY,
District Engineer
Puree.

# ଦାଦୁର ଅବ୍ୟର୍ଥ ମହୌଷଧ
## ( ବିଶେଷ ପରୀକ୍ଷିତ )

ମୂଲ୍ୟ ପ୍ରତିଡବା ଟ୦ ।୵ ମାସୁଲ ଟ୦ । ଅଣା

ଏହି ଔଷଧ ବ୍ୟବହାରରେ ସର୍ବପ୍ରକାରର ଦାଦୁରୋଗ ଏକାବେଳକେ ଆରୋଗ୍ୟ ହୋଇଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ । ଏହାକୁ ବ୍ୟବହାର କଲେ କିଛିମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ଦୁର୍ଗନ୍ଧ ଅଟେ । ଏଥିରେ ନାନାପ୍ରକାର ଚର୍ମରୋଗ ମଧ୍ୟ ଭଲ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ କୋଟି ଅଣୁ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଧିକ ଅର୍ଥୋପ୍ରଦ ହୋଇଅଛି ।

Digitized by srujanika@gmail.com

Split by PDF Splitter



ସେମାନଙ୍କ ଏହି ଦୁଷ୍ଟ ରୋଗରେ କଷ୍ଟ ପାଉଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ । ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇଅଛନ୍ତି ଏବ ଅନେକ ପ୍ରଶଂସାପତ୍ର ଦେଇଅଛନ୍ତି ; ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଉ ଅଛି।

ଶ୍ରୀ ରାମ ତାରକସେନ
ହେଡ ଉତ୍କଳପ୍ରେସ
ବାଲେଶ୍ୱର

## ବିଜ୍ଞାପନ ।

ସୁଲ୍ଲିପାଠ୍ୟ, ପଞ୍ଚମ ସଂସ୍କରଣ ।

ପଣ୍ଡିତ ଅମାନନ୍ଦ ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଳେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ନୀଳମଣି ମିଶ୍ର

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଠୁମ୍ରି, ଖେମଟା, ଟପା, ଚୂନବ୍ରଜଭକ୍ତ ସମାଧିର-ସ୍ୱରର ଅତଃଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏବଂ ବୁକ୍‌ଏଜେଣ୍ଟ ବାବୁ ରାମପ୍ରସାଦ ମୁଖୁର୍ଯ୍ୟଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ହଜାରେ ଟଙ୍କା ପୁରସ୍କାର ।

## BISHAHARI

## ବିଷହରି ।

ହତାଶ ହୁଅ ନାହିଁ ।

ଡାକ୍ତର ଶ୍ରୀ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତସାର ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ୭ ୧୫ ଦିନ ଓ ପ୍ରମେହ ୭ ୩ ଦିନ ନିଶ୍ଚୟ ଆରୋଗ୍ୟ ହୁଅନ୍ତି । ଏଥିରେ ଯୁଷ୍ଠ ଆରୋଗ୍ୟ ହୋଇଅଛି, ଏହା ଦେଶୀୟ ବୃକ୍ଷରୁ ରସାୟନିକ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦହୀନ । ପାରା ଥିବାର ହେଲେ ହଜାରେ ଟଙ୍କା ପୁରସ୍କାର ଦେବୁଁ । ମୂଲ୍ୟ–ସେବନଔଷଧର ଟ ୧ ଙ୍କା, ଲେପନଉଷଧର ଟ ୧ ଙ୍କା, କୁଷ୍ଠରୋଗର ପୂର୍ଣ୍ଣ ଟ ୪ ଙ୍କା, ପ୍ୟାକିଂ ଓ ଡାକ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସାର୍ସ କଟ୍ଟକୃଷ୍ଣ ପାଲ ଏବ କୋଂ, କୋଂସ୍ପଟ୍ଟି, ଚନ୍ଦନନଗର କଲିକତା"

କଟକର ଏଜେଣ୍ଟ
ବାବୁ ଏଲ୍, ଏନ୍, ନାୟକ
ଇମ୍ପିରିୟଲ ମେଡିକଲହଲ ।
କଟକ ଓଡ଼ିଶା

## ଘଡ଼ୀ ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ଼ ଘଡ଼ି ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ରୂପରେ ନୂତନ କାରିଗରଦ୍ୱାରା ଚାଲିତ ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ଦେଖିଲେ ସମସ୍ତ ବିଷୟ ଜାଣିପାରିବେ ଏବଂ ଉଚିତ ଦାମରେ ନିଜନିଜର ଘଡ଼ି ଏବଂ ଲୁହାଦି ଜିନିଷ ପ୍ରଭୃତି ମରାମତ କରାଯାଇପାରିବ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ ମରାମତି ଦୋଷରୁ ଉକ୍ତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ବିନାମୂଲ୍ୟରେ ମରାମତ କରିଦିଆଯିବ ।

ସ୍ୱଚକ୍ଷୁ ଦେଖିବାପାଇଁ ଛାପାଖାନାର ନାମରେ ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ଘଡ଼ିନେଇ କ୍ଷତିଗ୍ରସ୍ତ କରିଅଛି । ଏହିପରି ଦୁଇଗୋଟି ଘଟଣା ଶୁଣିଗୋଚର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୂଲି ସ୍ୱୟଂ ଘଡ଼ି ଛାପାଖାନାକୁ ପଠାଇଦେଇ ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୁପାର ଗିଲ୍ଟି କର୍ମ ମଧ୍ୟ ଏଠାରେ ହୁଏ ।

୨୭ । ୪ । ୯୫
କଟକପ୍ରିଣ୍ଟିଂକମ୍ପାନୀ
ଅଫିସ କଟକ
ଶ୍ରୀ ଗୌରୀଶଙ୍କର ରାୟ ।

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ବ୍ରହ୍ମାଣ୍ଡଭୂଗୋଳ ।

ବହୁ ଅଙ୍କିତ ସମ୍ପାଦ

ମୂଲ୍ୟ ୫ ୦ ।

ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରି ଓ ଲୋୟର ପ୍ରାଇମେରିସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତାହାର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅଳ୍ପଦରରେ ପାଇପାରିବେ

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ଛପାଇବେ

| | |
|---|---|
| ଧାଡ଼ିପ୍ରତି | ଟ ୭ ୵ |
| ଅଧିସ୍ତମ୍ଭକୁ | ଟ ୨୧ |
| ଦୁଇ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଦର ଟ ୦ ୳ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇବେ ଅର୍ଦ୍ଧ ମୂଲ୍ୟ ଅଧିକ ହେଲା ଓ ତୃତୀୟ ଯଥାକ୍ରମେ ହେବ ।

ଅଧିକ ଦିନର ଛପାଇବେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସମ୍ବାଦପତ୍ର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

୩୦ ଶ ଭାଗ | ତା ୩ ରା ମାହେ ଅଗଷ୍ଟ ସନ ୧୮୯୫ ମସିହା । ମୁ । ତା ୨୦ ଶ ଶ୍ରାବଣ ସନ ୧୩୦୨ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୪
୩୧ ସଂଖ୍ୟା | | ପଶ୍ଚାଦେୟ ଟ ୬

ଅସ୍ମମାନଙ୍କର ଲେପ୍ଟେନାଣ୍ଟ ଇଲିୟଟସାହେବ ମହୋଦୟଙ୍କ ଶାସନକାଳ ଶେଷ ହୋଇ ଆସି ଅଛି । ତାଙ୍କ ସ୍ଥାନରେ ସର୍ ଅଲେକଜାଣ୍ଡର ମେକେଞ୍ଜି ସାହେବ ବାହାଦୁର ବଙ୍ଗଳା ଗଦିରେ ଅବସ୍ଥାନ କରିବାର ନି[illegible] ହୋଇ ଥିବାର କଥା ଶୁଣା ହୁଏ ।

---

[illegible]ଟେନାଣ୍ଟଙ୍କ ବ୍ୟବସ୍ଥାପକ ସଭାର ସଭ୍ୟ ହେବା ନିମନ୍ତେ ଢାକାନିର୍ବାଚନରେ ଦୁଇଜଣ ପ୍ରାର୍ଥୀ ଥିଲେ । ରାଜା ସୂର୍ଯ୍ୟକାନ୍ତ ଦେବ ନିର୍ବାଚିତ ହେବା ନିମନ୍ତେ ଅନିଚ୍ଛା ପ୍ରକାଶ କରିବାରେ ଅନ୍ୟ ପ୍ରାର୍ଥୀ ବାବୁ ଗୁରୁପ୍ରସାଦ ସେନ ଅକ୍ଲେଶରେ ନିର୍ବାଚିତ ହେଲେ । ରାଜାଙ୍କ କାର୍ଯ୍ୟ ଯଥୋଚିତ ହୋଇଅଛି ।

---

ଜନରବ ଉଠିଅଛି ଯେ ଆଗାମୀ ଶୀତକାଳରେ ବଡ଼ଲାଟ କର୍ମରୁ ଇସ୍ତଫା ପ୍ରଦାନ କଲେ ରାଜପରିବାର ମଧ୍ୟରୁ ଜଣେ ଲାଟ ହେବେ । ଅବଶ୍ୟ ସୁଖର ସମ୍ବାଦ ଯେ ମହାରାଣୀଙ୍କର କୌଣସି ପୌତ୍ର ଭାରତର ଶାସନଭାର ଗ୍ରହଣ କରିବେ । ଏକଥା ସତ୍ୟ ହେଲେ ସୁଦ୍ଧା ମନକୁ ଆସୁ ନାହିଁ ।

---

ଲଣ୍ଡନର ସାମ୍ରାଜ୍ୟ ପ୍ରଦର୍ଶନୀ ସମ୍ବନ୍ଧରେ ଶ୍ରୀମତୀ ଭାରତେଶ୍ୱରୀ ମହୋଦୟା ଗତମାସ ତା ୨୦ ରିଖରେ କେତେକଜଣ ଭାରତ ଓ ବ୍ରହ୍ମଦେଶବାସୀ ଲୋକଙ୍କୁ ଆପଣା ପ୍ରାସାଦକୁ ଡକାଇ ନେଇ ଆଦର ମର୍ଯ୍ୟାଦା କରି ଥିବାର ସମ୍ବାଦ ମିଳଇ ।—ଏହା ବିଶେଷ ସୌହାର୍ଦ୍ଦ୍ୟର ପରିଚୟସୂଚକ । ପ୍ରଜାଙ୍କୁ ସାଦର ସମ୍ବର୍ଦ୍ଧନା କଲେ ରାଜାଙ୍କର ସମ୍ମାନ ବୃଦ୍ଧି ହୁଅଇ ।

---

ଚିତ୍ରାଲ ରାଜ୍ୟରେ ଅଦ୍ୟାପି ଶାନ୍ତି ସ୍ଥାପିତ ହୋଇ ନାହିଁ । ଗତମାସ ତା ୨୦ ରିଖରେ ପଠାଣମାନେ ଜ ୧୧ ଣ ଶିଖ ସଉଦାଗରଙ୍କୁ ଆକ୍ରମଣ କରି ଜ ୭ ଣଙ୍କୁ ମାରିପକାଇ ଥିବାର ସମ୍ବାଦ ମିଳଇ । ଅନ୍ୟ ଜ ୪ ଣଙ୍କ ମଧ୍ୟରୁ ଜ ୨ ଣ ଗୁରୁତର ଓ ଜଣେ ସାମାନ୍ୟ ଆଘାତ ପ୍ରାପ୍ତ ହୋଇ ଅଛନ୍ତି । ବାକି ଜଣକ ପଳାୟନ କରି ଥିବାର କଥିତ ହୁଏ ।—କେତେ ମହାପ୍ରାଣୀ ଏରୂପେ କଷ୍ଟ ଦେଉ ଅଛନ୍ତି ।

---

ପାମୀର ରାଜ୍ୟର ସୀମା ନିର୍ଦ୍ଧାରଣ କରିବା ସମ୍ବନ୍ଧରେ ରୁଷିୟା ଓ ଇଂରାଜ ରାଜାଙ୍କ କର୍ତ୍ତୃକ କମିଶନ ବସିଥିବାର ପାଠକ ମାନଙ୍କୁ ଜଣା ଅଛି । ବର୍ତ୍ତମାନ ଅବଗତ ହେଲୁଁ ଯେ ଅଫଗାନମାନେ ରୋଷାନ ଓ ସିଗ୍ନାନ ରାଜ୍ୟ ଏକାବେଳକେ ପରିତ୍ୟାଗ ନ କରିବା ପର୍ଯ୍ୟନ୍ତ ଇଂରାଜ କମିଶନଙ୍କ ସଙ୍ଗେ କୌଣସି ବିଷୟର କଥାବାର୍ତ୍ତା ନ କରିବା ମର୍ମରେ ରୁଷିୟ କମିଶନ ଆଦେଶ ପ୍ରାପ୍ତ ହୋଇ ଅଛନ୍ତି ।—ଏଣେକି ବଡ଼ ଗୋଳମାଳ ଲାଗିବାର ସମ୍ପୂର୍ଣ୍ଣ ସମ୍ଭାବନା ।

---

ଢାକା ଉକୀଲମାନଙ୍କ ସହିତ ଫୋର୍ଡାଇସ ସାହେବ କାର୍ଯ୍ୟରୁ ବହିଷ୍କୃତ ହେଲେ । ଉକୀଲ ବର୍ଗ ବଦ୍ଧପରିକର ହେବାରୁ ସତ୍ୟର ଜୟ ହେଲା । ସାଧାରଣ ହିତକର କାର୍ଯ୍ୟରେ ସମସ୍ତେ ଐକ୍ୟ ହୋଇ କାର୍ଯ୍ୟ କଲେ ଅବଶ୍ୟ ସୁଫଳ ପ୍ରସବବ । ସମ୍ବାଦପତ୍ରରୁ ପ୍ରକାଶ ଯେ ସେଠାର ମାଜିଷ୍ଟ୍ରେଟ ଜଣେ ଉକୀଲଙ୍କୁ ଗର୍ଦ୍ଦଭ ବୋଲି ମିସଲରେ ବର୍ଣ୍ଣନା କରି ଅଛନ୍ତି । ଉକୀଲ ମହୋଦୟ ସାହେବଙ୍କ ନାମରେ ଟ ୧୧୦୦ ଙ୍କା ହୁରମତ ଦାବି ନାଲିଶ କରିବା ନିମନ୍ତେ ମାଜିଷ୍ଟ୍ରେଟଙ୍କୁ ନୋଟିସ ଜାରି କରିଅଛନ୍ତି ଏହି ଘଟନାରେ ଉକୀଲମାନେ ଏକତାସୂତ୍ରେ ବଦ୍ଧ ହୋଇ ପ୍ରତିଜ୍ଞା କରି ଅଛନ୍ତି ଯେ କେହି ଉକୀଲ ଫୋର୍ଡାଇସ ସାହେବଙ୍କ ମିସଲକୁ ଯିବେ ନାହିଁ ।

---

ବୁଦ୍ଧଗୟାମନ୍ଦିର ଯେଉଁ ଯେଉଁ ଫୌଜଦାରୀ ମୋକଦ୍ଦମା ଲାଗିଥିଲା ତାହା ଗତମାସ ତା ୧୯ ରିଖରେ ନିଷ୍ପତ୍ତି ହୋଇ ଥିବାର ସମ୍ବାଦ ମିଳଇ । ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟସାହେବ ଆସାମୀଙ୍କି ଜାପାନୀ ମୂର୍ତ୍ତି ଅପହୃତ କରିବା ଓ ମନ୍ଦିରରେ ଅନଧିକାର ପ୍ରବେଶ କରିବା ଏବଂ ଦଙ୍ଗା

Digitized by srujanika@gmail.com

ହଙ୍ଗାମା କରିବା ଅପରାଧରେ ମୁକ୍ତି ପ୍ରଦାନ କରି ଭୃତ୍ୟମାନେ ପୂଜାକରୁଥିବା ସମୟରେ ସେମାନଙ୍କୁ ଇଚ୍ଛା ପୂର୍ବକ ବିରକ୍ତ କରିଥିବା ଅପରାଧରେ ଜିଲା ପରିଶ୍ରମ ଏକମାସ ଲେଖାଏଁ କାରାବାସ ଓ ଟ ୧୦୦ ଙ୍କା ଲେଖାଏଁ ଅର୍ଥଦଣ୍ଡର ବିଧାନ କରି ଅଛନ୍ତି । ଆସାମୀମାନେ ସନ୍ନ୍ୟାସୀ ଅଟନ୍ତି । ମାଜିଷ୍ଟ୍ରେଟ ଦଣ୍ଡ ଦେବା ପରକ୍ଷଣରେ ଜଜସାହେବଙ୍କ କଚେରିରେ ଅପିଲ ହୋଇ ଅଛି ଓ ଆସାମୀ ମାନେ ଟ ୫୦୦ ଙ୍କା ଲେଖାଏଁ ଜାମିନଦେଇ ଆପାତତଃ ମୁକ୍ତି ଲଭି ଅଛନ୍ତି ।

---

ଭୂପାଳ ପରିତ୍ୟାଗ କରିବା ପୂର୍ବେ ସେଠା ମାନ୍ୟଗଣ୍ୟ ଲୋକଙ୍କଠାରୁ ବିଦାୟ ନେବା କାରଣ ଭୂପାଳର ଅମୀର ଓ ରାଜକୁମାର ନସିରୁଲ୍ଲାଖାଁ ସାହେବ ଡରଚେଷ୍ଟର ଠାରେ ଗତମାସ ତା ୧୯ ଦିନରେ ବିଦାୟ ସଭା କରିଥିଲେ । ଯୁବରାଜ ପ୍ରଭୃତି ୧୭ ଣ ରାଜପରିବାରଙ୍କ ସେଠାରେ ସର୍ବସୁଦ୍ଧା ତ ୧୫୦୦ ଣ ସମ୍ଭ୍ରାନ୍ତ ବ୍ୟକ୍ତି ଉକ୍ତ ସଭାରେ ଉପସ୍ଥିତ ହୋଇ ଥିଲେ । ତହିଁ ପଶ୍ଚାତ ଶ୍ରୀମତୀ ଭାରତେଶ୍ୱରୀ ଅପଣା ନବରଠାରେ ତାଙ୍କୁ ବିଦାୟ ଦେଇ ଅମୀରଙ୍କ ନିକଟକୁ ସ୍ୱହସ୍ତ ଲିଖିତ ଖଣ୍ଡିଏ ପତ୍ର ତାଙ୍କ ହସ୍ତେ ଦେଇ ପଠାଇ ଅଛନ୍ତି । ରାଜକୁମାର ମହୋଦୟ ଚଳିତମାସ ଶେଷସୁଦ୍ଧା ଇଙ୍ଗଲଣ୍ଡରୁ ବାହାରି ପାରିସ, ବ୍ରୁସେଲସ, ଭିଏନ୍ନା ଏବଂ ମିଶର ହୋଇ ଭାରତକୁ ଆଗମନ କରିବେ ।

---

ଜଣେ ଗାଈକୁ ଡମ୍ଫନ କରିଥିବା ଅପରାଧରେ ମାନ୍ଦ୍ରାଜ ଅଞ୍ଚଳର ଯେଉଁ ଡାକ୍ତର ସ୍ମିଥସାହେବ କାର୍ଯ୍ୟରୁ ବହିଷ୍କୃତ ହୋଇଥିଲେ ତାଙ୍କୁ ବୋଧହୁଏ ପାଠକମାନେ ଭୁଲି ନାହାନ୍ତି । ଡାକ୍ତର ସ୍ମିଥସାହେବ ଷ୍ଟେଟ ସେକ୍ରେଟରୀଙ୍କ ସମୀପରେ ଆବେଦନ କରି ଥିବାରୁ ସେ ବିଷୟ କମିଶନ ଦ୍ୱାରା ତଦନ୍ତ ହେବା କାରଣ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ସମୀପକୁ ଆଦେଶ ଆସିଅଛି । ତଦନୁସାରେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ପ୍ରସ୍ତାବିତ କମିଶନ ବସାଇ ତହିଁ ସମକ୍ଷରେ ଉପସ୍ଥିତ ହୋଇ ଯବାନବନ୍ଦୀ ଦେବା କାରଣ ସ୍ମିଥସାହେବଙ୍କୁ ଆଦେଶ କରିଥିଲେ । ମାତ୍ର ସ୍ମିଥସାହେବ ସେ ଆଦେଶ ଅବଜ୍ଞା କରି କହୁ ଅଛନ୍ତି ଯେ ତାଙ୍କୁ କର୍ମରେ ନିଯୁକ୍ତ କରି ପୂର୍ବେ ସେ କମିଶନ ବସିଅଛି ତାହା ଅନ୍ୟାୟ ଓ ସେ କମିଶନ ପ୍ରକାଶ୍ୟ ଭାବେ କର୍ମ୍ମ ଚଳାଇବା କାରଣ ନିଯୁକ୍ତ ହୋଇ ନ ଥିବା ଓ ଅନ୍ୟାୟପୂର୍ବକ ତାଙ୍କ ଉପରେ ପ୍ରମାଣର ଭାର ଅର୍ପଣ ଯାଇଥିବାରୁ ସେ ତାହା ସମ୍ମୁଖରେ ଉପସ୍ଥିତ ହେବାକୁ ଇଚ୍ଛୁକ ନୁହନ୍ତି ।—ଏସାହେବ ଭଲ ପାତ୍ର ନୁହନ୍ତି ।

---

ଅମ୍ଭେମାନେ ଷ୍ଟେଟସ୍‌ମ୍ୟାନ ସମ୍ବାଦ ପତ୍ରରୁ ପାଠ କଲୁଁ ଯେ ଏକ ଜଣ ପଞ୍ଜାବ କୋର୍ଟରେ ଅଭିନବ ପ୍ରକାର ମୋକଦ୍ଦମା ଦାଏର ହୋଇଅଛି । ମୋକଦ୍ଦମାର ହାଲ ଏହିକି ଯେ ଗୋଟିଏ କନ୍ୟା ବିବାହ ନିମନ୍ତେ ସ୍ଥିର ହୋଇଥିଲା । ବରଟି ବୃଦ୍ଧ ଓ ଧାଙ୍ଗଡ଼ ଥିବାରୁ ସ୍ୱୟଂ ବରବେଶ ଧାରଣ ନ କରି ତାହାର ଗୋଟିଏ ରୂପବାନ୍ ବନ୍ଧୁଙ୍କ ଯୁବକଙ୍କୁ ବରବେଶରେ ସୁସଜ୍ଜିତ କରାଇ କନ୍ୟା ଗୃହରେ ଉପସ୍ଥିତ କରାଇ ଥିଲା । ବିବାହାନ୍ତେ କନ୍ୟା ଗୃହରୁ ବର କନ୍ୟା ଫେରି ଆସିଲାରୁ କନ୍ୟା ତାହାର ସ୍ତ୍ରୀକୁ ଏହିବାରେ ବନ୍ଧାଇ ଜଣ୍ଡର ସ୍ୱାର୍ଥରେ ଅସ୍ୱାଦ୍ୟ ହଇ ଥିବା ଉକ୍ତ ବଖଲରେ ରଖିଅଛି । ତେଣୁ ଅଭିଯୋଗ୍ୟ ହୋଇ ଅନେକ ସାହାଯ୍ୟ ଲୋଡଅଛି । ପୂର୍ବକାଳରେ କଣ୍ଡାମାନଙ୍କର କୁବୁଦ୍ଧି ପଦିସ୍ୱରୂପ ନାନାପ୍ରକାର ଉତକ୍ଷଣବୃତ୍ତିର କଥା ଶୁଣା ଯାଉଥିଲା ମାତ୍ର ଏ କାଳରେ ଯେ ତାହା ପ୍ରତ୍ୟକ୍ଷୀଭୂତ ହେବ ତାହା କେହି ଅନୁମାନ ସୁଦ୍ଧା କରି ନ ଥିଲେ । ବଣ୍ଡାମାନଙ୍କର ମଧ୍ୟ ଧୂର୍ତ୍ତତାର ଅନେକ ଗଳ୍ପ ପ୍ରଚଳିତ ଅଛି । ଏ ସମ୍ବାଦରେ କୁବସ୍ଥ ସନ୍ନିଷ୍ଠ ଥିବା ବଡ଼ କୌତୁକ ଜନକ ଅଟଇ । ଦେଖାଯାଉ ତାହାର ବୁଦ୍ଧି ଅଦାଲତର ପ୍ରଶଂସନୀୟ ହେବ ।

---

ଓଲାଉଠାରୋଗ ଅଦ୍ୟ ଏ ନଗରକୁ ଅନ୍ତର୍ହିତ ହୋଇ ନାହିଁ ଏବଂ କେବେ ଅନେକଗୁଡିଏ ଲୋକ କାଳକବଳରେ ପତିତ ହେଉ ଅଛନ୍ତି । ଗତ ବୁଧବାର ଦିନ ତ ୫ ଣ ଲୋକ ମୃତ୍ୟୁମୁଖରେ ପତିତ ହୋଇ ଥିଲେ । ତଥାପି ହାସ୍ପାତାଲ ଦେଖିଲେ ମୃତ ସଂଖ୍ୟା ଅନେକ ଦୁଣ ଅଛି ମଧ୍ୟ ଔଷଧ ପ୍ରୟୋଗରେ ଅନେକ ଲୋକେ ଆରୋଗ୍ୟ ଲଭ କରୁ ଅଛନ୍ତି । ମିଉନିସିପାଲିଟୀରୁ ତ ୫ ଣ ଡାକ୍ତର ବନା ଶଗଡ଼ରେ ରୋଗିଙ୍କ ଘରଠାକୁ ଯାଇ ସେମାନଙ୍କୁ ଔଷଧ ପ୍ରଦାନ ଓ ଚିକିତ୍ସା କରିବା କାରଣ ନିଯୁକ୍ତ ହୋଇ ଅଛନ୍ତି । ଯେଉଁମାନେ ଉକ୍ତ ଔଷଧ ପ୍ରୟୋଗ ନ କରି କେବଳ ଦେବାର୍ଚ୍ଚନା ଉପରେ ନିର୍ଭର କରୁ ଅଛନ୍ତି ସେମାନଙ୍କର ଅଧିକରେ ମୃତ୍ୟୁ ହେଉ ଅଛି । ଦେବାର୍ଚ୍ଚନା କରିବା କାରଣ ଅମ୍ଭେମାନେ ମନା କରୁ ନାହୁଁ । ଯାହାର ଯେପରି ବିଶ୍ୱାସ ସେ ସେପରି କରିପାରେ ମାତ୍ର ଔଷଧ ପ୍ରୟୋଗ ନ କରି ପୂଜା ଦେବଦ୍ୱାରାକୁ ତାହାଲେ ଫଳ କାହିଁ ହେବ ? ମିଉନିସିପାଲିଟୀ ଡାକ୍ତରଖାନା ଦଦାସ୍ୱର ଖୋଲ ରଖି ଅଛନ୍ତି ଏବଂ ଔଷଧ ଲାଭର ସୁବିଧା ଯେତେଦୂର ହୋଇପାରେ ତାହା କରିସାର ଅଛି । ତଥାପି ଲୋକେ ଔଷଧ ନ ଲେଡବା ଏବଂ ଖାଇଲେ ମଧ୍ୟ କେହି୵ ଔଷଧ ନ ନେବା ଏବଂ ବଳାଇ ଦେଲେ ସୁଦ୍ଧା ତାହାକୁ ଫିଙ୍ଗି ଦେଇ ଦୈବ ବା ଅନ୍ୟ ଅସଙ୍ଗତ ଉପାୟ ଉପରେ ନିର୍ଭର କରି ରହିବା ବଡ଼ ଦୁଃଖର ବିଷୟ । ଏ ସମୟରେ ସୁସ୍ୱାଦ ପରିଷ୍କାର ଏବଂ ସଦ୍ୟଭୃତ ଖାଦ୍ୟ ଏବଂ ପାନୀୟ ବ୍ୟବହାର କରିବା ନିତାନ୍ତ କର୍ତ୍ତବ୍ୟ । ମିଉନିସିପାଲିଟୀ ଓଲାଉଠା ଲାଗିବା ସ୍ଥାନମାନଙ୍କରେ ଅନବରତ ଓ ଗନ୍ଧକ କର୍ପୂର ଜଳାଇ ଏବଂ ଫିନାଇଲ ବ୍ୟବହାର ଦ୍ୱାରା ଦୂଷିତ ବାୟୁ ପରିଷ୍କୃତ [illegible]ବାରେ ଯଥାସାଧ୍ୟ ବ୍ୟୟ ଓ ଚେଷ୍ଟା କଲେ ସୁଦ୍ଧା [illegible] ଆପଣା ଘରେ ଧୂନା ଗନ୍ଧକାଦ ଜଳାଇ ବାୟୁ [illegible] କରିବାର ଉପାୟ ନ କଲେ ତନକ ଲାଭ ହିଁ ବଳିଯାଇବ୍ୟ ଲୋକେ ନୁପସ୍ୱେଚ୍ଛା ରୂପେ ଔଷଧାଦ ବ୍ୟବହାର ପୂର୍ବକ ଆପଣାର ଓ ପରର ପ୍ରାଣରକ୍ଷା କରିବାରେ ଯତ୍ନବାନ୍ ହେବେ ।

---

ଗତ ପୂର୍ବ ସୋମବାର ବସ୍ତୁତରଣ ଯୋଗ ନାମକ ଗୋଟିଏ ଏତଦ୍ଦେଶୀୟ ବଙ୍ଗାଳ ସନ୍ତାନ ଖ୍ରୀଷ୍ଟିୟାନ ବାଳକାକୁ ଖ୍ରୀଷ୍ଟିୟାନ ମଣ୍ଡଳଙ୍କ ଗୀର୍ଜାଘରେ ବିବାହ ହୋଇଅଛି । ଯୁବକ କଟକ ଜିଲ୍ଲା ରଘୁନାଥପୁର ଗ୍ରାମବାସୀ ବାବୁ ଗୌରମୋହନ ଘୋଷଙ୍କ ପୁତ୍ର । ଏହା ଦୁଃଖୀ ହେଲେହେଁ ସ୍ୱଅବସ୍ଥାନୁ ବ୍ୟୟ କରି ଭଗ୍ନୀ ମଙ୍ଗଳାୟରେ ଏଠା ମେଥଡେଲ ସ୍କୁଲରେ ପୁତ୍ରକୁ ପଢ଼ାଉ ଥିଲେ । ପୁତ୍ର ଅଧ୍ୟବସାୟ ସହକାରେ ଉନ୍ନତିକାଳ ବିଦ୍ୟାଭ୍ୟାସ କରି ଅବଶେଷରେ ସଙ୍ଗୋରୀଣ୍ଡ ହେଲା । ସେହି ସ୍କୁଲରେ ଛାତ୍ରୀମାନେ ମଧ୍ୟ ଭାଲୁସା ପଢ଼ିବାର ନିୟମ ଅଛି । ଏକ

Split by PDF Splitter



ସ୍କୁଲରେ ଏକ ସ୍ଥାନରେ ବାଳକ ବାଳିକା ପଠନ କରୁଥିବାସ୍ଥଳେ ବିଶେଷ ଅନିଷ୍ଟ ନ ଥିଲେ ପ୍ରେମ ପ୍ରବାହ ସଞ୍ଚାର ହେବା ଅସ୍ୱାଭାବିକ ନୁହଇ । ତାଲେ ଯୁବତୀ ଖ୍ରୀଷ୍ଟୀୟାନ ଛାତ୍ରୀ ବସନ୍ତକୁମାରୀ ସହିତରେ ଯୁବକ ବସ୍ତୁଚରଣର ପ୍ରେମ ଭଳ ଘଟିଲା ଓ ତାହା ସମାଜରେ ହୁଅନ୍ତେ ବସ୍ତୁଚରଣର ପିତା ପୁଅକୁ କଟକ ନଗରରୁ ଆପଣା କର୍ମସ୍ଥାନ ବାଲେଶ୍ୱରକୁ ନେଇଗଲେ । କିନ୍ତୁ ଯୁବତୀ ଯୁବକର ବିରହ ବେଦନା ସହ୍ୟ କରି ନ ପାରି ପଶ୍ଚାଦ୍‌ଗାମିନୀ ହେଲା । ଏ ପ୍ରେମ କଣ୍ଟକରୁ ରକ୍ଷା ପାଇବାକାରଣ ପିତା ଯତ୍ନପୂର୍ବକ ପୁଅର ବ୍ରହ୍ମଦେଶରେ ସିଭିଲ ହସ୍‌ପିଟାଲ ଅସିଷ୍ଟାଣ୍ଟ କାର୍ଯ୍ୟର ଯୋଗାଡ଼ କଲେ । ଯୁବକ ସରକାରୀ ପାଇ ବ୍ରହ୍ମଦେଶକୁ ଗମନ କଲା ଓ ପ୍ରେମିକା ଯୁବତୀ ଉଦ୍‌ଗ୍ରୋଦ୍ୟମ ହୋଇ କଟକ ଫେରି ଆସିଲା । ଏହାପରେ ଉଭୟର ବାହ୍ୟିକ ଅନ୍ତର ହେଲେହେଁ ଯୁବକ ଯୁବତୀର ପ୍ରେମଭାବ ଅନ୍ତର୍ହିତ ନ ହୋଇ ପତ୍ରଦ୍ୱାରା ପ୍ରବାହିତ ହେଲା । ପରଶେଷରେ ସେହି ପ୍ରେମ ପ୍ରବାହରେ ଯୁବକ ଭାସି ଆସି କଟକରେ ପହୁଞ୍ଚିଲା । ପୁଣି ପ୍ରେମ ମିଳନ ହେଲା ଏବଂ ପ୍ରେମାଧିକ୍ୟରେ ଉନ୍ମତ୍ତ ହୋଇ ଯୁବକ ପିତା ଭ୍ରାତା ବନ୍ଧୁ ପରିଜନାଦି ତାହାର କଥା ନ ମାନି ଖ୍ରୀଷ୍ଟ ଧର୍ମେ ଯୁବତୀର ପାଣି ଗ୍ରହଣ କଲା । ବସ୍ତୁଚରଣର ଯାହା ହେବାର ଥିଲା ହେଲା ମାତ୍ର ସ୍ୱଳ୍ପବୁଦ୍ଧି ଯୁବକ ଅନ୍ୟାୟ ପ୍ରେମରେ ଉନ୍ମତ୍ତ ହୋଇ ଖ୍ରୀଷ୍ଟୀୟାନ ହେବାକୁ ଯାଉଥିବା ସ୍ଥଳେ ଖ୍ରୀଷ୍ଟମଣ୍ଡଳ ଯେ ତାହାର ଦଣ୍ଡ ବିଧାନ ନ କଲେ ଏହା ଅତ୍ୟନ୍ତ ଦୁଃଖ ଓ ଲଜ୍ଜାକର ବିଷୟ ଅଟଇ । ଏପରି ଯୁବକ ଯୁବତୀଙ୍କି କୌଣସି ଧର୍ମମଣ୍ଡଳରେ ସ୍ଥାନ ଦେବ ଉଚିତ ନୁହଇ । ଉଭୟଙ୍କରୁ ଶିକ୍ଷାଗୁରୁ ଖ୍ରୀଷ୍ଟୀୟାନମାନେ ଏଥିର ବିଚାର କରିବେ । ମେଡିକାଲ କଲେଜର ଏ ଯୋନି ବିଶେଷ ସଞ୍ଚାର ହେବା ଶୋଚନୀୟ ହୋଇଅଛି । ଇତିପୂର୍ବେ ଅନ୍ୟ ଜଣେ ବ୍ରାହ୍ମଣ ଛାତ୍ର ଶୂଦ୍ରରମଣୀର ପ୍ରେମବନ୍ଧନରେ ଉନ୍ମତ୍ତ ହୋଇ ତାହାକୁ ନେଇ ଯାଇ ଆପଣା ନିକଟରେ ରଖିଅଛି । ଏସବୁ କି ସେ ସ୍କୁଲର ଅଧ୍ୟକ୍ଷ ବା ଅଧ୍ୟାପକମାନେ ଦେଖନ୍ତି ନାହିଁ । ମୃତ ଡାକ୍ତର ଷ୍ଟିୱାର୍ଟ ସାହେବଙ୍କ ମହଦୁଦ୍ଦେଶ୍ୟ କି ଏହିରୂପେ ଦେଶକୁ ବିପନ୍ନ କରିବ ? । ଅମ୍ଭେମାନେ ଭରସା କରୁଁ ସ୍କୁଲର ଅଧ୍ୟକ୍ଷ ଏବଂ ଗବର୍ଣ୍ଣମେଣ୍ଟ ଏଥିର ପ୍ରତିବିଧାନ କରିବାରେ ବିଶେଷ ତତ୍ପର ହେବେ । ସ୍କୁଲର ଏ ଦୁର୍ନାମରେ ଆଉ କେହି ଆପଣା ପିଲାଙ୍କୁ ପଢ଼ାଇବାକୁ ମନ ବଳାଇବେ ନାହିଁ ଏବଂ ତାହା ହେଲେ ଦେଶର ବିଶେଷ ଅନିଷ୍ଟର ସମ୍ଭାବନା ।

---

## ବଙ୍ଗଦେଶର ସ୍ୱାସ୍ଥ୍ୟ ବିବରଣ ।

ଡାକ୍ତର ଗ୍ରେଗ ସାହେବ ବଙ୍ଗଳାର ସ୍ୱାସ୍ଥ୍ୟ କମିଶନର ସେ ବଙ୍ଗପ୍ରଦେଶ ଅର୍ଥାତ୍ ବଙ୍ଗଳା ବିହାର ଓଡ଼ିଶାର ସନ ୧୮୯୪ ସାଲର ଯେଉଁ ସ୍ୱାସ୍ଥ୍ୟ ବିବରଣ ପ୍ରକାଶ କରିଅଛନ୍ତି ମାନ୍ୟବର ବଙ୍ଗୀୟ ଗୋଟେଲାଟ ତହିଁରେ ସନ୍ତୁଷ୍ଟ ହେବାର ଜଣା ଯାଉ ନାହିଁ । ସ୍ୱାସ୍ଥ୍ୟ ନିର୍ଣ୍ଣୟ କରିବାର ପ୍ରଧାନ ଉପାୟ ଜନ୍ମମୃତ୍ୟୁର ତାଲିକା । ଏହି ଦୁଇତାଲିକା ଯେପର୍ଯ୍ୟନ୍ତ ଶୁଦ୍ଧରୂପେ ପ୍ରସ୍ତୁତ ହୋଇପାରି ନାହିଁ ସେପର୍ଯ୍ୟନ୍ତ ନିଶ୍ଚୟ ମତ ସ୍ଥିର କରିବା କଠିନ । ସ୍ୱାସ୍ଥ୍ୟ କମିଶନର ଲେଖିଅଛନ୍ତି କି ଜନ୍ମର ହାର ସନ ୧୮୯୩ ସାଲରେ ହଜାର ପ୍ରତି ୩୫,୬୬ ଥିଲା ସନ ୧୮୯୪ ରେ ୩୨.୮୧ ହୋଇଅଛି । ରେଜିଷ୍ଟ୍ରୀ ଭଲରୂପେ ହେବାରୁ ଏ ଫଳ ହୋଇଅଛି ଅତଏବ ସନ୍ତୋଷଜନକ ଅଟେ । ମାତ୍ର ଗବର୍ଣ୍ଣମେଣ୍ଟ ଦେଖାଇ ଦେଇଅଛନ୍ତି କି ଯେସ୍ଥଳେ ହାଣ୍ଟର ସାହେବଙ୍କ ଗଣନାନୁସାରେ ବଙ୍ଗଳାର ଜନ୍ମର ହାର ୫୧.୮ ହେବାର କଥା ଏବଂ ସ୍ୱୟଂ ସ୍ୱାସ୍ଥ୍ୟକମିଶନର ସନ ୧୮୯୧ ସାଲରେ ହଜାର ପ୍ରତି ୪୦ ର ଊର୍ଦ୍ଧ୍ୱ ବିବେଚନା କରିଥିଲେ ସେ ସ୍ଥଳେ ବର୍ତ୍ତମାନର ଅଙ୍କ ଯାହା କି ଗତବର୍ଷଠାରୁ ଊଣା ଏବଂ ଏବର୍ଷର ମୃତ୍ୟୁର ହାରଠାରୁ ମଧ୍ୟ ଊଣା ଅଟେ କଦାଚ ଠିକ ବୋଲିଯାଇ ନ ପାରେ । ଅତଏବ ଜନ୍ମ ରେଜିଷ୍ଟ୍ରୀ ଶୁଦ୍ଧରୂପେ ଲିପିବଦ୍ଧ ହେବା କାରଣ ଭାବିତ କରୁଅଛନ୍ତି ।

ମୃତ୍ୟୁର ହାର ସନ ୧୮୯୩ ସାଲରେ ହଜାରପ୍ରତି ୨୮.୬୧ ଥିଲା ୧୮୯୪ ସାଲରେ ୩୪.୮୮ ହୋଇଅଛି ଅର୍ଥାତ୍ ବର୍ତ୍ତିତବର୍ଷରେ ତହିଁ ପୂର୍ବବର୍ଷଠାରୁ ୬୪ ଅଧିକ ମୃତ୍ୟୁ ଘଟିଅଛି । ଏଥିକୁ ଏହି କର ହାଣ୍ଟର ସାହେବଙ୍କ ହିସାବମତେ ବଙ୍ଗଳାର ମୃତ୍ୟୁର ସାଧାରଣ ହାର ୪୪.୮ ଠାରୁ କିଛି ଊଣା ହେଲେ ଗତବର୍ଷଠାରୁ ଏହିବର୍ଷ ଅଧିକ ମୃତ୍ୟୁ ଘଟିବା ସଙ୍ଗେ ଐକ୍ୟ ହେଉଅଛି ମାତ୍ର ଅଳ୍ପ ବୃଷ୍ଟିହେତୁ ଓଲାଉଠା ବୃଦ୍ଧି ହେବାର ଯାହା ଲେଖାଅଛି ତାହା ଠିକ ନୁହେଁ କାରଣ ଏ କେବଳ ଏକସ୍ଥାନ ଛଡ଼ା ସର୍ବତ୍ରରେ ବୃଷ୍ଟି ଅଧିକ ଥିଲା ।

ବଙ୍ଗପ୍ରଦେଶର ପ୍ରଧାନ ମଡ଼କ ଜ୍ୱର ଓଲାଉଠା ଏବଂ ବସନ୍ତ ଅଟେ । ବର୍ତ୍ତିତବର୍ଷ ଏବଂ ତହିଁ ପୂର୍ବବର୍ଷର ମୃତ୍ୟୁ ସଂଖ୍ୟା ନିମ୍ନେ ପ୍ରଦର୍ଶିତ ହେଲା ଯଥା—

| | ସନ ୧୮୯୩ ସାଲ | ସନ ୧୮୯୪ ସାଲ |
|---|---|---|
| ଓଲାଉଠା | ନ ୧୬୭୯୬୬ | ନ ୨୩୬୧୪୦ |
| ବସନ୍ତ | ନ ୧୪୫୩୧ | ନ ୮୪୦୪ |
| ଜ୍ୱର | ନ ୧୪୬୬୬୨୮ | ନ ୧୬୭୯୯୮୩ |

ଏଥିରୁ ପ୍ରକାଶ ଯେ ଏଥର ବସନ୍ତରୋଗ ଊଣା ଥିଲା । ଓଲାଉଠା ଓ ଜ୍ୱର ଉଭୟ ବୃଦ୍ଧି ହୋଇଥିଲା । ପୁରୀରେ ଓଲାଉଠା ଊଣା ଥିବାରୁ ସେଠା ସିଭିଲସରଜନ ଡାକ୍ତର ବାଙ୍କ ସୁଖ୍ୟାତି ପାଇଅଛନ୍ତି କାରଣ ପାନୀୟଜଳର ସୁବ୍ୟବସ୍ଥାରୁ ଏ ଶୁଭଫଳ ଲାଭ ହୋଇଅଛି । ବାଲେଶ୍ୱରର ମାଜିଷ୍ଟ୍ରେଟ ଲେଖିଅଛନ୍ତି ଯେ ତାହାଙ୍କ ଜିଲ୍ଲାରେ ଯାତ୍ରିମାନେ କୌଣସି ରୋଗାକ୍ରାନ୍ତ ହୋଇ ନାହାନ୍ତି । ଅଥଚ ତାଲିକାରୁ ପ୍ରକାଶ ଯେ କ ୯୦ ଣ ଯାତ୍ରିର ଓଲାଉଠା ହୋଇଥିଲା ଯେ ତହିଁମଧ୍ୟରୁ କ ୪୦ ଣ ମରିଗଲେ । ଜ୍ୱରର ପ୍ରକୋପ ବିହାରପ୍ରଦେଶରେ ଅଧିକ ହୋଇଥିଲା । ସ୍ୱାସ୍ଥ୍ୟକମିଶନର ଜ୍ୱର ବୃଦ୍ଧିର କାରଣସ୍ୱରୂପ କେଉଁଠାରେ ଅଧିକ ବୃଷ୍ଟି, କେଉଁଠାରେ ନାଳଜଳ ଏବଂ କେଉଁଠାରେ ନଦୀ ବନ୍ଧ ଉଲ୍ଲେଖ କରିଅଛନ୍ତି ମାତ୍ର ମାନ୍ୟବର ଗୋଟେଲାଟ ଉପଯୁକ୍ତ ହେତୁ ଦର୍ଶାଇ ସେ ସବୁ ବ୍ୟର୍ଥ କରିଅଛନ୍ତି । ବାସ୍ତବରେ ସାଧାରଣ ସ୍ୱାସ୍ଥ୍ୟ ରକ୍ଷା ବା ରୋଗ ବିଶେଷ ପ୍ରବଳ ହେବାର ଅନେକ କାରଣ ଅଛି ଯାହା ସାମାନ୍ୟରେ ସ୍ଥିର ହୋଇ ନ ପାରେ । ସ୍ୱାସ୍ଥ୍ୟ କମିଶନର କାଳକାଳସ୍ୱରୂପ ଏଣୁତେଣୁ କହିଲେ ତହିଁରେ ମନମାନିବା କଠିନ । ଆହାର ଓ ଅବସ୍ଥାନ୍ତପରେ ସ୍ୱାସ୍ଥ୍ୟ ବିଶେଷରୂପେ ନିର୍ଭର କରେ । ସେ ବିଷୟରେ ରିପୋର୍ଟରେ କିଛି ଲେଖା ନାହିଁ ।

---

## ସମ୍ବଲପୁର ଓଡ଼ିଶାଭୁକ୍ତ ହୋଇପାରେ କି ?

ସମ୍ବଲପୁରରୁ ସରକାରୀ କାର୍ଯ୍ୟାଳୟମାନଙ୍କର ଭାଷା ପରିବର୍ତ୍ତନ ପ୍ରସ୍ତାବକରୂପରେ ସେଠା ଜନସାଧାରଣ ଯେଉଁ ଆବେଦନ ପତ୍ର ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କ ନିକଟକୁ ପଠାଇ ଅଛନ୍ତି ତହିଁର ଗୋଟିଏ ପ୍ରାର୍ଥନା ସମ୍ବଲପୁରକୁ ଓଡ଼ିଶା ଭୁକ୍ତ କରିବା

Digitized by srujanika@gmail.com

ଅଛି । ଆବେଦନ ପତ୍ରରେ ଏହି ପ୍ରାର୍ଥନା ସପକ୍ଷରେ ଅନେକ ସୁଯୁକ୍ତିପୂର୍ଣ୍ଣ ହେତୁ ପ୍ରଦର୍ଶିତ ହୋଇଅଛି । ପ୍ରକୃତରେ ସମ୍ବଲପୁର ଓଡ଼ିଆ ରାଜ୍ୟ ଏବଂ ଓଡ଼ିଶାର ଏକ ଅଂଶ ଅଟେ ସନ୍ଦେହ ନାହିଁ । ଏହା ସମ୍ବଲପୁର ଜନ୍ମ ନାହିଁ କି ତହିଁର ସଂଯୁକ୍ତ ଗଡ଼ଜାତ ବା ଫିଉଡ଼େଟରି ମାହାଲମାନ ମଧ୍ୟ ଓଡ଼ିଆ ରାଜ୍ୟ । ଏହି ସମୁଦାୟ ରାଜ୍ୟଖଣ୍ଡ ଓଡ଼ିଶା ସଙ୍ଗେ ଏକ ଶାସନାଧୀନରେ ଆସିଲେ ତହିଁର ମଙ୍ଗଳ ହେବ ଏହା ମଧ୍ୟ ଆମ୍ଭମାନଙ୍କର ସ୍ଥିର ବିଶ୍ୱାସ ଏବଂ ଏହା ଆମ୍ଭେମାନେ ସମୟ୨ରେ ପ୍ରକାଶ କରିବାକୁ ତ୍ରୁଟିକରି ନାହୁଁ । ଉତ୍କଳସଭା ସମ୍ବଲପୁରର ଭାଷା ପରିବର୍ତ୍ତନ ବିଷୟକ ଆଦେଶ କରୁଥିବାରେ ଯେଉଁ ଆବେଦନପତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପଠାଇ ଅଛନ୍ତି ତହିଁରେ ସମ୍ବଲପୁରକୁ ଓଡ଼ିଶାଭୁକ୍ତ କରିବାର ପ୍ରାର୍ଥନା ହୋଇ ନାହିଁ ସତ୍ୟ । ମାତ୍ର ଇହିଁରୁ ଏମନ୍ତ ସିଦ୍ଧାନ୍ତ ହୋଇ ନ ପାରେ ଯେ ସଭା ସେ ପ୍ରସ୍ତାବକୁ ଅନୁମୋଦନ କରୁ ନାହାନ୍ତି । ଶାସନ କାର୍ଯ୍ୟର ସୁବିଧା ନିମନ୍ତେ ଯେପ୍ରକାର ରାଜ୍ୟ ବିଭାଗ ହୋଇଅଛି ତହିଁର ପରିବର୍ତ୍ତନ ଅନେକ କାରଣ ଉପରେ ନିର୍ଭର କରେ ବୋଲି ସଭା ସେ ଦଗକୁ ନ ଯାଇ କେବଳ ମଧ୍ୟପ୍ରଦେଶର ପ୍ରଧାନ କମିଶନର ଯେ ସମସ୍ତ ହେତୁବାଦରେ ସମ୍ବଲପୁରରୁ ଓଡ଼ିଆ ଉଠାଇ ଦେଇ ତହିଁ ବଦଳରେ ହିନ୍ଦୀ ପ୍ରଚଳନ କରିବାର ଆଦେଶ ଦେଇ ଅଛନ୍ତି ସଭା ସେସମସ୍ତ ଖଣ୍ଡନ କରି ଦେଖାଇ ଦେଇଅଛନ୍ତି ଯେ ବଙ୍ଗ ମାନ୍ଦ୍ରାଜ ପ୍ରଭୃତି ଏକ ଶାସନାଧୀନରେ ଭିନ୍ନ ମାତୃଭାଷା ପ୍ରଚଳିତ ରାଜ୍ୟମାନଙ୍କର ଶାସନକାର୍ଯ୍ୟ ନିର୍ବାହ କଷ୍ଟକର ହୋଇ ନ ଥିବା ପ୍ରତ୍ୟକ୍ଷେ ମଧ୍ୟପ୍ରଦେଶରେ ସେପରି ହେବାର କୌଣସି କାରଣ ନାହିଁ ଏବଂ ପ୍ରଧାନ କମିଶନର ବାହାଦୂର ଭ୍ରମରେ ପଡ଼ି ଏପରି ଆଦେଶ ଦେଇଅଛନ୍ତି । ଲୋକମାନଙ୍କ ସ୍ୱଭାବ ଅଭିପ୍ରାୟ ବୁଝିବା ସକାଶେ ସେମାନଙ୍କ ମାତୃଭାଷା ଜାଣିବା ରାଜକର୍ମଚାରୀଙ୍କର ଉଚିତ ହେଉଅଛି । ଶାସନକର୍ତ୍ତାଙ୍କ ସୁବିଧା ନିମନ୍ତେ ଲୋକଙ୍କ ମାତୃଭାଷା ଉଠାଇ ଦେବା ସେମାନଙ୍କ ମୁଖ ବାନ୍ଧି ଦେବା ତୁଲ୍ୟ ଅଟେ । ବୁଦ୍ଧିମାନ ଇଂରାଜ ଗବର୍ଣ୍ଣମେଣ୍ଟ ଏପରି କୌଣସିଠାରେ କରି ନାହାନ୍ତି ଏବଂ ଏପରି କରିବା ସୁଖକର ନୁହେ । ସମ୍ବଲପୁର ଯେବେ ଓଡ଼ିଶା ଶାସନଭୁକ୍ତ ନ ହେବ ତେବେ ପ୍ରଧାନ କମିଶନରଙ୍କ ଉକ୍ତ ଆପତ୍ତି ଓ ଅସୁବିଧାମାନ ସବଙ୍କରେ ଉଠିପାରି ସନ୍ଦେହ ନାହିଁ । ମାତ୍ର ଏହା ହୋଇ ପାରେ କି ନା ଏହିକ ବିଚାର୍ଯ୍ୟ ଅଟେ ।

ଆମ୍ଭମାନଙ୍କ ବିବେଚନାରେ ସମ୍ବଲପୁର ଓଡ଼ିଶାଭୁକ୍ତ ହେବାର ପ୍ରତିବନ୍ଧକ ଯୋଡ଼ିଏ ଅଟେ । ୧—ଦୂରତ୍ୱ ଏବଂ ୨—ଓଡ଼ିଶା କମିଶନର କାର୍ଯ୍ୟ ବୃଦ୍ଧି । ପ୍ରଥମ ଆପତ୍ତି ସମ୍ବନ୍ଧରେ ସମ୍ବଲପୁରବାସିମାନେ ଦେଖାଇ ଅଛନ୍ତି ଯେ ସେଠାରୁ କଟକ ନାଗପୁର ଅପେକ୍ଷା ଅଧିକ ଦୂର ନୁହେ ଏବଂ କଟକକୁ ମଧ୍ୟ ଶୀଘ୍ର ରେଲବାଟ ଫିଟିବାର ସ୍ଥିର ହୋଇଅଛି । ସମ୍ପ୍ରତି ମଧ୍ୟ ମହାନଦୀ ଯୋଗେ ଅନ୍ତତଃ ବର୍ଷ ମଧ୍ୟରେ ମା ୮।୧୦ ସ ନୌକା ବାଟ ରହିଅଛି । ସୁତରାଂ ପ୍ରଥମ ହେତୁଟି ବିଶେଷ ଅସୁବିଧାଜନକ ବୋଧ ହେଉ ନାହିଁ । ୨ୟ ହେତୁ ସମ୍ବନ୍ଧରେ ଦେଖାଯାଏ ଯେ ବଙ୍ଗଳାର ଅନ୍ୟାନ୍ୟ କମିଶନର ବିଭାଗମାନ ଓଡ଼ିଶା ବିଭାଗ ଅପେକ୍ଷା ଅନେକ ଗୁଣ ଅର୍ଥାତ୍ ଅନ୍ୟାନ୍ୟ ଏକ୨ ବିଭାଗର ଆୟତନ କୋଡ଼ିଏ ହଜାର ବର୍ଗମାଇଲରୁ ପ୍ରାୟ ଉଣା ନ ଥିବା ପ୍ରତ୍ୟକ୍ଷେ ଓଡ଼ିଶାର ଆୟତନ ୧୦ ହଜାର ବର୍ଗମାଇଲରୁ ଉଣା ଏବଂ ସମ୍ବଲପୁର ଯୋଗ ହେଲେ ସର୍ବସୁଦ୍ଧା ପ୍ରାୟ ୧୫ ହଜାର ବର୍ଗମାଇଲ ହେବ । ଅତଏବ ଓଡ଼ିଶାର ସଙ୍ଗେ ସମ୍ବଲପୁର ଯୋଗ ହେଲେ ଓଡ଼ିଶା କମିଶନରଙ୍କ କାର୍ଯ୍ୟ ଅତ୍ୟନ୍ତ ବୃଦ୍ଧି ହେବାର ଭୟ ନାହିଁ । କିନ୍ତୁ ଆପତ୍ତି ହୋଇପାରେ ଯେ ଓଡ଼ିଶା କମିଶନରଙ୍କ ହସ୍ତରେ ଗଡ଼ଜାତର ଭାର ଥିବାରୁ ତାହାଙ୍କର କାର୍ଯ୍ୟ ଯଥେଷ୍ଟ ଅଛି । ତହିଁ ଉପରେ ସମ୍ବଲପୁରର ମୋଗଲବନ୍ଦି ଓ ଗଡ଼ଜାତର ଭାର ମିଶିଲେ କାର୍ଯ୍ୟ ଚଳାଇବା ସମ୍ଭବ । ଏ ଆପତ୍ତି ଅବଶ୍ୟ ଦୁର୍ବଳ ନ ହେଲେହେଁ ଅଖଣ୍ଡନୀୟ ନୁହେ । ଅନୁଗୁଳର ଜଣ୍ଟ ହାକିମଙ୍କୁ ଗଡ଼ଜାତ ସୁପ୍ରିଣ୍ଟ୍ରେଣ୍ଡୀ ଏକକାଳୀନ ଅନେକ ଭାର ଦିଆଯିବାରୁ ସୁପ୍ରିଣ୍ଟ ସାହେବଙ୍କର ଯଥେଷ୍ଟ ସାହାଯ୍ୟ ହୋଇଅଛି । ସମ୍ବଲପୁର ଏଲକାର ଗଡ଼ଜାତ ନିମନ୍ତେ ଯେଉଁ ପୋଲିଟିକଲ ଏଜେଣ୍ଟ ଅଛନ୍ତି ସେ ମଧ୍ୟ ସୁପ୍ରିଣ୍ଟ ସାହେବଙ୍କର ଜଣେ ସହକାରୀ ହେବେ । ତାହା ହେଲେ କାର୍ଯ୍ୟ ନିର୍ବାହ କରିବା କୌଣସି ମତେ ଅସାଧ୍ୟ ବୋଲି ଯାଇ ନ ପାରେ । ଅଥବା ଓଡ଼ିଶା କମିଶନରଙ୍କଠାରୁ ଗଡ଼ଜାତ ସୁପ୍ରିଣ୍ଟୀ ଏକଦା ବାହାର କରି ନେଇ ଓଡ଼ିଶା ଓ ସମ୍ବଲପୁର ଏଲକାର ସମସ୍ତ ଗଡ଼ଜାତ ନିମନ୍ତେ ଜଣେ ସ୍ୱତନ୍ତ୍ର ସୁପ୍ରିଣ୍ଟ ରଖାଯାଇ ପାରେ । ଗଞ୍ଜାମର କଲେକ୍ଟର ଯେପରି ମାନ୍ଦ୍ରାଜ ଗବର୍ଣ୍ଣରଙ୍କ ଏଜେଣ୍ଟ ହୋଇ ସେ ଅଞ୍ଚଳରେ ଗଡ଼ଜାତର କାର୍ଯ୍ୟମାନ ବୁଝାସୁଝା କରୁଅଛନ୍ତି । ସେହିପରି ଅନୁଗୁଳର କଲେକ୍ଟର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଏଜେଣ୍ଟ ସ୍ୱରୂପ ଓଡ଼ିଶା ଓ ସମ୍ବଲପୁରର ଗଡ଼ଜାତମାନଙ୍କ କାର୍ଯ୍ୟ ନିର୍ବାହ କରିବେ । ମାତ୍ର ଓଡ଼ିଶା କମିଶନରଙ୍କଠାରୁ ଗଡ଼ଜାତ ସୁପ୍ରିଣ୍ଟି ଅଧିକାର ବାହାର କଲେ କମିଶନରଙ୍କର ଗୌରବ କିଛିର ଉଣା ହୋଇ ଯିବ ଏବଂ ଯୋଗ୍ୟ ଓ ପ୍ରବୀଣ କମିଶନରମାନେ ଓଡ଼ିଶାକୁ ଆସିବାକୁ ଇଚ୍ଛା କରିବେ ନାହିଁ ଏହି ହେତୁରେ ଆମ୍ଭେମାନେ ଏଥିର ପକ୍ଷପାତୀ ହୋଇପାରୁ ନାହୁଁ ।

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

[illegible] ସର୍ଜିକେଲ ଏସିଷ୍ଟାଣ୍ଟ ମିଃ ଅଲ୍, ଟି, [illegible] ସୁପ୍ରିଣ୍ଟ ପଦରେ ନିଯୁକ୍ତ ହେଲେ ।

କଟକସ୍ଥ ସବ୍ ଡେପୁଟୀ କଲେକ୍ଟର ବାବୁ [illegible] ଦାସ [illegible] କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

[illegible] ରେଭେନସା କଲେଜରେ ପଠନ କାଳରେ [illegible] ୧୮୯୫ [illegible] ନିମନ୍ତେ ପାଇବେ ।

୧୮୯୫ ସାଲର ବଙ୍ଗୀୟ [illegible] ପ୍ରଣାଳୀ [illegible] ୨୫ [illegible] ବାବୁ ଗୋକୁଳାନନ୍ଦ ଚୌଧୁରୀ କଟକ [illegible] ବୋର୍ଡ଼ର [illegible] ନିଯୁକ୍ତ ହୋଇଅଛନ୍ତି ।

---

ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହୋଇଅଛି ଏବଂ ଅକାଳ [illegible] ବୃଷ୍ଟି ହେବାର ସମ୍ଭାବନା ମଧ୍ୟ ଅଛି । [illegible]

[illegible] ଏଠାରେ [illegible]

[illegible] ଡେପୁଟୀ ମାଜିଷ୍ଟ୍ରେଟ [illegible] ହୋଇଥିଲେ [illegible]

ଗତ [illegible] ତା ୨୪ ରିଖ [illegible]

ଯାଇଅଛନ୍ତି । ଲର୍ଡ ଏଲ୍‌ଗିନ୍ ଅବଶ୍ୟ ପ୍ରଶଂସାର୍ହ ଓ ପୁରସ୍କାର ଯୋଗ୍ୟ ।

ବୋମ୍ବାଇର ଏକ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ଯେ ଗତ ଇଦ ଉପଲକ୍ଷରେ ଗୋଟିଏ ମୁସଲମାନ ରମଣୀ ଅନେକ ଅଳଙ୍କାରରେ ଭୂଷିତ ହୋଇ ମସ୍‌ଜିଦ୍‌କୁ ଯାଉଥିଲେ । ସେହି ସମୟରେ କେତେଠାରେ ବାଧା ହୋଇ ତାଙ୍କୁ ଏକ ଭୂମି ସଙ୍ଗେ ବିବାହ ଦେବାକୁ ହୋଇଥିଲା ମାତ୍ର ସେକଥା ଏତେ ଦୂର ଯେ ବିବାହ ହୁଇନଥିଲା ଜାତିର ସମ୍ପ୍ରଦାୟ ଅଳଙ୍କାରଟି ସେଠାରେ ପଳାଇବାକୁ ବସି । ସୁତରାଂ ରମଣୀଟି ଦୁଃଖିତ ହୋଇ ବୋମ୍ବାଇକୁ ଫେରି ଆସିଅଛନ୍ତି ।—ଏହାଙ୍କର ନିଜ ବିବାହର ପୁଣ୍ୟ ଏହି ରୂପରେ ପୂର୍ଣ୍ଣ ହେଲା !—ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।

ମଲ୍ଲଅଞ୍ଚ ହୋଇ ଦୁଇଜଣ ହିନ୍ଦୁ ବଲକତାରେ ବାସ କରୁଥିବା ସମୟରେ ଜଣକର ମାତା କଲିକତା ସ୍ଥାନରେ ଉପସ୍ଥିତ ହେବାରୁ ଅନ୍ୟଜଣଙ୍କ ସଙ୍ଗିଏ ଉଠି ଫୋପାଡ଼ି ତାଙ୍କର ମସ୍ତ କଣା କରିଦେଲା । ମ୍ୟାଜିଷ୍ଟ୍ରେଟ ତତ୍‌କ୍ଷଣାତ୍ ହସ୍ପିଟାଲକୁ ପଠାଇଲେ ମାତ୍ର ସେଠାରେ ତାଙ୍କର ପ୍ରାଣତ୍ୟାଗ ହୋଇଥିବାର ସମ୍ବାଦ ମିଳଇ । ବର୍ତ୍ତମାନ ଆସାମୀ ନରହତ୍ୟା ଅଭିଯୋଗରେ ଧୃତ ହୋଇଅଛି । ମଦ୍ୟସେବନର ଫଳ ଏତେ ବିଷମ ।

ରଙ୍ଗୁନଠାରେ ଜଣେ ବାରିଷ୍ଟର ଦଣ୍ଡବିଧି ଆଇନର ଧା ୪୦୯ ଧାରାରେ ମା ୫ ସ ବିନା ପରିଶ୍ରମ କାରାବାସର ଦଣ୍ଡାଜ୍ଞା ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ । ସେଠାରେ କର୍ତ୍ତାଙ୍କ ଅଦାଲତରେ ଏଥିର ପୁନର୍ବିଚାର ପ୍ରାର୍ଥନା ହୋଇଥିବାର ବାରିଷ୍ଟର ମହାଶୟ ବର୍ତ୍ତମାନ ୫୩୦୦୦ ଟଙ୍କା ଜାମିନ ଦେଇ ମୁକୁଳାଇ ଅଛନ୍ତି । ଆସାମୀ ମଉଜଲର ଟଙ୍କା ଫେରସ୍ତ ଦେବା ପାଇଁ ପ୍ରସ୍ତୁତ ଥିଲେ ମାତ୍ର ସେ ଉପାୟ ଅପରାଧର ଯୋଗ୍ୟ ନ ଥିବାରୁ ଅବଶେଷରେ ଏ ଫଳ ହୋଇଅଛି ।

ଉତ୍ତରବର୍ଣ୍ଣ ମହକୁମଠାରେ ଯେଉଁ ସେବା ହୋଇଥିଲା ତହିଁରେ ଗୋଟିଏ ବୁଢ଼ା ହାତୀ ଧରା ପଡ଼ି ନ ଥିବାର ସମ୍ବାଦ ମିଳଇ । କଥିତ ଅଛି ଏକ ପଳାତକ ହସ୍ତୀ ଅନ୍ୟ ହସ୍ତୀମାନଙ୍କୁ ସାବଧାନ କରି ଦେବାରୁ ସେବା ନିଷ୍ଫଳ ହେଲା । ଏଥିରେ ସର୍ବସୁଦ୍ଧା ଟ ୧୫୦୦୦ ଙ୍କା ଖର୍ଚ୍ଚ ହୋଇଅଛି ।

ଉତ୍କଳ ସମ୍ବନ୍ଧରେ ଏକ ଗଳ୍ପ ଶୁଣାଯାଉଅଛି ଯେ ଗୋଟିଏ ରମଣୀ ଏକ ସିପାହୀ ପ୍ରେମରେ ପତିତ ହୋଇଥିଲା । ସିପାହୀଟିର ଉତ୍କଳ ପୁରକୁ ଯିବାର ଆଦେଶ ହୋଇଥିବାରୁ ସେ ପୁରୁଷ ବେଶ ଧରି ସିପାହୀ କାର୍ଯ୍ୟରେ ପଲଟନ ସଙ୍ଗେ ଉତ୍କଳ ଗମନ କଲା । ସେଠାରେ ସେ ମା ୬୩ ସ କାଳ ସୈନିକ କାର୍ଯ୍ୟ କରୁଥିଲା ଏବଂ ସେ ସୈନିକ ବୋଲି କାହାର ମନରେ ସନ୍ଦେହ ଧୁଦ୍ଧା ହୋଇ ନ ଥିଲା । ବର୍ତ୍ତମାନ୍ ସେ ସିପାହୀ ପଲଟନ ସଙ୍ଗେ ଫେରି ଆସିବାରୁ ରମଣୀ ମଧ୍ୟ ଆପଣା ପ୍ରେମିକ ସଙ୍ଗେ ଫେରି ଆସିଅଛି ।—ଏହା ପ୍ରେମର ପ୍ରକୃଷ୍ଟ ଉଦାହରଣ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ହରିଦାସ—ଆପଣଙ୍କ ସହିତ ପରିଚୟ ନ ଥିବାରୁ ପତ୍ର ଉପେକ୍ଷିତ ହେଲା ।

ଗୋଟିଏ ପଗଲା—ନାମ ନ ଦେଇ ପ୍ରେରିତପତ୍ର ପଠାଇବାଦ୍ୱାରା "ପଗଲା" ଯଥାର୍ଥ ବୋଧ ହେଉଅଛ । "ପଗଲା"ର ପତ୍ର ପ୍ରକାଶ କରିବାର ନିୟମ ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ !

ମହାଶୟ !

ଆପଣଙ୍କର ୧୦।୮।୯୫ ପ୍ରକାଶିତ ଦୀପିକାରେ ଦେଉଳ‌ଗ୍ରାମ ନିବାସୀ ଶ୍ରୀ ସୋମନାଥ ପ୍ରତିହାର ମହାଶୟ ପ୍ରଶ୍ନ କରି ଅଛନ୍ତି ଯେ "ସ୍ଥାପିତ ଶିବଲିଙ୍ଗମୂର୍ତ୍ତି ନିର୍ଦ୍ଦିଷ୍ଟ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ସ୍ଥାପନ କରାଯାଇ ପାରେ କି ନା ?" ଏ ବିଷୟରେ ଅନେକ ସଭ୍ୟଙ୍କର ନାନାବିଧ ତର୍କ ଅଲୋଚନା କରିବାରେ ନିମ୍ନଲିଖିତ ପ୍ରମାଣମାନ ଅବଗତ ହେବାରୁ ତାହା ସାଧାରଣଙ୍କ ଜ୍ଞାତାର୍ଥେ ଲେଖିଲୁଁ । ସଭା ଉକ୍ତ ପ୍ରମାଣ ଦୃଷ୍ଟିରେ ସିଦ୍ଧାନ୍ତ କଲେ କି ସ୍ଥାପ୍ୟ ଶିବଲିଙ୍ଗ ସ୍ଥାନାନ୍ତରକୁ ଚାଳିତ ହେଲେ ଦେବତ୍ୱ ନଷ୍ଟ ହୁଅଇ । ସୁତରାଂ ପୁନଶ୍ଚ ପ୍ରତିଷ୍ଠା ବିଧାନାନୁସାରେ ପ୍ରତିଷ୍ଠା କରି ସ୍ଥାପନ କରାଯାଇ ପାରେ କିନ୍ତୁ ତାହା ପୂର୍ବତନ ମୂର୍ତ୍ତିରେ ଅସମ୍ଭବ । ଏଣୁ କରି ଶିବଲିଙ୍ଗ ମୂର୍ତ୍ତି ସ୍ଥାନାନ୍ତରିତ ହୋଇ ନ ପାରନ୍ତି । ପ୍ରମାଣଂ ଯଥା ବ୍ରହ୍ମାଣ୍ଡପୁରାଣେ ।

ଖଣ୍ଡିତେ ସ୍ଫୁଟିତେ ଦଗ୍ଧେ ଭ୍ରଷ୍ଟେ ମାନବିବର୍ଜିତେ ।
ଯାଗହୀନେ ପଶୁସ୍ପୃଷ୍ଟେ ପତିତେ ଦୁଷ୍ଟଭୂମିଷୁ ।
ଅନ୍ୟମନ୍ତ୍ରାର୍ଚ୍ଚିତେ ଚୈବ ପତିତସ୍ପର୍ଶଦୂଷିତେ ।
ଦଶସ୍ୱେତେଷୁ ନୋଚକ୍ରୁଃ ସନ୍ନିଧାନଂ ଦିବୌକସଃ ।
ଅସ୍ୟାର୍ଥସ୍ତୁ ହୟଶୀର୍ଷୋକ୍ତ ପ୍ରତିଷ୍ଠା ପ୍ରଦୀପେ ଯଥା ।

ଖଣ୍ଡିତେ—ଛିନ୍ନାଙ୍ଗିତ ବାହ୍ୟାବୟବେ ।
ସ୍ଫୁଟିତେ—ଦଗ୍ଧାଙ୍ଗେ ।
ଦଗ୍ଧେ—ଜୀର୍ଣ୍ଣ ନ୍ୟସ୍ତଲଯାବକ-ଦାହଦୂଷିତେ ।
ଭ୍ରଷ୍ଟେ—ସ୍ଥାନାତ୍ ସ୍ଥାନାନ୍ତରଗତେ ।
ମାନବର୍ଜିତେ—ଶାସ୍ତ୍ରୀୟପ୍ରମାଣରହିତେ ।
ଯାଗହୀନେ—ଅପ୍ରତିଷ୍ଠିତେ ।
ପଶୁସ୍ପୃଷ୍ଟେ—ଅସ୍ପୃଶ୍ୟପଶୁସ୍ପର୍ଶଦୂଷିତେ ।
ପତିତେ—ଦୁଷ୍ଟଭୂମିଷୁ-ଅଶୁଚିସ୍ଥାନଗତେ ।
ଇତ୍ୟାଦିପ୍ରକାରେଣ ଲକ୍ଷିତମସ୍ତି ।
ଇତ୍ୟାଦିପ୍ରମାଣଦର୍ଶନାତ୍ ଶିବଲିଙ୍ଗଂ ନ ସ୍ଥାନ୍ୟେତ୍ ।

ଇତ୍ୟାଦ ଭବଦୀୟ ସ୍ୱପ୍ନାଣୋଲ୍ଲାକେଷ୍ଟୁ ସ୍ଥଳନାଦର୍ଶନାତ୍ । ଭବଦୀୟ
ଶ୍ରୀ ରଘୁନାଥ ମିଶ୍ର
ଧୀର ନରସିଂହପୁର ｝ ସବକାରୀ ସମ୍ପାଦକ
୨୧।୮।୯୫ ｝ ଆର୍ଯ୍ୟନୀତ ପ୍ରଦୀପ ସମାଜ

---

ମହାଶୟ !

କେତେକ ସପ୍ତାହ ପୂର୍ବେ ପଣ୍ଡିତ ଶ୍ରୀ ପୁରୁଷୋତ୍ତମ ତର୍କାଲଙ୍କାର ଓ କପିଳେଶ୍ୱର ବିଦ୍ୟାଭୂଷଣ ଏ ଦୁହେଁ ଜ୍ୟୋତିଷମାନେ ବ୍ରାତ୍ୟ ବ୍ରାହ୍ମଣ ଅର୍ଥାତ୍ କ୍ରିୟାଭ୍ରଷ୍ଟ ବ୍ରାହ୍ମଣ ବୋଲି ଯେଉଁ ବାକ୍ୟ ଲେଖିଥିଲେ ଯଥା—ବ୍ରତଭ୍ରଷ୍ଟ ଜ୍ୟୋତିର୍ଗଣନା-ବେଷ୍ଟିତାଃ ନିରନ୍ତରଂ । ବେଦକ୍ରିୟା ବହିଷ୍କୃତ ବଭୂବ ଗଣଦୋଷ—ଇତି ବ୍ରହ୍ମବୈବର୍ତ୍ତ ବ୍ରହ୍ମଖଣ୍ଡର ୧୦ମାଧ୍ୟାୟର ବାକ୍ୟ ବୋଲି ଯେ ପ୍ରମାଣ ଦେଇଅଛନ୍ତି ତାହା ସତ୍ୟ କି ମିଥ୍ୟା । ଯେବେ ସତ୍ୟ ହୋଇଥାଏ ତେବେ ଉକ୍ତ ପଣ୍ଡିତ ଦୁହେଁ ଭ୍ରାନ୍ତ କାହିଁକି ହେଲେ । ଯେବେ ମିଥ୍ୟା ହୋଇଥାଏ ତେବେ ବ୍ୟାସଦେବ ଭ୍ରମ କି ଯେ ଲେଖାଇଁଥିଲେ ସେ କବିତା କରିଅଛ ଏହା ବୁଝାଇ ଦେଲେ ଭଲ ହୁଅନ୍ତା । ଏ । ଆଉ ପଣ୍ଡିତବର ଶ୍ରୀ ଯୋଗୀନ୍ଦ୍ର ମିଶ୍ର ମହାଶୟ ଉକ୍ତ ପଣ୍ଡିତ ଦୁହିଙ୍କି ଭ୍ରାନ୍ତ ବୋଲି କହି ଯେଉଁ ବାକ୍ୟ ପ୍ରମାଣସ୍ୱରୂପରେ ଲେଖିଅଛନ୍ତି ତାହା ଏହି—ଯଥା,

ଦୈବଂବାର୍ଯ୍ୟେଣ ଶୂଦ୍ରାସ୍ୟାଂ ବଭୂବୁର୍ଗହବୋ ଜନାଃ
ତେ ଗ୍ରାମ୍ୟଗଣକାଶ୍ଚୈବ ନକ୍ଷତ୍ରୋପଜୀବିନଃ ।

କିନ୍ତୁ ଶ୍ରଦ୍ଧା ନାଗରାକ୍ଷର ବହିରେ ଲେଖା ଅଛି ଯଥା—

ଦୈବଜ୍ଞବାର୍ଯ୍ୟେଣ ଶୂଦ୍ରାସ୍ୟାଂ ବଭୂବୁର୍ଗହବୋ ଜନାଃ
ତେ ଚ ଗ୍ରାମ ଗଣକାଶ୍ଚ ନକ୍ଷତ୍ରୋପଜୀବିନଃ ।

ଏପରି ସ୍ଥଳରେ କେଉଁ ବାକ୍ୟ ସତ୍ୟ ଏହା ଉପରେ ସ୍ଥିର କରିଯିବ ପଣ୍ଡିତ ମହାଶୟ ଜାଣନ୍ତି ।

ଏ ବିଷୟରେ ପ୍ରତିବାଦ ନ କରିବାକୁ ଉକ୍ତ ପଣ୍ଡିତ ଦୁହିଙ୍କି ଯୋଗୀନ୍ଦ୍ରମିଶ୍ର ମହାଶୟ ଅଗଣ୍ୟର ନିଷ୍ଠୁରଭର୍ତ୍ସନା କରି ପତ୍ରକୁ ମନା କରି ଥିବାରୁ ସେମାନେ ଆଜଯାଏ କିଛି ଲେଖି ନାହାନ୍ତି ପତ୍ରକୁ ଲେଖିବେ କି ନା ସେ ଜାଣନ୍ତି କିନ୍ତୁ ଅମ୍ଭେମାନେ ଉକ୍ତ ବାକ୍ୟ ସବୁ ପଢ଼ି ଗୋଳମାଳରେ ପଡ଼ିବାରୁ ଏହା ଜାଣିବାକାରଣ ନିବେଦନ କଲୁଁ । ଇତି ।

। ନ । ଶ୍ରୀ———

---

ସମ୍ପାଦକ ମହାଶୟ !

ଗତପୂର୍ବ ସପ୍ତାହରେ ନୂତନପାଠ ସମ୍ବନ୍ଧରେ ଖଣ୍ଡିଏ ପ୍ରେରିତପତ୍ର ଅଂଶିକ ମୁଦ୍ରିତ ହୋଇ ଥିଲା ବୋଲି ଆପଣ ଦୁଃଖ ପ୍ରକାଶ କରି, ଗତ ସପ୍ତାହରେ ଉକ୍ତ ପତ୍ରିକାର ସମସ୍ତ ପ୍ରକାଶ କରି ଅଛନ୍ତି । ପ୍ରଥମ ମୁଦ୍ରଣରେ ଏହା ଭୁଲ ହୋଇ ଥିଲେହେଁ. ଏହାର ମୂଳବିଷୟ ମଧ୍ୟ ଭୁଲ ଅଟେ । ପତ୍ରପ୍ରେରକ ଲେଖି ଅଛନ୍ତି, ବିଦ୍ୟାସାଗରଙ୍କ ମୃତ୍ୟୁ ଉତ୍ତାରୁ ବୋଧୋଦୟର ଅଧ୍ୟାପନ୍ୟ ରହିତ ହୋଇଅଛି ; ମାତ୍ର ତାହା ସତ୍ୟ ନୁହେ । ବିଦ୍ୟାସାଗରଙ୍କ ଜୀବିତାବସ୍ଥାରେ ବଙ୍ଗ

Split by PDF Splitter
Digitized by srujanika@gmail.com

Split by PDF Splitter



ଅଧିକାଂଶ ବିଦ୍ୟାଳୟରୁ ବୋଧୋଦୟର ପ୍ରଚଳନ ରହିତ ହୋଇ ଥିଲା । ବଙ୍ଗଦେଶର କଥା କେଣିକି ଥାଉ, ମୁଁ ଶୁଣିଅଛି, ଓଡ଼ିଶାର ପୁସ୍ତକ କମିଟିର ବହୁଦର୍ଶୀ ସୁଯୋଗ୍ୟ ମେମ୍ବର ମାନନୀୟ ମୃଙ୍ଗସାହେବ କମିଟୀରେ ସ୍ୱୀୟ ମନ୍ତବ୍ୟରେ ପ୍ରକାଶ କରି ଥିଲେ—"ବୋଧୋଦୟ ଯେଉଁ ଇଂରାଜୀ ପୁସ୍ତକର ଅନୁବାଦ, ତାହା ବହୁକାଳ ହେଲା ଇଂଲଣ୍ଡର ପାଠ୍ୟପୁସ୍ତକ ଶ୍ରେଣୀରୁ ପରିତ୍ୟକ୍ତ ହୋଇ ଅଛି, ବର୍ତ୍ତମାନ ବୋଧୋଦୟ ପାଠ୍ୟପୁସ୍ତକ ହେବା ବାଞ୍ଛନୀୟ ନୁହେ ।"

ଶିକ୍ଷାବିଭାଗର ଡିରେକ୍ଟର ମହୋଦୟ ବୋଧୋଦୟ ପରିବର୍ତ୍ତରେ ନୂତନପାଠକୁ କେବେ ପାଠ୍ୟପୁସ୍ତକ ଶ୍ରେଣୀଭୁକ୍ତ କଲେ ତାହାର କୈଫିୟତ ସେ ଦେଇ ପାରିବେ, ଓଡ଼ିଶାର ଶିକ୍ଷାବିଭାଗ ସଙ୍ଗେ ତାହାର କୌଣସି ସମ୍ବନ୍ଧ ଅଛି ମୋର ହୃଦୟଙ୍ଗମ ହେଉ ନାହିଁ । ବୋଧୋଦୟ ପରିବର୍ତ୍ତେ ନୂତନପାଠ ପାଠ୍ୟପୁସ୍ତକ ହେବାର ବିଜ୍ଞାପନ କଲିକତା ଗେଜେଟରେ ପ୍ରଦତ୍ତ ହୋଇ ଥିଲା । ସମ୍ପାଦକ ମହାଶୟ, ଆପଣ ଯେଉଁ ସପ୍ତାହରେ ତାହା ପାଠ କରି ଥିଲେ, ଏହି ନଗରର ଅନ୍ୟ କେତେକ ବ୍ୟକ୍ତି ମଧ୍ୟ ସେହି ସପ୍ତାହରେ ତାହା ପାଠ କରି ଥିଲେ । ସେହି ସମୟରେ ଏହି ନଗରରୁ ଏବଂ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରୁ କେତେକ ବ୍ୟକ୍ତି ନୂତନପାଠ ରଚୟିତାଙ୍କଠାରେ ପୁସ୍ତକାନୁବାଦର ଅନୁମତି ପ୍ରାର୍ଥନା କରି ପଠାଇ ଥିଲେ । ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ କେବଳ ଏକ ବ୍ୟକ୍ତିଙ୍କୁ ରଚୟିତା ଅନୁମତି ପ୍ରଦାନ କରିଥିବାରୁ ପୁସ୍ତକ ଅନୁବାଦିତ ହୋଇ ପ୍ରକାଶିତ ହୋଇଅଛି । ପାଠକେ, କହି ପାରିବେ କି ଓଡ଼ିଶାର ଶିକ୍ଷାବିଭାଗ ଏଥିରେ କପରି ସଂଶ୍ଳିଷ୍ଟ ? ବ୍ୟକ୍ତି ବିଶେଷର ଅଯଥା ନିନ୍ଦା ବ୍ୟତୀତ ପତ୍ରପ୍ରେରକଙ୍କ ଅନ୍ୟ ଉଦ୍ଦେଶ୍ୟ ଅଛି କି ?

ପତ୍ରପ୍ରେରକ ନୂତନ ପାଠର ଭାଷାକୁ ଖେଦୂତ ହୋଇ ଥିବାର ଲେଖିଅଛନ୍ତି । କଲିକତା କମିଟୀର ମେମ୍ବରମାନଙ୍କ ମତରେ ପ୍ରକୃତ ଭାଷା ହୋଇଥିଲେ, ଉକ୍ତ ପୁସ୍ତକ ସଂଶୋଧିତ ଓ ମୁଦ୍ରିତ ହୋଇ ଏକ ସପ୍ତାହ ମଧ୍ୟରେ ପୁନଃ ପ୍ରକାଶିତ ହେବ । ଅତଏବ ପତ୍ରପ୍ରେରକଙ୍କ କେବଳ ସେହି ଉକ୍ତିରେ ନୂତନପାଠ ପ୍ରଚଳିତ ରହିବ, ଏହି ଆଶାରୁ ଅତ୍ର ମନ୍ତବ୍ୟ ସ୍ଥାନ ଦେବେ ନାହିଁ ।

ପତ୍ରପ୍ରେରକ ଅନ୍ତରେ ଲେଖି ଅଛନ୍ତି ଓଡ଼ିଶାର ଶିକ୍ଷାବିଭାଗ ବ୍ୟକ୍ତି ବିଶେଷର ପକ୍ଷପାତୀ କରନ୍ତି, ଅର୍ଥାତ୍ ଅନ୍ୟ ଉପଯୋଗୀ ପୁସ୍ତକ ବିଦ୍ୟମାନରେ, କେବଳ ସେହି ବ୍ୟକ୍ତିଙ୍କ ପୁସ୍ତକ ଓଡ଼ିଶାର ବିଦ୍ୟାଳୟ ସମୂହରେ ପ୍ରଚଳିତ କରାନ୍ତି । କେତେକ ବ୍ୟକ୍ତି ବହୁକାଳରୁ ଏହି ପର ଉକ୍ତି କରି ଆସୁଅଛନ୍ତି । ଯେଉଁମାନେ ଏହିପରି ଉକ୍ତି କରନ୍ତି, ସେମାନଙ୍କଠାରେ ମୋର ବିନୀତ ପ୍ରାର୍ଥନା, ସେମାନେ ଓଡ଼ିଶାର ଶିକ୍ଷାବିଭାଗର ଏହି ଅନ୍ୟାୟ କାର୍ଯ୍ୟ ପ୍ରମାଣିତ କରି ସାଧାରଣର ହିତସାଧନ କରନ୍ତୁ । ତାହା ନ କଲେ ମୁଁ ସେମାନଙ୍କ ଉକ୍ତିକୁ ଘୃଣ୍ୟ ସ୍ୱତବ୍ୟକ୍ତିର ଅଯଥା ନିନ୍ଦା ବୋଲି ଜ୍ଞାନ କରିବି । ଇତି ।

ଜଣେ ପାଠକ ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ରଘୁନାଥ ପଣ୍ଡା | ବୋଲଙ୍ଗିର | ଟ ୩୲ |
| ,, ଗୌରାଙ୍ଗ ମହାପାତ୍ର | | ଟ ୧୲ |
| ,, କାଳିନ୍ଦୀ ଦାସ | ମାର୍ଥପାଳ | ଟ ୬୲ |
| ମୁନ୍‌ସି ଫତେଅଲି ଖାଁ | କଟକ | ଟ ୩୲ |
| ବାବୁ ବଳଦେବ ଦାସ | ,, | ଟ ୧୲ |

# ବିଜ୍ଞାପନ ।

ରାଜଧାନୀ ସୋନପୁର ରାଜକୁମାର ସ୍କୁଲପାଇଁ ଫଷ୍ଟ ଆର୍ଟସ୍ ଏଫ୍, ଏ ପାସ କରିଥିବା ଏବଂ ମାତୃଭାଷା ଉତ୍କଳଥିବା ଉତ୍ତମ ଆଚରଣର ଜଣେ ଶିକ୍ଷକ ଆବଶ୍ୟକ ।

ଶିକ୍ଷକଙ୍କୁ ଅଧିବାସ କରିବା ନିମନ୍ତେ ବାଟସାର୍ଦ୍ଦ ଦିଆଯିବ । ଏବଂ ଏଠାରେ ବଜାରଦରରେ ବସାଗୃହ ମିଳିପାରେ । ବେତନ ମାସିକ ଟ ୪୦୲ ଙ୍କା ଏବଂ କାର୍ଯ୍ୟର ଫଳ ଅନୁସାରେ ଉନ୍ନତି ଅଛି ।

ପ୍ରାର୍ଥନାରେ ସ୍ପଷ୍ଟରୂପେ ନାମ, ଜାତି, ବୟସ ଓ ବାସସ୍ଥାନ ଲେଖି ତହିଁସଙ୍ଗେ ବିଦ୍ୟା ଓ ଆଚରଣ ଏବଂ ପୂର୍ବକାର୍ଯ୍ୟର ସାର୍ଟିଫିକେଟ ଅବିକଳ ନକଲ ଦେଇ ତା ୨୫।୮।୯୫ ପୂର୍ବେ ଆମ୍ଭ ନିକଟକୁ ପଠାଇବା ଉଚିତ । ଯାହାଙ୍କୁ ମନୋନୀତ କରାଯିବ ଉତ୍ତର ଦିଆ ଯିବ ନାହିଁ ।

ସୁଜାଯାଦେବ ସୋନପୁର
ଫ୍ୟୁଡେଟରି ଷ୍ଟେଟ

---

ରାଜଧାନୀ ସୋନପୁର ନିମନ୍ତେ ସବ୍ ଉନସ-ହୁଇ ଏଣ୍ଟ୍ରାନ୍ସ ପାସ କରିଥିବା ଏବଂ ମାତୃଭାଷା ଓଡ଼ିଆଥିବା ଉତ୍ତମଆଚରଣ ଜଣେ ପରିଶ୍ରମୀ ସ୍କୁଲ ଇନସ୍ପେକ୍ଟର ଏକବର୍ଷପାଇଁ ଆବଶ୍ୟକ ।

ମାସିକ ବେତନ ଟ ୩୦୲ ଙ୍କା ଏବଂ ଉଚ୍ଚମତେ ଭତ୍ତା ମିଳିବ । ପ୍ରାର୍ଥନାରେ ସ୍ପଷ୍ଟରୂପେ ନାମ, ଜାତି, ବୟସ ଓ ବାସସ୍ଥାନ ଲେଖି ତହିଁସଙ୍ଗେ ବିଦ୍ୟା, ଆଚରଣ, ପରିଶ୍ରମ ଓ ପୂର୍ବକାର୍ଯ୍ୟର ସାର୍ଟିଫିକେଟ ଅବିକଳ ନକଲ ଦେଇ ତା ୨୫।୮।୯୫ ପୂର୍ବେ ଆମ୍ଭ ନିକଟକୁ ପଠାଇବା ଉଚିତ । ଯାହାଙ୍କୁ ମନୋନୀତ କରାଯିବ ତାଙ୍କୁ କେବଳ ଉତ୍ତର ଦିଆଯିବ ।

ସୁଜାଯାଦେବ ସୋନପୁର
ଫ୍ୟୁଡେଟରି ଷ୍ଟେଟ

---

## NOTICE.

Wanted a private Tutor for the son of Babu Krushna Chandra Mahanti, manager, Dhenkanal. Salary Rs. 20 per month with free quarters. None need apply who has not passed the Entrance Examination. Preference will be given to one who has read up to F. A. or has experience in teaching. Applications will be received by the undersigned till the 15th August next.

Dhenkanal, 23—7—95. *Bhabagrahi Biswal.*
*Sub-Inspector of schools, Dhenkanal.*

---

☞ ଫଚେନନ ପଗଡ଼ପୁରେ ☜

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ମୁଖ ଶକ୍ତିବର୍ଦ୍ଧକ କଣ୍ଠା-ଓଲଉଠା ରୋଗର ପ୍ରକୃତ ଔଷଧ ନାହିଁ ଏହା ସର୍ବସାଧାରଣଙ୍କର ବିଶ୍ୱାସ । ବାସ୍ତବରେ ତୁଳନା ଓଲଉଠାର ଚିକିତ୍ସା ଅବ୍ୟର୍ଥ ଔଷଧ ଏପର୍ଯ୍ୟନ୍ତ ଆବିଷ୍କାର ହୋଇ ନାହିଁ । କିନ୍ତୁ ଯେତେ ଓଲଉଠା ରୋଗ ଦେଖାଯାଏ ତହିଁମଧ୍ୟରେ ପ୍ରକୃତ ଓଲଉଠା ଅତି ଅଳ୍ପ ଏମନ୍ତ କି ଶତକଡ଼ା ଏକ କି ଦୁଇରୁ ଅଧିକ ନୁହେ । ସେ ଓଲଉଠା କଦାପି ଆରୋଗ୍ୟ ହୁଅଇ ନାହିଁ । ଅବଶିଷ୍ଟ ଘଟନାମାନ ଅହାର ବ୍ୟବହାର ଦୋଷରୁ ହୁଏ ମାତ୍ର ତାହା ନ ହେଲେ ଏହିମାନ ଶୀଘ୍ର ଓଲଉଠାରେ ପରିବର୍ତ୍ତିତ ହୋଇ ପ୍ରାଣ ସଂହାର କରେ ।

Digitized by srujanika@gmail.com

Split by PDF Splitter



ଏପରସ୍ଥଳେ ସୁପଯୁକ୍ତ ଔଷଧ ପ୍ରୟୋଗ କଲେ ଅବଶ୍ୟ ଅରୋଗ୍ୟ ହୋଇଥାଏ । ଆମ୍ଭର ଉପରଲିଖିତ ମୃତସଞ୍ଜୀବନୀ ଔଷଧ ବ୍ୟବହାର କରି ଏପରି ବହୁତର ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ସାହସ କରି କହିପାରୁଁ ବ୍ୟବସ୍ଥା ମତେ ଔଷଧ ବ୍ୟବହାର କଲେ ଗୋଟିଏ ହେଲା ରୋଗୀ ନଷ୍ଟ ହେବାର ସମ୍ଭାବନା ନାହିଁ । ଏହା ର ୧୦ ଡିବାର ମୂଲ୍ୟ ୫ ୧ ୮ ଙ୍କା

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ବିଷଲ୍ୟ କରଣି ଘୃତ ।—(ସହସ୍ର ଆଇଡୋଫମର କାର୍ଯ୍ୟକାରୀ ) ଏହି ଘୃତ ବ୍ୟବହାରରେ ଦୁଃଶାଧ୍ୟ ଉପଦଂଶ ( ଗରମି ବେମାର ) ଓ ପାଦୁକଳର ଦୁଃସ୍ରୋଗ୍ୟ ନୂତନ ପୁରାତନ ସର୍ବ ପ୍ରକାର କ୍ଷତ ( ଘାଅ ) ଦିନାକେତେ ଯନ୍ତ୍ରଣାରେ ଅଚିରତ୍ ଆରୋଗ୍ୟ ହୁଏ ପ୍ରତିକୌଟାର ମୂଲ୍ୟ ଟ ୧ ୮ ଙ୍କା

୧ ମଧୁମାଳତୀବଟିକା } ଏହା ସ୍ତ୍ରୀମାନଙ୍କର ସର୍ବପ୍ରକାର
୨ ବସନ୍ତ କୁସୁମାକର ଚୂର୍ଣ୍ଣ } 

ପ୍ରଦରର ଏକମାତ୍ର ମହୌଷଧ । ଏହା ବ୍ୟବହାର କରି ବହୁବର୍ଷର ପୁରାତନ ପ୍ରଦର ମାନ ସ୍ୱଳ୍ପସମୟ ମଧ୍ୟରେ ଆରୋଗ୍ୟ ହେବାର ପରୀକ୍ଷା କରି ଦେଖିଅଛୁଁ ବ ୧୦ ଟୀକାର ମୂଲ୍ୟ ଟ ୧ ୮ ଙ୍କା ଓ ଚୂର୍ଣ୍ଣ ପ୍ରତିକୌଟାରୁ ଟ ୨ ।

ଅମୃତସିନ୍ଧୁ ବଟିକା ।—ଏହି ଔଷଧ ସପ୍ତାହ ସେବନ କଲେ ରକ୍ତାର୍ଶର ରକ୍ତ ବନ୍ଦ ଓ ଉଦ୍ଭ୍ରମ ଦୋଷ ପଡ଼ିଯାଉ ହୁଏ । କ୍ରମାନ୍ୱୟେ ତିନିଦିନ ସେବନ କଲେ ସ୍ୱେଚ୍ଛାରେ ଅର୍ଶବଳ ସୃଷ୍ଟି ହୋଇଯାଇ ରୋଗାରୋଗ୍ୟ ହୁଏ ୭ ବଟିକାର ମୂଲ୍ୟ ଟ ୦ ୧

ରଶୀକାନ୍ତ ବଟିକା ।—ଏହା ସେବନ କଲେ ଧ୍ୱଜଭଙ୍ଗ, ଶୁକ୍ରତରଳତା, ସ୍ୱପ୍ନଦୋଷ ନଷ୍ଟପ୍ରାୟ ବଳ ହୁଏ ଏତଦ୍ଭିନ୍ନ ଏହାର ଅଦ୍ଭୁତ କେତେକ ଚମତ୍କାର ଗୁଣ ଅଛି ତାହା ବ୍ୟବସ୍ଥା ପତ୍ର ପାଠେ ଜାଣି ପାରିବେ କିନ୍ତୁ ସ୍ୱପ୍ନଦୋଷ ଅରୋଗ୍ୟପକ୍ଷେ ଏହା ବ୍ରହ୍ମାସ୍ତ୍ର ବ ୭ ଟିକାର ମୂଲ୍ୟ ଟ ୧ ୮ ଙ୍କା

ଶୂଳାଶନ ଚୂର୍ଣ୍ଣ—ସର୍ବପ୍ରକାର ଶୂଳ ରୋଗ (ପେଟବଥା) ଅରୋଗ୍ୟ ହୁଏ ମୂଲ୍ୟ ଟ ୧ ଙ୍କା

ଉପରୋକ୍ତ ଔଷଧମାନ ମୋଫସଲ ପାଇଁ ପ୍ୟାକିଂ ଡାକମାସୁଲ ସ୍ୱତନ୍ତ୍ର ଲାଗେ ଓ ଔଷଧ ସହିତ ବ୍ୟବସ୍ଥା ପତ୍ର ପଠାଯାଏ ।

ଏହି ଔଷଧ କଟକର ଶ୍ରୀ ଚିଂକମାମାଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭନିକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

| | |
|---|---|
| ଭୁବନପୁର<br>ସହର କଟକ<br>ବାବୁରାଧାଶ୍ୟାମ-<br>ସରକାରଙ୍କ ବସାରେ । | କବିରାଜ<br>ଶ୍ରୀ ବାଳକୃଷ୍ଣ ଦାସ |

## ହିତୈଷିଣୀ ବିତରଣ ।

ସମ୍ବଲପୁରହିତୈଷିଣୀ ପତ୍ରିକା ବିତରଣ କରାଯାଉ ଅଛି । ଡାକମାସୁଲ ଓ କାଗଜ ଖର୍ଚ୍ଚା ସ୍ୱରୂପ ଯେ କେହି ଏକଟଙ୍କା ପଠାଇଲେ ଏକବର୍ଷକାଳ ଉକ୍ତ ପତ୍ରିକା ପାଇ ପାରିବେ । ଶୀଘ୍ର ଗ୍ରାହକ ନ ହେଲେ ପଛକୁ ଏ ସୁବିଧା ମିଳିବ ନାହିଁ । " ଦେବଗଡ଼ ପୋଃ, ଜିଲ୍ଲା ସମ୍ବଲପୁର ଠିକଣାରେ ହିତୈଷିଣୀ ମେନେଜରଙ୍କ ନାମରେ ଟଙ୍କା ପଠାଇବାକୁ ହେବ । "

## NOTICE

P. W. D. Theatrical Club, Cuttack

The management, having decided to enlarge and improve the stage, offers the existing stage, comprised of ( a ) the frontage, ( b )one drop scene, ( c ) fourteen scenes and ( d ) twelve wings, and the dresses, for sale

For particulars apply to :—

Bhushan Chandra Banerjea
*Honorary Secretary*
Cuttack Cantonment Pension Lines.

## ଶୁଭସଂବାଦ ।

ଆୟୁର୍ବେଦିକ ମେଡିସନ୍ ମ୍ୟାନୁଫ୍ୟାକ୍ଚରିଂ
କୋମ୍ପାନି ଅଫ ଇଣ୍ଡିଆ, ଲିମିଟେଡ୍ ।
କାଲନା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକଡ଼ା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନିର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳ ଘୃତ ମୋଦକାଦି ଔଷଧ ଯେପରି ବିଶୁଦ୍ଧ ଏବଂ ଗୁଣକାରୀ ଓ ସୁଲଭ ମୂଲ୍ୟରେ ବିକ୍ରି ହୁଏ ଏପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତାର ଜମିନ୍ କୋମ୍ପାନି ଦାୟୀ । ଏତ ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନି ନିକଟରୁ କେବେ ଠକିବାର ଭୟ ନାହିଁ । ରୋଗର ଅବସ୍ଥାର ବିବରଣ ପଠାଇଲେ ବାଂଛା ମଧ୍ୟ ଦିଆ ହୁଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ କିୟଦଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନଚେତ ଅବେଦନାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟୀ—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ନିଷ୍ଟବୃତ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୨ ବଟି ୧୨ ଟଙ୍କା ଡାକମାସୁଲ ।୵ ଅଣା ।

ମକରଧ୍ୱଜ—ସ୍ନାୟବିକ ଦୌର୍ବଲ୍ୟ ନାଶର ଅବ୍ୟର୍ଥ ମହୌଷଧ । ଶିଶୁମାନଙ୍କର କାସ ଯୁକ୍ତ ଜ୍ୱରରେ ଏହା ପ୍ରୟୋଜ୍ୟ । ଏହାର ଗୁଣ ଅନନ୍ତ, ଅନୁପାନ ବିଶେଷରେ ଏହା ସର୍ବରୋଗରେ ମଧ୍ୟ ବ୍ୟବହାର ହୁଏ ।

( ୧ ମଶ୍ରେଣୀ ) ୭ ମାତ୍ରା ବା ୭ ତୋଳ ୧୯ ଟଙ୍କା
( ୨ ୟଶ୍ରେଣୀ ) " " ୩ ଅଣା

ଜ୍ୱରକୁଳାନ୍ତବଟୀ—ସେବନରେ ସର୍ବପ୍ରକାର ପାଳିଜ୍ୱର, ବିଷମଜ୍ୱର, ମ୍ୟାଲେରିୟାଜ୍ୱର ପ୍ରଭୃତି ଅଳ୍ପକାଳ ମଧ୍ୟରେ ଏକାବେଳକେ ବିନଷ୍ଟ ହୁଏ । ଏଥିରେ ପ୍ଲୀହା ଯକୃତର ପ୍ରକୋପ ସମ୍ୟକ ପ୍ରକାରରେ ଦମନ ଏବଂ ଶରୀର ସୁସ୍ଥ, ସବଳ, ପୁଷ୍ଟ ଓ କାନ୍ତିଯୁକ୍ତ କରେ ଏବଂ କୋଷ୍ଠ ପରିଷ୍କାର ରଖେ ।

୧ ବାକ୍ସ (୨୦ ବଟି) ୧ ଟଙ୍କା ଡାକମାସୁଲ ।୵ ଅଣା

ଅଶୋକ ଘୃତ—ସେବନରେ ସର୍ବପ୍ରକାର ସ୍ତ୍ରୀରୋଗ୍ୟ ପ୍ରଦର ରୋଗ ଦୂରୀଭୂତ ହୋଇ ସ୍ତ୍ରୀଲୋକ ସୁସ୍ଥା ବଳିଷ୍ଠା ଏବଂ କାନ୍ତିଯୁକ୍ତା ହୁଏ ।

୧ ସେରକୁ ୯ ଟଙ୍କା ।

କୋମ୍ପାନିର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ଟ ୨୫ ଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଲ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ ନେବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

ସର୍ବତ୍ର ଏଜେଣ୍ଟର ପ୍ରୟୋଜନ—ଏଜେଣ୍ଟ କୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିବରଣ ବିଶେଷ ଜ୍ଞାତବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।
ସେକ୍ରେଟେରୀ ଓ ଟ୍ରେଜରର ।

## WANTED.

A clerk and Accountant on a monthly pay of Rs. 30 rising to Rs. 40 by binomial increment of Rs. 2 and a road mohorir on Rs. 20 with consolidated allowance Rs. 10 per month are wanted for the District Engineer's office at Puree.

The applicant for the clerk and accountantship must have

Digitized by srujanika@gmail.com

Split by PDF Splitter



had practical experience of correspondence and account of a Sub-Divisional office P. W. D. and that the applicant for the road mohorir must have passed the test of a Sub-overseer in the Shibpoor Engineering College and practical experience of road making, surveying and levelling &c.

Application with testimonials will be received in sealed covers by the undersigned till the 20th August, 1895.

P. C. DANERDY,
District Engineer
Puree.

## ଜ୍ୱରର ଅବ୍ୟର୍ଥ ମହୌଷଧ
(ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ° ।୵ ମାସୁଲ ଟ° । ଅଣା

ଏହି ଔଷଧ ବ୍ୟବହାରରେ ସବପ୍ରକାରର ଜ୍ୱରରୋଗ ଏକାବେଳକେ ଆରୋଗ୍ୟ ହୋଇଯାଏ । ଅତଏବ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ଜ୍ୱର ହୁଏ ନାହିଁ । ଏହାକୁ ବ୍ୟବହାର କଲେ କଦାପି ପ୍ଲୀହା ସମ୍ବନ୍ଧୀ ଜ୍ୱର ନାହିଁ ଏବଂ ଏହା ପରୀକ୍ଷିତ ଅଟେ । ଏଥିରେ ନାନାପ୍ରକାର ଜ୍ୱରରୋଗ ନଷ୍ଟ କରେ ହୁଏ । ଏହି ଔଷଧରେ ପ୍ରତ୍ୟେକରୁ ଅଦ୍ଭୁତ କେତେକ ଗୋଟି ଅଣୁ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଦ୍ଭୁତ ଆଶ୍ଚର୍ଯ୍ୟପ୍ରଦ ହୋଇଅଛି । ଯେଉଁମାନେ ଏହି ଜ୍ୱରିତ ରୋଗର କଷ୍ଟ ପାଉଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ । ଏହାକୁ ବ୍ୟବହାର କରି ବହୁତେକ ରୋଗମୁକ୍ତ ହୋଇଅଛନ୍ତି ଏବଂ ଅନେକ ପ୍ରଶଂସାପତ୍ର ସୁଦ୍ଧା ଦେଇଅଛନ୍ତି; ଔଷଧ ବ୍ୟବହାରବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ବନ ଡାକ୍ତର
ବେଳ ଭକ୍ତିଦେବ
ବାଲେଶ୍ୱର

### ବିଜ୍ଞାପନ ।
ସ୍କୁଲପାଠ୍ୟ, ପଞ୍ଚମ ସଂସ୍କରଣ ।
ପଣ୍ଡିତଅମ୍ବାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଳେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ କଳମଣି ମିଶ୍ର

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ପ ତ ସୁ ଲ କ ମୂ ଲ୍ୟ ଟ ° ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମରପ୍ରଭୃତି ସୁମଧୁର-ସ୍ୱରର ଅଭିନୂତନ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ତଥା ରକ୍‌ଏଜେଣ୍ଟ ବାବୁ ରାମପ୍ରସାଦ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଘଣ୍ଟୀ ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ଼ ମୂଲ୍ୟ ଘଣ୍ଟୀ ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ଭାବରେ ନୂତନ କାରିଗରଦ୍ୱାରା ଚାଲିଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ଆସି କଲେ ସମସ୍ତ ବିଷୟ ଜାଣିପାରିବେ ଏହାଛଡ଼ା ବାରମାସ୍ୟ ବାଜା ମଫସଲକୁ ମଧ୍ୟ ଲୁବାଦି ଲାଗିବ ପ୍ରଭୃତି ନିୟମତ ରଖଯାଇବ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ହୋଇବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ପ୍ରକାଶଥାଉ କି ଛାପାଖାନାର ବାହାର ହୋଇ କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ପରିଚୟ ଦେବାରୁ ଅସମ୍ମତ

ହୁଏ । ଏହୁପର କେତେକ ଘଟନା ଶୁଣାଗଲା ହେବାରୁ ଗ୍ରାହକଙ୍କୁ ସତର୍କ କରଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୂଲି ସ୍ୱୟଂ ଆମଙ୍କୁ ଘଡ଼ୀ ଛାପାଖାନାକୁ ପଠାଇଦେଇ ଛାପା ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୂପାର ଗିଲଟି କର୍ମ ମଧ୍ୟ ଏଠାରେ ହୁଏ ।

୧୭ । ୪ । ୯୫
କଟକପ୍ରିଣ୍ଟିଂକମ୍ପାନୀ
ଅଫିସ କଟକ
} ଶ୍ରୀ ଗୌରୀଶଙ୍କର ରାୟ ।

### ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

## ବ୍ରହ୍ମାଣ୍ଡଭୂଗୋଳ ।

ଦ୍ୱିତୀୟ ଅର୍ଦ୍ଧେକ ସମ୍ବାଦ

ମୂଲ୍ୟ ।୵° ।

ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

### ବିଜ୍ଞାପନ ।

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋଅର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ଛାତ୍ରର ବହି ଖାତା, ଓ ଆଟଲାସ, ଓୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନେକ ସରେ ପାଇପାରିବେ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ଛପାଇବା

| | |
|---|---|
| ଧାଡ଼ୀପ୍ରତି | ଟ ° ୵ |
| ଅଧସ୍ତମ୍ଭ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ମଧ୍ୟ ତହିଁର ଖର୍ଚ୍ଚ ଟ ° ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇବା ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ଛପାଇବା ପୃଥକ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସତ୍ତ୍ୱାଧିକାରୀଙ୍କ ଆଦେଶାନୁସାରେ କଟକ ପ୍ରିଣ୍ଟିଂକମ୍ପାନୀ, ବାଲୁବଜାରରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ ।

ଉତ୍କଳ ଦୀପିକା ତା ୩ ରଖ ମାହେ ଅଗଷ୍ଟ ସନ ୧୮୯୬ ମସିହା ।

## ବିଜ୍ଞାପନ ।

### ଆୟୁର୍ବେଦୀୟ ଔଷଧାଳୟ ।

ଓଡ଼ିଶାରେ ଆୟୁର୍ବ୍ବେଦୀୟ ଚିକିତ୍ସାର ଶ୍ରୀବୃଦ୍ଧି ସାଧନ ନିମନ୍ତେ ଓଡ଼ିଶାର ଭୂତପୂର୍ବ୍ବ ଲେକ-ଷାଲନ୍ ସାହେବେ ଏ ନଗରରେ ଗୋଟିଏ ଆୟୁର୍ବେଦୀୟ ବିଦ୍ୟାଳୟ ସଂସ୍ଥାପିତ ହୋଇଅଛି । ସେହି ବିଦ୍ୟାଳୟର ଶିକ୍ଷକ ପଦରେ କଲିକତାର ସ୍ୱନାମଖ୍ୟାତ କବିରାଜ ଗଣନାଥ ସେନ କବିଭୂଷଣ ମହାଶୟଙ୍କ ଛାତ୍ର ପଣ୍ଡିତ ଶ୍ରୀ ଯାଦବଦାମୋଦର ଦାସ ଗୁପ୍ତ ନିଯୁକ୍ତ ହୋଇ ପ୍ରାୟ ତେରମାସ ହେବ ଏ ନଗରର ଗୃନାମଟୋଲିସ୍ଥ ରାଜା ବୈକୁଣ୍ଠନାଥ ଦେ ମହାଶୟଙ୍କ କୋଠାରେ ଅବସ୍ଥାନ କରୁଅଛନ୍ତି । ସେ ସର୍ବସାଧାରଣଙ୍କ ଚିକିତ୍ସା ନିମନ୍ତେ ପ୍ରସ୍ତୁତ ଥାନ୍ତି ଏବଂ ଆବଶ୍ୟକ ହେଲେ ଭଦ୍ରଲୋକମାନଙ୍କ ଗୃହକୁ ଯାଇ ଚିକିତ୍ସା କରନ୍ତି । ତାଙ୍କର ଆବିଷ୍କୃତ ନାନାବିଧ ପେଟେଣ୍ଟ ଔଷଧ ତାଙ୍କ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ । କେତେକ ଗୋଟି ପ୍ରତ୍ୟକ୍ଷ ଫଳପ୍ରଦ ଔଷଧର ବିବରଣ ନିମ୍ନେ ଲିଖିତ ହେଲା ।

**ଷଡ୍‌ଗୁଣ-ବଳିଜାରିତ ମକରଧ୍ୱଜ ବା ସ୍ୱର୍ଣ୍ଣ ସିନ୍ଦୂର**—ଏହା ସମସ୍ତ ରୋଗର ମହୌଷଧ ବିଶେଷତଃ ଶୁକ୍ରକ୍ଷୟ, ଧାତୁ ତାରଲ୍ୟ, ପ୍ରମେହ, କାଶ ଏବଂ ବାୟୁରୋଗଗ୍ରସ୍ତ ପକ୍ଷରେ ଅତିଫଳପ୍ରଦ; ଅଧିକନ୍ତୁ ଏହା ପୁଂସ୍ତ୍ୱଶକ୍ତି ବର୍ଦ୍ଧକ, ସ୍ୱରଶୋଧକ ଏବଂ ବଳକାରକ । ମୂଲ୍ୟ ଏକଭରି ଟ ୭୪୯ ଙ୍କା; ଏକସପ୍ତାହ ସେବନୀୟ ସାତପୁଡ଼ିଆ ଟ ୨ଙ୍କା ।

**ଚ୍ୟବନପ୍ରାଶ**—ଏହା ସ୍ୱାସକାଶ ପ୍ରଭୃତି ବକ୍ଷୋଗତ ରୋଗ ଓ ସ୍ୱରଭଙ୍ଗ ରୋଗର ମହୌଷଧ ଏବଂ ବଳକାରକ ଉତ୍କୃଷ୍ଟ ରସାୟନ । ମୂଲ୍ୟ ୧୦ ତୋଲା ଟ ୩୯ ଙ୍କା ।

**ବ୍ରାହ୍ମି ଘୃତ**—ଏହା ବ୍ରାହ୍ମୀଶାକ ଏବଂ ଅନ୍ୟାନ୍ୟ ଶୁକ୍ରବର୍ଦ୍ଧକ ଏବଂ ମସ୍ତିଷ୍କୀୟ ଦୁର୍ବଳତା ନାଶକ ଉତ୍କୃଷ୍ଟ ଉପାଦାନଦ୍ୱାରା ପ୍ରସ୍ତୁତ । ସ୍ୱରଭଙ୍ଗ, ସ୍ୱାସ, କାଶ, ପ୍ରମେହ କୁଷ୍ଠ ଓ ଅର୍ଶ ପ୍ରଭୃତି ରୋଗ ଏହାଦ୍ୱାରା ସମୂଳେ ବିନଷ୍ଟ ହୁଏ । ମୂଲ୍ୟ ସେ ୧ ର ଟ ୬୨୯ ଙ୍କା ।

**ଦନ୍ତସଂରକ୍ଷଣଚୂର୍ଣ୍ଣ**—ଏହା ଦନ୍ତମୂଳର ଘା, ଫୁଲା, ରକ୍ତସ୍ରାବ, ପୂଜସ୍ରାବ ପ୍ରଭୃତିର ମହୌଷଧ । ଯେଉଁମାନଙ୍କର ଦନ୍ତ ହଲେ ସେମାନଙ୍କୁ ଦନ୍ତଶୋଧନ ନାମକ ଏକପ୍ରକାର ବଟିକା ଏହା ସଙ୍ଗେ ବ୍ୟବହାର କରିବାକୁ ହେବ । ମୂଲ୍ୟ ଚୂର୍ଣ୍ଣ ଏକ ଫରୁଆ ଟ ୦ ଏ

**ସୁଧାବଲ୍ଲୀ**—ସ୍ୱପ୍ନଦୋଷ, ଧାତୁତାରଲ୍ୟ, ଅକାରଣ ଶୁକ୍ରକ୍ଷରଣର ଔଷଧ । ଏକ ଫରୁଆ ଟ ୬୯ ।

**ପ୍ରଦରାରି**—ରକ୍ତପ୍ରଦର ଓ ଶ୍ୱେତପ୍ରଦର ବସ୍ତି ଓ ଗାତ୍ରବେଦନା ପ୍ରଭୃତିର ମହୌଷଧ । ଏକଫରୁଆ ଟ ୬୯ ଙ୍କା ।

☞ ମଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

254

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

୩୦ ଭାଗ | ୩୨ ସଂଖ୍ୟା

ତା ୧୦ ଶୁକ୍ର ମାହେ ଅଗଷ୍ଟ ସନ ୧୮୯୪ ମସିହା । ମୂ । ଜ ୨୬ ତ ଶ୍ରାବଣ ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨
ପଶ୍ଚାଦେୟ ଟ ୩


ଗତ ସୋମବାର ଝୁଲଣଯାତ୍ରା ଶେଷ ହେ-
। ଯାହା ପାଞ୍ଚଦିନ ମଧ୍ୟରେ କେବଳ ପ୍ରଥମ
ନ ସନ୍ଧ୍ୟାପରରେ ଏ ନଗରରେ ବୃଷ୍ଟି ହୋ-
ଥିଲା । ଅନ୍ୟ ଚାରିଦିନ ଶୁଖିଲା ଯାଇ-
ଥିବାରୁ ପ୍ରଶସ୍ତରେ ଯାତ୍ରା ସମ୍ପନ୍ନ ହେଲା । ସକା-
ଳୀ ଗୋପାଳଙ୍କ ମଠରେ ଭୀଷଣ ଭିଡ଼ ହୋ-
ଥିଲା ।

---

ଭଲଭର ଉତ୍କଳୀ ସମାଜ ଭାରତୀୟ ଷ୍ଟେ-
ସେକ୍ରେଟାରୀଙ୍କ ନିକଟକୁ ଏହି ମର୍ମରେ ପତ୍ର
ଲେଖିବାର ସ୍ଥିର କରିଅଛନ୍ତି ଯେ ଭାରତବର୍ଷର
ପ୍ରାୟସମ୍ପ୍ରଦାୟ ସାଙ୍ଗମାଣ ସେଠା ପ୍ରଜାବର୍ଗଙ୍କ
ଅବସ୍ଥା ଜମଲେ ନଥାନ୍ତି ଅପ୍ରଭୂତ ଅଟେ ଏବ
ତହିଁର ଅନୁସନ୍ଧାନ ସକାଶେ ଗୋଟିଏ କମିଶନ
ଅଥବା ବର୍ଗୀୟ କମିଟି ବସାଇବା ଆବଶ୍ୟକ ।

---

ମାନ୍ୟବର ବର୍ଣ୍ଣିନ ଶେଟଲାଣ୍ଟ ସଭ ସୋନ-
ର ଭାରତବର୍ଷଠାରୁ ମୋଫସଲ ସଫରରେ
ବାହାରିଅଛନ୍ତି । ମୁଜଫରପୁର ମୁଙ୍ଗେର ଭାଗ
ଲପୁର ସୁଲତାନାବାଦ ଦର୍ଶନ କରି ଚଳିତ ମାସ
୨୦ ତାରିଖରେ ଦାର୍ଜିଲିଙ୍ଗକୁ ଗମନ
କରିବେ । କେବଳ ମୁଜଫରପୁରଠାରେ ସା-
ତଦିନ ଅର୍ଥାତ ଦ, ୫ ନ ରହିବାର ସ୍ଥିର
ହୋଇ ଅଛି ।

---

ବଜାରରେ ଗହମ ଗଛ ଉଠିବା ପୂର୍ବରୁ ଫି-
ରୋଜପୁରର ବେପାରୀମାନେ ବିଦେଶୀୟ ବଣି-
କ ମାନଙ୍କ ସଙ୍ଗେ ମହଣ ଟ ୧ ॥/ ଦରରେ
ଗହମ ବିକ୍ରୟ କରିବାର ଚୁକ୍ତି କରି ଥିଲେ ।
ଫସଲ ଭଲ ନ ହେବାରୁ ବର୍ତ୍ତମାନ ଦର ୨ ଟ-
ଙ୍କାରୁ ଅଧିକ ହୋଇ ଅଛି । ସୁତରାଂ ବେପାରୀ
ମାନେ ଲଚିରହି ଅଛନ୍ତି ଏବ ସେମାନଙ୍କ
ନାମରେ ନାଲିସ ଦାଏର ହେଉ ଅଛି । ବ୍ୟ-
ବସାୟ କରିବାକୁ ଅଜ୍ଞାନ ଲୋକେ ଯେପରି
ବ୍ୟସ୍ତ ତହିଁରେ ଏପରି ଘଟିବା ଆଶ୍ଚର୍ଯ୍ୟ ନୁହେ ।

---

ଗତ ବି, ଏ, ପରୀକ୍ଷାରେ ଯେଉଁମାନେ ପାସ
କରିଥିଲେ ସେମାନଙ୍କୁ ଛାଡ଼ି ଆଉ ଦୁଇଜଣ
ପାସ କରିବାର ଗତ କଲିକତା ଗେଜେଟରେ
ପାଠ କଲୁଁ । ଏହୁଦ୍ଦେ ପ୍ରେସିଡେନ୍ସି କଲେ-
ଜର ଛାତ୍ର । ଏକ୍ଜାମିନରମାନଙ୍କଠାରୁ କପରି ଏହି
ଦୁଇଜଣଙ୍କର ଭାଗ୍ୟ ଫିଟିଲା ଏ ରହସ୍ୟ ବୁଝି-
ପାରୁ ନାହୁଁ । ମାତ୍ର ଏଥିରୁ ବୋଧ ହେଉଅଛି
ଯେ କଣ ବିଦ୍ୟାଳୟର ଅସାବଧାନତାରୁ ପରି-
କ୍ଷକେ ଗତର ଏହି ପରୀକ୍ଷା ବା ଅନ୍ୟାନ୍ୟ
ପରୀକ୍ଷାରେ ଅଭାଗ୍ୟ ଘଟିଥିବ ।

---

ଗତ ସପ୍ତାହର ବୃଷ୍ଟି ଓ ଜଳବୃଦ୍ଧି ବଡ଼
ପ୍ରବଳ ହୋଇ ଥିଲା । ସୁଖର ବିଷୟ ଯେ ଶୀ-
ଘ୍ର ଛାଡିଗଲା । ତଥାପି କେତେ ଖାଲ ଭୂମିରେ
ଜଳ ପୂର୍ଣ୍ଣ ହୋଇ ଫସଲର ଅଧା ଏହାବେଳ-
କେ ନଷ୍ଟ ହୋଇ ଅଛି । ସତର ପରିମାଣ
ଅଧିକ ବୋଲି ଜଣା ଯାଉ ନାହିଁ ଏବ ଅନେକ
ସ୍ଥଳରେ ବିଆଳ ଫସଲ ନଷ୍ଟ ହେବାରୁ ଧାନ
ଚାଉଳର ଦର ପୂର୍ବାପେକ୍ଷା ମହଙ୍ଗ ହୋଇ
ଅଛି ।

---

ଆଗାମୀ ଶୀତକାଳରେ ମହାମାନ୍ୟ ଗବର୍ଣ୍ଣର
ଜେନରଲ ଦକ୍ଷିଣପ୍ରଦେଶ ଭ୍ରମଣ ଉପଲକ୍ଷରେ
ହାଇଦରାବାଦରେ ପଦାର୍ପଣ କରିବେ ବୋଲି
ନିଜାମ ବାହାଦୁର ପୂର୍ବରୁ ସତର୍କ ହୋଇ ଦୁଇ-
ଲକ୍ଷ ଟଙ୍କାର ଘର ସଜାଇବା ଜିନିଷ ବିଲାତରୁ
କିଣିଆଣିବା ସକାଶେ ଜଣେ ଗୁମାସ୍ତା ପଠାଇ
ଅଛନ୍ତି । ଭାରତର ଧନ କେତେ ପ୍ରକାରେ ବି-
ଲାତକୁ ବହି ଯାଉଅଛି ପାଠକେ ଅନୁମାନ
କରନ୍ତୁ । କେଉଁ କାରଣରେ ଅଭ୍ୟର୍ଥନା ହୋଇ
ପାରନ୍ତା ନାହିଁ କି ?

---

ଅରମେନିଆର ଶାସନ କାର୍ଯ୍ୟର ଉନ୍ନତି କି-
ମ୍ବ ଦେଶରେ ତୁରକର ସୁଲତାନ ଯେଉଁ ପ୍ରସ୍ତାବ
କରିଅଛନ୍ତି ଇଉରୋପୀୟ ଶାସନକର୍ତ୍ତାମାନଙ୍କ
ମନକୁ ତାହା ଯୋଗଅଛି । ସାଲିସବରି ସେହି
ସଂଶୋଧିତ ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ କରି-

Digitized by srujanika@gmail.com

Split by PDF Splitter



ସାଧାରଣ ବିଷୟକୁ ବୋଲି ଅଛନ୍ତି ଏବଂ ବଙ୍ଗଦେଶୀୟ ସମ୍ବାଦପତ୍ର ମାନେ ଏ ନିୟୋଗ ମଧ୍ୟ ପସନ୍ଦ କରି ଅଛନ୍ତି । ହାୟ, ତୁଥରୁଁ ପୁରୀର ମୁଣ୍ଡଚଣ ଏଥର ବିଦେଶୀୟ ଲୋକମାନଙ୍କ ହାତରୁ ରକ୍ଷିତ ହେବେ ?

---

ଇଷ୍ଟକୋଷ୍ଟ ରେଲ ବାଟର ଅଉ ଗୋଟିଏ ଅଂଶ ଅର୍ଥାତ୍ ବରହମପୁରଠାରୁ ରମ୍ଭା ପର୍ଯ୍ୟନ୍ତ ମା ୩୦ ମାଇଲ ଆସନ୍ତାମାସ ପ୍ରଥମ ତାରିଖ ଠାରୁ ସାଧାରଣ ବ୍ୟବସାୟ ନିମନ୍ତେ ଫିଟିବ । ବାଟ ପ୍ରସ୍ତୁତହୋଇ ପରୀକ୍ଷା ସ୍ୱରୂପ ରେଲ ଗାଡ଼ି ଚାଲୁଅଛି । ୮ । ୧୦ ଦିନ ମଧ୍ୟରେ ରେଲ ପରିଦର୍ଶକ ହେଲହବ୍ୱରୁ ବାଟ ଫିଟିବାର ଆଦେଶ ପ୍ରଚାରିତ ହେବ । ଏହି ରେଲବାଟ ବେଜବାଡ଼ାଠାରୁ କଟକ ପର୍ଯ୍ୟନ୍ତ ମା ୫୦୮ ମାଇଲ ଅଛି । ରମ୍ଭା ପର୍ଯ୍ୟନ୍ତ ମା ୪୧୮ ମାଇଲ ରେଲବାଟ ଫିଟିଗଲା ଅବଶିଷ୍ଟ ମା ୯୦ ମାଇଲ ଏହିବର୍ଷମଧ୍ୟରେ ଶେଷ ହେବାର ଆଶା ଅଛି ।

---

ବଙ୍ଗୀୟ ବ୍ୟବସ୍ଥାପକ ସଭାର ଗତ ଘଣ୍ଟାଘାଟ ଅଧିବେଶନରେ ଅଉ ଗୋଟିଏ ନୂତନ କର ସୃଷ୍ଟିବିଷୟକ ଆଇନ ବିଧିବଦ୍ଧ ହେଲା । ଏଥର ଓ ପ୍ରଦେଶୀୟ ସରକାର ଏହି ନୂତନ କର ମଧ୍ୟ ଜମିଦାର ଲାଖରାଜଦାର ପତ୍ତନିଦାର ଉପରେ ବସିବ ଏବଂ ସେହିଟଙ୍କାରେ ପଲ୍ଲୀଗ୍ରାମ ଯୋଗ ନାଳମାନ ମରାମତ ହେବ ଅଥବା ନୂତନନାଳ କଟାଯିବ ଯହିଁରେ ସେ ଲୋକଙ୍କର ସ୍ୱାସ୍ଥ୍ୟରକ୍ଷା ବା ଉନ୍ନତି ହୋଇପାରିବ । ଅତଏବ ଏହାର ନାମ ସ୍ୱାସ୍ଥ୍ୟକର ଅଥବା ସ୍ୱାସ୍ଥ୍ୟରକ୍ଷାମୂଳକ ନାଳକର । ମାନ୍ୟବର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ବାହାଦୁରଙ୍କର ଏହା ଶେଷ କୀର୍ତ୍ତିସ୍ତମ୍ଭ ସ୍ୱରୂପ ରହିବ ।

---

କାବୁଲ ଅମିରପୁତ୍ର ଶାହଜାଦା ନସରୁଲ୍ଲାଙ୍କୁ ଇଂଲଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର ଦ୍ରବ୍ୟ ମାନ ଭେଟି ଦେଇ ଅଛନ୍ତି । ମହାମାନ୍ୟା ଶ୍ରୀମତୀ ମହୋଦୟା କାବୁଲର ଅମିରଙ୍କ ନିକଟକୁ ତାହାଙ୍କ ପକ୍ଷରୁ ସମାନ ମୂଲ୍ୟର ଦ୍ରବ୍ୟ ପଠାଇବେ । ଏହି ଦ୍ରବ୍ୟ ଭାରତ ରାଜ୍ୟକୁ ଦିଆ ଯିବାର କଥା ଉଠି ଅଛି । ସେସ୍ଥଳେ ଅନେକ ସ୍ଥଳର ଦରିଦ୍ର ଜନତାର ସମସ୍ତ ବ୍ୟୟ ଭାରତକୁ ଦେବାକୁ ହେବ ସେସ୍ଥଳେ ବ୍ୟବସ୍ଥା ତର ବ୍ୟବସ୍ଥା ଉଚିତସଙ୍ଗେ ମିଶିବା ଉଚିତ ନୁହେ । ମାତ୍ର ଏପରି ଭାବରେ ବନ୍ଧୁର ଦର୍ପ ଓ ସମ୍ମାନ କରିବା ରାଜନୀତିଙ୍କ ହିତ ଲାଗିବ ନାହିଁ ।

---

ବାଲେଶ୍ୱର ଜିଲ୍ଲାରେ ସ୍ଥିତ ଚୋଳବନ୍ଧ ମରାମତି ଏବଂ ସନ ୧୮୯୬ ସାଲ ଅପ୍ରେଲମାସ ତା ୧ ଋଣ ଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସୁରକ୍ଷା ନିମନ୍ତେ ଦୁଇହଜାର ଟଙ୍କା ବ୍ୟୟ ହେବାର ଇଷ୍ଟିମେଟ ହୋଇଅଛି ଏବଂ ବଙ୍ଗୀୟ ଲେଫ୍ଟେନାଣ୍ଟ ବାହାଦୁରଙ୍କର ଇଚ୍ଛା ଯେ ସେହି ବନ୍ଧଦ୍ୱାରା ଯେ ସମସ୍ତ ମହାଲର ଉପକାର ହେବ ସେ ସମସ୍ତ ମହାଲର ଜମିଦାରଙ୍କଠାରୁ ସେହି ଦୁଇହଜାର ଟଙ୍କା ପାଞ୍ଚବର୍ଷରେ ଆଦାୟ କରିବା କାରଣ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସନ ୧୮୮୬ ସାଲର ଦୁଇଅଙ୍କର ଆଇନର ଅନୁସାରେ ଆଦେଶ ପ୍ରଚାର କରିବେ । ଅତଏବ ଚଳିତମାସ ତା ୩ ଋଣର କଲିକତା ଗେଜେଟରେ ବିଜ୍ଞାପନ ଦିଆଯାଇଅଛି ଯେ ଯାହାଙ୍କର ଏ ବିଷୟରେ ଆପତ୍ତି ଥିବ ସେମାନେ ସେହି ତାରିଖଠାରୁ ୩ ମାସ ମଧ୍ୟରେ ମେଦିନୀପୁରର କମିସନର ସାହେବଙ୍କଠାରେ ଗବର୍ଣ୍ଣମେଣ୍ଟଙ୍କ ଉପର କାରଣ ଆବେଦନ ପତ୍ରଦ୍ୱାରା ଜଣାଇବେ ।

---

ଏ ଜିଲ୍ଲାର ଜଣେ ଜମିଦାର ଶ୍ରୀମତୀ ନଜଭସା ବିବି ଏ ନଗର ମଧ୍ୟରେ ମୋସଲମାନ ଶିକ୍ଷା ନିମନ୍ତେ ଗୋଟିଏ ମଦରସା ସ୍ଥାପନ କରିବା କାରଣ ବାର୍ଷିକ ଟ ୨୫୦୯ ଙ୍କା ଉଠେ ଏପରି ହେବାରତ ଖଣ୍ଡିଏ ଜମିଦାରୀ ଏଠା ଡିଷ୍ଟ୍ରିକ୍ଟ ବୋର୍ଡଙ୍କ ହସ୍ତରେ ଅର୍ପଣ କରିବା ଏବଂ ଏଥି ଉପରେ ଆପଣାର ଅନ୍ୟାନ୍ୟ ସମ୍ପତ୍ତିର ଆୟରୁ ବାର୍ଷିକ ଟ ୧୦୦୯ ଙ୍କା ଲେଖାଏ ଦେବା ଦେବା ବିଷୟରେ ଆବେଦନ କରି ଅଛନ୍ତି । ତାହାଙ୍କର ଇଚ୍ଛା ଯେ ସେହି ମଦରସାରେ ଇଂରାଜୀ ଶିକ୍ଷା ମଧ୍ୟ ପଠିତ ହେବ ଏବଂ ତହିଁ ପାଇଁ ବୋର୍ଡ ସେହି ପରିମାଣ ଅର୍ଥ ସାହାଯ୍ୟ କରିବେ । ସ୍ୱଧର୍ମାବଲମ୍ବୀଙ୍କ ଶିକ୍ଷା ନିମନ୍ତେ ଏହି ଦାନ କରିବାକୁ ପ୍ରବୃତ୍ତ ହେବାରୁ ଅମ୍ଭେମାନେ ଉକ୍ତ ମହୋଦୟାଙ୍କୁ ଧନ୍ୟବାଦ ଦେଉ ଅଛୁଁ । ମାତ୍ର ମଦରସାର ସ୍ଥାୟିତ୍ୱ କାମନାରେ ଅମ୍ଭେମାନେ ଉକ୍ତ ମହୋଦୟାଙ୍କୁ ଅନୁରୋଧ କରୁଅଛୁଁ ଯେ ବାର୍ଷିକ ଦେବା ପରିବର୍ତ୍ତରେ ସେହି ପରିମାଣ ଟଙ୍କା ଆୟ ହେବାଭଳି ଅଉଖଣ୍ଡେ ଜମିଦାରୀ ଦାନ କରନ୍ତୁ ହେଉନ୍ତୁ । ସାମୟିକ ଦେବା ଦାନ ଉପରେ ସର୍ବଦା ନିର୍ଭର କରାଯାଇ ନ ପାରେ । ଅଧିକନ୍ତୁ ବୋର୍ଡ ସେହି ପରିମାଣ ସାହାଯ୍ୟ ଦେବାର ନିଶ୍ଚୟତା ମଧ୍ୟ ହୋଇ ନ ଥିଲେ ହେବା ଅସମ୍ଭବ । ଯେମନ୍ତ କି ବୋର୍ଡ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟୟ ବୃଦ୍ଧିରେ ଠିକ ସେତିକି ଟଙ୍କା ସାହାଯ୍ୟ ଦେବାକୁ ଅକ୍ଷମ ହେଲେ ତାହାଙ୍କ ସଂକଳ୍ପ ସଫଳ ନ ହେବ । ମଦରସା ସକାଶେ ଗୋଟିଏ ଗୃହର ପ୍ରୟୋଜନ, ତାହା ପରେ ହେବ ବୋଲି ମହୋଦୟା ଚିନ୍ତା କରି ନାହାନ୍ତି । ତେବେ ବୋର୍ଡ ଆପଣା ହାତରୁ ଗୋଟିଏ ଗୃହ ନିର୍ମାଣ କରିଦେଇ ପାରିବେ କି ?

---

ବଙ୍ଗପ୍ରଦେଶର ନାଳମାନଙ୍କରୁ ସନ ୧୮୯୩।୯୪ ସାଲରେ ପ୍ରାୟ ୮୦ ହଜାର ମାଣ ରବିଫସଲ ନିମନ୍ତେ ଜଳ ନିଆ ଯାଇଥିବା ସ୍ଥଳେ ସନ ୧୮୯୪।୯୫ ସାଲରେ କେବଳ ୪୮ ହଜାର ୯ ଶତ ମାଣ ନିମନ୍ତେ ସରକାରୀ ନାଳ ଜଳ ନିଆ ଯାଇଅଛି । ଓଡ଼ିଶାର ନାଳମାନ ଛଡ଼ା ଅନ୍ୟ ସମସ୍ତ ନାଳ ଏଥରକାରେ ରବିଫସଲର ଜଳଯୋଗାଣ ଉଣା ପଡ଼ିଅଛି ଏବଂ ଏଥିର ଏକ କାରଣ ପ୍ରଦର୍ଶିତ ହୋଇଅଛି ଯେ ସନ ୧୮୯୪ ସାଲ ନବେମ୍ବରମାସରେ ଅତ୍ୟନ୍ତ ଅଧିକ ବୃଷ୍ଟି ହେବାରୁ ଶୀତକାଳରେ ବିଲମାନ ଏତେ ଓଦା ଥିଲା ଯେ ରବିଫସଲ ପାଇଁ ଆଉ ଜଳ ଲୋଡ଼ା ହେଲା ନାହିଁ । ଓଡ଼ିଶାରେ ମଧ୍ୟ ସେହି ନବେମ୍ବରମାସରେ ଅତ୍ୟନ୍ତ ବୃଷ୍ଟି ହୋଇଥିଲା । ମାତ୍ର ଡାଲିଅଧାନ ଏବଂ ମୁଗ ଇତ୍ୟାଦି ଚଷିମାନେ ଏବର୍ଷ ପୂର୍ବାପେକ୍ଷା ଅଧିକ ଭୂମିରେ ଜଳ ନେଇଥିଲେ । ଓଡ଼ିଶାର ଯେଉଁ ନାଳରୁ ଯେତେ ଜମିର ରବିଫସଲ ଗତ ଦୁଇବର୍ଷରେ ହୋଇଅଛି ତହିଁର ହିସାବ ନିମ୍ନେ ପ୍ରଦର୍ଶିତ ହେଲା ଯଥା ।—

| ନାଳର ନାମ | ସନ ୧୮୯୩।୯୪ | ସନ ୧୮୯୪।୯୫ |
|---|---|---|
| ତାଳଦଣ୍ଡା | ମା ୧୧୫ | ମା [illegible] |
| କେନ୍ଦ୍ରାପଡ଼ା | ମା ୧୮୫୨ | ମା [illegible] |
| ହାଇଲେବଲ ଓ | | |
| ଜାଜପୁର | ମା ୯୬୬ | ମା [illegible] |
| | ମା [illegible] | ମା [illegible] |

ସୁତରାଂ ମା [illegible] ଏ ବୃଦ୍ଧି ହୋଇଅଛି

Digitized by srujanika@gmail.com

Split by PDF Splitter



ଖ୍ରୀଷ୍ଟବର୍ଷ ଦାକ୍ତ୍ରଅଧୀନ ଡବ୍ଲିଉପୁର ଜମିର ପରିମାଣ ୧୧ ଲକ୍ଷ ମାଣ ଥିଲା ଏବର୍ଷ ମାତ୍ର ୨୦୮ ଣ ହୋଇଅଛି । ମୁଙ୍ଗେର ଜବୁଲପୁର ଗତବର୍ଷ ଅପେକ୍ଷା ନ ଥିଲା ଏବର୍ଷ ମା ୬୦୫ ଣ ହୋଇଅଛି । ଦାକ୍ତ୍ରଅ ଡବ୍ଲିଉପୁର ଅଧିକ ଦେଖି ଭରସା ହେଉଅଛି ଯେ କାଳକ୍ରମେ ଯୋଗେ ଦାକ୍ତ୍ରଅଧୀନର କୃଷି କ୍ରମଶଃ ବୃଦ୍ଧି ହେବ ଏବଂ ତାହା ହେଲେ ଅନ୍ନକଷ୍ଟରୁ ଲୋକେ ରକ୍ଷା ପାଇବେ ।

---

## ବଙ୍ଗପ୍ରଦେଶର ଜେଲ ବିବରଣ

ବଙ୍ଗପ୍ରଦେଶର ଜେଲ ସମୂହରେ ସନ୍ ୧୮୯୪ ସାଲ ଆରମ୍ଭରେ ନ ୧୨୫୩୦ ଣ ବନ୍ଦୀ ଥିଲେ । ସେହି ବର୍ଷରେ ୫୧୨୪୦ ଭରତି ଏବଂ ୫୧୨୪୮ ଖଲାସ ହେବାରୁ ବର୍ଷ ଶେଷରେ ନ ୧୨୮୨୨ ଣ କଏଦ ରହିଥିଲେ । ପୂର୍ବବର୍ଷଠାରୁ କଏଦଙ୍କ ସଂଖ୍ୟା ଊଣା ଅଛି । ଗତ ଆଠବର୍ଷ ମଧ୍ୟରେ ପ୍ରତ୍ୟେକ ବର୍ଷ କାରାବାସ ଦଣ୍ଡପ୍ରାପ୍ତ ଯେତେ କଏଦ ଜେଲଖାନାରେ ଭରତି ହୋଇଥିଲେ ଏବଂ ଚାଉଳର ଦର ଯାହା ଥିଲା ତହିଁର ଗୋଟିଏ ତାଲିକା ପ୍ରସ୍ତୁତ ହୋଇଅଛି । ତାହା କୌତୁକ ଜନକ ଥିବାରୁ ନିମ୍ନେ ପ୍ରକାଶିତ ହେଲା ଯଥା ।—

| | କଏଦସଂଖ୍ୟା | ଚାଉଳଦର ଏକଟଙ୍କାକୁ |
|---|---|---|
| ସନ୍ ୧୮୮୭ | ୨୧୯୪୨ | ସେ ୨୦/ |
| ସନ୍ ୧୮୮୮ | ୩୦୧୧୫ | ସେ ୧୭ |
| ୧୮୮୯ | ୩୩୫୪୨ | ସେ ୧୬୲୵ |
| ୧୮୯୦ | ୩୨୮୬ | ସେ ୧୭/ |
| ୧୮୯୧ | ୩୪୮୧୪ | ସେ ୧୪ |
| ୧୮୯୨ | ୩୮୨୩୮ | ସେ ୧୩।/ |
| ୧୮୯୩ | ୩୨୨୬୫ | ସେ ୧୪।/ |
| ୧୮୯୪ | ୩୬୧୬୮ | ସେ ୧୬୲୵ |

ଉପରଲିଖିତ ତାଲିକାରୁ ଦେଖାଯାଉଅଛି ଯେ ଚାଉଳର ଦର ସଙ୍ଗେ କଏଦଙ୍କ ସଂଖ୍ୟାର ସମ୍ବନ୍ଧ ଅଛି । ଅର୍ଥାତ ଖାଦ୍ୟର ଦର ସୁଲଭ ହେଲେ କଏଦଙ୍କ ସଂଖ୍ୟା ଊଣା ଏବଂ ତହିଁର ବିପରୀତ ହେଲେ ବୃଦ୍ଧି ହୁଏ । ସନ୍ ୧୮୯୬ ସାଲରୁ ସନ୍ ୧୮୯୨ ପର୍ଯ୍ୟନ୍ତ କ୍ରମାଗତ ଚାଉଳ ଦୁର୍ମୂଲ୍ୟ ହେବାରୁ କଏଦ ସଂଖ୍ୟା ବୃଦ୍ଧି ହେଉଥିଲା ମାତ୍ର ଶେଷ ଦୁଇବର୍ଷରେ ମୂଲ୍ୟ କ୍ରମାଗତ ସୁଲଭ ହେବାରୁ ତଦନୁସାରେ ସଂଖ୍ୟା ଊଣା ହୋଇଅଛି । ଲୋକେ ଖାଇବାକୁ ନ ପାଇଲେ ଚୋରି ଇତ୍ୟାଦି ଅପରାଧ କରି ଜେଲଖାନାର ଜନସଂଖ୍ୟା ବୃଦ୍ଧି କରିବାର ଯେଉଁ ସାଧାରଣ ବିଶ୍ୱାସ ଅଛି ତହିଁର ପ୍ରତ୍ୟକ୍ଷ ପ୍ରମାଣ ଏହି ତାଲିକାରୁ ହେଉଅଛି ଏବଂ ଅଧିକ ପ୍ରମାଣ ହେଉଅଛି ଯେ ଦରିଦ୍ରତା କ୍ରମାଗତ ବୃଦ୍ଧି ହେବାରୁ ଚାଉଳର ଦର ଟିକିଏ ସୁଲଭ ହେଲେ ସୁଦ୍ଧା ଅପରାଧୀଙ୍କ ସଂଖ୍ୟା ସେ ପରିମାଣରେ ଊଣା ପଡୁନାହିଁ । ସନ୍ ୧୮୯୧ ସାଲରେ ସେ ୧୪ ର ଚାଉଳରେ ନ ୩୪୮୧୪ ଣ କଏଦ ଦଣ୍ଡ ଲଭିଥିଲେ ମାତ୍ର ସନ୍ ୧୮୯୪ ସାଲରେ ସେ ୧୬୲୵ ଦର ହେଲେ ସୁଦ୍ଧା ନ ୩୬୧୬୮ ଣ ଦଣ୍ଡିତ ହେଲେ । ଫଳତଃ ଏହି ୨ ବର୍ଷରେ କାହିଁ ଊଣା ଅଧିକ ଘଟିଲେହେଁ ସ୍ଥୂଳରେ ଦେଖା ଯାଉଅଛି ଯେ କଏଦଙ୍କ ସଂଖ୍ୟା କ୍ରମାଗତ ବଢୁଅଛି । ସେହିପରି ଜେଲଖାନାର ବ୍ୟୟ ମଧ୍ୟ ବଢୁଅଛି । ସନ୍ ୧୮୮୭ ସାଲର ମୋଟ ବ୍ୟୟ ଟ ୯୬୮୦୩୩ ଙ୍କା ଥିଲା ପ୍ରତିବର୍ଷ ବଢି ବଢି ସନ୍ ୧୮୯୩ ସାଲରେ ଟ ୧୨,୮୧,୪୫୪୧ ଙ୍କା ଏବଂ ସନ୍ ୧୮୯୪ ସାଲରେ ଟ ୧୩,୫୫,୨୮୧ ଙ୍କା ହୋଇଅଛି ।

ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଖାଦ୍ୟଦ୍ରବ୍ୟର ମୂଲ୍ୟ ବା ଲୋକଙ୍କ ଦାରିଦ୍ରତା ବୃଦ୍ଧି ନିମନ୍ତେ ଜେଲ ବିଭାଗ ଦାୟୀ ନୁହେ । ଏଥିର ପ୍ରତିକାର ବିଧାନ କରିବା ଗବର୍ଣ୍ଣମେଣ୍ଟଙ୍କ ଅନ୍ୟ ବିଭାଗର କାର୍ଯ୍ୟ । ଜେଲ ବିଭାଗର ପ୍ରଧାନ କାର୍ଯ୍ୟ କଏଦମାନଙ୍କ ଆହାର ଓ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରଖିବା ଏବଂ ସେମାନଙ୍କୁ ନିୟମାନୁସାରେ ଖଟାଇବା ଓ ଅଟକକରି ରଖିବା । ଆମ୍ଭେମାନେ ରିପୋର୍ଟରୁ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଏ ବିଷୟରେ ତ୍ରୁଟି ନ ହୋଇ ବରଂ କେତେକ ବିଷୟରେ ଉନ୍ନତ ହୋଇଅଛି । ଜେଲଖାନାରେ ପୀଡ଼ା ଓ ମୃତ୍ୟୁସଂଖ୍ୟା ପୂର୍ବଠାରୁ ଊଣା ହୋଇଅଛି ସମସ୍ତାନୁସାରେ ଖାଦ୍ୟଦ୍ରବ୍ୟ କିଣି ରଖିବାରୁ ଦୈନିକ ଆହାରର ମୂଲ୍ୟ ଊଣା ହୋଇଅଛି ଅଥଚ ଆହାରର ପରିମାଣ ଊଣା ହୋଇ ନାହିଁ । ଜେଲଖାନା ଭିତରେ ଦଣ୍ଡ ଊଣା ହୋଇଅଛି ଏବଂ କଏଦଙ୍କ ଅର୍ଜନ ବୃଦ୍ଧି ହୋଇଅଛି । ଗତ ବର୍ଷ କଏଦମାନଙ୍କ ପରିଶ୍ରମଦ୍ୱାରା ୩ଲକ୍ଷ ୮୧ ହଜାର ଟଙ୍କା ଆୟ ହୋଇଥିଲା ଏବର୍ଷ ୪ଲକ୍ଷ ୫୧ହଜାର ଟଙ୍କା ଆୟ ହୋଇଅଛି । ଏସମସ୍ତ ଫଳ ଅବଶ୍ୟ ପ୍ରୀତିକର ଅଟେ ଏବଂ ଏଥିପାଇଁ ଜେଲ ସମୂହର ଇନସ୍ପେକ୍ଟର ଜେନରଲ ଶ୍ରୀଯୁକ୍ତ କର୍ଣ୍ଣେଲ ସାହେବଙ୍କୁ ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟ ବାହାଦୁର ଯାହା ଧନ୍ୟବାଦ ଦେଇ ଅଛନ୍ତି ତାହା ଉଚିତ ହୋଇଅଛି । ମାନ୍ୟବର ମହୋଦୟ ପରିଶେଷରେ କହୁଅଛନ୍ତି କି କଏଦମାନଙ୍କ ସ୍ୱାସ୍ଥ୍ୟ ଓ ଜୀବନରକ୍ଷା ଜେଲବିଭାଗର ପ୍ରଥମ ଓ ପ୍ରଧାନ କାର୍ଯ୍ୟ ଅଟେ ମାତ୍ର ସେମାନଙ୍କୁ ଉଚିତ ପରିମାଣ ଖଟାଇ ଦଣ୍ଡଭୋଗର ଉଦ୍ଦେଶ୍ୟ ସଫଳ କରାଇବା ମଧ୍ୟ ଅତ୍ୟନ୍ତ ପ୍ରଧାନ କାର୍ଯ୍ୟ । ଏହି ଉଭୟ କାର୍ଯ୍ୟ ପ୍ରତି ସୁଦୃଷ୍ଟି ରଖିବା ପ୍ରୟୋଜନ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ବଙ୍ଗଳାର ଅବକାରି କମିଶନର ମିଃ ବୃନ୍ଦାବନ ଗୁପ୍ତ ଆଗାମୀ ସେପ୍ଟେମ୍ବର ମାସ ତା ୪ ଠାରୁ ମା ୨ସ ତା ୨୬ ର ଛୁଟି ପ୍ରାପ୍ତ ହୋଇଅଛନ୍ତି ।

କଟକ ସଦର ସ୍ଥାୟୀନ ଦେଶର ଅବୈତନିକ ମାଜିଷ୍ଟ୍ରେଟ ମୁନସି ଅବଦୁଲସମଦ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଅଛନ୍ତି । ।

କଟକ ସଦର ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ମୁନସି ଅବଦୁସସମଦ ଓ ବାବୁ କାଳୀପଦ ବାନର୍ଜୀ ଫୌଜଦାରୀ ମୋକଦ୍ଦମାରେ ଇଂରାଜୀ ଭାଷାରେ ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ପ୍ରାପ୍ତ ହେଲେ ।

ମୁସଲମାନମାନଙ୍କ ବକ୍ରୀଦ ଓ ଗଣପତି ଚତୁର୍ଥୀ ଉପଲକ୍ଷରେ ଅର୍ଥାତ୍ ୧୮୭୨ ମସିହାର ବଙ୍ଗଳା ଆ ୧ ଆଇନ ଆ ୧ ଧାରାରେ ଅନୁଯାୟୀ ଅଗଷ୍ଟ ତା ୧୫ ଓ ସେପ୍ଟେମ୍ବର ୨ ଛୁଟି ହେବ ... ପ୍ରବର୍ତ୍ତିବାର ସେକ୍ରେଟାରୀ ବାହାଦୁର ମନ୍ଦିର ରଖିଅଛନ୍ତି ।

ଅଫିସିଏଟ ଇନସ୍ପେକ୍ଟର ସୁସ୍ତ କାଳୀପଦ ସେନ ଓଡ଼ିଶା ବିଭାଗରୁ କଲିକତା ... କାର୍ଯ୍ୟରେ ସ୍ଥାନାନ୍ତରିତ ହୋଇଅଛନ୍ତି ।

ଅଃ ଇନ୍ସପେକ୍ଟର ମିଃ ସେ, ଏସ, ଏଲ, ... ଅଧ୍ୟାପକ ... ଗ୍ରହଣ କଲେ ।

ବାଲେଶ୍ୱର ... ଇନ୍ସପେକ୍ଟର ମିଃ ... ଅନୁପସ୍ଥିତ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱରର ... ବାବୁ ... ତା ୪ ଠାରୁ ମା ୨ ଛୁଟି ପ୍ରାପ୍ତ ହେଲେ ।

ଲେଃ କର୍ଣ୍ଣେଲ ... ଓ ... ମାସିକ ... ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

---

ଏ ନଗରରେ ଓଲାଉଠା ପୂର୍ବଠାରୁ ଊଣା ହୋଇଲେହେଁ ଏକାବେଳେ ଅନ୍ତର୍ହିତ ହୋଇ ନାହିଁ । ମୃତ୍ୟୁ ସଂଖ୍ୟା ଅନେକ ଊଣା ପଡ଼ୁଅଛି ।

Digitized by srujanika@gmail.com

Split by PDF Splitter



ଗତ ମଙ୍ଗଳବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଝଡ଼ ହୋଇଥିଲା । ବୃଷ୍ଟିର ପରିମାଣ ପ୍ରଥମ ଦୁଇ ଦିନରେ ଅଧିକ ଥିଲା । ଏଥର ଶାଳବନ୍ଧନୀର ବୃଷ୍ଟି ଅଧିକ ହେବାର ଜଣାଯାଏ ।

ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ ଏ ନଗରର ଜଣେ ବଡ଼ ଉକିଲ ବାବୁ ଭଗବତୀଚରଣ ଘୋଷ ବହୁମୂତ୍ର ରୋଗରେ ପ୍ରାୟ ଦୁଇମାସ ପୀଡ଼ିତ ହୋଇ ଗତ ଶନିବାର ଦେହ ତ୍ୟାଗ କଲେ । ଏ ମହାଶୟ ଜଣେ ମିଷ୍ଟଭାଷୀ ଓ ସଦାଚାରୀ ଲୋକ ଥିଲେ । ଏବେ ସାଧାରଣ କାର୍ଯ୍ୟରେ ଏହାଙ୍କର ଯଥେଷ୍ଟ ଅନୁରାଗ ଥିବାରୁ ବ ୩ ବର୍ଷକାଳ ଏଠା ମିଉନିସିପାଲିଟିର ଭାଇସଚେୟାରମାନ କାର୍ଯ୍ୟ ନିର୍ବାହ କରିଥିଲେ ।

କଟକ ଡ଼ିଭିଜନ୍ସ ଅଞ୍ଚଳ ମୋହରର ଜଗନ୍ମୋହନ ସାହୁଙ୍କ ଦୈର୍ଘ୍ୟ ମୋକଦ୍ଦମାର ରାୟ ପ୍ରକାଶ ହୋଇଅଛି । ମୋହରରଙ୍କ ଅବସ୍ଥା ଓ ଲଘୁଦୋଷ ହେତୁ ଏଠାର ପ୍ରାୟ ସମସ୍ତ ଓକିଲ ଏକତ୍ରିତ ହୋଇ ଜଜ ସାହେବଙ୍କୁ ଦୟା ପ୍ରକାଶ କରିବାକୁ ପ୍ରାର୍ଥନା କରିଥିଲେ । ମୋହରର ଦୋଷ ସ୍ୱୀକାର କରିବାରୁ ଜଜ ସାହେବ ଦୟା ପ୍ରଦର୍ଶନ ପୂର୍ବକ ଏକଶତ ଟଙ୍କା ଅର୍ଥଦଣ୍ଡ ବିଧାନ କରି ତାହା ଦାଖଲ କରିବା ନିମନ୍ତେ ଦୁଇଦିନ୍ର ମହଲତ ମଧ୍ୟ ଦେଲେ ।

ଲଣ୍ଡନର ବୈଦେଶିକ ମନ୍ତ୍ରୀ ପ୍ରକାଶ କରୁଅଛନ୍ତି ଯେ ଅବସିନିୟା ରାଜ୍ୟରେ ଋଷିୟାର ଅର୍ଥ ସମ୍ବନ୍ଧୀୟ ସମ୍ପର୍କ ଥିବାର ଋଷିୟା ଜଣାଉ ଅଛନ୍ତି । ସେ ଅଧିକ କହନ୍ତି ଯେ ଅବସିନିୟାର ରାଜା ମେନେଲିକ ଇଟାଲୀ ହେତୁ ସ୍ୱରାଜ୍ୟ ପାଇଲେ ମାତ୍ର ଅଲ୍ପ ଟଙ୍କା ଦ୍ୱାରା ସେ ଋଣ ପରିଶୋଧ କଲେ ସେମାନଙ୍କଠାରୁ ସ୍ୱାଧୀନ ହୋଇ ସେ ଅବସିନିୟା ସଙ୍ଗେ ଯୁଦ୍ଧ ହେବା ବିଷୟରେ ସେଠାରେ ସନ୍ଦେହ ଉଠି ଚଳୁଅଛି ।

ଲିଓଟାଙ୍ଗ ଉପଦ୍ୱୀପ ପରିତ୍ୟାଗ କରି ଦେବା ହେତୁ ଜାପାନ ଚୀନ ସରକାରଙ୍କୁ ଅଧିକ ୬୮ କୋଟି ଟଙ୍କା ଦାବି କରିଅଛି ।—ଚୀନ ଏହା ଦେଇ ପାରିବେ କି ?

ଗତମାସ ତା ୨୭ ରିଖ ପ୍ରାତଃକାଳରେ କାବୁଲର ସାହଜାଦା ନସିରୁଲ୍ଲା ଖାଁ ସାହେବ ବମ୍ବରେ ଅସ୍ମାନଙ୍କର ସ୍ୱଦେଶ ଓ ତାଙ୍କ ସହଧର୍ମିଣୀଙ୍କ ସମୀପରୁ ବିଦାୟ ଗ୍ରହଣ କରିଥିବାର ସମ୍ବାଦ ମିଳଇ ।

ସ୍ୱାସ୍ଥ୍ୟ ଭାଙ୍ଗ ହେବାରୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ସଭାବୀର ସ୍ୟର ଜର୍ଜ ଷ୍ଟିଫେନ୍‌ସନ ଛୁଟି ଗ୍ରହଣ କରିଥିଲେ । ବର୍ତ୍ତମାନ ସ୍ୱାସ୍ଥ୍ୟ ଭଲ ଥିବାରୁ ତାହା ପ୍ରତ୍ୟର୍ପଣ କରିଥିବାର ସମ୍ବାଦ ମିଳଇ ।—ଭାରତ ।

ଦମ୍ମା ଇଲାକାରେ ଚଣ୍ଡ ଉଦ୍ୟାନ ବନ୍ୟା ସହିତ ବହୁ ଅଧିକ ପରିମାଣରେ ଜଳ ମୁସଲମାନ ଗ୍ରାମରୁ ପ୍ରସ୍ଥ ଅଦାଲତକୁ ମା ୩ ଟ ବଡ଼ ନିର୍ମିତ ଦ୍ୱାର ବାଡ଼ବାଟର ବନ୍ୟା ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ । ଏହେ ଅନେକ ହୋଇଥିଲେହେଁ ତଥାପି ନଦୀ ଓ ଜଳ ଶ୍ରେଣୀ ଯୁକ୍ତ କରିବାର ବନ୍ଦ ହୋଇ ନାହିଁ ବଡ଼ ଦୁଃଖର ବିଷୟ । ଏମାନେ ଉଭୟ ବର୍ଷ ଯେତ ଅବଧି ପୁଣ ପର୍ଯ୍ୟନ୍ତ ସୁରକ୍ଷିତ ହେବ ।

ଏ ବର୍ଷଠାରୁ ସମ୍ବାଦ ମିଳିଅଛି ଯେ କୁରେଟ୍‌ଟାଠାରୁ ଉତ୍ତରପୂର୍ବ କୋଣରେ ୫ ୩୦ ଣ ଅନ୍ତରରେ ସେଠାରୁ ନୂଆ ଜିଲ୍ଲାସାନ୍ ବୋଲଠାରୁ ଯାଉଅଛି । ସମ୍ପ୍ରତି ଦୁଇରେ ଗାଡ଼ି ଗଡ଼ିବା ସମୟରେ ବହୁ ପରିମାଣ ଆଡ଼ୁ ଗୁଡ଼ିକ କାଥ ପାଉ ସମୁଦ୍ରକୁ ଓଲଟି ପଡ଼ିଲା । ଏଥିରେ ନ ୧୪୦ଣ ସେର ଲୁଣ ନଷ୍ଟ ହେବାର କଥିତ ହୁଏ ।

ହିନ୍ଦୁମାନ ଓ ବ୍ରେଷ୍ଟଲ ପ୍ରଭୃତି ଅଫଗାନମାନେ ପଶ୍ଚିମର ନ କଲେ ରୁଷ ଗବର୍ଣ୍ଣମେଣ୍ଟ ପାମୀର ସୀମା ନିର୍ଦ୍ଧାରଣ କମିଶନର କାର୍ଯ୍ୟ କରିବାକୁ ନ ଦେବା ମର୍ମରେ ଅଦେଶ ପ୍ରଚାର କରିଥିବାର ଯେଉଁ ସମ୍ବାଦ ଗତ ସପ୍ତାହରେ ପ୍ରକାଶ କରିଥିଲୁଁ ତାହା ସତ୍ୟ ନ ହେବାର ପ୍ରକାଶିତ ହୋଇଅଛି । ହିନ୍ଦୁସ୍ଥାନ ଅଫଗାନମାନେ ବହୁକାଳ ପୂର୍ବେ ପଶ୍ଚିମର ଜଳ ଯାଇଅଛନ୍ତି । ସୀମାନିର୍ଦ୍ଧାରଣ କାର୍ଯ୍ୟ ହେବା ପକ୍ଷେ ଆଉ କିଛି ବ୍ୟାଘାତ ନାହିଁ ।

କର୍ଣ୍ଣେଲ ମଲକ୍ୟାଡ଼େକ ଓ ଦସାଲିଡାଇ ମେଜର କେଲୀର ସିହ୍ଲ ଚତ୍ୟା ସମ୍ବନ୍ଧୀୟ ମୋକଦ୍ଦମାର କଲିମ୍ପିଙ୍ଗଠାରେ ବିଗ୍ରହଭ ହେଉଅଛି । ତହିଁରେ ଅଭିଯୋଗମାନେ ଆସାମୀଙ୍କି ନିର୍ଦ୍ଦୋଷୀ କରିଥିଲେ ସୁଦ୍ଧା ଜଜ ସାହେବ ତାହାଙ୍କୁ ଭଣ୍ଡ ଦେଇ ଅନ୍ୟ ଆସାମୀମାନଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ବାସ କାଳାପାନିର ଆଦେଶ ପ୍ରଦାନ କରିଅଛନ୍ତି । ଆସାମୀପକ୍ଷରୁ ଅପିଲ ହୋଇଅଛି ।

ଜାପାନ ଦେଶର ଦ୍ୱୀପମାଳା ଅଧିକ ପରିଣାମରେ ଉପଦ୍ରବ ପାଶ ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ ।—ସ୍ୱର୍ଣ୍ଣମାଳିମାଳର ବିଚ୍ଛିନ୍ନତା ବଡ଼ ଅଶଙ୍କାର ଅଟେ ।

ପଞ୍ଜାବ ଅଞ୍ଚଳରେ ଅଧିକ ଜଳ ବୃଷ୍ଟି ହୋଇ ନ ଥିବାରୁ ସେଠା ଫସଲର ଅବସ୍ଥା ଅତ୍ୟନ୍ତ ମନ୍ଦ ହୋଇଅଛି । ତଥାପି ଗତ ବର୍ଷର ଫସଲ ଭଲ ହୋଇଥିବା ହେତୁ ଦୁର୍ଭିକ୍ଷ ହୋଇ ନ ଥିବା ପରେଷଣ ଅଛି ।

ବୁଦାପେଷ୍ଟରେ ଗୋଟିଏ ସଭ ଉଠିନାଏ ତା ୩୧ ଏପ୍ରେ ପଞ୍ଚ ଶହଙ୍କୁ ଦେଖ ସଭାର ସମସ୍ତ ଲୋକ ତହିଁ ତଳେ ଚାପି ମରିଥିଲେ । ସେମାନଙ୍କ ସାହାଯ୍ୟ କର ଜଣଙ୍କୁ ୨ ଶ ମନ୍ଦ ଯାଇଥିବାର ଦେଖାଗଲା । ଅଧିକ ବୃଷ୍ଟି ଏଥିର କାରଣ ବୋଲି ଅନୁମିତ ହୁଅଇ ।

କୋଷ୍ଟାଳ ଅଞ୍ଚଳରେ ଇଂରେଜ ଶାହେବଙ୍କ ତାଙ୍କର ଦେଶ ମାରିବାର ଏକାନ୍ତ ଜେନ ସାହେବ ଦୋଷୀ ସାବ୍ୟସ୍ତ ହୋଇ ଯେଉଁ ଦଣ୍ଡ ପାଇଥିଲେ ତହିଁ ବିରୁଦ୍ଧରେ ସେ ଅପିଲ କରିଥିବା ବିଷୟ ପାଠକଙ୍କୁ ଜଣାଇଥିଲୁଁ । ସେ ଅପିଲ ଅଗ୍ରାହ୍ୟ ହୋଇଥିବାର ସମ୍ବାଦ ମିଳଇ ।—ଭାରତ ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅସ୍ମେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ !

ଅନୁଗ୍ରହ ପୂର୍ବକ ଏହି କଏକ ପଂକ୍ତି ଆପଣଙ୍କ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନଦାନ କରି ଚିରବାଧିତ କରିବା ହେବେ ।

ଉତ୍କଳୀୟ ଗଭର୍ଣ୍ଣମେଣ୍ଟ ପତ୍ରିକାରେ ଗୋଟିଏ ବିଜ୍ଞାପନ ଦେଖି ନିତାନ୍ତ ଦୁଃଖିତ ହେଲି । ସୁପ୍ରସିଦ୍ଧ ଡାଃ ବୋଷଙ୍କର ଗୋଟିଏ ସେତୁ ମୋହରିର କର୍ମ ନିମନ୍ତେ ଶିବପୁର ଇଂ କଲେଜର ଷଷ୍ଠ ଶ୍ରେଣୀରୁ ଉତ୍ତୀର୍ଣ୍ଣ ସାଃ ଓଭରସୀୟରଙ୍କୁ ଦରକାର ବୋଲି ଲେଖା ହୋଇଅଛି । ସେବେ ଏହି କର୍ମ ନିମନ୍ତେ ଉପରୁକ୍ତ ଛାତ୍ରମାନେ ସମସ୍ତେ ଜଣବର୍ତ୍ତୀ ହୋଇ ପ୍ରାର୍ଥୀ ହୁଅନ୍ତି ଓ ବିଜ୍ଞାପନାନୁଯାୟୀ ଉକ୍ତ କର୍ମ ମନୋନୀତ କରାଯାଏ ତାହା ହେଲେ ବୋଧ କରେ କଟକ ସର୍ଭେସ୍କୁଲ ଛାତ୍ରମାନଙ୍କ ରକ୍ଷା କରିବାକୁ ହେବ । ଏବେ ଏହି ଛାତ୍ରମାନେ ସରକାରୀ ସାଃ ଓଭରସିୟର ପଦ ପାଇଁ ତାଲିମ ହେବାପରେ ସ୍ଥାନୀୟ କର୍ମ ନିମନ୍ତେ ଏମାନଙ୍କ ଉପରେ ଦୃଷ୍ଟିପାତ ନାହିଁ । ଏହିପରି କର୍ମରେ ଗତ କେତେକ ବର୍ଷରୁ ଏହି ସର୍ଭେସ୍କୁଲ ପିଲାମାନେ ନିଯୋଗ ହୋଇ କାର୍ଯ୍ୟ କରି ଆସୁଅଛନ୍ତି ପୁନଶ୍ଚ ଏହି କର୍ମ ନିମନ୍ତେ ଏହି ଛାତ୍ରମାନେ ଯେ ଅନୁପଯୁକ୍ତ ଏହା ହୋଇବା ମୋର ବିବେଚନାରେ ଯୁକ୍ତି ସିଦ୍ଧ ନୁହେ ଅତଏବ ଓଡ଼ିଶାର ଉପରଉକ୍ତ ଛାତ୍ରମାନଙ୍କ ପ୍ରାର୍ଥନା ଯେ ସେମାନେ ବିଜ୍ଞାପନ ଅନୁସାର ଦେଖି ହତାଶ ନ ହୋଇ ସାଧ୍ୟମତ ଚେଷ୍ଟା କରନ୍ତୁ । ପରେ କର୍ତ୍ତୃପକ୍ଷୀୟମାନଙ୍କ ନିକଟରେ ଦୃଢ଼ାଞ୍ଚଳ ପୂର୍ବରେ ନିବେଦନ ଯେ ଉପରଉକ୍ତ କର୍ମଟି ସର୍ଭେସ୍କୁଲ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଅର୍ପଣ କରାଯାଉ ଯେବେ କର୍ତ୍ତୃପକ୍ଷୀୟ ବା ସ୍ଥାନୀୟ କାର୍ଯ୍ୟମାନେ ଓଡ଼ିଶାର ଦୁରବସ୍ଥା ମୋଡ଼ନରେ ଲକ୍ଷ୍ୟ ନ କରିବେ । ତେବେ ତାହାର ରକ୍ଷା କେଉଁଠାରେ ?

| | | |
|---|---|---|
| JASIPUR<br>The 26th July<br>1895 | } | P. N. Senapaty<br>P. W. D. Sub-Overseer<br>Morbhanj Raj |

---

ମାନ୍ୟବରେଷୁ

ଏହିକଥେ ଗତମାସ ତା ୩ ରିଖ ଦିନ ଅନୁଗୋଳ ରାସ୍ତା ଘୋର ଜଙ୍ଗଲ ଦେଶ ଘୋର ଉପରେ କଟ୍ଟକ ମୁଦ୍ରା ସର୍ବ ହୋଇ ଏକ ପୋଲ ନିର୍ମାଣ ହୋଇଥିଲା । ତାହାର ପ୍ରଶଂସା କାର୍ଯ୍ୟ ଅସ୍ମମାନଙ୍କ ମହିମାବର ଡେପୁଟି କମିଶନର ମିଷ୍ଟର ଏଚ, ପି, ଓ୍ୱାଲି ସାହେବ

Digitized by srujanika@gmail.com

ମହୋଦୟ ଓ ସହଧର୍ମିଣୀ ମହୋଦୟାଙ୍କ ଦ୍ୱାରା ସୁଷ୍ଠୁ ରୂପେ ନିର୍ବାହ ହୋଇ ଯାଇଅଛି । ଆମ୍ଭ ଓ୍ୟାଡିଷ୍ଟ୍ରିକ୍ଟ ଇଞ୍ଜିନିୟର ବାବୁ ଶ୍ରୀ ବଙ୍କିମଚନ୍ଦ୍ର ମଜୁମଦାର ମହାଶୟଙ୍କ ଦ୍ୱାରା ଏକଦିନ ପୂର୍ବରୁ ଉକ୍ତ ସ୍ଥାନରେ ଫାଟକ, ଆମ୍ବତୋରଣ, ପତାକା, ସାମିୟାନା ଓ ସଭା ଗୃହ ପ୍ରସ୍ତୁତ ହୋଇ ଥିଲା । କଷ୍ଟାସ୍ଥ ମେନେଜର ବାବୁ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି ମହାଶୟ ଅନ୍ୟ ଉଚ୍ଚ କର୍ମଚାରୀ ଓ ଅମଲା ହେତେକ ଭଦ୍ରଲୋକ ଉପସ୍ଥିତ ହୋଇ ଥିଲେ । ଏହସଭା ହୋଇଥିଲା । ଦର୍ଶକ ଗଣଶତରୁ ଅଧିକ ହୋଇଥିଲେ । ପାଏକ ମାନଙ୍କ ଫଡଝେଲ ଓ ଡାକରେ ଜଙ୍ଗଲ ପରିପୂର୍ଣ୍ଣ ହୋଇଥିଲା । ଦିବା ଘ ୪ ½ ଟିକା ସମୟରେ ପ୍ରଶଂସିତ ଡେପୋଟି କମିଶନର ସହଧର୍ମିଣୀଙ୍କ ସହ ସଭା ବେଦିକା ଉପରେ ଉପବେଶନ କଲେ । ହାରମୋନିଅ ମିଶ୍ରିତ ରଚିତ ବଙ୍ଗଳା ଗାନ ହଣ୍ଡାଙ୍କର ବାବୁ ଶ୍ରୀ ଅକ୍ଷୟକୁମାର ଚୌଧୁରୀ ଓ ଭୁବନମୋହନ ଚକ୍ରବର୍ତ୍ତିଙ୍କ ଦ୍ୱାରା ହୋଇଥିଲା । ଦର୍ଶକ ମଣ୍ଡଳୀ ମୁଗ୍ଧ ହୋଇ ଯାଇଥିଲେ । ପୋଲର ଇତିହାସ ଇଞ୍ଜିନିୟର ବାବୁଙ୍କ ଦ୍ୱାରା ପାଠ ହେଲା ପର ସାହେବ ମହୋଦୟ ଗାତ୍ରୋତ୍ଥାନ ପୂର୍ବକ ଦୀର୍ଘ ବକ୍ତୃତା କରି ସଭାସଦମାନଙ୍କୁ ଆପ୍ୟାୟିତ କରି ଥିଲେ ।

ବକ୍ତୃତାର ସାରମର୍ମ ଏହି ଥିଲା କି ଢେଙ୍କାନାଳ ପରି ସମୃଦ୍ଧିଶାଳୀ ରାଜ୍ୟରେ ଉପରୁ ମଞ୍ଜୁରୀ ମଗାଇ ଅବଶ୍ୟକୀୟ ବ୍ୟୟରେ ରାସ୍ତାଦି ପ୍ରସ୍ତୁତ କରିବା ତେତେ କଠିନ ବ୍ୟାପାର ନୁହେ । ଏହିସବୁ କାର୍ଯ୍ୟମେ ପ୍ରଥମରୁ ହିଁ ଭାବନ ଭଳ ତାହାର ପ୍ରଶଂସା ଉଦ୍ଭାବନ କର୍ତ୍ତା ସ୍ୱାମୀୟ ମେନେଜର ବାବୁ ଶ୍ରୀ କୃଷ୍ଣଚନ୍ଦ୍ରମହାନ୍ତି ଓ କାର୍ଯ୍ୟକାରୀ ଓ୍ୟାଡିଷ୍ଟ୍ରିକ୍ଟ ଇଞ୍ଜିନିୟର ବାବୁ ଶ୍ରୀ ବଙ୍କିମଚନ୍ଦ୍ରମଜୁମଦାର ଏତନ୍ନିମିତ୍ତ ପ୍ରଶଂସାର୍ହ ଅଟନ୍ତି ।

ସାହେବ ମହୋଦୟଙ୍କ ଶାନ୍ତ ପ୍ରକୃତି, ପ୍ରଜାହିତୈଷିତା, ସାଧାରଣ ହିତାକାଂକ୍ଷୀତା, ଓ ପବ୍ଲିକ ଓ୍ୟାର୍କସ ଡିପାର୍ଟମେଣ୍ଟର ହିତସାଧକ ନାନା ବିଧ କାର୍ଯ୍ୟ କଳାପ ଓ ଉନ୍ନତ ବାଣିଜ୍ୟର ଉନ୍ମୋଚନ ଓ ବୃଦ୍ଧି ଏବଂ ଏତନ୍ନିମିତ୍ତ ସାହେବ ମହୋଦୟଙ୍କ ପ୍ରତି ପ୍ରଜାମାନଙ୍କର କୃତଜ୍ଞତା, ଭକ୍ତି ଓ ଅନୁରାଗ ଏହିସବୁ ବିଷୟ ନେଇ ସ୍ଥୂଳ ସବଇନସ୍ପେକ୍ଟର ବାବୁ ଶ୍ରୀ ଭବଗ୍ରାହୀ କଣ୍ଡାଳ ଇଂରେଜୀରେ ଏକ ବକ୍ତୃତା ଦେଇ ଥିଲେ ।

ତତ୍ପରେ ସର୍କଲ ପଣ୍ଡିତ ଶ୍ରୀଗୌରାଙ୍ଗଶମ୍ଭୁପଟ୍ଟନାୟକ, ଭବଗ୍ରାହୀ କଣ୍ଡାଳ ଓ ଚନ୍ଦ୍ରଶେଖର ପାଣିଙ୍କ ବିରଚିତ ଓଡ଼ିଆଗୀତମାନ ପଠନାନ୍ତେ ସଭା ଭଙ୍ଗ ହେଲା ସମସ୍ତ ଭଦ୍ରଲୋକମାନେ ବଣଭୋଜିରେ ଚର୍ବ୍ୟ, ଚୂଷ୍ୟ, ଲେହ୍ୟ, ପେୟ ଭୋଜନ କରି ଦିବା ଘ ୭ ଟିକା ସମୟରେ ମେନେଜର ବାବୁ ଓ ଇଞ୍ଜିନିୟର ବାବୁଙ୍କୁ ଶତ ୨ ଧନ୍ୟବାଦ ଦେଇ ସ୍ୱ ୨ ଆବାସାଭିମୁଖ ହେଲେ ।

ଢେଙ୍କାନାଳ ରାଜ୍ୟରେ ଯେ ପୋଲ ସେତୁମାନ ହୋଇଥିଲା ଏହାପରି ବଡ ପୋଲ ହୋଇ ନ ଥିଲା । ଆମ୍ଭମାନଙ୍କ ଓ୍ୟାଡିଷ୍ଟ୍ରିକ୍ଟ ଇଞ୍ଜିନିୟର ବାବୁ ଓ ମେନେଜର ବାବୁମାନେ ଅସିନ୍ଧିଦିନ ଦିନ ୨ ବଡ ଉନ୍ନତି କରାଇ ଦେଉ ଅଛନ୍ତି । ଏ ମହାଶୟମାନଙ୍କୁ ଶତ ୨ ଧନ୍ୟବାଦ ଦେଉ ଅଛୁଁ । ଏମାନଙ୍କର ଉତ୍ତରୋତ୍ତର ଉନ୍ନତି ସାଧନ ଜଗତ୍ପିତା ଜଗଦୀଶ୍ୱର କରନ୍ତୁ ।

ଚଳିତ ତା ୧୮ ରିଖ ଦିନ ସାହେବ ମହୋଦୟ ବଡମ୍ବା କଷ୍ଟାକୁ ପ୍ରସ୍ଥାନ କଲେ ।

ଶ୍ରୀ ଗୌରାଙ୍ଗଶମ୍ଭୁପଟ୍ଟନାୟକ
ଢେଙ୍କାନାଳଗଡ
୨୦ । ୭ । ୯୫

---

ମହାଶୟ !

ଅଳ୍ପ କାଳ "ନୂତନପାଠ"ର ଉତ୍କଳାନୁବାଦ ସେଇ ଟିକିଏ ଚହଳ ପଡି ଯାଇଥିବାରୁ ତତ୍ସମ୍ବନ୍ଧରେ ଦୁଇ ଏକ କଥା ନ କହି ରହି ପାରିଲୁଁ ନାହିଁ ।

"ନୂତନପାଠ"ର ଅନୁବାଦକ ବିଜ୍ଞାପନରେ ଲେଖିଅଛନ୍ତି "ଡିରେକ୍ଟର ମହୋଦୟ ଉକ୍ତ ପୁସ୍ତକ (ନୂତନପାଠ)ର ଉତ୍କଳାନୁବାଦ "ବୋଧୋଦୟ ପରିବର୍ତ୍ତରେ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ବ୍ୟବହୃତ ହେବାର ଆଦେଶ ପ୍ରଦାନ କରି ଥିବାରୁ" ସେ ତାହା ଅନୁବାଦ କରି ପ୍ରକାଶ କରିଅଛନ୍ତି । ଡିରେକ୍ଟର ମହୋଦୟ ଏପ୍ରକାର ଆଦେଶ କେବେ ପ୍ରଚାର କଲେ ? ଅମ୍ଭେମାନେ ଯେତେଦୂର ଜାଣୁ ସେଥିରେ ନିର୍ଭର କରି କହି ପାରୁଁ ଯେ ସେ ଏପ୍ରକାର ଆଦେଶ ଆଦୌ ପ୍ରଚାର କରି ନାହାନ୍ତି । "ବୋଧୋଦୟ" ପରିବର୍ତ୍ତରେ "ନୂତନପାଠ" କେବଳ ବଙ୍ଗପ୍ରଦେଶର ବିଦ୍ୟାଳୟମାନଙ୍କରେ ପ୍ରଚଳିତ ହେବାର ଆଦେଶ କଲିକତା ଗେଜେଟରେ ପ୍ରକାଶିତ ହୋଇଥିବାର ଅମ୍ଭେମାନେ ଅବଗତ ଅଛୁଁ । ବଙ୍ଗପ୍ରଦେଶ କହିଲେ କି ଓଡ଼ିଶା ତଦ୍ଭୁକ୍ତ ବୋଲି ବୁଝିବାକୁ ହେବ ? ବଙ୍ଗପ୍ରଦେଶରେ ପ୍ରଚଳିତ ସମସ୍ତ ପାଠ୍ୟପୁସ୍ତକ କି ଓଡ଼ିଶାରେ ଚଳୁଅଛି ? "ବୋଧୋଦୟ" ପରିବର୍ତ୍ତରେ "ନୂତନପାଠ" ଓଡ଼ିଶାରେ ଚଳାଇବାର ଇଚ୍ଛା ଥିଲେ "ଡିରେକ୍ଟର ମହୋଦୟ କି "ନୂତନପାଠର ଓଡ଼ିଆ ଅନୁବାଦ ଓଡ଼ିଶାରେ ପ୍ରଚଳିତ ହେବ" ଏପ୍ରକାର ସ୍ପଷ୍ଟ ଆଦେଶ ଦେଇ ପାରି ନ ଥାନ୍ତେ ? ଏପ୍ରକାର କୌଣସି ଆଦେଶ ନ ଥିବା ସ୍ଥଳେ ଅନୁବାଦକ କପରି ଜାଣିଲେ ଯେ "ନୂତନପାଠ"ର ଉତ୍କଳାନୁବାଦ ଓଡ଼ିଶାରେ ବ୍ୟବହୃତ ହେବ ? ଓଡ଼ିଶାର ଇନ୍ସପେକ୍ଟର ମହାଶୟ କି ଡିରେକ୍ଟରଙ୍କଠାରୁ ଏପ୍ରକାର କୌଣସି ଆଦେଶ ପାଇଅଛନ୍ତି ? ଯଦି ପାଇଥାନ୍ତି ତେବେ ତାହା ପ୍ରକାଶ କରି ସର୍ବସାଧାରଣଙ୍କୁ ଅନୁବାଦ କରିବାର ସମାନ ଅଧିକାର ଦେବା ଉଚିତ । ଏବଂ ଟେକ୍ସଟବୁକ କମିଟୀଦ୍ୱାରା ଯେଉଁ ଅନୁବାଦ ଶ୍ରେଷ୍ଠ ବୋଲି ବିବେଚିତ ହେବ ତାହାହିଁ ପ୍ରଚଳନ କରିବା ବିଧେୟ । ଇନସ୍ପେକ୍ଟର ମହୋଦୟ ଆଦୌ ଏପ୍ରକାର ଆଦେଶ ପାଇଅଛନ୍ତି କି ନାହିଁ ତାହା ସର୍ବସାଧାରଣ ଓ ବିଶେଷତଃ ଟେକ୍ସଟବୁକ କମିଟୀର ମେମ୍ବରମାନଙ୍କୁ ଜଣାଇ ଦେବାର ଉଚିତ ।

"ନୂତନପାଠ" ନାନାଗୁଣରେ ସର୍ବାଙ୍ଗ ଅଦ୍ଭୁତ ହେବ; ହେଉ । କିନ୍ତୁ ତାହା ବୋଲି ଉତ୍କଳୀୟ ଲେଖକମାନଙ୍କୁ ଉତ୍କୃଷ୍ଟ ପୁସ୍ତକ ପ୍ରଣୟନ କରିବା ନିମିତ୍ତ ଆହ୍ୱାନ ନ କରି ଏକାବେଳକେ ତହିଁର ଅନୁବାଦ ପ୍ରଚଳନର ଆଦେଶ ଦେବା କୌଣସିମତେ ଉଚିତ ହୋଇ ନ ପାରେ । ସେଥିଦ୍ୱାରା ଓଡ଼ିଆ ସାହିତ୍ୟ ପ୍ରତି ଘୋର ଅବିଚାର କରା ହେବ ।

ଅମ୍ଭେମାନେ ବିଶ୍ୱସ୍ତସୂତ୍ରରୁ ଅବଗତ ହେଲୁଁ ଯେ "ନୂତନପାଠ"ର ଅନୁବାଦ କରିବା ନିମିତ୍ତ ଓଡ଼ିଶାର ଅନେକ ଗୁଡିଏ ଲେଖକ ଗ୍ରନ୍ଥକର୍ତ୍ତାଙ୍କ ନିକଟରେ ଅନୁମତିପ୍ରାର୍ଥୀ ହୋଇଥିଲେ । ମାତ୍ର ସେ ସମସ୍ତଙ୍କର ପ୍ରାର୍ଥନା ଉପେକ୍ଷା କରି

Digitized by srujanika@gmail.com

କେବଳ ବାବୁ ଅଭୟ ଚାନ୍ଦଙ୍କୁ ଯୋଗ୍ୟତମ ବୋଲି ଜାଣିଲେ କିପରି ? ଅଭୟ ବାବୁ କି ଗ୍ରନ୍ଥକର୍ତ୍ତାଙ୍କର ବିଶେଷ ପରିଚିତ ? ନା, ସେ ଭିକ୍ଟୋରିଆ ସର୍ଟିଫିକେଟ ଦେଖାଇବାକୁ ସକ୍ଷମ ହୋଇଥିଲେ ? "ସ୍ୱଜାତିପ୍ରିୟ" ମହାଶୟ ଏହି ଗୂଢ଼ ରହସ୍ୟ ଭେଦ କରି ନିଜ ନାମର ସାର୍ଥକତା ସମ୍ପାଦନ କରିବାକୁ ସଚେଷ୍ଟ ହେବେ କି ?

ଅଭୟ ବାବୁଙ୍କର ଅନୁବାଦ ମଧ୍ୟ ଯେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ହୋଇଅଛି ତାହା ନୁହେ । ପାଠକେ ! ଟିକିଏ ନମୁନା ଦେଖନ୍ତୁ । ପୃ ୬୦ ସ୍ଥାନେ "ସ୍ୱଦେଶୀ" ପ୍ରବନ୍ଧର ଅଦ୍ୟରେ "ମନୁଷ୍ୟର ଖାଲି ଯେ ପିତା ମାତା, ଭାଇ, ଭଉଣୀ ପ୍ରଭୃତି ଆପଣା ଲୋକମାନଙ୍କୁ ସେମାନେ ଏକତ୍ର ରହିବାକୁ ଇଚ୍ଛା କରେ" ଇତ୍ୟାଦି । ପାଠକେ ! "ଇଚ୍ଛା କରେ" ପଦର ଉତ୍ତର ? ତାହା ସୁକୁମାରମତି ବାଳକ ବାଳିକାମାନେ ହୃଦୟଙ୍ଗମ କରି ପାରିବେ କି ? ଏପରି ବର୍ଣ୍ଣାଶୁଦ୍ଧି ଯେ ଦୁଇ ଏକ ସ୍ଥଳେ ନାହିଁ ଏମନ୍ତ ନୁହେ । ଗ୍ରନ୍ଥ ବାହୁଲ୍ୟ ଭୟରେ ସେ ସବୁ ଦେଖାଇବାରୁ କ୍ଷାନ୍ତ ହେଲୁଁ । ପୁଣି ସ୍ଥାନେ ୨ ଅନୁବାଦକ ମହାଶୟ ଉତ୍ତମ ସମ୍ବନ୍ଧରେ ସେହିଁ କେତୋଟି କଥା ଯୋଗ କରି ଦେଇଅଛନ୍ତି ତାହା କରିବାରେ ତାଙ୍କର ଅଧିକାର ଅଛି କି ? କୌଣସି ପ୍ରକାରେ ସ୍ୱୀକାର ନ କରି ଏପ୍ରକାର ସ୍ୱାଧୀନତା ଅବଲମ୍ବନ କରିବା କେତେଦୂର ଅନୁମୋଦନୀୟ ତାହା କେବଳ ଅନୁବାଦକ ମହାଶୟ କହି ପାରିବେ ।

ପରିଶେଷରେ ଇନସ୍ପେକ୍ଟର ମହୋଦୟଙ୍କ ସମୀପରେ ପ୍ରାର୍ଥନା କି ଯେ "ନୂତନପାଠ"ର ଅନୁବାଦ ପ୍ରଚଳନସମ୍ବନ୍ଧରେ ଡିରେକ୍ଟର ମହୋଦୟଙ୍କର କୌଣସି ହୁକୁମ ଅଛି କି ନାହିଁ ତାହା ଟେକ୍ସଟବୁକ କମିଟୀର ମେମ୍ବରମାନଙ୍କୁ ଜଣାଇଦେବେ । ନଚେତ୍ ସେମାନଙ୍କର ଭ୍ରମରେ ପଡ଼ିବାର ସମ୍ଭାବନା । ଅଥବା ମେମ୍ବରମାନଙ୍କୁ ମଧ୍ୟ ଅମ୍ଭମାନଙ୍କର ବିଶେଷ ଅନୁରୋଧ କି ସେମାନେ ଏହି ଅନୁବାଦ ପୁସ୍ତକ ମନୋନୀତ କାଳରେ ବିଶେଷ ସାବଧାନତାର ସହିତ କାର୍ଯ୍ୟ କରିବେ । ଇତି ।

ଅଥଣକର
ବୃଦ୍ଧବାଳକ

## ଛନ୍ଦୋକ୍ତିରେ କୃପଣର ପ୍ରଶଂସା ।

ଶ୍ରୀଯୁକ୍ତ ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ କରୁଣାଭିଷୁ ବହୁ ବିନୟପୂର୍ବକ ନିବେଦନଂ ।
ଶ୍ରୀମନ୍ ଶ୍ରୀଯୁକ୍ତ ମାନ୍ୟବର !

ଅମ୍ଭମାନଙ୍କର ଆଠଗଡ଼ ରାଜା ବାହାଦୂରଙ୍କର ଛନ୍ଦୋଲଳିତ ଉଦ୍ଘଟିତ ଶ୍ରୀ ଚତୁରଙ୍କର ଜଗନ୍ମୋହିନୀ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ କରିବାକୁ ଅନୁକୂଲ୍ୟ ପ୍ରଦର୍ଶନ କଲେ ଅମ୍ଭେ ଶ୍ରୀ ହଜୁରରେ ଋଣୀ ହେବୁଁ । ଇତି ।

"ଏହା ଭୁ ପାଇଲୁ ନାହିଁ ରେ" ଏହିବୃତ୍ତ ।

ଦାତା ସେହି ଜଗତରେ ହେ ସୁଜନେ ! ଯଇମାନଙ୍କ ଧର୍ମ ବଳ ବୋଲି ବୁଝିବ ଚିତ୍ତରେ ହେ ସୁଜନେ । ଯୋଖା । ଯେତେ ଉପକାର ଉଦଧିପ୍ରଭାବ ଯେ ଜଳ ଅକ୍ଷର ଭରେ । ଦରିଦ୍ରବନ୍ଧୁ ଭାବରେ କୁପଳ ଅଶେଷ ବସ୍ତୁ ଦେଲେ ହେ ସୁଜନେ । ୧ । ପ୍ରବଳ ବନ୍ଧୁର ଏମନ୍ତ ସଂସାର ହେବା ଜାଣିଲେ ଅନ୍ତରେ । ପ୍ରବଳ ବର୍ଷା ବର୍ଷେ ଦୁର୍ଭିକ୍ଷ ସର୍ବେ ସ୍ନେହ ନିଧିଭବେ ହେ ସୁଜନେ । ୨ । ବଦାନ୍ୟ ନରର ଜନ୍ମାନ୍ତେ ନିକର ବରୁଥିଲ ସ୍ୱର୍ଗରେ । ନ ଯୋଗ କେବଳ ସାଧୁ କାରଣର ଲେଖା ମୁଖାନ୍ତ ମଣୁଛେ ହେ ସୁଜନେ । ୩ । ପତାପକ ଅପ ବରଷେ ଅପାପ ଦ୍ରବଳ ବାରି ହୃଦରେ । ପୁଣି ଜଳ ଦରେ ପାଇ ଭ୍ରମ କରେ ଚିରେ ନିଜ ଅପୂର୍ବଙ୍କର ହେ ସୁଜନେ । ୪ । ଯେ ଧନ କଦର୍ଯ୍ୟ ଭରଣ ସଞ୍ଚୟ ସ୍ୱପନରେ ନ ବଳରେ । ସେହିତ କେବଳ ବଦାନ୍ୟ ପ୍ରବଳ ସର୍ବଭାଗୀ ସନ୍ନିଧିରେ ହେ ସୁଜନେ । ୫ । ଅଷ୍ଟଦୁର୍ଗନାଥ ରଜା ରଘୁନାଥ ଲୋକେ ବଳ କାର୍ତ୍ତିରେ । ବଦାନ୍ୟ ରହିଲୁ ବଟିକ ଦାବଲୁ ମଣେ ସେ ସମକାଳରେ । ହେ ସୁଜନେ । ୬ ।

୧୦।୮।୯୫    ଶ୍ରୀ ମଦନ ପଟ୍ଟନାୟକ ।
ଆଠଗଡ଼ ରାଜଧାନୀ

### ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ରମାନାଥ ବିଶ୍ୱାସ କଟକ | ୫ ୩ ୯ |
| " ଜଗନ୍ନାଥ ଦାସ " | ୫ ୨ ୯ |
| ମୁନ୍ସି ନବକୃଷ୍ଣ ଦାସ, " | ୫ ୨ ୯ |
| ବାବୁ ନବାନନ୍ଦ ଦାସ ଇଲକା | ୫ ୩ ୯ |
| ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ର | ୫ ୩ ୯ |
| ବାବୁ ସ୍ୱର୍ଣ୍ଣମ ମହାପାତ୍ର କେନ୍ଦ୍ରାପଡ଼ା | ୫ ୯ ୧ |
| " ପ୍ରତ୍ୟାକର ଆଗଳ କଟକ | ୫ ୬ ୯ |
| " ପୂର୍ଣ୍ଣଚନ୍ଦ୍ର ଦାସ ବାଲେଶ୍ୱର | ୫ ୨ ୯ |

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ ଯେ ଅମ୍ଭର କଟକ ଚୌଧୁରୀବଜାରରେ ଥିବା ଡାକ୍ତରଖାନା "Imperial Druggist Hall" କୁ ଉଡ଼ିଆବଜାର ଦେବୀଗିରିମଠ ସମ୍ମୁଖରେ ଥିବା ଏକ ନୂତନ ଗୃହକୁ ସ୍ଥାନାନ୍ତରିତ କରିଅଛୁଁ । ଏହା ବର୍ତ୍ତମାନ ଅମ୍ଭର ନିଜ ତତ୍ତ୍ୱାବଧାରଣରେ ରହିଲା ପ୍ରତିଦିନ ପ୍ରାତଃ ଘ ୭ ଟାଠାରୁ ଘ ୯ ଟା ପର୍ଯ୍ୟନ୍ତ ଅମ୍ଭେ ବିନାମୂଲ୍ୟରେ ରୋଗୀମାନଙ୍କୁ ବ୍ୟବସ୍ଥା ଓ ହୋମିଓପାଥିକ ଔଷଧ ବିତରଣ କରୁଅଛୁଁ । କେବଳ ଗୋଟିଏ ପଇସାର ଶିଶି ସେଠା ଆଣିଲେ ଲୋକେ ଔଷଧ ନେଇ ପାରିବେ । ଅନ୍ୟାନ୍ୟ ଔଷଧମାନ ଅମ୍ଭ ଡାକ୍ତରଖାନାରେ ସୁଲଭ ମୂଲ୍ୟରେ ବିକ୍ରୟ ହେଉ ଅଛି ।

ଉଡ଼ିଆବଜାର କଟକ } ଘୋଷ ଗଇଣ୍ଟର ।
୬।୮।୯୫ }

## ଆୟୁର୍ବେଦୀୟ ଔଷଧାଳୟ ।

ଉଡ଼ିଶାରେ ଆୟୁର୍ବେଦୀୟ ଚିକିତ୍ସାର ପ୍ରବୃତ୍ତି ସାଧନ ନିମନ୍ତେ ଉଡ଼ିଶାର କୃତବିଦ୍ୟ ଲୋକମାନଙ୍କ ଯତ୍ନରେ ଏ ନଗରରେ ଗୋଟିଏ ଆୟୁର୍ବେଦୀୟ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ସେହି ବିଦ୍ୟାଳୟର ଶିକ୍ଷକ ପଦରେ କଲିକତାର ସୁନାମପ୍ରସିଦ୍ଧ କବିରାଜ ଗଙ୍ଗାପ୍ରସାଦ ସେନ କବିଭୂଷଣ ମହାଶୟଙ୍କ ଛାତ୍ର ପଣ୍ଡିତ ଶ୍ରୀ ଶାରଦାମୋହନ ଦାସ ଗୁପ୍ତ କବିରଞ୍ଜନ ବଇଦ ହୋଇ ପ୍ରାୟ ଦେଢ଼ମାସ ହେବ ଏ ନଗରର ସୁନାମଧନ୍ୟ ଚୌଧୁରୀ ରାଜା ବୈକୁଣ୍ଠନାଥ ଦେ ମହାଶୟଙ୍କ କୋଠାରେ ଅବସ୍ଥାନ କରୁଅଛନ୍ତି । ସେ ସର୍ବସାଧାରଣଙ୍କ ଚିକିତ୍ସା ନିମନ୍ତେ ପ୍ରସ୍ତୁତ ଥାନ୍ତି ଏବଂ ଆବଶ୍ୟକ ହେଲେ ଭଦ୍ରଲୋକମାନଙ୍କ ଗୃହକୁ ଯାଇ ଚିକିତ୍ସା କରନ୍ତି । ତାଙ୍କର ଅତ୍ୟନ୍ତ ନାନାବିଧ ପ୍ରସ୍ତୁତ ଔଷଧ ତାଙ୍କ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ସ୍ୱଳ୍ପଥାନା ଖୋଲଦ୍ୱାର ସ୍କୁଲମାନ ସ୍କୁଲ୍‌ପାଇଁ ସମ୍ପୁର୍ଣ୍ଣ ଏଫ୍, ଏ ପାସ କରିଥିବା ଏବଂ ମାତୃଭାଷା ବୁଝିଥିବା ଉପଯୁକ୍ତ ଶିକ୍ଷକଙ୍କ ଜଣେ ଦେଖିବ ଆବଶ୍ୟକ ।

Split by PDF Splitter
Digitized by srujanika@gmail.com

ଶିକ୍ଷକଙ୍କୁ ଅଫିସର ଉଚିତ ବାଣ୍ଟସର୍ଟ ଦେଖାଯିବ । ଏବଂ ଏଠାରେ ବନାବଡ଼ାରେ ବସାଗୃହ ମିଳିପାରେ । ବେତନ ମାସିକ ଟ ୫୦୲ ଙ୍କା ଏବଂ କାର୍ଯ୍ୟର ଫଳ ଅନୁସାରେ ଉନ୍ନତ ଅଛି ।

ପ୍ରାର୍ଥନାରେ ସ୍ପଷ୍ଟରୂପେ ନାମ, ଜାତି, ବୟସ ଓ ବାସସ୍ଥାନ ଲେଖି ତହିଁସଙ୍ଗେ ବିଦ୍ୟା ଓ ଆଚରଣ ଏବଂ ପୂର୍ବକାର୍ଯ୍ୟର ସାର୍ଟିଫିକେଟ ଆଦର କଲ ଦେଇ ତା ୨୫।୮।୯୬ ପୂର୍ବେ ଆମ୍ଭ ନିକଟକୁ ପଠାଇବା ଉଚିତ । ଯାହାଙ୍କୁ ମନୋନୀତ କରା ନ ଯିବ ଉତ୍ତର ଦଆ ଯିବ ନାହିଁ ।

ସୁଜାସାଦେବ ସୋନପୁର
ଫିଉଡ଼େଟରି ଷ୍ଟେଟ

ସଦରଥାନା ସୋନପୁର ନିମନ୍ତେ ଫସ୍ଟ ଇସ୍‌ହୁଲ ଏଣ୍ଟ୍ରାନ୍ସ ପାସ କରିଥିବା ଏବଂ ମାତୃଭାଷା ଓଡ଼ିଆଥିବା ଉତ୍ତମଆଚରଣ ଜଣେ ପରିଶ୍ରମୀ ସ୍କୁଲ ଇନସ୍ପେକ୍ଟର ଏକବର୍ଷପାଇଁ ଆବଶ୍ୟକ ।

ମାସିକ ବେତନ ଟ ୫୦୲ ଙ୍କା ଏବଂ ସ୍ୱଭମତେ ଭତ୍ତା ମିଳିବ । ପ୍ରାର୍ଥନାରେ ସ୍ପଷ୍ଟରୂପେ ନାମ, ଜାତି, ବୟସ ଓ ବାସସ୍ଥାନ ଲେଖି ତହିଁସଙ୍ଗେ ବିଦ୍ୟା, ଆଚରଣ, ପରିଶ୍ରମ ଓ ପୂର୍ବକାର୍ଯ୍ୟର ସାର୍ଟିଫିକ ଆଦର କଲ ଦେଇ ତା ୨୫।୮।୯୬ ପୂର୍ବେ ଆମ୍ଭ ନିକଟକୁ ପଠାଇବା ଉଚିତ । ଯାହାଙ୍କୁ ମନୋନୀତ କରାଯିବ ତାଙ୍କୁ କେବଳ ଉତ୍ତର ଦଆଯିବ ।

ସୁଜାସାଦେବ ସୋନପୁର
ଫିଉଡ଼େଟରି ଷ୍ଟେଟ

## ହିତୈଷିଣୀ ବିତରଣ ।

ସମ୍ବଲପୁରହିତୈଷିଣୀ ପତ୍ରିକା ବିତରଣ କରାଯାଉଅଛି । ଡାକମାସୁଲ ଓ କାଗଜ ଖର୍ଚ୍ଚ ସ୍ୱରୂପ ଜେ କେହି ଏକଟଙ୍କା ପଠାଇଲେ ଏକବର୍ଷକାଳ ଉକ୍ତ ପତ୍ରିକା ପାଇ ପାରିବେ । ଶୀଘ୍ର ଗ୍ରାହକ ନ ହେଲେ ପଛକୁ ଏ ସୁବିଧା ମିଳିବ ନାହିଁ । "ଦେବଗଡ଼ ପୋଃ, ଜିଲ୍ଲା ସମ୍ବଲପୁର ଠିକଣାରେ ହିତୈଷିଣୀ ମେନେଜରଙ୍କ ନାମରେ ଟଙ୍କା ପଠାଇବାକୁ ହେବ ।"

☞ ଫଳେନ ପରିଚୀୟତେ ☜

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ମୃତ ସଞ୍ଜୀବନୀ ବଟିକା—ଓଲାଉଠା ରୋଗର ପ୍ରକୃତ ଔଷଧ ନାହିଁ ଏହା ସର୍ବସାଧାରଣଙ୍କର ବିଶ୍ୱାସ । ବାସ୍ତବରେ ପ୍ରକୃତ ଓଲାଉଠାର ନିଶ୍ଚୟ ଆରୋଗ୍ୟକାରୀ ଔଷଧ ଏପର୍ଯ୍ୟନ୍ତ ଆବିଷ୍କାର ହୋଇ ନାହିଁ । କିନ୍ତୁ ଯେତେ ଓଲାଉଠା ରୋଗ ଦେଖାଯାଏ ତହିଁମଧ୍ୟରେ ପ୍ରକୃତ ଓଲାଉଠା ଅତି ଅଳ୍ପ ଏମନ୍ତ କି ଶତକଡ଼ା ଏକ କି ଦୁଇରୁ ଅଧିକ ନୁହେ । ସେ ଓଲାଉଠା କଦାପି ଆରୋଗ୍ୟ ହୁଅଇ ନାହିଁ । ଅବଶିଷ୍ଟ ଘଟନାମାନ ଆହାର ବିହାରାଦି ଦୋଷରୁ ହୁଏ ମାତ୍ର ଚିକିତ୍ସା ନ ହେଲେ ଏହିମାନ ଶୀଘ୍ର ଓଲାଉଠାରେ ପରିବର୍ତ୍ତିତ ହୋଇ ପ୍ରାଣ ସଂହାର କରେ । ଏପରିସ୍ଥଳେ ଉପଯୁକ୍ତ ଔଷଧ ପ୍ରୟୋଗ କଲେ ଅବଶ୍ୟ ଆରୋଗ୍ୟ ହୋଇଥାଏ । ଅମୃତ ଉପରଲିଖିତ ମୃତସଞ୍ଜୀବନୀ ଔଷଧ ବ୍ୟବହାର କରି ଏପରି ବହୁତର ରୋଗୀ ଆରୋଗ୍ୟ ଲାଭ କରି ଅଛନ୍ତି । ସାହସ କରି କହିପାରୁଁ ବ୍ୟବସ୍ଥା ମତେ ଔଷଧ ବ୍ୟବହାର କଲେ ଗୋଟିଏ ସୁଦ୍ଧା ରୋଗୀ ନଷ୍ଟ ହେବାର ସମ୍ଭାବନା ନାହିଁ । ଏହାର ୧୦ ଗୋଳିର ମୂଲ୍ୟ ଟ ୧୲ ଙ୍କା

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

କୈବଲ୍ୟ କରଣି ଘୃତ ।—(ବିହିତ ଅଇଡୋଫମର କାର୍ଯ୍ୟକରେ) ଏହିଘୃତ ବ୍ୟବହାରରେ ଦୁଃସାଧ୍ୟ ଉପଦଂଶ ( ଗରମି ବେମାର ) ଓ ପାଶ୍ଚାତ୍ୟ ଦୁରାରୋଗ୍ୟ ନୂତନ ପୁରାତନ ସର୍ବପ୍ରକାର କ୍ଷତ ( ଘାଅ ) ତନାଳ୍ପା ଯନ୍ତ୍ରଣାରେ ଅଚିରାତ୍ ଆରୋଗ୍ୟ ହୁଏ ପ୍ରତିକୌଟାର ମୂଲ୍ୟ ଟ ୧୲ ଙ୍କା ।

୧ ମଧୁମାଲତୀବଟିକା } ଏହା ସ୍ତ୍ରୀମାନ-
୨ ବସନ୍ତ କୁସୁମାକର ଚୂର୍ଣ୍ଣ } ଙ୍କର ସର୍ବପ୍ରକାର

ପ୍ରଦରର ଏକମାତ୍ର ମହୌଷଧ । ଏହା ବ୍ୟବହାର କରି ବହୁଦିବସର ପୁରାତନ ପ୍ରଦରମାନ ସ୍ୱଳ୍ପସମୟ ମଧ୍ୟରେ ଆରୋଗ୍ୟ ହେବାର ପରୀକ୍ଷା କରି ଦେଖିଅଛୁଁ ବ ୧୦ ଗୋଳିର ମୂଲ୍ୟ ଟ ୧୲ ଙ୍କା ଓ ଚୂର୍ଣ୍ଣ ପ୍ରତିକୌଟାକୁ ଟ ୨ ।

ଅମୃତସିନ୍ଧୁ ବଟିକା ।—ଏହି ଔଷଧ ସପ୍ତାହ ସେବନ କଲେ ଉଦ୍ଗାର୍ଣ୍ଣର ରକ୍ତ ବନ୍ଦ ଓ ଜୃମ୍ଭ କୋଷ୍ଠ ପରିଷ୍କାର ହୁଏ । କ୍ରମାନ୍ୱୟେ ଚତୁର୍ଦିନ ସେବନ କଲେ ସମୂଳରେ ଅର୍ଶ ବଳି ଶୁଖିଯାଇ ରୋଗାରୋଗ୍ୟ ହୁଏ ୭ ବଟିକାର ମୂଲ୍ୟ ଟ ୦ ୪

କାମାକାନ୍ତି ବଟିକା ।—ଏହା ସେବନ କଲେ ଧ୍ୱଜଭଙ୍ଗ, ଶୁକ୍ରତରଳତା, ସ୍ୱପ୍ନଦୋଷ ନିଶ୍ଚୟ ଭଲ ହୁଏ ଏତଦ୍‌ଭିନ୍ନ ଏହାର ଅଦ୍ଭୁତ କେତେକ ଚମତ୍କାର ଗୁଣ ଅଛି ତାହା ବ୍ୟବସ୍ଥାପତ୍ର ପାଠେ ଜାଣି ପାରିବେ କିନ୍ତୁ ସ୍ୱପ୍ନଦୋଷ ଆରୋଗ୍ୟପକ୍ଷେ ଏହା ବ୍ରହ୍ମାସ୍ତ୍ର ବ ୭ ଗୋଳାର ମୂଲ୍ୟ ଟ ୧୲ ଙ୍କା ।

ଶୂଳାଶନ ଚୂର୍ଣ୍ଣ—ସର୍ବପ୍ରକାର ଶୂଳ ରୋଗ (ପେଟମରା) ଆରୋଗ୍ୟ ହୁଏ ମୂଲ୍ୟ ଟ ୧ ଙ୍କା ।

ଉପରୋକ୍ତ ଔଷଧସମସ୍ତ ମୋଫସଲ ପାଇଁ ପ୍ୟାକିଂ ଡାକମାସୁଲ ସ୍ୱତନ୍ତ୍ର ଲାଗେ ଓ ଔଷଧ ସହିତ ବ୍ୟବସ୍ଥା ପତ୍ର ପଠାଯାଏ ।

ଏହି ଔଷଧ କଟକସ୍ଥ ଔଂକୋମ୍ପାନୀଙ୍କ ପୁସ୍ତକ-ଦୋକାନରେ ଓ ଆମ୍ଭନିକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦଆଯିବ ।

କୃଷ୍ଣପୁର } କବିରାଜ
ସଦର କଟକ } ଶ୍ରୀ କାଳକୃଷ୍ଣ ଦାସ
କାବୁରାଧାଷ୍ଟାନ
ସରକାରଙ୍କ କଷାରେ ।

## ଶୁଭସଂବାଦ ।

ଅୟୁର୍ବେଦିକ ମେଡ଼ିସିନ୍ ମ୍ୟାନୁଫ୍ୟାକ୍ଟରିଂ
କୋମ୍ପାନୀ ଅବ ଇଣ୍ଡିଆ, ଲିମିଟେଡ୍ ।
କାଲନା, ବେଙ୍ଗଲ ।

ଔଷଧର ମୂଲ୍ୟ ସକଳସ୍ଥ ଟ ୨୫ ଙ୍କା ଉଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳ ଘୃତ ମୋଦକାଦି ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ ଗୁଣବାନ୍ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ଏପରି ଅନ୍ୟ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତାର ଜମିନ୍ କୋମ୍ପାନୀ ଦାୟୀ । ଅତି ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟରୁ ନେବେ ଠକିବାର ଭୟ ନାହିଁ । ରୋଗର ଅବସ୍ଥାର ବିବରଣ ପଠାଇଲେ ବ୍ୟବସ୍ଥା ମଧ୍ୟ ଦଆ ହୁଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଆଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟୀ—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ନିସ୍କୃତି ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୨ ବଟି ୧୨ ଙ୍କା ଡାକଖରଚ /୦ ଅଣା ।

ମକରଧ୍ୱଜ—ସ୍ୱାସ୍ଥ୍ୟ ଦୌର୍ବଲ୍ୟ ନାଶକ ଅବ୍ୟର୍ଥ ମହୌଷଧ । ଶିଶୁମାନଙ୍କର କାଶ ଓ ସୂତି ଜ୍ୱରରେ ଏହା ପ୍ରଯୋଜ୍ୟ । ଏହାର ଗୁଣ ଅନନ୍ତ, ଅନୁପାନ ବିଶେଷରେ ଏହା ସର୍ବରୋଗରେ ମଧ୍ୟ ବ୍ୟବହାର ହୁଏ ।

( ୧ ମଶ୍ରେଣୀ ) ୨ ମାତ୍ରା ବା ୨ ଗ୍ରେନ ୧୨ ଙ୍କା
( ୨ ଶ୍ରେଣୀ ) " " ୩ ଟଙ୍କା

ଜ୍ୱରକୁଳାନ୍ତକ ବଟୀ—ସେବନରେ ସର୍ବପ୍ରକାର ପାଳି ଜ୍ୱର, ଦଶମଜ୍ୱର, ମ୍ୟାଲେରିଆଜ୍ୱର ପ୍ରଭୃତି ଅତ୍ୟନ୍ତ ଦାର

Split by PDF Splitter



ମଧ୍ୟରେ ଏକାବେଳକେ ବହୁତ ଭୁଏ। ଏଥିରେ ଯାହା ସବୁତ, ଜ ପ୍ରକୋପ ଶମନ ଗ୍ରହଣରେ ଦମନ ଏବଂ ଉଦର ଶୁଦ୍ଧ, ସବଳ, ପୁଷ୍ଟ ଓ କାନ୍ତିଯୁକ୍ତ କରେ ଏବଂ କୋଷ୍ଠ ପରିଷ୍କାର ରଖେ।

୧ ଡାବୁ (୨୦ ବଟି) ୧ ଟଙ୍କା ଓ ଡାକମାସୁଲ ।୯ ଅଣ

ଅଶୋକ ଘୃତ—ସ୍ତ୍ରୀଲୋକଙ୍କ ଋତୁ ସମ୍ବନ୍ଧୀୟ ସମସ୍ତ ରୋଗ ଦୂର ହୋଇ ଶରୀର ପୁଷ୍ଟ ବଳିଷ୍ଠ ଏବଂ କାନ୍ତିଯୁକ୍ତା ହୁଏ ।

୧ ସେରକୁ ୫ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ଟ ୨୫ ଟଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଲ୍ୟ ବୃଦ୍ଧି ହୋଇ ୧୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସେମାନେ ନାମ ଧାମ ଲେଖି ପଠାଇବେ ।

ସର୍ବତ୍ର ଏଜେଣ୍ଟର ପ୍ରୟୋଜନ—ଏଜେଣ୍ଟ ଶତକରା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିବରଣ ଅବଶ୍ୟ ଜ୍ଞାତବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।
ସେକ୍ରେଟରୀ ଓ ଟ୍ରେଜରର ।

## ବିଜ୍ଞାପନ ।

ଜମ୍ମୁକାଶ୍ମୀର ସ୍ୱର୍ଗୀୟ ଭବାନୀ ଦାସଙ୍କ ବୈଷ୍ଣବ, ଭାରତବର୍ଷର ବହୁସ୍ଥାନ ପର୍ଯ୍ୟଟନ କରି ଅବଶେଷରେ ପୁଣ୍ୟଭୂମି ଉତ୍କଳଖଣ୍ଡକୁ ସ୍ୱୀୟ ସାଧନ ଭଜନର ଏକ ମାତ୍ର ଉପଯୁକ୍ତ ସ୍ଥାନ ଜ୍ଞାନ କରି, କଟକ ନଗରର ଅନ୍ତଃପାତୀ ଦରଘାବଜାରର ନିକଟବର୍ତ୍ତୀ ୰ ପ୍ୟାରିମୋହନ ଏକାଡେମୀର ସନ୍ନିକଟସ୍ଥ କାଂଶଗଳି ନାମକ ସ୍ଥାନରେ ସ୍ୱୀୟ ଉପାସ୍ୟ ଦେବତା ଶ୍ରୀଶ୍ରୀ ଭଗବାନ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ଶ୍ରୀମତୀ ସୀତାଦେବୀଙ୍କ ମୂର୍ତ୍ତି ଓ ଭଗବାନ ଗୋକୁଳଚନ୍ଦ୍ରଜୀଙ୍କ ଶ୍ରୀମୂର୍ତ୍ତି ଓ ଶ୍ରୀମତୀ ରାଧିକା ଦେବୀଙ୍କର ଯୁଗଳମୂର୍ତ୍ତି, ଏହି ଯୁଗ୍ମମୂର୍ତ୍ତିଙ୍କ ବାସୋପଯୋଗୀ ଗୋଟିଏ ମନ୍ଦିର ଓ ତତ୍ସଂଲଗ୍ନ ଏକ ଅତିଥିଶାଳା ନିର୍ମାଣାର୍ଥ ଉଦ୍‌ଯୋଗୀ ହୋଇଅଛି । ଉକ୍ତ ବୃହତ୍ କାର୍ଯ୍ୟ ସମ୍ପନ୍ନ ହେବାପାଇଁ ଅନ୍ୟୂନ ୫୦୦୦ ପାଞ୍ଚ ସହସ୍ର ମୁଦ୍ରାର ପ୍ରୟୋଜନ । ଏଣୁ ଏହି ଦାସ ଧର୍ମାର୍ଥ ପାରମାର୍ଥିକ ଦାତବ୍ୟ ପ୍ରତି ନିର୍ଭର କରି ଉକ୍ତ କାର୍ଯ୍ୟରେ ହସ୍ତକ୍ଷେପ କରିଅଛି । ବର୍ତ୍ତମାନ ବିନୀତ ପ୍ରାର୍ଥନା ଯେ ଦାତାମାନେ ସ୍ୱ ସ୍ୱ ପାରମାର୍ଥିକ ଉଦାରତା ଗୁଣରେ ସ୍ୱୀୟ ଅବସ୍ଥାନୁଯାୟୀ ଯଥାସମ୍ଭବ ସାହାଯ୍ୟ ଦାନ କରି ଉକ୍ତ କାର୍ଯ୍ୟ ସମାଧା କରନ୍ତୁ ।

ପରିଶେଷରେ ବକ୍ତବ୍ୟ ଏହି ଯେ, ଯେଉଁ ମହାତ୍ମାମାନେ ଏହି ଦେବ କାର୍ଯ୍ୟରେ ସ୍ୱତଃ ପ୍ରବୃତ୍ତ ହୋଇ ଦାନେଚ୍ଛୁ ହେବେ ସେମାନେ ଅନୁଗ୍ରହପୂର୍ବକ ଉତ୍କଳଦୀପିକାର ମାନନୀୟ ସମ୍ପାଦକ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ମହୋଦୟଙ୍କ ହାତ ଅଥବା କଟକ ଚୌଧୁରୀବଜାର ନିବାସୀ ମହାଜନ ଶ୍ରୀଯୁକ୍ତ ପଶୁମୂର୍ତ୍ତି ଉପାଧ୍ୟାୟଙ୍କ ଠିକଣାରେ ମନିଅର୍ଡର ଯୋଗେ ଅର୍ଥସାହାଯ୍ୟ ପଠାଇଲେ ମୁଁ ପ୍ରାପ୍ତ ହେବି ଇତି ।

୭।୮।୯୫ } ନିବେଦକ
କଟକ } ବାବାଜୀ ଅଯୋଧ୍ୟାଅଟଳଦାସସ୍ୱାମୀ

## ଜ୍ୱରର ଅବ୍ୟର୍ଥ ମହୌଷଧ
### ( ବିଶେଷ ପରୀକ୍ଷିତ )

ମୂଲ୍ୟ ପ୍ରତିଡବା ଟ° ।୯ ମାସୁଲ ଟ° ।ଅଣ

ଏହି ଔଷଧ ବ୍ୟବହାରରେ ସବପ୍ରକାରର ଜ୍ୱରରୋଗ ଏକାବେଳକେ ଆରୋଗ୍ୟ ହୋଇଯାଏ । ଥରେ ଆରୋଗ୍ୟ ହେଲେ ସେ ଶରୀରରେ ଆଉ ଜ୍ୱର ହୁଏ ନାହିଁ । ଏହାର ବ୍ୟବହାର କଲେ ତତ୍‌କ୍ଷଣାତ ପ୍ଲୀହା ଯକୃତ ଦୂର ହୁଏ ଏବଂ ଏହା ଉଦ୍ଦୀପକ ଅଟେ । ଏଥିରେ ନାନାପ୍ରକାର ବର୍ଣ୍ଣନୀୟ ମଧ୍ୟ ଭଲ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ ଜୋର ଅଧିକ ଫଳପ୍ରଦ ଦ୍ରବ୍ୟ ମିଶିତ ହେବାରୁ ଏହାର ଉପକାରିତା ଗୁଣ ଅଦ୍ଭୁତ ଅଦ୍ୱିତୀୟପ୍ରଦ ହୋଇଅଛି । ଯେଉଁମାନେ ଏହି ଦୂଷିତ ଜ୍ୱରରେ କଷ୍ଟ ପାଉଅଛନ୍ତି ତତ୍ପରାତ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ । ଏହାକୁ ବ୍ୟବହାର କରି ଅନେକେ ଆରୋଗ୍ୟ ହୋଇଅଛନ୍ତି ଏବଂ ଅନେକ ପ୍ରଶଂସାପତ୍ର ମିଳିଅଛନ୍ତି; ଔଷଧ ବ୍ୟବହାରବିଧି ଔଷଧ ସହିତରେ ପଠା ଯାଉ ଅଛି ।

ଶ୍ରୀ ରାମ ତାରକସେନ
ବେଙ୍କ ଭଟ୍ଟଚାର୍ଯ୍ୟ
ବାଲେଶ୍ୱର

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ
ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ତେଡ଼ଶତ ।

ପ ତ ସ୍ତ କ ର ମୂ ଲ୍ୟ ଟ ୦ ।୯ ମା ତ୍ର ।

ଏଥିରେ ଦକ୍ଷିଣୀ, ହୁଲି, ଖେମଟା, ଟପା, ଠୁମ୍‌ରିପ୍ରଭୃତି ସୁମଧୁର-ସ୍ୱରର ଅତିଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତିମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅବରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସମ୍ପାଦସ୍ଥରେ ଜମା ହୁଡ଼ିଏକେ ବାବୁ ରାମପ୍ରସାଦ ମୁଖୁଯ୍ୟେଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ସ୍କୁଲପାଠ୍ୟ, ପଞ୍ଚମ ସଂସ୍କରଣ ।

ପଞ୍ଚାଙ୍କଅନାଇବା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଲେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ନୀଳମଣି ମିଶ୍ର

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ବ୍ରହ୍ମାଣ୍ଡଭୂଗୋଳ ।

ବର ଅର୍ଜୁନ ସମ୍ବାଦ
ମୂଲ୍ୟ ୬୦ ।
ଟ୍ରେଡିଂକମ୍ପାନୀଙ୍କ ପୁସ୍ତକାଳୟରେ
ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ମାଇନର, ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତାହାର ବ୍ୟାଖ୍ୟା, ଓ ଅଙ୍କକଷ, ଓୟାଲିମେଥ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦଲଗାବଜାର ଟ୍ରେଡିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନ୍ୱେଷଣରେ ପାଇପାରିବେ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ।୯
ଅଧସ୍ତମ୍ଭକୁ ଟ ୨୧
ସ୍ତମ୍ଭ ଏକ ସ୍ତମ୍ଭକୁ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଖର୍ଚ୍ଚର ସର୍ବା ଟ ୦ ୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ଦୁଇଭି ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହଜାଦିବସ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

| | | |
|---|---|---|
| ୩୦ ଭାଗ<br>୩୩ ସଂଖ୍ୟା | ତା ୧୨ ଭାଦ୍ର ମାହେ ଅଗଷ୍ଟ ସନ ୧୮୯୫ ମହିନା । ନୂ । ୬ ଇ ଭାଦ୍ର ସନ ୧୩୦୨ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୮<br>ପଶ୍ଚାଦେୟ ଟ ୬୮ |


ଏ ଅଞ୍ଚଳରେ ଏବେ ବୃଷ୍ଟି ମାତ୍ର ବଙ୍ଗଳାର କେତେକ ଜିଲ୍ଲା ଯଥା ବର୍ଦ୍ଧମାନ ନଦିଆ ପ୍ରଭୃତିରେ ବୃଷ୍ଟି ଅଭାବରୁ ଭୂଇଁ କେନ୍ଦୁଡ଼ା ହୋଇ ଯାଉ ନାହିଁ । ଶ୍ରାବଣ ମାସ ଶେଷରେ ଏ ଅବସ୍ଥା ଦେଖି ଲୋକଙ୍କର ଭାବନା ଉପସ୍ଥିତ ହୋଇ ଅଛି ।

---

ଏ ନଗରରେ ଗୋଟିଏ ମଦରସା ସ୍ଥାପନ ଉଦ୍ଦେଶ୍ୟରେ ଶ୍ରୀମତୀ ନୂରନ ନିସା ବିବି ଜମି ଦାନ ପ୍ରଭୃତି ଦାନ କରିବା ବିଷୟରେ ଯେଉଁ ଦରଖାସ୍ତ କରି ଥିଲେ ଏଠା ଜିଲ୍ଲା ବୋର୍ଡଙ୍କ ଗତ ଅଧିବେଶନରେ ତହିଁର ବିଚାର ହୋଇ ଥିଲା । ମଦ୍ରାସ ଭାଷା ପଢାଇବାର ବ୍ୟବସ୍ଥା କରିବା ଏବଂ ଜମିଦାରୀର ଭାର ଗ୍ରହଣ କରିବାକୁ ବୋର୍ଡଙ୍କ କ୍ଷମତା ଅଛି କି ନା ତହିଁର ବିଚାର ଏବଂ ଆବେଦନ ପତ୍ର ସମ୍ବନ୍ଧରେ କେତେକ ବିଷୟର ପରାମର୍ଶ ତାହାଙ୍କ ସଙ୍ଗେ କରିବାର ଆବଶ୍ୟକ ହେବାରୁ ଗୋଟିଏ ବିଶେଷ କମିଟି ବୋର୍ଡ ନିଯୁକ୍ତ କରି ଅଛନ୍ତି । କମିଟି ରିପୋର୍ଟ ପଠାଇଲେ ବୋର୍ଡଙ୍କ ଅନ୍ୟ ଅଧିବେଶନରେ ଶେଷ ନିଷ୍ପତ୍ତି ହେବ ।

---

ଚଳିତମାସ ଆରମ୍ଭରୁ ଡାକରେ ପଠାଯିବା ପାର୍ସଲ ସମ୍ବନ୍ଧରେ ଗୋଟିଏ ନୂତନ ନିୟମ ଜାରି ହୋଇ ଅଛି । ଯେଉଁ ପାର୍ସଲର ଓଜନ ସେ ସେରରୁ ଅଧିକ ନୁହେଁ ଅଥବା ଯାହା କେବଳ, ନଜସିଅର କମ୍ପା ରେଲୁପେବଲ ନିୟମାନୁସାରେ ପଠା ନ ଯିବ ସେପରି ପାର୍ସଲ ବିନା ରେଜଷ୍ଟ୍ରାରି ଡାକରେ ପଠାଯାଇ ପାରିବ ଓ ଏହିଁ ନିମନ୍ତେ ଓଜନ ଟ ୨୦୮ ଙ୍କାରୁ ଅଧିକ ନ ହେଲେ ଟ ୦୵ ଓ ଟ ୪୦୮ ଙ୍କାରୁ ଊର୍ଦ୍ଧ୍ୱ ନ ହେଲେ ଟ ୦ । ମାସୁଲ ନିଯୁଯିବ । ଏହି ମାସୁଲ ଆଗଭୁରା ଦେବାକୁ ହେବ । ଏପରି ପାର୍ସଲ ଚିଠି ବାକ୍ସରେ ନ ପଠାଇ ଡାକଘରର କର୍ମଚାରୀଙ୍କୁ ଦେବାକୁ ହେବ । ମାତ୍ର ଏଥିପାଇଁ ରସିଦ ମିଳିବ ନାହିଁ । କେବଳ ଅଧିକା ଦୁଇ ପଇସା ଦେଲେ ଡାକଘରର ସାର୍ଟିଫିକଟ ମିଳି ପାରିବ ।

---

ଗତବର୍ଷରେ ବଙ୍ଗଦେଶର ଅନ୍ୟାନ୍ୟ କଳକାରଖାନା ମଧ୍ୟରେ ଗୋଦଲପଡ଼ା ଠାରେ ଗୋଟିଏ ବୃହତ ଫ୍ୟାକ୍ଟରୀ ସ୍ଥାପିତ ହୋଇଅଛି । ଗୋଦଲପଡ଼ା ଫରାସି ଅଧିକୃତ ଚନ୍ଦନ ନଗରରେ ସ୍ଥିତ । ସୁତରାଂ ସେଠାରେ ଇଂରାଜଙ୍କ ଆଇନ ପ୍ରଚଳିତ ନୁହେ । ଇଂରାଜମାନେ ସ୍ୱଦେଶର ବ୍ୟବସାୟ ରକ୍ଷା ନିମନ୍ତେ ଏ ଦେଶର କଳ କାରଖାନାରେ ହସ୍ତକ୍ଷେପ କରିବାକୁ ବ୍ୟସ୍ତ ମାତ୍ର ଗୋଦଲପଡ଼ାରେ ତାହା କରି ପାରିବେ ନାହିଁ । କାରଖାନାର ଇନସ୍ପେକ୍ଟର ଯଥାର୍ଥ କହି ଅଛନ୍ତି କି ଯେବେ ଏ ଦେଶୀୟ ଲୋକମାନେ ଗୋଦଲପଡ଼ା ପରି ଅନ୍ୟାନ୍ୟ ଏରୂପର ସ୍ଥାନରେ କଳ କାରଖାନା ସ୍ଥାପନ କରିବେ ଇଂରାଜ କହୁଅଛନ୍ତି ? ସୁତରାଂ ରେ ସ୍ୱାର୍ଥପର ହୋଇ ଅନ୍ୟର ବ୍ୟବସାୟ ପ୍ରତି ଦୃଷ୍ଟିଦେବା ଭଲ ନୁହେ ।

---

ଚୀନ ରାଜ୍ୟର ସାଂଘାଇଠାରୁ ସମ୍ବାଦ ଅଛି କି କୁଚୁଙ୍ଗଠାରେ ୬ ଜଣ ଖ୍ରୀଷ୍ଟିୟ ମହିଳାଙ୍କୁ ହତ୍ୟା କରାଯାଇ ଅଛି । ଏମାନଙ୍କ ମଧ୍ୟରୁ ୪ ଜଣ ବାଳିକା ଓ ୧ ଜଣ ... । ଅନ୍ୟ ଅନେକ ଖ୍ରୀଷ୍ଟିୟାନ ଆଘାତ ହୋଇ ଅଛନ୍ତି । କୁଚୁଙ୍ଗ ଏବଂ ଫୁଚୁ ମଧ୍ୟବର୍ତ୍ତୀ ସ୍ଥାନମାନଙ୍କରେ ଅନେକ ଦଙ୍ଗା ହୋଇ ଯାଇ ଅଛି । ବିଲାତର ମନ୍ତ୍ରୀ ଲର୍ଡ ସାଲିସବରି ଅପରାଧୀମାନଙ୍କ ପ୍ରତି ପ୍ରାଣଦଣ୍ଡ ବିଧାନ କରିବା ଓ ମିଶନରୀମାନଙ୍କୁ ରକ୍ଷା କରିବା ମର୍ମରେ ଚୀନ ସମ୍ରାଟଙ୍କ ନିକଟକୁ ଲେଖିବାରେ ଚୀନ ସମ୍ରାଟ ତାହା ପ୍ରତିପାଳନ କରିବାର ଜଣାଇ ଅଛନ୍ତି । ମାତ୍ର ସମ୍ବାଦ ଏରୂପ ଯେ ଯେଉଁ ଚୀନ ନସେନା କୁଚୁଙ୍ଗଠାରୁ ମିଶନରୀଙ୍କ ରକ୍ଷା ନିମିତ୍ତ ପ୍ରେରିତ ହେଲେ ସେମାନେ ନଗରକୁ ଆକ୍ରମଣ କରି ତାହା ଲୁଟି ନେଇ ଅଛନ୍ତି । ଉପଦ୍ରବେଲେ ସବୁ ଅବସ୍ଥା ଏକ ଠୁଳ ହୁଅନ୍ତି ।

---

Split by PDF Splitter

Digitized by srujanika@gmail.com

ସଞ୍ଜିବନୀରେ ପାଠ କଲୁଁ ଯେ ସମ୍ବଲପୁର ଜିଲ୍ଲା ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ମଉଷାଲ ଗ୍ରାମରୁ ଗୋଟିଏ ୧୨ । ୧୩ ବର୍ଷ ବୟସର ସ୍ତ୍ରୀକୁ ଜଣେ କୁଲି ଠିକାଦାର ଶୃଙ୍ଖଳ କରାଇ ଦେବା ବାହାନାରେ ଫୁସଲାଇ ନେଇ ଶ୍ରୀ-ବଗିଷ୍ଟକୁ କୁଲିକରି ପଠାଇ ଦେଇଥିଲା । କେହି ଭଦ୍ର ଲୋକ ତାହା ଜାଣିପାରି ଗୌହାଟିର ଡେପୁଟି କମିଶନରଙ୍କୁ ସମ୍ବାଦ ଦେବାରୁ ପୁଲିସ ତଦନ୍ତରେ ପ୍ରକାଶ ପାଇଲା ଯେ ଧୁବଡ଼ିର ମାଜେଷ୍ଟ୍ରେଟଙ୍କଠାରେ ସେହି ସ୍ତ୍ରୀର ଏକଥର ନାମ ରେଜେଷ୍ଟ୍ରୀ ହୋଇ ଅଛି ଅଥଚ ତାହାକୁ ସେଠାରେ ଉପସ୍ଥିତ କରା ହୋଇ ନ ଥିଲା । କୁଲି ଧରିବା ବାଲାମାନେ ଅନ୍ୟଲୋକ ଛଡ଼ା କରି ଏହିପରି ଅନେକ ଏକଥର ନାମ ଡାଲି ରେଜେଷ୍ଟ୍ରୀ କରାଇ ନେବାର ଜଣାଯାଏ । କୁଲି ଆଇନ ଏସବୁ ଅନ୍ୟାୟର ଓ ଅପରାଧର ମୂଳ କାରଣ ଅଟେ । ଏହା ଉଠି ନ ଗଲେ ରକ୍ଷା ନାହିଁ ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଢେଙ୍କାନାଳର ମାନେଜର ବାବୁ କୃଷ୍ଣଚନ୍ଦ୍ର ମହାନ୍ତି ବହୁମୂତ୍ର ଏବଂ ପୃଷ୍ଠବ୍ରଣ ରୋଗରେ ଗତ ସୋମବାର ଦେହ ତ୍ୟାଗ କଲେ । କୃଷ୍ଣ ବାବୁଙ୍କ ମୃତ୍ୟୁରେ ଅନେକ ଲୋକ [illegible]ଚିତ ଏକଥା ବୋଲିବା ବାହୁଲ୍ୟ କାରଣ [illegible] ଜଣେ ଆଦର୍ଶ ଚରିତ୍ରର ଲୋକ ଥିଲେ [illegible]ଗ୍ୟ ତାହାଙ୍କର ବୟସ ୫୦ ବର୍ଷରୁ ଅଧିକ [illegible] । ସେ ସରକାରୀ କାର୍ଯ୍ୟରେ ଯେମନ୍ତ [illegible] ବିଶେଷ ଓ ଚତୁର ଥିଲେ ସମାଜରେ ସେହିପରି ଗମ୍ଭୀର ସରଳ ଶାନ୍ତ ସ୍ୱଭାବ ହେତୁ [illegible]ଙ୍କର [illegible] ପାତ୍ର ହୋଇଥିଲେ । ଏକଶର-ସ୍ଥ ତ୍ୟାଗ ମୋହନ ଏକାଡେମିର ଶୋଚନୀୟ ଅବସ୍ଥା ସମୟରେ ସେ ସମ୍ପାଦକୀୟ ଭାର ଗ୍ରହଣ କରି ବିଶେଷ ଯତ୍ନ ମନୋଯୋଗ ଓ ପରିଶ୍ରମଦ୍ୱାରା ତହିଁର ଦୁରବସ୍ଥା ଦୂର କରି ଉନ୍ନତି ସାଧନ କଲେ । ପ୍ରକୃତରେ ଉକ୍ତ ବିଦ୍ୟାଳୟ ତାହାଙ୍କ ଠାରେ ବିଶେଷ ରୂପେ ଋଣୀ । ପରମେଶ୍ୱର ତାହାଙ୍କ ଆତ୍ମାର ମଙ୍ଗଳ କରନ୍ତୁ ଏବଂ ତାହାଙ୍କର ଶୋକାକୁଳା ବୃଦ୍ଧା ଜନନୀ ଏବଂ ଅନାଥା ସ୍ତ୍ରୀ ପୁତ୍ରଙ୍କୁ ଏ ଦୁଃସହ ଶୋକ ସହ୍ୟ କରିବାକୁ ବଳ ଦିଅନ୍ତୁ ।

---

ସନ ୧୮୯୪।୯୫ ସାଲର ସରକାରୀ ମୋକଦ୍ଦମା ସମ୍ବନ୍ଧୀୟ ବାର୍ଷିକ ରିପୋର୍ଟରୁ ପ୍ରକାଶ ଯେ ମୋକଦ୍ଦମାର ସଂଖ୍ୟା ଗତ ତିନିବର୍ଷରୁ କ୍ରମାଗତ ଊଣା ହୋଇ ଆସିଅଛି ଏବଂ ସରକାରଙ୍କ ବିରୁଦ୍ଧରେ ନିଷ୍ପତ୍ତି ହେବା ମୋକଦ୍ଦମାର ପରିମାଣ ବୃଦ୍ଧି ନ ହୋଇ ଊଣା ହୋଇ ଅଛି । ଗତବର୍ଷ ସରକାରଙ୍କ ବିରୁଦ୍ଧରେ ୩୬ ଗୋଟା ସରେଜର୍ଡ ମୋକଦ୍ଦମା ଏବଂ ଗୋ ୧୬ ଟା ଜଜ୍ଜ ଅଦାଲତର ଅପିଲ ନିଷ୍ପତ୍ତି ହୋଇଥିଲା । ଅନୁସନ୍ଧାନରେ ଜଣାଗଲା ଯେ ଗୋ ୧୬ ଟା ଅପିଲ ମଧ୍ୟରୁ କେବଳ ପାଞ୍ଚଟା ସରକାରୀ ମୋକଦ୍ଦମା ମହକୁମାର କର୍ତ୍ତାଙ୍କ ନିକଟକୁ ପରାମର୍ଶ ନିମନ୍ତେ ଯାଇଥିଲା ଏବଂ ଗୋ ୩୬ ଟା ସରେଜର୍ଡ ମୋକଦ୍ଦମା ମଧ୍ୟରୁ ଗୁଡ଼ିଏ ଅବୋ ପଠାଯାଇ ନ ଥିଲା ଏବଂ ଅବଶିଷ୍ଟ ଏତେ ବିଳମ୍ବରେ ପଠାଯାଇ ଥିଲା ଯେ ଧାର୍ଯ୍ୟ ତାରିଖ ମଧ୍ୟରେ ସେ ସବୁ ବୁଝି ସୁଝି ପରାମର୍ଶ ଦେବାର ସମୟ ନ ଥିଲା । ମାନ୍ୟବର ଲେପ୍ଟେନାଣ୍ଟ ବାହାଦୂର ଏଥିରେ ବିରକ୍ତ ହୋଇ ଆଦେଶ ଦେଇ ଅଛନ୍ତି କି କଲେକ୍ଟରମାନେ ଏଣିକି ସାବଧାନ ହୋଇ ନିୟମାନୁସାରେ ଉଚିତ ସମୟ ମଧ୍ୟରେ ସରକାରୀ ମୋକଦ୍ଦମା ମହକୁମାର କର୍ତ୍ତାଙ୍କ ପରାମର୍ଶ ନେବାକୁ ତ୍ରୁଟି କଲେ ଯେଉଁ ମୋକଦ୍ଦମାରେ ସରକାର ହାରିବେ ତହିଁରେ ଯାହା କ୍ଷତି ହେବ ତହିଁପାଇଁ ତ୍ରୁଟିକାରୀ କଲେକ୍ଟର ସ୍ୱୟଂ ଦାୟୀ ହେବେ । ଏ ଆଦେଶ ନ୍ୟାୟ ସଙ୍ଗତ ଅଟେ ଏବଂ ଏହାଦ୍ୱାରା ସୁଫଳ ଫଳିବାର ଆଶା ହେଉଅଛି । ବାସ୍ତବରେ କୌଣସି ମୋକଦ୍ଦମାରେ ସରକାର ହାରିଯିବା ଅଶୋଭନୀୟ ଅଟେ ।

---

ବାଲେଶ୍ୱର ସମ୍ବାଦବାହିକାର ପ୍ରାପ୍ତ ସ୍ତମ୍ଭରେ ଗତ ଦୁଇ ସପ୍ତାହରୁ ଓଡ଼ିଶା ବନ୍ଦୋବସ୍ତ ଫଳାଫଳ ଜମିଦାରଙ୍କ ଅବସ୍ଥାର ନାନା ଉଦାହରଣ ମଧ୍ୟରେ ଲେଖାଅଛି ଯେ ଜଣେ ଜମିଦାରର ବାର୍ଷିକ ମୋଫସଲ ଉସୁଲ ଟ ୧୦୦୦୯ଙ୍କା ଥିଲା ସେହି ଟଙ୍କା ତହସିଲ ନିମନ୍ତେ ସରବରାହକାରମାନଙ୍କୁ ଦେବାକୁ ହୁଏ ବାର୍ଷିକ ଏକଶତ ଟଙ୍କା, ଜଣେ ତହସିଲଦାର ମାସିକ ବେତନ ଟ ୨୯ ଜଣେ ମୋହରର ଟ ୬୯ ଓ ଜଣେ ପିଅଦା ଟ ୬୨ ଲେଖାଏ ବାର୍ଷିକ ଟ ୧୮୬ଙ୍କା ଚାକର ଦେଖଭାଳ ଟ ୩୯ ଭଡ଼ିଆ ଘର ମରାମତି ଟ ୨୫ ଓ ମୋକଦ୍ଦମା ଖର୍ଚ୍ଚା ଟ ୨୫୮/ ବାଏ ଖରଚ ଟ ୩୮୧୫/ । ଏଥିରୁ ସରକାର ଯେବେ ଶତକରା ଟ ୪୦୯ କା ମାଲଗୁଜାରୀ ନେବେ ତେବେ ସେହି ଜମିଦାରର ସଦରଜମା ଟ୬୦୩୯ ଓ ତହସିଲ ଖରଚ ଉପର ଲେଖା ମତେ ଟ ୩୮୧୫/ ବାଦ ଟ ୫୮୧ ଯାଇ ବାକି ଟ୧୫୧୯ ଲାଭ ରହିବ । ବନ୍ଦୋବସ୍ତ ଗୁଡ଼ା ଯେ ଜମିଦାରମାନଙ୍କୁ ଅସ୍ଥିର କରୁଅଛି ତହିଁରେ ସନ୍ଦେହ ନାହିଁ ଏବଂ ଜମିଦାରୀର ମୂଲ୍ୟ ଊଣା ହେବାସ୍ୱାସ୍ଥ୍ୟ ତହିଁର ଯଥେଷ୍ଟ ପ୍ରମାଣ ମିଳୁଅଛି ମାତ୍ର ଯେଉଁ ଜମିଦାର ହଜାରଟଙ୍କା ଜମା ଉସୁଲ ତହସିଲ ନିମନ୍ତେ ଟ ୩୮୦ ଙ୍କା ଖରଚ କରେ ସେ ଜମିଦାରୀ ସମ୍ଭାଳିବାର ଯୋଗ୍ୟ ନୁହେଁ ଏବଂ ସରକାର କେତେ ମାଲଗୁଜାରୀ ନେଲେ ମଧ୍ୟ ତାହାର ଅବସ୍ଥା ଭଲ ହେବ ନାହିଁ । ଶତକରା ଟ ୫୦ ଙ୍କାରୁ ଅଧିକ ମାଲଗୁଜାରୀ ନେବା ସକାଶେ ସରକାରଙ୍କୁ କେହି ଅନୁରୋଧ କରିବ କି ? ଅନ୍ୟାନ୍ୟ ବ୍ୟବସାୟ ପରି ଜମିଦାରୀ ମଧ୍ୟ ଗୋଟିଏ ବ୍ୟବସାୟ ଅଟେ ଏବଂ ଯେଉଁ ଲୋକ ଯେତେ ଅଳ୍ପବ୍ୟୟରେ ବ୍ୟବସାୟ କରିପାରିବ ସେ ସେପରିମାଣରେ ଲାଭ ପାଇବ । ଏକ ହଜାର ଟଙ୍କା ଜମାର ଜମିଦାରୀ ଉସୁଲ ତହସିଲ ନିମନ୍ତେ ଜଣେ ମୋହରର ଓ ଜଣେ ପିଅଦା ଯଥେଷ୍ଟ ହୋଇ ପାରେ ଓ ତାଙ୍କ ଖରଚ ସହିତ ବାର୍ଷିକ ଟ ୧୫୦ ଙ୍କାରୁ ଅଧିକ ହେବା ଉଚିତ ନୁହେ । ଯେ ବ୍ୟକ୍ତି ସେପରି କରି ନ ପାରେ ତାହାର ଦୁଃଖ ସାଧାରଣଙ୍କୁ ଜଣାଇବାରେ କପଟତା ଫଳର ଅପେକ୍ଷା ଦୟା ଅଧିକ କିଛି ନୁହେ ।

---

ଉତ୍କଳଧର୍ମ ୨ୟ ଭାଗ ୫ ୧୨ ସଂଖ୍ୟାରେ ବାବୁ ଜଗଦୀଶ୍ୱର ନାମକ ଅମିତ୍ରାକ୍ଷର ନବରତନ କାବ୍ୟର ପ୍ରଥମସର୍ଗ ବାହାରିଅଛି ଏବଂ ତହିଁର ଅନ୍ୟାନ୍ୟ ସର୍ଗ ପ୍ରକାଶ ହେବା ପୂର୍ବେ ରଚୟିତା ସେ ସମ୍ବନ୍ଧରେ ସାଧାରଣ ମତ ଜାଣିବାର ପ୍ରାର୍ଥୀ ହୋଇଅଛନ୍ତି । କାଳେ ଲେଖା ମନୋନୀତ ନ ହେଲେ ଜନାଦର ହେବେ ସମ୍ଭବତଃ ଏହି କାରଣରୁ ସେ ଏପରି ନାମ ଗୋପନ କରିଅଛନ୍ତି । ମାତ୍ର ପ୍ରଥମସର୍ଗ ପଢ଼ି ଅମ୍ଭେମାନେ ପ୍ରୀତ ହୋଇ ତାହାଙ୍କୁ ଅନ୍ୟାନ୍ୟ ସର୍ଗ ପ୍ରକାଶ କରିବା ପାଇଁ ଅନୁରୋଧ କରୁଅଛୁଁ । କାରଣ ଅମ୍ଭମାନଙ୍କର ଏକାନ୍ତ ଆଶା ହେଉଅଛି ଯେ ସେ ପାଠକବୃନ୍ଦଙ୍କର ତୃପ୍ତିକରଣ

Split by PDF Splitter
Digitized by srujanika@gmail.com

Split by PDF Splitter



ନଷ୍ଟ ଯାଉନେ ଏବଂ ତାହାଙ୍କର ଶ୍ରମ ନିଷ୍ଫଳ ହେବାର ଦେଖିନ ଥାଉ ଜଣେ ସୁଲେଖକ ମଧ୍ୟରେ ପରିଗଣିତ ହେବେ । କୌଣସି କାବ୍ୟର ଏକଅଂଶ ମାତ୍ର ପଢ଼ି ସମାଲୋଚନା କରିବା ଅସଙ୍ଗତ । ବର୍ତ୍ତମାନ୍ କେବଳ ରଚନା ଛଟା ଦେଖି ଆମ୍ଭେମାନେ ଉପର ଲିଖିତ ମନ୍ତବ୍ୟ ପ୍ରକାଶ କଲୁଁ । ତାହା ଏକାବେଳକେ ଦୋଷଶୂନ୍ୟ ନ ହେଲେ ହେଁ ଗୁଣାଧିକ୍ୟରେ ଲୁଚିଯାଇ ଅଛି । ଦୁଇ ଏକଦୋଷ ଯାହା ଆମ୍ଭମାନଙ୍କ ଦୃଷ୍ଟିରେ ପଡ଼ିଲା ତାହା ନିମ୍ନେ ପ୍ରକାଶ କଲୁଁ । ଲେଖକ ଇଚ୍ଛିଲେ ଐକ୍ୟ ହେଲେ ଏଣିକି ପରବାରର ବିଷୟରେ ଯତ୍ନବାନ୍ ହେବେ । ଯଥା—

“ମୋହନରଙ୍ଗପାଇଁ ସିନା ଭବ ଏ ଦୁର୍ଦ୍ଦଶା ।
ଧନ୍ଦେ ଦେବଗଣ—” ଧା ୬୬ ଡ

“—ହେ ଯମ-ପାବକ
ବୃଥା ଏ ଆକ୍ଷେପ ତବ ଅଚ୍ଛିନ୍ନ ଶୂନ୍ୟ” ଧା ୨୩୮ ଡ

‘ତବ’ ଶବ୍ଦ ବହୁବଚନରେ ବ୍ୟବହାର ହେବା ସଙ୍ଗତ କି ?

“ଯେସନେ ପ୍ରାହ୍ଟାଗନେ ନିବାସ ତାପିତ” ଧା ୧୬୯ ଡ

‘ପ୍ରାହ୍ଟାଗନେ’ ସନ୍ଧିଦୋଷ ଘଟିତ ବୋଧ ହେଉ ଅଛି ।

“ନାଚିବ କେ କୃତ୍ୟକୃତ୍ୟ ହୋଇ ମନୋଲ୍ଲାସେ” ଧା ୪୦୬ ଡ

କୃତକୃତ୍ୟ ହେଲେ କି ଦୋଷପଡ଼ନ୍ତା ?

---

### ଇଂରାଜ ଅମଳରେ ଭାରତ ଧନୀ ନା ଦରିଦ୍ର ହେଉଅଛି ?

ବମ୍ବେଇର ଏକ ସମ୍ବାଦ ପତ୍ରରେ ଜଣେ ଭୂତପୂର୍ବ ସିଭିଲ୍‌ୟାନ ଏହି ପ୍ରଶ୍ନର ଗୋଟିଏ ମୀମାଂସା ପ୍ରକାଶ କରି ଅଛନ୍ତି । ତାହାଙ୍କ ସିଦ୍ଧାନ୍ତ ଏହିକି ଇଂରାଜଙ୍କ ଶାସନରେ ଭାରତବାସୀଙ୍କ ଅବସ୍ଥା ଅନେକ ଉନ୍ନତ ହୋଇଅଛି ଏବଂ ପ୍ରମାଣ ସ୍ୱରୂପ ଦେଖାଇ ଅଛନ୍ତି କି ଦେଶେ ଡକାଇତ ଇତ୍ୟାଦି ଦସ୍ୟୁ ଉଣା ହୋଇ ଅଛି, ବ୍ୟବସାୟ ବାଣିଜ୍ୟ ବଢ଼ୁଅଛି, ରେଲ୍ ବାଟ ବିସ୍ତାର ହେଉଅଛି, ବାଟ ଘାଟର ଉନ୍ନତି ହେଉଅଛି ଏବଂ କୃଷି କ୍ଷେତ୍ରର ଅଧିକ ବଢ଼ି ଅଛି । ସେ ଅଟୁର କହି ଅଛନ୍ତି କି ମଜୁରି ଓ କାରିଗରଙ୍କ ମଜୁରି ତନଗୁଣ ବଢ଼ିଅଛି, ମାଟି ବାସନ ବଦଳରେ କଂସା ପିତଳ ଓ ଲୁହାର ବାସନ ଅଧିକ ଲୋକେ ବ୍ୟବହାର କରୁଅଛନ୍ତି ଏବଂ ନାନାପ୍ରକାର ମନୋହାରୀ ପୋଷାକ ଇତ୍ୟାଦି ଖରିଦ କରୁ ଅଛନ୍ତି । ସର୍ବୋପରି ସେ କହି ଅଛନ୍ତି କି ଯାହା ପର୍ବାଦି ଉପଲକ୍ଷରେ ଅନେକ ଲୋକ ଏକତ୍ରିତ ହେବାର ସେ ଅନେକ ସମୟରେ ଦେଖି ଅଛନ୍ତି ମାତ୍ର କାହାର ଶରୀର ବା ମୁଖରୁ ଏପରି ଦେଖି ନାହାନ୍ତି ଯେ ସେ ଏକବେଳ ଖାଇ ଆରବେଳ ଉପବାସ ରହିବାର ଜଣାଯିବ ।

ଭୂତପୂର୍ବ ସିଭିଲ୍‌ୟାନ ମହାଶୟ ଭାରତବାସୀଙ୍କ ଅବସ୍ଥା ସମ୍ବନ୍ଧରେ ଉପର ଲିଖିତ ଯେଉଁ ପ୍ରମାଣମାନ ଦର୍ଶାଇ ଅଛନ୍ତି ସେ ସମସ୍ତ ଯେ ଅଯଥାର୍ଥ ଏହା ବୋଲଯାଇ ନ ପାରେ । ବରଂ ଆମ୍ଭମାନଙ୍କ ବିବେଚନାରେ ସେ କପଡ଼ା ଛତା ଏବଂ ପାନ ବଟୁଆ କଥା ଛାଡ଼ିଦିବାରୁ ତାହାଙ୍କର ବର୍ଣ୍ଣନା ସମ୍ପୂର୍ଣ୍ଣ ହୋଇ ନାହିଁ । ଅତି ସାମାନ୍ୟ ଅବସ୍ଥାରୁ ଲୋକ ସୁଦ୍ଧା ପାନ ଖାଇବା ଓ କପଡ଼ା ଛତା ଘେନିବାକୁ ଅଭ୍ୟାସ କରୁ ଅଛନ୍ତି । ମାତ୍ର ଏସବୁ ବାହ୍ୟାବସ୍ଥାରୁ ଲୋକେ ଧନୀ ହେବାର ସିଦ୍ଧାନ୍ତ କରିବା ଭ୍ରମାତ୍ମକ ବିନା ଆଉ କିଛି ନୁହେ । ଯେ ଯାହା ଅର୍ଜନ କରେ ସେ ଯେବେ ତାହା ସମସ୍ତ ସର୍ବୋ? ବ୍ୟୟକରି ଦିଏ ତେବେ ତାହାକୁ କି ଧନୀ ବୋଲାଯିବ ଏପ୍ରକାର ଲୋକ ଯେବେ ଧନୀ ହେବେ ଭାରତ ବାସିମାନେ ଅବଶ୍ୟ ଧନୀ ହେଉ ଅଛନ୍ତି । ପ୍ରକୃତରେ ଲୋକଙ୍କର ଅର୍ଜନ ପୂର୍ବାପେକ୍ଷା ବୃଦ୍ଧି ହୋଇ ଅଛି କିନ୍ତୁ ଶସ୍ତା ମୂଲ୍ୟର ବିଲାତି ଦ୍ରବ୍ୟ ଆମଦାନି ଏବଂ କାଳବଶ ବା ରାଜବ୍ୟବସ୍ଥା ବଶରେ ସାମାଜିକ ଶାସନର ଶିଥିଳତା ପ୍ରଯୁକ୍ତ ଲୋକଙ୍କର ବିଳାସିତା କ୍ରମେ ଏତେ ବୃଦ୍ଧି ହେଉଅଛି ଯେ ଲକ୍ଷେ ଅର୍ଜିଲେ ପଚ୍ଛକୁ ଅଣ୍ଟୁ ନାହିଁ । ସିଭିଲ୍‌ୟାନ ମହାଶୟ ଯେବେ ଦାଣ୍ଡର ଅବସ୍ଥା ଦେଖି ସନ୍ତୁଷ୍ଟ ନ ହୋଇ ଭିତରର ଅବସ୍ଥା ବୁଝିବାକୁ ଚେଷ୍ଟା କରିଥାନ୍ତେ ତେବେ ସେ ଭଲ ଚିତ୍ର ଦେଖିଥାନ୍ତେ ସନ୍ଦେହ ନାହିଁ । ଦାଣ୍ଡକୁ ଚିକ୍କଣ କରୁ ଘରେ ଖାଇବାକୁ ନାହିଁ ବର୍ତ୍ତମାନ ଅଧିକାଂଶ ଭାରତବାସିଙ୍କ ଅବସ୍ଥା ଏହିରୂପ ଅଟେ । ଦାଣ୍ଡ ଚିକ୍କଣ ରଖିବାକୁ ଲୋକେ ଅଧିକ ପ୍ରୟାସୀ ହେବାରୁ ଋଣ କରିବା ଦ୍ୱାରା ତାହା ଚରିତାର୍ଥ କରୁ ଅଛନ୍ତି ଏବଂ ଯାହା ରୋଜଗାର ହେଉଅଛି ତାହା ନିତ୍ୟ ଉତ୍ପାଦରେ ଖରଚ ହେବାରୁ ଋଣ ପରିଶୋଧ କରିବାକୁ ଅକ୍ଷମ ହୋଇ ଭିଟାମାଟି ପର୍ଯ୍ୟନ୍ତ ବିକ୍ରୟ କରୁ ଅଛନ୍ତି ଏବଂ ଅସହାୟ ଚରଣ ଅବଲମ୍ବନ କରୁ ଅଛନ୍ତି । ଭିଟାମାଟିର ମାୟା ଏ ଦେଶୀୟ ଲୋକଙ୍କର ଅତ୍ୟନ୍ତ ପ୍ରବଳ ଏକଥା ସମସ୍ତେ ଯାଣନ୍ତି । ମାତ୍ର ରେଜଷ୍ଟ୍ରୀ ମହକୁମା ଏବଂ ଷ୍ଟେଟ ଅଦାଲତରେ ଯାଇ ଦେଖ କେତେ ଭିଟାମାଟି ଖୋସ ବିକ୍ରୟ ବା ନିଲାମ ହେଉଅଛି । ଲୋକଙ୍କର ଧନବୃଦ୍ଧି ହେଉଥିଲେ କି ଏପରି ଘଟନ୍ତା ଏହାଯେବେ ଦରିଦ୍ରତାର ଚିହ୍ନ ନୁହେ ତେବେ ଆଉ କି ବୋଲାଯିବ ? ଅବଶ୍ୟ ଏ ଦରିଦ୍ରତାର ହେତୁ ଏକା ରାଜଶାସନ ନୁହେ । ଲୋକଙ୍କର ଅପରିଣାମ ଦର୍ଶିତାରୁ ମଧ୍ୟ ଏହା ଘଟୁଅଛି । ମାତ୍ର କାରଣ ଯାହାହେଉ ଲୋକେ କ୍ରମାଗତ ଦରିଦ୍ର ହେଉଅଛନ୍ତି ସନ୍ଦେହ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

କଟକର ଅଫିସିଏଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଉଇଲସ ନଡ୍ ୩ ଗ୍ରେଡର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ବାହାଲ ହେଲେ । କିନ୍ତୁ ଅନ୍ୟାଜ୍ଞାପର୍ଯ୍ୟନ୍ତ ୨ୟ ଗ୍ରେଡରେ କାର୍ଯ୍ୟ କରୁଥିବେ ।

ଡେପୁଟି ମାଜିଷ୍ଟ୍ରେଟ ନବାବ ସୟଦ ଅମୀର ହୋସେନ ବ୍ୟବସ୍ଥାପକ ସଭାର ସଭ୍ୟପଦରେ ନିଯୁକ୍ତ ହୋଇଅଛନ୍ତି ।

ପୁରୀ ଡାକ୍ତରଖାନାର ଅଫିସିଆଟ ସର୍ଜନ ବାବୁ ଶ୍ୟାମନାରାୟଣ ଗୁପ୍ତ କଲିକତା ମେଡ଼ିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେବାରେ ତାଙ୍କ ସ୍ଥାନରେ ଅଃ ସର୍ଜନ ବାବୁ ସୁରେନ୍ଦ୍ର ବାନାର୍ଜ୍ଜି ପୁରୀ ଡାକ୍ତରଖାନା ଭାର ଗ୍ରହଣାର୍ଥେ ନିଯୁକ୍ତ ହେଲେ ।

କଟକ ରେଭେନସା କଲେଜର ଅସ୍ଥାୟୀ ଅଧ୍ୟାପକ ବାବୁ ରାମଚନ୍ଦ୍ର ମୁଖର୍ଜ୍ଜୀ ୫ମ ଶ୍ରେଣୀରେ ନିଯୁକ୍ତ ହେଲେ ।

ବାଲେଶ୍ୱରସ୍କୁଲ ସମୂହର ଡେପୁଟୀ ଇନସ୍ପେକ୍ଟର ବାବୁ ରଘୁନାଥ ଘୋଷ ୫ମ ଶ୍ରେଣୀରେ ନିଯୁକ୍ତ ହେଲେ ।

ବାଲେଶ୍ୱର ଜିଲ୍ଲାସ୍କୁଲର ୨ୟ ଶିକ୍ଷକ ଗତ ଜାନୁଏରୀ ମାସ ତା ୨୦ ରିଖରୁ ଜୁନମାସ ତା ୩୦ ରିଖ ପର୍ଯ୍ୟନ୍ତ ୭ମ ଶ୍ରେଣୀରେ ଏକଟିଂ ନିଯୁକ୍ତ ଥିଲେ ଜୁଲାଇ ତା ୧ ରିଖ ଠାରୁ ବାହାଲ ହେଲେ ।

---

ଅତିବୃଷ୍ଟି ଯୋଗେ ସିନ୍ଧୁ ନଦୀରେ ପ୍ରବଳ ବନ୍ୟା ହୋଇଥିବାର ସମ୍ବାଦ ମିଳିଲା ।

ପାମୀର ଅଞ୍ଚଳରେ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଉତ୍ତମରୂପେ ଚଳୁଥିବାର ସମ୍ବାଦ ମିଳଇ । କଥିତ ହୁଏ ଚଳିତମାସ ଶେଷ ହୋଇନୁ ଉକ୍ତକାର୍ଯ୍ୟ ଶେଷ ହୋଇଯିବ । ଉଭୟ ପକ୍ଷର କର୍ମଚାରୀମାନେ ମିଳାମିଶି କାର୍ଯ୍ୟ କରୁଅଛନ୍ତି । ଉଭୟ

Digitized by srujanika@gmail.com

କଲିକତା ହାଇକୋର୍ଟର ଓକିଲବାବୁ ମୋହିନୀ ମୋହନ ରାୟ ଭାରତ ବ୍ୟବସ୍ଥାପକ ସଭାର ସଭ୍ୟପଦରେ ନିଯୁକ୍ତ ହୋଇଥିବାରୁ ହାଇକୋର୍ଟର ଓକିଲମାନେ ଗତମାସ ତା ୩ ରିଖରେ ତାଙ୍କ ଅଭିନ ଅଭ୍ୟର୍ଥନା କରିବା ଅଭିପ୍ରାୟେ ମଜଲିସ କରିଥିଲେ । ଉକ୍ତ ମଜଲିସରେ ନାନା ତାମସା ହୋଇଥିବାରୁ ସମସ୍ତେ ଏକତ୍ରିତ ହୋଇ ଭୋଜନ କରିଥିଲେ । ପରେ ମିଷ୍ଟ ବଡକରୋଲନରଙ୍କ ଦିଭାଙ୍କ ଅଭ୍ୟର୍ଥନା କରି ସମସ୍ତେ ତାଙ୍କର ଏ ସୁଖ ମଙ୍ଗଳ ଆଶୀର୍ବାଦ କଲେ । ସୁହାସ୍ୟ ସେବକର ଏପରି ସମାଦର ଲକ୍ଷଣର ପରିଚାୟକ ।

ଗାଜିପୁରଠାରୁ ସମ୍ବାଦ ମିଳିଅଛି ଯେ ପୂର୍ବେ କୋଇଲାଖଣିର ଜଣେ ଇଂରେଜ କର୍ମଚାରୀ ହୋଇଥିଲା । ସେ ତାର ଛୁଟିକା ସାଥୀର୍ଥ ଭୃତ୍ୟଙ୍କର ମେହେନ୍ତରକୁ ତଡିବା କାରଣରୁ କଢ଼ୁଆ ମାନଙ୍କୁ ବଧ ଉଦ୍ଦେଶ୍ୟ ଗଲେ ତାହା ପଛେଟରେ ଥିବା ବଗାଡିଏ ବମ ଦୁଇଟା ଗୁଳିରେ ଉଷ୍ଣୀରୁ ତାହାକୁ ଛୁଟି କରିଦେଇଥିଲା । ଅଳ୍ପ ଦିନ ପରେ ସେହି ଲୋକ ପୀଡ଼ା ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳିଛି ।

ପାଟଣା ଜିଲ୍ଲା ଛାପ୍ରାଠାରେ ଘୋଡ଼ଦୌଡ଼ ଭୂମିର କଳା ହଙ୍ଗାମା ଅନୁଷ୍ଠାନରେ ସମୁପସ୍ଥିତ ହୋଇଥିବାର ସମ୍ବାଦ ମିଳିଛି । ଦୁଷ୍ଟ ବଜାର ଏ ସେନ ବନ୍ଦ ହୋଇଯାଇ ଥିଲା ଏବଂ ସେମାନଙ୍କୁ ଦମନ କରିବା ପାଇଁ ସେନା ସାହାଯ୍ୟ ଲୋଡ଼ିବାକୁ ହୋଇଥିଲା । ୫୨୦ଣ ଲୋକ ନଗ୍ରବନ୍ଦ ଅଛନ୍ତି ।

ବାବୁ ଲାଲ ଅମୀରଖଣ୍ଡ ସ୍ୱଳ୍ପକୁମାର ଜିଦ୍ଧିନ୍ଦ୍ରନାଥଙ୍କ ମହୋଦୟଙ୍କ ଦଳର ପଦାତ୍ୟାଗରେ ସ୍ୱଜନୈତିକ କାରଣପାଇଁ ବଦଳି ହୋଇଛନ୍ତି ।

ସିମଲାଠାରେ ଗତମାସରେ ସର୍ବଶ୍ରେଷ୍ଠ ଗୃହକୁ ଭେ-ଟେମ୍ବଲ ଏ ଅଳଙ୍କାର ରେଷ୍ଟ ଯାଇଥିଲା । ଗତମାସ ପ୍ରାରମ୍ଭ-ରେ ମେ ସବୁ ଘଟିଥିବା ବଜାରେ ବଜାହୋଇ ବଳଦ ଖୋଇସବର ଜଳବାଟେ ପଡ଼ିଆରେ ଦେଖାଗଲା । ସେ ଘଟଣା ବଡ଼ ଭୟଙ୍କର ।

ବାବୁଲର ଅମୀର ସ୍ୱଳ୍ପ ଗୁଜରାଟଙ୍କ ପତ୍ନୀ ଓ ବଲ୍ଲଭମା ହିନ୍ଦୁ ଅନୁରକ୍ତ ଥିଲେ ଏବଂ ତାଙ୍କ ପୁତ୍ରବଧୂଙ୍କୁ ଜାଗାପ୍ରକାର ସହ ଲୋଟିଅଛନ୍ତି ।

## ଉଦ୍ଧବିନ୍ଦପୁରର-ସମ୍ବାଦ ।

ଶ୍ରୀ ଲକ୍ଷ୍ମୀଙ୍କ ଗୁରୁଭାଇ ମୌଜାରେ ଉପଭୋଗ କାଳର ଜଣେ ଲୁଣଦଳ ସ୍ତ୍ରୀ ଏକାବେଳକେ ଦୋ ୩ ଟି ସନ୍ତାନ ପ୍ରସବ କରିଅଛି । ତହିଁମଧ୍ୟରୁ ଦୁଇଟି ମରି ଯାଇ ଗୋଟିଏ ଜୀବିତ ଅଛି ।

ଅନୁଗୁଳର ସବ୍‌ଡିଭିଜନ ଅଫିସର ବାବୁ ବାହାଦୁର ଏ ବର୍ଷାରେ ସୁବର୍ଣ୍ଣମହ କରି ଅନୁଷ୍ଠିତ ମାଜିଷ୍ଟ୍ରେଟ ଅଫିସ, ତାଲୁକଦାର, କେଳପାଳ ଓ ଥାନାର ସ୍ଥିତ ପରିଦର୍ଶନ ହେବାର ସମ୍ଭାବ ଥିବାରୁ ଜଳବାୟୁ ଭଲ ନଥିବାରୁ ଏଠାରୁ ଫେରି ଯାଇଅଛନ୍ତି ।

ଅତି ଦୁଃଖର ସହିତ ମାଜିଷ୍ଟ୍ରେଟର ବାବୁ ଜଗମୋହନ ଦାସ ବ ୧୧ ବର୍ଷ ହେବ ଜହ୍ନ ଏ ଜଗତରେ ଅନେକ ଦୁଃଖ ଭୋଗି ଅଛନ୍ତି ।

ବାବୁ ବଳିଭଦ୍ର ମହାପାତ୍ର ଉପରାନ୍ତେ ଏଠାକୁ ଆସି ତାହାଙ୍କ ବଦଳି କାର୍ଯ୍ୟମାନ ପରିଦର୍ଶନ କରି ଗତ କାଲି ତା ୭ ରିଖରେ ପ୍ରତ୍ୟାଗମନ କରିଅଛନ୍ତି ।

## ଭଦ୍ରପଲ୍ଲୀ-ସମ୍ବାଦ ।

ଏଠାରେ ଜଳର ସୀମା ଅଛି ପରେ ସମସ୍ତେ ଅନ୍ନ ଜଳାଭାବ ହୋଇଛନ୍ତି ।

ପୁରୀ ରଥଯାତ୍ରା ଫେରନ୍ତା ଏକ ଜମାତ ଏଠାରେ ପହଞ୍ଚି ଭକ୍ତିମାର୍ଗ କଷ୍ଟାଇବାର ପ୍ରାର୍ଥନା କରିବାରୁ ସେଠା ଅନେକଲୋକ ଏକତ୍ର ହୋଇ ଥିଲେ । ଏହି ଜମାତରେ ତେର ଶତ ସାଧୁ ଗୋ ୨୦ ଟା ଘୋଡ଼ା ଓ ଗୋ ୪ ଟା ଓଟ ଅଛନ୍ତି । ଦୈନିକ ବ୍ୟୟ ଓ ୨୫।୩୦ କାରୁ ଉଣା ନୁହେ । ରଜାଙ୍କର ଏକୋଣାରେ ପ୍ରଜାମାନେ ବଡ଼ ଅନନ୍ଦ ଅଛନ୍ତି ।

ଏ କଥା ଏଠା ଭଣ୍ଡାରରେ ଶ୍ରୀ ଜଗନ୍ନାଥ ଦଳ ପ୍ରଚଳିତ ଦେବତାଙ୍କ ମନ୍ଦିର ସ୍ଥାପନ ପାଇଁ ଥିବାରୁ ପ୍ରତି ଘଣ୍ଟା ଅନେକ ଯାତ୍ରୀ ତାହାଙ୍କ ଦର୍ଶନ ଆଶାରେ ଏହି ଗାଡି ଗମନାଗମନ କରନ୍ତି । ଏଠାରେ ଯେଉଁ ସାଧୁମାନେ ଉଚ୍ଚ ତାହାଙ୍କ ଦୈନିକ ୫୦ । ଲେଖାଏ ଖୋରାକ ଦେବାର ସଙ୍ଗେ ବନ୍ଦୋବସ୍ତ କରି ଦେଇଅଛନ୍ତି ।

## ଯାଜପୁର ସମ୍ବାଦ ।

ଏଠାକାର ମଜିଷ୍ଟ୍ରେଟ ପ୍ରମୁଖ କାବୁ କଟକ ଜିଲ୍ଲାର ଅତିରିକ୍ତ ପାଇ ବାଲେଶ୍ୱରର କାର୍ଯ୍ୟ ଶେଷ କରି ଗତମାସ ତା ୫ ରିଖରୁ ଏଠାରେ ଅବସ୍ଥାନ କରୁଅଛନ୍ତି ।

ଗୁଜବାରଲେ ମୁନସଫି କଚେରୀ ସ୍ଥାପିତ ହେବା ପ୍ରାର୍ଥନା ସମ୍ବନ୍ଧରେ କଟକର ଜଜ ସାହେବଙ୍କ ଆଦେଶ ମତେ ଏଠା ମୁନସଫ ରିପୋର୍ଟ ତଦାରଖ କରି ଦେଖିଲେ ଯେ ଗୁଜବାର ଥାନା ଏଲେକାରୁ ଗତ ପାଞ୍ଚବର୍ଷରେ ସର୍ବସୁଦ୍ଧା ମୋଟ ୬୯୦-ଗୋଟି ମକଦ୍ଦମା ରୁଜୁ ହୋଇଅଛି ତହିଁ ମଧ୍ୟରୁ ଦଣ୍ଡନୀୟ ଜାଇସ ନିମ୍ନର ଓ ବାକି ମୁନସଫକୋର୍ଟ ଓ ଷ୍ଟାମ୍ପ କାଗଜ ଅଛି ଗୁଜବାର କାର୍ଯ୍ୟକର ପ୍ରାର୍ଥନା ପୂର୍ଣ୍ଣ ହେବାର ଆଶା ଦେଖାଯାଉ ନାହିଁ ।

ଏଠାକାର ଟାଉନ ଉପସଭାପତିମାନେ ଜୟପୁର ଟାଉନ-ବାସୀ କଟେଣୀ ସାମୀ ପ୍ରଭୃତିଙ୍କ ଉପରେ ସମସ୍ତେ ଏଥି ଅତ୍ୟାଗ୍ରହ କରନ୍ତି । ସେମାନେ ଲୋକ ଥିବା ବଦେଶୀ ଲୋକ ଦୁଆରୁ ତାହାକୁ ତଡିବାର ବନ୍ଦ କ ପାଇ ବାଧ୍ୟ ହୋଇ ଉକ୍ତ ଅତ୍ୟାଗ୍ରହ ସହ୍ୟ କରି ଚୁପ ହୋଇ ରହନ୍ତି । ସେଥି ମଧ୍ୟରୁ ଏକଜଣ ଟାଉନ ବୈଷ୍ଣବକାର ଅଧ୍ୟକ୍ଷର ଅନୁରେ ଉପଦେଶ କର୍ମ । ଏହି ଟାଉନ ପ୍ରେସିଡେଣ୍ଟ ଦେଖିବାର ମୌଜାର ନାରାୟଣୀ ଖାମ୍ପି ଏକ ଲକ୍ଷ୍ମୀ ଶ୍ରୀ ବୋଲି ନନ୍ଦ ଶିବପ୍ରସାଦ ଜାନକ ଟାଉନ ବୈଷ୍ଣବଙ୍କ ନିଜ ପୋଖରୀ ପଡ଼ୁକଠା ଉତ୍ସପାଳନରେ ଭଣିବାକୁ କହିବା ଓ ସେ ଶ୍ରୀ ଦେବାକୁ ପଣସକଠା ଆଣିଥ ବୋଧ ହୁଏ ସେ କେଉଁଠାରୁ ପଣସକଠା ଲୋକ କରି ଅଣିବାର କହି ତାକୁ ଆଗାକୁ ଅଧିକ ସ୍ୱାମବାସିମାନେ ଅନୁଗ୍ରହ ବନ୍ଧୁ କରି ଲଜ୍ଜା ଦେବାକୁ କହିବାରେ ବୈଷ୍ଣବର ୫ ୭ ଟା ପାଞ୍ଚ ମାଡ଼ିଏ ଗ୍ରାମବାସିମାନେ ନାରାନ୍ତ ପରେ ୫।୧ ରେ ପାର୍ଶ୍ୱ ଦେବାକୁ ନାରାୟଣୀ ତାହା ଦେଇ ରକ୍ଷା ପାଇଲା । ନାରାୟଣୀର ଭାଇ ଗୋବର୍ଦ୍ଧନ ଦାସ ଏହା ଶୁଣି ଯାଜପୁର ଥାନାରେ ଏ-ତଲ୍ଲା ଦେବାକୁ ଉଦାରଣ ଇଜାହାର ସବଡ଼ିଭିଜନ ମାଜିଷ୍ଟ୍ରେଟ ଟାଉନ ବୈଷ୍ଣବର ବିରୁଦ୍ଧରେ ଜାମିନ ଦେଇ ପ୍ରଦେଶ ଅଲ-ଗତ ଓ ୧୭।୮।୯୫ ତା ଅନୁସାରେ ମକଦ୍ଦମା ଚା-ଲୁ କଲେ । ଏହି ଦେଖଣରେ ଅନ୍ୟାନ୍ୟ ଟିକଶିଳ୍ପ ଟାଉନ ବୈଷ୍ଣବର ପଟେଲ ବହୁତ ଗୁହାରୀଙ୍କ ଆସବାବର ଅଗ୍ନି ପାଇ ନାହିଁ । ଏଥିରେ ଟାଉନର ଅତ୍ୟାଚାରସ୍ରୋତ କିଛି କମ ହୋଇଅଛି ।

## ପତ୍ରପ୍ରେରକଙ୍କ ପତ୍ର ।

ହିଁ ଦୁଲଲ୍ଲଭରକୁ—ଆପଣ ଯାହା ମତେ କରିଅଛନ୍ତି କି ଲୁଗାପଟା ଦେବାର ଉପରେ ନଗଦ ଟଙ୍କା ଦେବା ସହିତ ବାମଣ୍ଡା ସୂଚାଙ୍କର ନୂତନ ପ୍ରଥା ତାହା ଠିକ ନୁହେ । ପ୍ରାୟ ସକଳ ଲକ୍ଷାଳରେ ଏ ସ୍ଥଳ ପ୍ରଚଳିତ ଅଛି କେବେ ସ୍ୱଜ୍ୟ କର୍ମଚାରୀ ଆର୍ଥିକ ଅବସ୍ଥା ଓ ସ୍ୱଭାବ ଉପରେ ଟଙ୍କାର ପରିମାଣ ନିର୍ଭର କରେ । ଏହି ଟଙ୍କା ଅସଲ୍ଲିକ ଜାଲିର ଫାଲ ଇତ୍ୟାଦି ଖରଚର ସହ ହେଲେ ତାହାକୁ ବାଟଖରଚ ଏବଂ ତହିଁରୁ ଅଧିକ ହେଲେ ମେଲଣି ବୋଲି ଯାଏ । ବାଟଖରଚ ପ୍ରଥା ଏକା ସଙ୍ଗ ଜାତିକ ଭଦ୍ରଲୋକଙ୍କ ମଧ୍ୟରେ ସାଧାରଣ ବୋଲିଯାଇ ପାରେ । କୌଣସି କନ୍ୟାକୁ ଅମଡଣ କରି ଆଣିଲେ ପାଲିକ ଇତ୍ୟାଦିରୂପେ ବାଟଖରଚ ଆଗେ ପଠାଇବା ଅଥବା ପଛେ ଯାଉବାର ରୀତି ଅଛି । କେହି ତାହା ଗ୍ରହଣ କରନ୍ତି ଓ କେହି ନାସ୍ତି କରନ୍ତି ମାତ୍ର ଯାଚନାଦ୍ୱାରା ଅନର୍ଥ୍ୟାଦା ହେଲା ବୋଲି କେହି ମନେ କରନ୍ତି ନାହିଁ । ମେଲଣି କେବଳ ସେହିମାନେ ଚାହାନ୍ତି ଅଥବା ଆଶା କରନ୍ତି ଯେଉଁମାନଙ୍କର ବ୍ୟବସାୟ ହିଁ ଯୋଗାଡ଼ର କରିବା ଯଥା ପଣ୍ଡିତ ବ୍ରାହ୍ମଣ ପଣ୍ଡିତ ଭାଟ ଗାୟକ ବାଦକର ଇତ୍ୟାଦି । ଏ ସବୁ ଯେଉଁମାନଙ୍କର ଜୀବିକା ଉପାୟର ଅବଲମ୍ବନ ନୁହେ ସେମାନେ ସେ ସବୁ ଗୁଣରେ ଭୂଷିତ ହୋଇଥିଲେ ମଧ୍ୟ ତହିଁପାଇଁ ମେଲଣି ଦେବା ବା ଗ୍ରହଣ କରିବା ଶିଷ୍ଟାଚାର ବୋଲିଯାଇ ନ ପାରେ । ପ୍ରଚଳିତ କଥା ଅଛି ଯେ "ଦେଇଠୁଁ ପୁଣ୍ୟ ନାହିଁ,ମାଗିଲଠୁଁ ପାପ ନାହିଁ" । ମାଗିବାଟା କେବେକେବେ ପ୍ରକାଶ୍ୟ ଓ କେବେକେବେ ପ୍ରକାରାନ୍ତର ହୋଇଥାଏ ମାତ୍ର ପର ସନ୍ତୋଷେ ମାଗିବା ପୃଥକ୍ କଥା । ଫଳରୁ ଆପଣ ଯେ ଲେଖିଅଛନ୍ତି କି ବାଟଖରଚ, ମେଲଣି, ମର୍ଯ୍ୟାଦା ଇତ୍ୟାଦି ନାମ ନୁହେ ତାହା ଯଥାର୍ଥ ଏବଂ ଆପଣଙ୍କ ପତ୍ର ଗୋଟିଏ ସାମାଜିକ ବିଷୟ ସମ୍ବନ୍ଧରେ ଥିବା ପ୍ରତ୍ୟେକେ ତହିଁର ପ୍ରତିବାଦରେ ଯେଉଁମାନେ ଦାନ ଅବାଚାର କଥା ବାହାର କରି ଅଛନ୍ତି ସେମାନେ ହିନରେ ପଡ଼ି ଅଛନ୍ତି ସନ୍ଦେହ ନାହିଁ । ସେ ସମ୍ବନ୍ଧରେ କେବଳ ଏତିକି ବୋଲିଯାଇ ପାରେ ଯେ ଅନ୍ୟ ଲୋକ ଅପେକ୍ଷା ବଦାନ୍ୟ ପ୍ରକୃତିର ଲୋକମାନେ ଅଧିକ ମେଲଣି ଇତ୍ୟାଦି ଦିଅନ୍ତି ବୋଲି ଦାନ ବୋଲି ସମ୍ଭବତଃ ବୁଝନ୍ତି । ପ୍ରକୃତରେ ମେଲଣି ପ୍ରଭୃତି ଦାନ ସ୍ୱରୂପ ବୁଝାଉ ହେଉଥିବେ କ୍ରିୟାକଳାପ ସମ୍ବନ୍ଧରେ ପଣ୍ଡିତମାନେ ବଙ୍ଗଳା ପର୍ଯ୍ୟନ୍ତ ଲୋକଙ୍କ ବଦାନ୍ୟର

Split by PDF Splitter
Digitized by srujanika@gmail.com

Split by PDF Splitter



ପରିମାଣ ଲେଖା ହୋଇଥିବା ସ୍ଥଳେ ବନ୍ଦୋବସ୍ତର କଥା ମଧ୍ୟ ଘୋଷିତ ହୋଇଥାନ୍ତା । ପତ୍ରପ୍ରେରକ ମହାଶୟଙ୍କ ବିବେଚନାରେ ଯେବେ ଆମ୍ଭମାନଙ୍କ ଲେଖାରେ କିଛି ଭ୍ରମ ବା ଅସଙ୍ଗତ କଥା ଥାଏ ଜଣାଇଲେ ତାହାର ଉଚିତ ବିଚାର ହେବ ।

ସମ୍ପାଦକ

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ଉଦାର ଚରିତେଷୁ ।

ମହାଶୟ !

ଆପଣଙ୍କ ଜଗଦ୍ବ୍ୟାପୀ ପତ୍ରିକାରେ ମୋହର ନିମ୍ନଲିଖିତ କେତେକ ପଂକ୍ତିକୁ ଅନୁଗ୍ରହ ପୁରଃସର ସ୍ଥାନ ଦାନ କଲେ ଚରିତାର୍ଥ ହେବି ।

ଆମ୍ଭମାନଙ୍କର ବୃଦ୍ଧପୂଜ୍ୟ ରାଜା ନିତ୍ୟାନନ୍ଦ ଭୂପତି ହରିଚନ୍ଦନ ମହାପାତ୍ର ଗତ ଜୁଲାଇ ମାସ ତା ୧୧ ରଖ ଗୁରୁବାର ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ମାନବ ଲୀଳା ସମ୍ବରଣ ପୂର୍ବକ ଆମ୍ଭମାନଙ୍କୁ ଅନାଥ କରି ନିତ୍ୟଧାମକୁ ଗମନ କରିବାରୁ ସେହି ଦିନ ଅପରାହ୍ନରେ ତାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀମାନ୍ ଟୀକାୟତ ବାବୁ କୃତ୍ତିବାସ ବୀରବର ମର୍ଦ୍ଦରାଜ ଭୂପତି ହରିଚନ୍ଦନ ମହାପାତ୍ର ଉପାଧି ଧାରଣ କରି ରାଜସିଂହାସନାରୂଢ଼ ହେଲେ । ଅନନ୍ତର ନୂତନ ରାଜା ମହୋଦୟ ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଅନୁମାନିକ ପ୍ରାୟ ସାତ କି ଆଠ ହଜାର ଟଙ୍କା ବ୍ୟୟ କରି ଉତ୍ସବରୂପେ ବ୍ରାହ୍ମଣ, ବୈଷ୍ଣବ, ଓ ଦରିଦ୍ର ପ୍ରଭୃତିଙ୍କୁ ମିଷ୍ଟାନ୍ନ ଭୋଜନ, ସ୍ୱର୍ଣ୍ଣ, ରୌପ୍ୟ ବସ୍ତ୍ରାଦି ଦାନ ଏବଂ ବଦାନ୍ୟ ଟ ୧ ଠାରୁ ଟ ୦।୵ ହିଁ ଅଣା ପର୍ଯ୍ୟନ୍ତ ଦେଇ ଅନ୍ଦାଜ ୧୦୦୦୦ ଦଶହଜାର ବ୍ୟକ୍ତିଙ୍କୁ ଅପ୍ୟାୟିତ କରି ଅଛନ୍ତି । ଯାହା ଶ୍ରାବଣ ମାସରେ ଏପରି ମହତ କ୍ରିୟା କର୍ଦ୍ଦମରେ ସମ୍ପନ୍ନ ହେବା ଓ ଇନ୍ଦ୍ରଦେବଙ୍କ ଦ୍ୱାରା କିଛି ଅନିଷ୍ଟ ନ ହେବାରୁ ସ୍ୱର୍ଗୀୟ ନିତ୍ୟାନନ୍ଦ ଭୂପତି ଯେ ପୁଣ୍ୟବନ୍ତ ପୁରୁଷ ଥିଲେ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଏବଂ ତାହାଙ୍କ ପ୍ରକୃତିରୁ ନୂତନ ରାଜା ସାହେବ ନିଶ୍ଚୟ ପରମ ସୁଖୀ ଓ ଯଶସ୍ୱୀ ହେବେ ।

ନବୀନ ରାଜା ତାଙ୍କ ବୈକୁଣ୍ଠଗାମୀ ପିତାଙ୍କ ଚରିତ୍ରସ୍ମରଣାର୍ଥ ଏ ନିଜଗଡ଼ ମୁକାମରେ ଏକ ସଂସ୍କୃତ ସ୍କୁଲ ଅଉ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ଆଗାମୀ ସନଠାରୁ ସଂସ୍ଥାପନ କରିବାର ସଙ୍କଳ୍ପ କରି ଥିବାର ଜନରବ ଉଠି ଅଛି ଯେ ବର୍ତ୍ତମାନ ସେପରି ନିୟମରେ ରାଜକାର୍ଯ୍ୟ ପରିଚାଳନା କରୁ ଅଛନ୍ତି ତହିଁରୁ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ହେଉ ଅଛି ଯେ, ଅଚିରେ ଆମ୍ଭେମାନେ ପରମ ସୁଖୀ ହେବୁଁ ଏବଂ ଆମ୍ଭମାନଙ୍କର ଅଧୁନାକ ଶୋଚନୀୟ ଦୁରବସ୍ଥା ଦୂରୀଭୂତ ହେବ—ଅଳମିତିବିସ୍ତରେଣ ।

। ନି । ନିଜଗଡ଼ ମୁକାମ ।
ସ୍କୁଲ
ତା ୮।୮।୯୫

ଆପଣଙ୍କ ଏକାନ୍ତ
ବଶମ୍ବଦ ଶ୍ରୀ ରାମଚନ୍ଦ୍ର
ନାୟକ ହେଡ଼ ପଣ୍ଡିତ

---

ମହାଶୟ !

ଓଡ଼ିଆ ପୁସ୍ତକମାନଙ୍କରେ ଆଜିକାଲି ମହା ବିଭ୍ରାଟ ଘଟିଅଛି । କୌଣସି ପାଠ୍ୟପୁସ୍ତକ ସମ୍ବନ୍ଧରେ ଯେଉଁ ବିଭ୍ରାଟ ଘଟିଅଛି, ତତ୍ସମ୍ବନ୍ଧରେ ଆମ୍ଭେମାନେ ଏ ପ୍ରସ୍ତାବରେ କିଛି କହିବୁ ନାହିଁ । ଏଥି ପୂର୍ବେ କେହି କେହି ସେ ବିଷୟ ସମ୍ବାଦପତ୍ରରେ ଉତ୍ଥାପନ କରିଅଛନ୍ତି—ଏବଂ ଭବିଷ୍ୟତରେ ଉତ୍କଳଭାଷାର ଉନ୍ନତି ପ୍ରୟାସୀ ସାହିତ୍ୟାନୁରାଗୀ ସୁଧୀବର୍ଗଙ୍କ କର୍ତ୍ତୃକ ଏ ବିଷୟ ସମ୍ୟକ ଆଲୋଚିତ ହେବ, ଏପରି ଆଶା ମଧ୍ୟ ଅଛି । ଆନ୍ଦୋଳନ ଜୀବନୀ ଶକ୍ତିର ପରିଚାୟକ । ସୁତରାଂ ଏ ବିଷୟରେ ଆନ୍ଦୋଳନ ଏକାନ୍ତ ବାଞ୍ଛନୀୟ ।

ଆମ୍ଭେମାନେ ଯେଉଁ ବିଭ୍ରାଟର କଥା ଉତ୍ଥାପନ କରିବାକୁ ପ୍ରବୃତ୍ତ ହୋଇଅଛୁଁ—ତାହା "ଉତ୍ସର୍ଗପତ୍ରର" ବିଭ୍ରାଟ । ଯେତେ କ୍ଷୁଦ୍ରାକୃତିର ପୁସ୍ତକ ହେଉ ନା କାହିଁକି—ଫିଟାଇ ଦେଖ, ଦେଖିବାକୁ ପାଇବ ଯେ ତାହା ରାଜା ମହାରାଜାଙ୍କର ନାମରେ ଉତ୍ସୃଷ୍ଟ । ଗ୍ରନ୍ଥକାରମାନେ ସ୍ୱପ୍ରଣୀତ ପୁସ୍ତକ ପୁସ୍ତିକା ସମୂହକୁ ରାଜା ମହାରାଜାଙ୍କ ନାମରେ ଉତ୍ସର୍ଗ କରି ଆନ୍ତରିକ ଭକ୍ତି ଓ କୃତଜ୍ଞତାର ପରାକାଷ୍ଠା ପ୍ରଦର୍ଶନ କରନ୍ତି, ତହିଁରେ ଆମ୍ଭମାନଙ୍କର କିଛି କହିବାର ନାହିଁ । କାରଣ, ଉସବୁ ସେମାନଙ୍କର ନିଜସ୍ୱ—ସ୍ୱସମ୍ପତ୍ତିର ଯଥେଚ୍ଛା ଦାନରେ ସେମାନଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି । କିନ୍ତୁ ଅନ୍ୟାନ୍ୟ ଗ୍ରନ୍ଥକାରମାନଙ୍କ କୃତ ଗ୍ରନ୍ଥସମୂହ ଭାଷାନ୍ତରିତ କରି ମୁଦ୍ରିତ କରିବା ନିମିତ୍ତେ ଅନୁମତି ପ୍ରାପ୍ତ ପ୍ରକାଶକମାନେ କିନ୍ତୁ ଗ୍ରନ୍ଥମାନଙ୍କୁ ଯଥେଚ୍ଛା ଉତ୍ସର୍ଗ କରି ପାରନ୍ତି କି ନାହିଁ, ତଦ୍ବିଷୟରେ ଆମ୍ଭମାନଙ୍କର ଗଭୀର ସନ୍ଦେହ ଅଛି ।

ଭକ୍ତି ଭାଜନ ଶ୍ରୀଯୁକ୍ତ ତାରକୁମାର କବିରତ୍ନଙ୍କ କୃତ " ଶ୍ରୀମୂର୍ତ୍ତି ଦର୍ଶନର " ଉତ୍କଳାନୁବାଦ ସମ୍ପ୍ରତି ବିତରଣୋଦ୍ଦେଶ୍ୟରେ କାମଣ୍ଡା ସୂତଳ ପ୍ରେସରୁ ପ୍ରସ୍ତୁତ ହୋଇଅଛି । ପ୍ରକାଶକ ମହାଶୟ ତାହାକୁ ଶ୍ରୀଯୁକ୍ତ ମଧୁସୂଦନ ରାଓଙ୍କର ସୁପବିତ୍ର ନାମରେ ଉତ୍ସର୍ଗ କରିଅଛନ୍ତି । ସ୍ଥାନେ ଉତ୍ସର୍ଗପତ୍ରର ଏକସ୍ଥାନରେ ମଧୁବାବୁଙ୍କୁ "ଉତ୍କଳ ଖଣ୍ଡରେ ସମ୍ପ୍ରତି "ଆଦର୍ଶ ମନୁଷ୍ୟ" ନାମରେ ସୁପରିଚିତ" ବୋଲି ଉଲ୍ଲେଖ କରିଅଛନ୍ତି । ମଧୁବାବୁଙ୍କ ପ୍ରତି ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧା ଓ ଭକ୍ତି ଅଛି ସୁତରାଂ ସେ ଆମ୍ଭମାନଙ୍କ ନିକଟରେ ଆଦର୍ଶ ମନୁଷ୍ୟ ବୋଲି ଗଣ୍ୟ ହୋଇ ପାରନ୍ତି । କିନ୍ତୁ ସମସ୍ତ ଉତ୍କଳଖଣ୍ଡ ତାହାଙ୍କୁ "ଆଦର୍ଶ ମନୁଷ୍ୟ" ବୋଲି ସ୍ୱୀକାର କରିବ କି ନାହିଁ, ତାହା ସନ୍ଦେହ ସ୍ଥଳ । ମଧୁବାବୁ ମଧ୍ୟ ଈଦୃଶ ଉତ୍ସର୍ଗପତ୍ରର ପକ୍ଷପାତୀ ହେବେ କି ?

ଅନେକ ପ୍ରାୟ " ବର୍ଷ ହେବ " ଶ୍ରୀମୂର୍ତ୍ତି-ଦର୍ଶନର " ଅନ୍ୟ ଗୋଟିଏ ଉତ୍କଳାନୁବାଦ କଟକ ଖାଦେନଜାଦା ବଜାରସ୍ଥ " ଭକ୍ତି ଗ୍ରନ୍ଥାଳୟରୁ" ପ୍ରକାଶିତ ହୋଇଥିଲା—ଅବଶ୍ୟ ତାହା ମଧ୍ୟ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି । ଆସ୍ତାର୍ଥ୍ୟର ବିଷୟ, ପ୍ରକାଶକ ଶ୍ରୀଯୁକ୍ତ କାଳୀ ପ୍ରସାଦ ରାୟଙ୍କ କର୍ତ୍ତୃକ ତାହା ପରଲୋକ ଗତ ଭୂପତିଙ୍କ ନାମରେ ଉତ୍ସୃଷ୍ଟ ହୋଇଅଛି । ଧୃଷ୍ଟିଭକ୍ତିରେ ଅନୁପ୍ରାଣିତ ହୋଇ " 'ଭକ୍ତି' ଗ୍ରନ୍ଥାଳୟର" କାର୍ଯ୍ୟାଧ୍ୟକ୍ଷ ମହାଶୟ ଉକ୍ତ ପୁସ୍ତିକା ଖଣ୍ଡି ପରଲୋକଗତ ଭୂପତିଙ୍କ ଉତ୍ସର୍ଗ କରିଅଛନ୍ତି ଦେଖି ଆମ୍ଭେମାନେ ତାହାଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ ସତ୍ୟ କିନ୍ତୁ ଜିଜ୍ଞାସ୍ୟ ଏହି କି, ପରଧନକୁ ଏପରି ଯଥେଚ୍ଛା ଦାନରେ ପ୍ରକାଶକ ମହାଶୟଙ୍କର ଅଧିକାର ଅଛି କି ?

"ଶ୍ରୀମୂର୍ତ୍ତି ଦର୍ଶନ" ତାରକୁମାରଙ୍କ କୃତ " କୃଷ୍ଣଭକ୍ତି ରସାମୃତ" ନାମକ ଖଣ୍ଡ ଏ ଗ୍ରନ୍ଥର ଅଂଶ ବିଶେଷ ମାତ୍ର । "କୃଷ୍ଣଭକ୍ତି ରସାମୃତ" ଗ୍ରନ୍ଥ କାଶିମବଜାରାଧୀଶ ଶ୍ରୀମାନ୍ ମହିମାରଞ୍ଜନଙ୍କ ନାମରେ ଉତ୍ସୃଷ୍ଟ । ସୁତରାଂ ଜଣକର ନାମରେ ଉତ୍ସୃଷ୍ଟ ବସ୍ତୁକୁ ଆଉ ଜଣକର ନାମରେ ଉତ୍ସର୍ଗ କରିବାଟା କେତେ ଦୂର ନ୍ୟାୟାନୁଗତ ଏବଂ ଏପରି କରିବାରେ ପ୍ରକାଶକମାନଙ୍କର ଅଧିକାର

Digitized by srujanika@gmail.com

ଅଛୁ କି ନାହିଁ, ତାହା ଜାଣିବା ସକାଶେ ବାସନା ରହିଲା । ଯେଉଁମାନଙ୍କ ତାହା ଉପସ୍ଥିତ ହୋଇଅଛି, ସେମାନେ ଏପରି ପତ୍ରର ଉଚ୍ଛିଷ୍ଟ ଗ୍ରହଣ କରିବାକୁ ରାଜି ହେବେ କି ? ଏପରି ହେଲେ ଗ୍ରନ୍ଥକର୍ତ୍ତାମାନେ ସ୍ୱାସ୍ଥ୍ୟ ଗ୍ରନ୍ଥକୁ ଛପାଇବା ସକାଶେ ଅନୁମତି ଦେବେ କି ? ସେମାନଙ୍କର ଅନୁମତି ବାକି ରହିଲେ ହେଲେ ଉତ୍କଳଗ୍ରନ୍ଥ ଗୋଟିଏ ସୌଭାଗ୍ୟରୁ ବଞ୍ଚିତ ହେବ ନାହିଁ କି ?

"ଶ୍ରୀମୂର୍ତ୍ତି ଦର୍ଶନର" ପ୍ରକାଶକ ହିଁ ଯେ କେବଳ ଅମ୍ଭମାନଙ୍କର ଏହି ପ୍ରସ୍ତାବର ଲକ୍ଷ, ତାହା ନୁହେ । ତଥାପି ବାବୁଙ୍କର "ଚନ୍ଦ୍ର" ପ୍ରକାଶକ, ମଧୁସୂଦନ ମିଶ୍ରଙ୍କ କୃତ "ପିତୃଭକ୍ତି" ପ୍ରକାଶକ, ଯୋଗେଶ ବାବୁଙ୍କର "ପଦାର୍ଥବିଜ୍ଞାନର" ଉତ୍କଳାନୁବାଦର ପ୍ରକାଶକ, ପ୍ରାଚୀନ କବିମାନଙ୍କ କୃତ "ସଙ୍ଗୀତସାଗର" ଓ "ସଙ୍ଗୀତ ସଂସାର" ପ୍ରକାଶକ, "ସଙ୍ଗୀତକଲାପ" ପ୍ରକାଶକ, ଦାସଙ୍କର ଭାଗବତରୁ ସଙ୍କଳିତ "ସଂସାର ଭାଗବତ" ପ୍ରକାଶକ, ମଧୁବାବୁ ଓ ସୁଧାନାଥ ବାବୁ ପ୍ରଭୃତିଙ୍କର "କବିତା ସଞ୍ଚୟ" ପ୍ରକାଶକମାନେ ମଧ୍ୟ ଅମ୍ଭମାନଙ୍କର ଲକ୍ଷ । ଦେଖି ଅତ୍ୟନ୍ତ ହର୍ଷିତ ହେଲୁଁ ଯେ, ସମ୍ପ୍ରତି ଦୁଇ ଖଣ୍ଡି ମାସିକ ପତ୍ର ( "ଆଶା" ଓ "ଉତ୍କଳ ପତ୍ରିକା" ) ଏବଂ ଦୁଇଖଣ୍ଡ ଅଭିଧାନ ( "ଉତ୍କଳ ଅଭିଧାନ" ଏବଂ "ପକେଟ୍ ଅଭିଧାନ" ) ମଧ୍ୟ ବ୍ୟକ୍ତିବିଶେଷଙ୍କ ନାମରେ ଉତ୍ସୃଷ୍ଟ । ମାସିକପତ୍ର ଓ ଉତ୍କଳ ଅଭିଧାନ ଇତ୍ୟାଦି କେମିତି ସଦୃଶ ମନସ୍ୱୀଙ୍କର ଅଧିକାରଭୁକ୍ତ ବୋଲି ନିର୍ଦ୍ଦେଶ କରାଯାଇ ପାରେ । କାରଣ, ମାସିକ ପତ୍ର ଗ୍ରାହକ, ଅନୁଗ୍ରାହକ ଓ ଲେଖକ ମାନଙ୍କର ସହାନୁଭୂତି ଓ ସାହାଯ୍ୟ ବଳରେ ପରିଚାଳିତ ଏବଂ ଜନସାଧାରଣର ହିତସାଧନୋଦ୍ଦେଶ୍ୟରେ ପଣ୍ଡିତମାନଙ୍କ କର୍ତ୍ତୃକ ପୂର୍ବରୁ ଅଭିଧାନ ସଙ୍କଳିତ । ସୁତରାଂ ଏମାନେ କଦାପି ସମ୍ପାଦକ ଓ ପ୍ରକାଶକମାନଙ୍କ କର୍ତ୍ତୃକ ବ୍ୟକ୍ତିବିଶେଷର ନାମରେ ଉତ୍ସୃଷ୍ଟ ହେଲେ, ତାହା ଅମ୍ଭେମାନେ ବୁଝି ପାରନ୍ତି ନାହିଁ । ଅଧିକ ଦିନ ଏପରି ମଧ୍ୟ ଦେଖିବାକୁ ପାଉଁ ଯେ, ଦାସଙ୍କର ଭାଗବତ, ମିଶ୍ରଙ୍କର ମହାଭାରତ ଓ ଭଞ୍ଜଙ୍କର ବୈଦେହୀଶ ବିଳାସ ପ୍ରଭୃତି ଗ୍ରନ୍ଥ ସମୂହ ଭଣ୍ଡପ୍ରକାଶକମାନଙ୍କ କର୍ତ୍ତୃକ, ରାଜା ମହାରାଜାଙ୍କର ନାମରେ ଉତ୍ସୃଷ୍ଟ ହୋଇଅଛି ; ବାପ୍ସ ! କି ଲଜ୍ଜାର ଦାରୁଣ କଥା, ଭାଳିଲୁ ନାହିଁ ! ! !

ଉତ୍ସର୍ଗ ପଦ୍ଧତିରେ କର୍ତ୍ତବ୍ୟ ଏହିକି, ଯେଉଁ ସବୁ ପୁସ୍ତକର ନାମ ଅମ୍ଭେମାନେ ଉପରେ ଉଲ୍ଲେଖ କଲୁଁ, ସେଥିରୁ କାହାର କହିବାରେ କି ପ୍ରକାଶକ ମାନେ କିମ୍ବା ଉତ୍ସର୍ଗକାର ଅମ୍ଭମାନଙ୍କୁ ଜଣାଇବେ—ଏବଂ ଯେଉଁମାନେ କିମ୍ବା କରିଥିଲେହେଁ ଏପରି ଉତ୍ସର୍ଗ କରିବାରେ ସେମାନଙ୍କର ନ୍ୟାଯ୍ୟ ଅଧିକାର ଅଛି କି ନାହିଁ, ତାହାର ସଦୁତ୍ତର ଦେଇ ପ୍ରକାଶକମାନେ ଅମ୍ଭମାନଙ୍କୁ ବାଧିତ କରିବେ କି ?

ଉତ୍ସର୍ଗ ପଦ୍ଧତିର କାର୍ଯ୍ୟାଳୟ, ମାୟାଜଗତ । } ସଦୁତ୍ତରପ୍ରତୀକ୍ଷୀ ଶ୍ରୀମତ୍ ଉତ୍ସର୍ଗାନନ୍ଦ ସ୍ୱାମୀ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବ୍ରଜସୁନ୍ଦର ଦାସ | ବାଲେଶ୍ୱର | ଟ ୨ |
| „ ଜଗନ୍ନାଥ ଘୋଷ | କଟକ | ଟ ୯ |
| „ ବ୍ରଜବାସୀ ସନ୍ନ୍ୟାସୀ ଶ୍ରୀକେତ ସଙ୍ଗମ | | ଟ ୩ |
| „ ଗଣେଶ ଦେବ | ଦଶପଲ୍ଲା | ଟ ୨ |
| „ ଶ୍ୟାମାନନ୍ଦ ଦାସ ପଟ୍ଟନାୟକ ଜମିଦାର ମହାଶୟ | ଖୋର୍ଦ୍ଧା | ଟ ୩ |
| ଶ୍ରୀକୃଷ୍ଣ ଦେବ | ଜଗତସିଂହପୁର | ଟ ୩ |
| ବାସୁଦେବ ମହାନ୍ତି ପାଟପୁର | ନୟାଗଡ଼ | ଟ ୧୮ |

# ବିଜ୍ଞାପନ ।

ପାଲଲହଡ଼ା ରାଜ୍ୟର ବନ୍ଦୋବସ୍ତ ଜଳକା ଜମାବନ୍ଦି କାର୍ଯ୍ୟ ନିମନ୍ତେ ବର୍ତ୍ତମାନ ତ ୨୦ ଖ ମୋହରର ଓ ସରେ ମୋହରର ଶୀଘ୍ର ଆବଶ୍ୟକ । ସୁଦ୍ଧ ଜଣ ସରେ ମୋହରର ପ୍ରତ୍ୟେକ ମାସିକ ଟ ୧୫ କୁ ଲେଖାଁଏ ଏବଂ ତ ୧୬ ଖ ମୋହରର କାର୍ଯ୍ୟ ଦକ୍ଷତା ଅନୁସାରେ ଟ ୧୨, ଟ ୧୦, ଓ ଟ ୮ ଲେଖାଁଏ ବେତନ ପାଇବେ । କାର୍ଯ୍ୟ ଦେଖାଇ ପାରିଲେ ବେତନ ବୃଦ୍ଧିର ସମ୍ପୂର୍ଣ୍ଣ ଆଶା । ପ୍ରାର୍ଥନାକାରୀମାନଙ୍କ ଦରଖାସ୍ତ ଚଳିତ ଅଗଷ୍ଟ ମାସ ତା ୨୫ ଇଖ ସୁଦ୍ଧା ଅମ୍ଭେ ଗ୍ରହଣ କରିବୁଁ ।

Pal Lahara } Damodar Patnaik
5—8—95 } *Manager.*

## NOTICE.

Wanted a settlement officer at Anandpore in Killah Keonjhar salary of Rs. 80 per mensem. None need apply who has not experience in settlement work. Applications will be received by the Superintendent of the Tributary Mehals up to the 30th August 1895.

By order
Sudam Chandra Naik
Asstt. Supdt. Try. Mehals.

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ ଯେ ଅମ୍ଭର କଟକ ଚୌଧୁରୀବଜାରରେ ଥିବା ଡାକ୍ତରଖାନା " Imperial Druggist Hall " କୁ ଓଡ଼ିଆବଜାର ଦେବଗିରି ମଠ ସମ୍ମୁଖରେ ଥିବା ଏକ ନୂତନ ଗୃହକୁ ସ୍ଥାନାନ୍ତରିତ କରୁଅଛୁଁ । ଏହା ବର୍ତ୍ତମାନ ଅମ୍ଭର ନିଜ ତତ୍ତ୍ୱାବଧାନରେ ରହିଲା ପ୍ରତିଦିନ ପ୍ରାତଃ ଘ ୭ ଟାଠାରୁ ଘ ୯ ଟା ପର୍ଯ୍ୟନ୍ତ ଅମ୍ଭେ ବିନାମୂଲ୍ୟରେ ରୋଗୀମାନଙ୍କୁ ବ୍ୟବସ୍ଥା ଓ ହୋମିଓପାଥିକ ଔଷଧ ବିତରଣ କରୁଅଛୁଁ । କେବଳ ଗୋଟିଏ ପଇସାର ଶିଶି ଦେଇ ଆସିଲେ ଲୋକେ ଔଷଧ ନେଇ ପାରିବେ । ଅନ୍ୟାନ୍ୟ ଔଷଧମାନ ଅମ୍ଭ ଡାକ୍ତରଖାନାରେ ସ୍ୱଳ୍ପ ମୂଲ୍ୟରେ ବିକ୍ରୟ ହେଉ ଅଛି ।

ଓଡ଼ିଆବଜାର କଟକ } ୬।୮।୯୫ } ଘୋଷ ବ୍ରଦର୍ସ ।

# ଆୟୁର୍ବେଦୀୟ ଔଷଧାଳୟ ।

ଓଡ଼ିଶାରେ ଆୟୁର୍ବେଦୀୟ ଚିକିତ୍ସାର ଶ୍ରୀବୃଦ୍ଧି ସାଧନ ନିମନ୍ତେ ଓଡ଼ିଶାର କୃତବିଦ୍ୟ ଲୋକମାନଙ୍କ ଯତ୍ନରେ ଏ ନଗରରେ ଗୋଟିଏ ଆୟୁର୍ବେଦୀୟ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ସେହି ବିଦ୍ୟାଳୟର ଶିକ୍ଷକ ପଦରେ କଲିକତାର ସୁନାମଖ୍ୟାତ କବିରାଜ ଗଙ୍ଗାପ୍ରସାଦ ସେନ କବିଭୂଷଣ ମହାଶୟଙ୍କ ଛାତ୍ର ପଣ୍ଡିତ ଶ୍ରୀ ଶାରଦାମୋହନ ଦାସ ଗୁପ୍ତ କବିରଞ୍ଜନ ଗତ ଦୁଇ ପ୍ରାୟ ଦେଢ଼ମାସ ହେବ ଏ ନଗରର ସୁବନ୍ଦୋବସ୍ତ ରାଜା ବୈକୁଣ୍ଠନାଥ ଦେ ମହାଶୟଙ୍କ କୋଠାରେ ଅବସ୍ଥାନ କରୁଅଛନ୍ତି । ସେ ସର୍ବସାଧାରଣଙ୍କ ଚିକିତ୍ସା ନିମନ୍ତେ ପ୍ରସ୍ତୁତ ଥାନ୍ତି ଏବଂ ଆବଶ୍ୟକ ହେଲେ ଭଦ୍ରଲୋକମାନଙ୍କ ଗୃହକୁ ଯାଇ ଚିକିତ୍ସା କରନ୍ତି । ତାଙ୍କର ଅଦ୍ଭୁତ ତାତ୍କାଳିକ ଫଳପ୍ରଦ ଔଷଧ ତାଙ୍କ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଚଳଧାମ ଗୋପୀନାଥପୁର ସ୍କୁଲ୍‌ପାଇଁ ଦଣ୍ଡୁ ଉପଯୁକ୍ତ ଏଫ୍, ଏ ପାସ କରିଥିବା ଏବଂ ମାତୃଭାଷା ଜାଣିଥିବା ଜଣେ ଶିକ୍ଷକ ଆବଶ୍ୟକ ।

Split by PDF Splitter
Digitized by srujanika@gmail.com

Split by PDF Splitter



ଶିକ୍ଷକଙ୍କୁ ଅଣିବାର ଉଚିତ ବାଉଣ୍ଟ ଦିଆଯିବ । ଏବଂ ଏଠାରେ ବଜାରଦରରେ ବସାଗୃହ ମିଳିପାରେ । ବେତନ ମାସିକ ଟ ୪୦୲ ଙ୍କା ଏବଂ କାର୍ଯ୍ୟର ଫଳ ଅନୁସାରେ ଉନ୍ନତି ଅଛି ।

ପ୍ରାର୍ଥନାରେ ସ୍ପଷ୍ଟରୂପେ ନାମ, ଜାତି, ବୟସ ଓ ବାସସ୍ଥାନ ଲେଖି ତହିଁସଙ୍ଗେ ବିଦ୍ୟା ଓ ଆଚରଣ ଏବଂ ପୂର୍ବକାର୍ଯ୍ୟର ସାର୍ଟିଫିକେଟ ଅବିକଳ ନକଲ ଦେଇ ତା ୨୫।୮।୯୯ ପୂର୍ବେ ଆମ୍ଭ ନିକଟକୁ ପଠାଇବା ଉଚିତ । ଯାହାଙ୍କୁ ମନୋନୀତ କରା ନ ଯିବ ଉତ୍ତର ଦିଆ ଯିବ ନାହିଁ ।

ସ୍ୱାକ୍ଷାସାହେବ ସୋନପୁର
ଫିଉଡ଼େଟେର ଷ୍ଟେଟ

---

ସ୍ୱଳଧାନୀ ସୋନପୁର ନମର୍ମେ ହସ୍ତ ଇସ୍କୁଲ ଏଣ୍ଟ୍ରାନ୍ସ ପାଶ କରିଥିବା ଏବଂ ମାତୃଭାଷା ଓଡ଼ିଆଥିବା ଉତ୍ତମଆଚରଣ ଜଣେ ପରିଶ୍ରମୀ ସ୍କୁଲ ଇନସ୍ପେକ୍ଟର ଏକବର୍ଷପାଇଁ ଆବଶ୍ୟକ । ମାସିକ ବେତନ ଟ ୩୦୲ ଙ୍କା ଏବଂ ସ୍ୱଭ-ମଲେ ଭଥା ମିଳିବ । ପ୍ରାର୍ଥନାରେ ସ୍ପଷ୍ଟରୂପେ ନାମ, ଜାତି, ବୟସ ଓ ବାସସ୍ଥାନ ଲେଖି ତହିଁସଙ୍ଗେ ବିଦ୍ୟା, ଆଚରଣ, ପରିଶ୍ରମ ଓ ପୂର୍ବକାର୍ଯ୍ୟର ସାର୍ଟିଫିକେଟ ଅବିକଳ ନକଲ ଦେଇ ତା ୨୫।୮।୯୯ ପୂର୍ବେ ଆମ୍ଭ ନିକଟକୁ ପଠାଇବା ଉଚିତ । ଯାହାଙ୍କୁ ମନୋନୀତ କରାଯିବ ତାଙ୍କୁ କେବଳ ଉତ୍ତର ଦିଆଯିବ ।

ସ୍ୱାକ୍ଷାସାହେବ ସୋନପୁର
ଫ୍ୟୁଡେଟେର ଷ୍ଟେଟ

---

## ହିତୈଷିଣୀ ବିଜ୍ଞାପନ ।

ସମ୍ବଲପୁରହିତୈଷିଣୀ ପତ୍ରିକା ବାହାରିଲାଣି କରୁଯାଇ ଅଛି । ଡାକମାସୁଲ ଓ କାଗଜ ଖର୍ଚ୍ଚ ସ୍ୱରୂପ ଯେ କେହି ଏକଟଙ୍କା ପଠାଇଲେ ଏକବର୍ଷକାଳ ଉକ୍ତ ପତ୍ରିକା ପାଇ ପାରିବେ । ଶୀଘ୍ର ଗ୍ରାହକ ନ ହେଲେ ପଛକୁ ଏ ସୁବିଧା ମିଳିବ ନାହିଁ । "ଦେବଗଡ଼ ପୋଃ, ଜିଲ୍ଲା ସମ୍ବଲପୁର ଠିକଣାରେ ହିତୈଷିଣୀ ମେନେଜରଙ୍କ ନାମରେ ଟଙ୍କା ପଠାଇବାକୁ ହେବ । "

---

ପଟେଲନ ପରିଚୟରେ [illegible]

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ମୃତ ସଞ୍ଜୀବନୀ ବଟିକା–ଓଲାଉଠା ରୋଗର ପ୍ରକୃତ ଔଷଧ ନାହିଁ ଏହା ସର୍ବସାଧାରଣଙ୍କର ବିଶ୍ୱାସ । ବାସ୍ତବରେ ପ୍ରକୃତ ଓଲାଉଠାର ନିମନ୍ତେ ଆରୋଗ୍ୟକାରୀ ଔଷଧ ଏପର୍ଯ୍ୟନ୍ତ ଆବିଷ୍କାର ହୋଇ ନାହିଁ । କିନ୍ତୁ ଯେଉଁ ଓଲାଉଠା ରୋଗ ଦେଖାଯାଏ ତହିଁମଧ୍ୟରେ ପ୍ରକୃତ ଓଲାଉଠା ଅତି ଅଳ୍ପ ଏମନ୍ତ କି ଶତକଡ଼ା ଏକ କି ଦୁଇରୁ ଅଧିକ ନୁହେ । ସେ ଓଲାଉଠା କଦାପି ଆରୋଗ୍ୟ ହୁଅଇ ନାହିଁ । ଅବଶିଷ୍ଟ ଘଟନାମାନ ଆହାର ବିହାରାଦି ଦୋଷରୁ ହୁଏ ମାତ୍ର ଚିକିତ୍ସା ନ ହେଲେ ଏହିମାନ ଶୀଘ୍ର ଓଲାଉଠାରେ ପରିବର୍ତ୍ତିତ ହୋଇ ପ୍ରାଣ ସଂହାର କରେ । ଏପରିସ୍ଥଳେ ଉପଯୁକ୍ତ ଔଷଧ ପ୍ରୟୋଗ କଲେ ଅବଶ୍ୟ ଆରୋଗ୍ୟ ହୋଇଥାଏ । ଆମ୍ଭର ଉପରଲିଖିତ ମୃତସଞ୍ଜୀବନୀ ଔଷଧ ବ୍ୟବହାର କରି ଏପରି ବହୁତର ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ସାହସ କରି କହିପାରୁଁ ବ୍ୟବସ୍ଥା ମତେ ଔଷଧ ବ୍ୟବହାର କଲେ ଗୋଟିଏ ହେଲେ ରୋଗୀ ନଷ୍ଟ ହେବାର ସମ୍ଭାବନା ନାହିଁ । ଏହା ବ ୧୦ ଗୋଟିକାର ମୂଲ୍ୟ ଟ ୧୲ ଙ୍କା

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ହିପଲ୍ୟ କରଣି ଘୃତ ।—(ସହସ୍ର ଆଇଡୋଫର୍ମର କାର୍ଯ୍ୟକରେ) ଏହିଘୃତ ବ୍ୟବହାରରେ ଦୁଃସାଧ୍ୟ ଉପଦଂଶ (ଗରମି ବେମାର) ଓ ପାରଦଜନିତ ଦୁଷ୍ଟରୋଗଯ ନୂତନ ପୁରାତନ ସର୍ବପ୍ରକାର ଘାଇ (ଘାଆ) ଜନିତ ଜ୍ୱାଳା ଯନ୍ତ୍ରଣାରେ ଅବିଳମ୍ବେ ଆରୋଗ୍ୟ ହୁଏ ପ୍ରତିକୌଟାର ମୂଲ୍ୟ ଟ ୧୲ ଙ୍କା

୧ ମଧୁମାଳତୀବଟିକା } ଏହା ସ୍ତ୍ରୀମାନଙ୍କର ସର୍ବପ୍ରକାର
୨ ବସନ୍ତ କୁସୁମାକର ଚୂର୍ଣ୍ଣ }

ପ୍ରଦରର ଏକମାତ୍ର ମହୌଷଧ । ଏହା ବ୍ୟବହାର କରି ବହୁଦିବସର ପୁରାତନ ପ୍ରଦରମାନ ସ୍ୱଳ୍ପସମୟ ମଧ୍ୟରେ ଆରୋଗ୍ୟ ହେବାର ପରୀକ୍ଷା କରି ଦେଖିଅଛୁଁ ବ ୧୦ ଗୋଟିକାର ମୂଲ୍ୟ ଟ ୧୲ ଙ୍କା ଓ ଚୂର୍ଣ୍ଣ ପ୍ରତିକୌଟାକୁ ଟ ୨ ।

ଅମୃତସିନ୍ଧୁ ବଟିକା ।—ଏହି ଔଷଧ ସପ୍ତାହ ସେବନ କଲେ ଇନ୍ଦ୍ରିୟର ଇଲ୍ଲି ବନ୍ଦ ଓ ଉତ୍ତମ କୋଷ୍ଠ ପରିଷ୍କାର ହୁଏ । କିମାନୁଯାୟୀ ଶୃଙ୍ଖଳିତ ସେବନ କଲେ ସ୍ତ୍ରୀଶରେ ଅର୍ଶ ବଳ ବୃଦ୍ଧି ହୋଇଯାଇ ରୋଗାରୋଗ୍ୟ ହୁଏ ୨ ବଟିକାର ମୂଲ୍ୟ ଟ ୨ ୲

ରଣୀଦାନ୍ତ ବଟିକା ।—ଏହା ସେବନ କଲେ ଧ୍ୱଜଭଙ୍ଗ, ଶୁକ୍ରତରଳତା, ସ୍ୱପ୍ନଦୋଷ ଇତ୍ୟାଦି ଭଲ ହୁଏ ଏତଦ୍ଭିନ୍ନ ଏହାର ଅଦ୍ଭୁତ କେତେକ ଚମତ୍କାର ଗୁଣ ଅଛି ତାହା ବ୍ୟବସ୍ଥାପତ୍ର ପାଠେ ଜାଣି ପାରିବେ କିନ୍ତୁ ସ୍ୱପ୍ନଦୋଷ ଆରୋଗ୍ୟପକ୍ଷେ ଏହା ବ୍ରହ୍ମାସ୍ତ୍ର ବ ୭ ଟଙ୍କାର ମୂଲ୍ୟ ଟ ୧୲ ଙ୍କା ।

ଶୂଳାଶନ ଚୂର୍ଣ୍ଣ—ସର୍ବପ୍ରକାର ଶୂଳ ରୋଗ (ପେଟମର୍ଦ୍ଦ) ଆରୋଗ୍ୟ ହୁଏ ମୂଲ୍ୟ ଟ ୧ ଙ୍କା

ଉପରେ ଔଷଧସମସ୍ତ ମୋଫସଲ ପାଇଁ ପ୍ୟାକିଂ ଡାକମାସୁଲ ପୃଥକ ଲାଗେ ଓ ଔଷଧ ସହିତ ବ୍ୟବସ୍ଥା ପତ୍ର ପଠାଯାଏ ।

ଏହି ଔଷଧ କଟକର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଓ ଆମ୍ଭନିକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଭୁବନପୁର }
ସହର କଟକ } କବିରାଜ
ବାବୁରାଧାଶ୍ୟାମ- } ଶ୍ରୀ ବାଳକୃଷ୍ଣ ଦାସ
ସରକାରଙ୍କ ବସାରେ ।

---

## ଶୁଭସଂବାଦ ।

ଆୟୁର୍ବେଦିକ ମେଡସିନ୍ ମ୍ୟାନୁଫ୍ୟାକ୍‌ଚରିଂ କୋମ୍ପାନୀ ଅବ ଇଣ୍ଡିଆ, ଲିମିଟେଡ଼ ।
କାଲିକା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକଡ଼ା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳ ଘୃତ ମୋଦକାଦି ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ କାର୍ଯ୍ୟକାରୀ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ସେପରି ଅନ୍ୟ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତାର ଜାମିନ୍ କୋମ୍ପାନୀ ଦାୟୀ । ଅତି ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟରୁ କେବେ ଠକିବାର ଭୟ ନାହିଁ । ରୋଗର ଆନୁପୂର୍ବିକ ବିବରଣ ପଠାଇଲେ ବ୍ୟବସ୍ଥା ଦିଆ ହୁଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାକୁ ଭେଲୁପେବଲରେ ଔଷଧ ନବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଅଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟି—ନିୟମିତ ବ୍ୟବହାର କଲେ ଦୁଃସାଧ୍ୟ ପ୍ରମେହ ରୋଗ ମଧ୍ୟ ନିଶ୍ଚୟ ନିବୃତ୍ତି ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୭ ବଟି ୧୯ ଟଙ୍କା ଡାକମାସୁଲ ।୵ ଅଣା ।

ମକରଧ୍ୱଜ—ସ୍ୱର୍ଣ୍ଣଘଟିତ ବୌଦ୍ଧିକ୍ୟ ନାଶକ ଅବ୍ୟର୍ଥ ମହୌଷଧ । ଶିଶୁମାନଙ୍କର କାଶ ଜ୍ୱର ପ୍ରଭୃତି ରୋଗରେ ଏହା ପ୍ରଯୋଜ୍ୟ । ଏହାର ଗୁଣ ଅନନ୍ତ, ଅନୁପାନ ବିଶେଷରେ ଏହା ସର୍ବରୋଗରେ ମଧ୍ୟ ବ୍ୟବହାର ହୁଏ ।

( ୧ ମଶ୍ରେଣୀ ) ୭ ମାଷା ଦା ୬ ତୋଳା ୧୯
( ୨ ସ୍ୱଶ୍ରେଣୀ )

ଜ୍ୱରଭୁଲାନ୍ତବଟି—ସେବନରେ ସର୍ବପ୍ରକାର ଜ୍ୱର, ବିଷମଜ୍ୱର, ମ୍ୟାଲେରିଆଜ୍ୱର ପ୍ରଭୃତି

Digitized by srujanika@gmail.com

Split by PDF Splitter



ମଧ୍ୟରେ ଏକାବେଳକେ ଦଶ୍ଟ ତୁର୍ଦୀ ସହରେ ପୀଡ଼ା ଯନ୍ତ୍ରଣା, ଓ ପ୍ରକୋପ ସମ୍ପକ ପ୍ରକାରରେ ଦମନ ଏବଂ ଶରୀର ସୁସ୍ଥ, ସବଳ, ପୁଷ୍ଟ ଓ କାନ୍ତିଯୁକ୍ତ କରେ ଏବଂ କୋଷ୍ଠ ପରିଷ୍କାର କରେ ।

୧ ବାକ୍ସ (୨୦ ବଟି) ୧ ଟଙ୍କା ଡାକମାସୁଲ ।୵ ଅଣା

ଅଶୋକ ଘୃତ—ସେବନରେ ୧ ମାସ ପୂର୍ବ ସ୍ୱେତ ପ୍ରଦର ରୋଗ ଦୂରୀଭୂତ ହୋଇ ... ଏକ ସୁସ୍ଥା ଏବଂ କାନ୍ତିଯୁକ୍ତା ହୁଏ ।

୧ ସେରକୁ ୧ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦ ଅଂଶରେ ବିଭକ୍ତ । ପ୍ରତି ଅଂଶର ମୂଲ୍ୟ ୧୦୦ ଟଙ୍କା, ଅଂଶପ୍ରତି ବର୍ତ୍ତମାନ ଟ ୨୫ ଟଙ୍କା ଦେଉ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଳଧନ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

ସବ୍ ଏଜେଣ୍ଟର ପ୍ରୟୋଜନ—ଏଜେଣ୍ଟ କୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିଷୟ ବଣସ୍ତୁ ଜାତବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।
ସେକ୍ରେଟେରି ଓ ଟ୍ରେଜରର ।

## ବିଜ୍ଞାପନ ।

ଉତ୍କଳଖଣ୍ଡର ପୁରୁଷୋତ୍ତମ ଜଗନ୍ନାଥ ଭାରତ ବିଖ୍ୟାତ, ଭାରତବର୍ଷର ବନ୍ଧୁସ୍ଥାନ ପର୍ଯ୍ୟଟନ କରି ଅବଶେଷରେ ପୁଣ୍ୟଭୂମି ଉତ୍କଳଖଣ୍ଡକୁ ସ୍ୱୀୟ ସାଧନ ଭଜନର ଏକ ମାତ୍ର ଉପଯୁକ୍ତ ସ୍ଥାନ ସ୍ଥିର କରି, କଟକ ନଗରର ଅଲ୍ପଦୂରବର୍ତ୍ତୀ ଦର୍ଘାବଜାରର ନିକଟବର୍ତ୍ତୀ ୵ ପ୍ୟାରୀମୋହନ ଏକାଡ଼େମୀର ପଶ୍ଚିମପାର୍ଶ୍ୱ ବାଂଶଗଳ ନାମକ ସ୍ଥାନରେ ସ୍ୱୀୟ ଉପାସ୍ୟ ଦେବତା ଶ୍ରୀଶ୍ରୀ ଭଗବାନ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ଶ୍ରୀମତୀ ସୀତାଦେବୀଙ୍କ ଶ୍ରୀମୂର୍ତ୍ତି ଓ ଭଗବାନ ଗୋକୁଳବିହାରୀ ଶ୍ରୀକୃଷ୍ଣ ଓ ଶ୍ରୀମତୀ ରାଧିକା ଦେବୀଙ୍କର ଯୁଗଳମୂର୍ତ୍ତି, ଏହି ଶ୍ରୀମୂର୍ତ୍ତିଙ୍କ ବାସୋପଯୋଗୀ ଗୋଟିଏ ମନ୍ଦିର ଓ ସେଥି ସଲଗ୍ନ ଏକ ଅତିଥିଶାଳା ନିର୍ମାଣାର୍ଥ ଉଦ୍ୟୋଗୀ ହୋଇଅଛନ୍ତି । ଉକ୍ତ ବୃହତ୍ କାର୍ଯ୍ୟ ସମ୍ପନ୍ନ ହେବାପାଇଁ ଅନ୍ୟୁନ ୫୦୦୦ ପାଞ୍ଚ ସହସ୍ର ମୁଦ୍ରାର ପ୍ରୟୋଜନ । ଏଣୁ ଏହି ଭାରତ ପ୍ରଥିତ ନିଃସ୍ୱାର୍ଥ ପାରମାର୍ଥିକ ସାଧୁଙ୍କ ପ୍ରତି ନିର୍ଭର କରି ଉକ୍ତ କାର୍ଯ୍ୟରେ ହସ୍ତକ୍ଷେପ କରିଅଛନ୍ତି । ... ବିନୀତ ପ୍ରାର୍ଥନା ଯେ ଯାହାମାନେ ସ୍ୱ ... ମାର୍ଥିକ ଉଦାରତା ଗୁଣରେ ସ୍ୱୀୟ ଅବସ୍ଥାନୁ ... ଯଥାସମ୍ଭବ ସାହାଯ୍ୟ ଦାନ କରି କୃତାର୍ଥ କରନ୍ତୁ ।

ପରନ୍ତୁ ଏ ଶତର କର୍ତ୍ତବ୍ୟ ଏହି ଯେ, ଯେଉଁ ମହାତ୍ମାମାନେ ଏହି ଦେବ କାର୍ଯ୍ୟରେ ସ୍ୱତଃ ପ୍ରବୃତ୍ତ ହୋଇ ଦାନେଚ୍ଛୁ ହେବେ ସେମାନେ ଅନୁଗ୍ରହପୂର୍ବକ ଉତ୍କଳଦୀପିକାର ମାନନୀୟ ସମ୍ପାଦକ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ମହୋଦୟଙ୍କୁ, ଅଥବା କଟକ ଚୌଧୁରୀବଜାର ନିବାସୀ ମହାଜନ ଶ୍ରୀଯୁକ୍ତ ପଶୁପତି ସାହୁ ମହାଶୟଙ୍କ ନିକଟରେ ମୋ ଦ୍ୱାରାଠାକୁ ଅର୍ଥସାହାଯ୍ୟ ପଠାଇଲେ ମୁଁ ପ୍ରାପ୍ତ ହେବ ଇତି ।

| | |
|---|---|
| ୫।୫।୯୫ } | ନିବେଦକ |
| କଟକ } | ବାବାଜୀ ଅନନ୍ତାଆଚଳଦାସସ୍ୱାମୀ |

## ଜ୍ୱାଦ୍ରୁର ଅବ୍ୟର୍ଥ ମହୌଷଧ

### (ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ° ।୵ ମାସୁଲ ଟ° । ଅଣା

ଏହି ଔଷଧ ବ୍ୟବହାରରେ ସବପ୍ରକାରର ଜ୍ୱାଦ୍ରୁରୋଗ ଏକାବେଳକେ ଆରୋଗ୍ୟ ହୋଇଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ । ଏହାର ବ୍ୟବହାର କଲେ ଚର୍ମମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ଜ୍ୱାଦ୍ରୁକାର ଚର୍ମରୋଗ ମଧ୍ୟ ଭଲ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେବଳ କୋଷ୍ଠ ଶୁଦ୍ଧ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ପୁଣ ଅଧିକ ଅନ୍ତର୍ଗତ ହୋଇଅଛି । ଯେଉଁମାନେ ଏହି କୁତ୍ସିତ ରୋଗରେ କଷ୍ଟ ପାଉଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ । ଏହାର ବ୍ୟବହାର ବହୁ ଚକିତସକ ବହୁଜନଙ୍କ ହୋଇଅଛି ଏବଂ ଅନେକ ପ୍ରଶଂସାପତ୍ର ମିଳି ସେଇଅଛନ୍ତି । ଔଷଧ କ୍ରୟ କରିବାକୁ ଇଚ୍ଛା ଥିଲେ ଶୀଘ୍ର ସହରରେ ପଠା ଯାଉ ଅଛି ।

ଶ୍ରୀ ରାମ ଚାରଣ ଦେବ
ବେଙ୍କ ଉତ୍କଳହୋସ
ବାଲେଶ୍ୱର

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ !

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶହ ।

ଅ ତ ସୁ ଲ ଭ ମୂ ଲ୍ୟ ଟ ° ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମରୀପ୍ରଭୃତି ସୁମଧୁର-ସ୍ୱରର ଅଳଙ୍କୃତ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସମ୍ଭ୍ରତଗୀତମାନ ସନ୍ନିବେଶିତ ହୋଇଅଛି ଏପରିକି ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବମ୍ପାଲ୍ଏଜେଣ୍ଟ ବାବୁ ଘନଶ୍ୟାମ ମୁଖର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ସ୍କୁଲପାଠ୍ୟ, ପଞ୍ଚମ ସଂସ୍କରଣ ।

ପଦ୍ୟଶତପାମାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଳେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ଗଜମଣି ମିଶ୍ର

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ବୃହତ୍ଭୂଗୋଳ ।

ନୂତନ ଅର୍ଦ୍ଧକ ସମ୍ଭାବ

ମୂଲ୍ୟ ୫° ।

ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତାହାଁର ବ୍ୟାଖ୍ୟା, ଓ ଆଟଲାସ୍, ଗ୍ଲୋବମ୍ୟାପ ପ୍ରଭୃତି ସୁଲଭମୂଲ୍ୟରେ କଟକ ବଡ଼ବାଜାରର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି, ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ

ଉତ୍କଳଦୀପିକାର, ବର୍ଷଠାରୁ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

| | |
|---|---|
| ପ୍ରଥମଥର ସକାଶେ | |
| ଧାଡ଼ିପ୍ରତି | ଟ ° ୵ |
| ଅଧସ୍ତମ୍ଭ | ଟ ୬ |
| ଦୁଇ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତାହାର ଶର୍ତ୍ତ ଟ ° । ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥରୁ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ବଡ଼ବାଜାରର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ଖ | ସଂଖ୍ୟା ୩୪ ସଂଖ୍ୟା
ତା ୨୪ ଭାଦ୍ର ମାହେ ଅଗଷ୍ଟ ସନ ୧୮୯୫ ମସିହା । ମା ୭ । ୧୦ ଚ ସନ ୧୩୦୨ ସାଲ ଶନିବାର ।
ଅଗ୍ରିମ ବାର୍ଷିକ ମୂଲ୍ୟ ୫ ୮
ପଶ୍ଚାଦେୟ ୬ ୮

ବିଲାତର ବ୍ୟବସ୍ଥାପକ ସଭାରେ ଉଦାର-ନୈତିକ ଦଳ ହାରି ଗଲେ ଏବଂ ରକ୍ଷଣଶୀଳ ଦଳ ଜୟୀହୋଇ ସ୍ୱତ୍ୱାଧିକାର ଭାର ଗ୍ରହଣ କଲେ । ଏହି ଦଳ ନିର୍ବାଚନ ପୂର୍ବରୁ ସରକାର୍ଯ୍ୟରେ ବାହାର ହୋଇଥିଲେ ସୁତରାଂ ସେ ଯେଉଁ ପଦ ଲାଭ କରିଥିଲେ ତହିଁରେ ସ୍ଥିର ରହିଲେ । କେବଳ ସାମାନ୍ୟ ପରିବର୍ତ୍ତନ ଘଟିଅଛି ।

---

ଜାପାନ ସହିତ ଯୁଦ୍ଧ କରି ଚୀନ ଋଣଗ୍ରସ୍ତ ହେବାରୁ ତାହା ଶୁଝାଇବା ନିମନ୍ତେ ଅଫିମର ବୃଦ୍ଧି କରିବାର ସ୍ଥିର କରିଅଛନ୍ତି । ନିର୍ଦ୍ଦିଷ୍ଟ କର ବିଦେଶରୁ ଆମଦାନି ହେବା ଅଫିମ ଉପରେ ନ ବସି ସେଠା ବଣିକମାନଙ୍କଠାରୁ ଆଦାୟ ହେବ । କୌଣସି ମତେ ଅଫିମର ବଢିବା କଥା । ତାହାର ଅନ୍ୟ ଅର୍ଥ ହେଲେ ସରକାରଙ୍କ ଲାଭ ଏବଂ ଅଧିକ ମୂଲ୍ୟ ହେଉଥିଲେ ଅଳ୍ପ ଅଫିମ ଖାଇଲେ ମଧ୍ୟ ପ୍ରଜାଙ୍କ ହିତ ହେବା ଦ୍ୱାରା ସରକାରଙ୍କ ଲାଭ ହେବ ।

—•○•—

ମାନ୍ଦ୍ରାଜ ମେଲ ନାମକ ସମ୍ବାଦପତ୍ରରେ ଲେଖାଅଛି ଯେ ରେଳଗାଡିର ତୃତୀୟ ଶ୍ରେଣୀର ଯାତ୍ରିଙ୍କ ସୁଖସ୍ୱଚ୍ଛନ୍ଦର ସୁବିଧା କରିବା ପାଇଁ ରେଳ କର୍ମଚାରୀମାନଙ୍କୁ ବାଧ୍ୟ କରିବା କାରଣ ଭାରତ ଗବର୍ଣ୍ମେଣ୍ଟ ପ୍ରାଦେଶିକ ଗବର୍ଣ୍ମେଣ୍ଟମାନଙ୍କୁ ଆଦେଶ ଦେଇ ଅଛନ୍ତି । ଏକଥା ସତ୍ୟ ହେଲେ ବଡ ସୁଖର ବିଷୟ ହେବ । କାର୍ଯ୍ୟ ଶ୍ରେଣୀର ଯାତ୍ରିକତା ରେଳ କର୍ମଚାରୀମାନଙ୍କର ପ୍ରଧାନ ଅସ୍ତ୍ର ଅଥଚ ସେହି ଯାତ୍ରିମାନଙ୍କର କଷ୍ଟର ସୀମା ନାହିଁ ବଡ ଦୁଃଖର କଥା ।

---

ଚିତ୍ରାଲରାଜ୍ୟ ଇଂରାଜଙ୍କ ଅଧିକାରରେ ରହିବାର ବିଲାତର ପାର୍ଲିମେଣ୍ଟ ସ୍ଥିର କଲେ । ବିଲାତର ପ୍ରଧାନ ମନ୍ତ୍ରୀ ଭରସା ଦେଇ ଅଛନ୍ତି ଯେ ଏଥିପାଇଁ ଭାରତର ସୈନ୍ୟସଂଖ୍ୟା ବା ବଳ-ବୃଦ୍ଧି କରିବାର ପ୍ରୟୋଜନ ହେବ ନାହିଁ । ଏଥକୁ ଆମ୍ଭେମାନେ କହୁଁ ଚିତ୍ରାଲରେ ଯେଉଁ ସେନା ରହିବ ଏବଂ ଯାହା ଲଗିବାକୁ ଯେଉଁମାନେ ନିଯୁକ୍ତ ହେବେ ସେମାନଙ୍କର ଖରଚ ବିଲାତରୁ ଆସିବ ନାହିଁ । ଭାରତବାସୀ ଆଉ କେତେ ଦେବେ ଓ ଖରଚ ବଢିବ ନାହିଁ କିପରି ? ରାଜ୍ୟ ହାତରେ ପଡିଲେ ରକ୍ଷା କି ପାଇବେ ?

---

ଡେପୁଟୀ କଲେକ୍ଟର ଓ ସବଡେପୁଟୀ କଲେକ୍ଟର ପରୀକ୍ଷା ନୂତନ ନିୟମାନୁସାରେ ଆଗାମୀ ମାର୍ଚ୍ଚମାସରେ ଗୃହୀତ ହେବ । ପରୀକ୍ଷାର ଫଳ ଏ ବର୍ଷରେ ପ୍ରକାଶିତ ହେବ । ଡେପୁଟୀ କଲେକ୍ଟର ସାତଜଣ ଓ ସବ ଡେପୁଟୀ କଲେକ୍ଟର ସାତଜଣ ଏହି ନିୟମରେ ମନୋନୀତ ହେବେ ଯେ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ଡେପୁଟୀ କଲେକ୍ଟର ପଦ ନିମନ୍ତେ ଗୃହୀତ ହେବେ ଏବଂ ତହିଁ ଉତ୍ତାରୁ ଅବଶିଷ୍ଟ ଜ ୭ ଣ ଡେପୁଟୀ ଜ ୨ଣ ସବଡେପୁଟୀ ମାନ୍ୟବର ଲେଫ୍ଟେନାଣ୍ଟଙ୍କ ଇଚ୍ଛାନୁସାରେ ଗୃହୀତ ହେବେ ଅର୍ଥାତ୍ ପ୍ରତିଯୋଗିତା ପରୀକ୍ଷାର ସମ୍ପୂର୍ଣ୍ଣ ଫଳ ଜ ୧୪ ଣ ମଧ୍ୟରୁ କେବଳ ଜ ୪ ଣ ପାଇବେ । ଏହା ସନ୍ତୋଷ ଜନକ ନୁହେ ।

---

ଗତମାସ ତା ୧୫ ରିଖରେ ବିଲାତର ନୂତନ ପାର୍ଲିମେଣ୍ଟ ସଭା ବସିଲା । ଶ୍ରୀମତୀ ମହାରାଣୀଙ୍କ ବକ୍ତୃତା ଲର୍ଡ ଚାନ୍ସେଲରଙ୍କଦ୍ୱାରା ପଠିତ ହେଲା । ତହିଁରେ ଲେଖା ଅଛି କି ଇଉରୋପର କୌଣସି ରାଜ୍ୟରେ ଶାନ୍ତିଭଙ୍ଗର ଭୟ ନାହିଁ । ଚୀନ ଓ ଜାପାନ ମଧ୍ୟରେ ଯେଉଁ ସନ୍ଧି ହୋଇଅଛି ତାହା ଦୀର୍ଘକାଳ ସ୍ଥିର ରହିବ । ଚୀନର ପୂର୍ବାଞ୍ଚଳ ପ୍ରଦେଶରେ ଯେଉଁମାନେ ଇଂରାଜ ଧର୍ମ ପ୍ରଚାରକମାନଙ୍କୁ ହତ୍ୟା କରିଅଛନ୍ତି ଚୀନ ଗବର୍ଣ୍ମେଣ୍ଟ ସେମାନଙ୍କୁ ଉପଯୁକ୍ତ ଶାସ୍ତି ଦେବେ ଏବଂ ଆର୍ମେନିଆର ଶାସନ ସଂସ୍କାର ବିଷୟରେ ଇଂରାଜ ଫରାସୀ ଓ ରୁଷ ଗବର୍ଣ୍ମେଣ୍ଟମାନେ ତୁରୁକର ସୁଲତାନଙ୍କୁ

Digitized by srujanika@gmail.com

Split by PDF Splitter



ଯେଉଁ ପରାମର୍ଶ ଦେଇ ଅଛନ୍ତି ତାହା ସେ ଶୀଘ୍ର ପ୍ରତିପାଳନ କରିବେ । ପରିଶେଷରେ ଲେଖାଅଛୁ ଯେ ସମ୍ପ୍ରତି ଆଇନ ବ୍ୟବସ୍ଥା ଘଟିତ କୌଣସି ପ୍ରଧାନ କାର୍ଯ୍ୟ ହେବ ନାହିଁ । ଅନ୍ୟାନ୍ୟ ଥର ପରି ଏଥର ମଧ୍ୟ ମହାରାଣୀଙ୍କ ବକ୍ତୃତାରେ ଭାରତବର୍ଷର କିଛିମାତ୍ର ଉଲ୍ଲେଖ ନାହିଁ ।

———

ସରକାରୀ ମଦକୁମାର ପ୍ରୟୋଜନୀୟ ସରଞ୍ଜାମ ମଧ୍ୟରୁ ଯାହା ଭାରତବର୍ଷରେ ମିଳିପାରେ ତାହା ବିଲାତରୁ ନ ଆଣି ଭାରତବର୍ଷରେ ଖରିଦ କରିବା ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ଆଦେଶ ଅଛି । ସେହି ଆଦେଶ ସମ୍ପୂର୍ଣ୍ଣରୂପେ ପ୍ରତିପାଳିତ ହେଉ ନାହିଁ ବୋଲି ଗତ ବଜେଟର ବିଚାର ସମୟରେ ଭାରତୀୟ ବ୍ୟବସ୍ଥାପକ ସଭାରେ ଆପତ୍ତି ହୋଇଥିଲା । ସେହି ଉପଲକ୍ଷରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ନିର୍ଦ୍ଧାରଣ ଗତମାସର କଲିକତା ଗେଜେଟରେ ବାହାରିଅଛି । ସନ ୧୮୯୩।୯୪ ସାଲରେ ଯେ ସମସ୍ତ ସରଞ୍ଜାମ ସରକାରୀ କାର୍ଯ୍ୟ ନିମନ୍ତେ ବିଲାତରେ ଏବଂ ଭାରତବର୍ଷରେ ଖରିଦ ହୋଇଥିଲା ତହିଁର ଏକ ତାଲିକା ପ୍ରକାଶ କରି ମାନ୍ୟବର ବଙ୍ଗୀୟ ଲେଟଲିଃ କହି ଅଛନ୍ତି ଯେ ପ୍ରତିବର୍ଷ ଏହିପରି ଏକ ତାଲିକା ପ୍ରକାଶ କରାଯିବ ଏବଂ ଭାରତବର୍ଷର ବଡ଼ ବଡ଼ କାରଖାନାର ଅଧ୍ୟକ୍ଷମାନଙ୍କ ନିକଟକୁ ପତ୍ର ଲେଖାଯିବ ଯେ ତାଲିକା ଲିଖିତ ବିଲାତରୁ ଆସିବା ସରଞ୍ଜାମ ମଧ୍ୟରୁ ଯେଉଁସବୁ ଦ୍ରବ୍ୟ ସେମାନେ ଯୋଗାଇ ପାରିବେ ତହିଁର ବିବରଣ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ । ସେସବୁ ଦ୍ରବ୍ୟର ଗୁଣ ଏବଂ ମୂଲ୍ୟ ବିଲାତି ଦ୍ରବ୍ୟର ସମାନ ହେବା ଆବଶ୍ୟକ । ମାନ୍ୟବର ଲେଃ ଗଭର୍ଣ୍ଣର ଏ ବିଷୟରେ ଯଥୋଚିତ ଯତ୍ନବାନ୍ ହେବାରୁ ଧନ୍ୟବାଦର ପାତ୍ର ଅଟନ୍ତି । ଭରସା ହୁଏ ଏଥିଦ୍ୱାରା ସୁଫଳ ଲାଭ ହେବ ।

———

ଏଠାରେ ଯେଉଁ ଆୟୁର୍ବେଦୀୟ ବିଦ୍ୟାଳୟ ସ୍ଥାପିତ ହେବାର ଜଳ୍ପନା ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ହୋଇ ଆସୁଅଛି ସମ୍ପ୍ରତି ତାହା କାର୍ଯ୍ୟରେ ପରିଣତ ହେବାର ଏକ ପ୍ରକାର ବୋଲି ଯାଇ ପାରେ । ପ୍ରାୟ ଦୁଇ ମାସ ହେବ ଏଠାରେ କବିରାଜ ଏହି ବିଦ୍ୟାଳୟର ନୈତିକ ସ୍ୱରୂପର କଲିକତାରୁ ଆସି ଅଛନ୍ତି ଏବଂ ଦୁଇଜଣ ଛାତ୍ର ଉପସ୍ଥିତ ହୋଇ ଅଛନ୍ତି । ବିଦ୍ୟାଳୟ ସ୍ଥିର ରହିବା ଏବଂ ନିୟମିତରୂପେ ତହିଁର କାର୍ଯ୍ୟ ନିର୍ବାହ ହେବାର ସୁବନ୍ଦୋବସ୍ତ ନିମନ୍ତେ ଗତ ରବିବାର ଏବଂ ତହିଁ ପୂର୍ବ ରବିବାର ବାବୁ ହରାଶଙ୍କର ପଣ୍ଡିତଙ୍କ ଗୃହରେ ସଭା ହୋଇଥିଲା । ଦୁଃଖର ବିଷୟ ଯେ ପ୍ରତି ଅଧିବେଶନରେ ଗୁରୁ ପାଞ୍ଚ ଜଣରୁ ଅଧିକ ଭଦ୍ର ଲୋକଙ୍କର ସମାଗମ ହେଲା ନାହିଁ । ଏଥିରୁ ବୁଝି ହେଉଅଛି ଯେ ଏହି ଅନୁଷ୍ଠାନରେ ନଗରବାସୀ ପ୍ରଧାନ ଲୋକଙ୍କର ସହାନୁଭୂତି ନାହିଁ ଅଥବା ସଭା ସମିତି ଦ୍ୱାରା ଏ ନଗରରେ କୌଣସି କାର୍ଯ୍ୟ ହେବାର ସମୟ ଅଦ୍ୟାପି ଉପସ୍ଥିତ ହୋଇ ନାହିଁ ବା ଶୀଘ୍ର ହେବା ଆଶା ନାହିଁ । ଆମ୍ଭମାନଙ୍କ ବିବେଚନାରେ କୌଣସି ଧନାଢ୍ୟ ବ୍ୟକ୍ତି ପ୍ରଥମେ ଏ ବିଦ୍ୟାଳୟ ସ୍ଥାପନର ସମୁଦାୟ ଭାର ଗ୍ରହଣ ପୂର୍ବକ ସୁଯୋଗ୍ୟ ଚିକିତ୍ସକ ରଖି ଆୟୁର୍ବେଦୀୟ ଚିକିତ୍ସାର ଫଳ ଦେଖାଇବାକୁ ଯତ୍ନବାନ ନ ହେଲେ ଏ କାର୍ଯ୍ୟ ସାଧନ ହେବାର ଅନ୍ୟ ଉପାୟ ନାହିଁ । ଅପାତତଃ ମାସିକ ବ୍ୟୟ ଟ ୫୦।୬୦ ଙ୍କାରୁ ଅଧିକ ହେବ ନାହିଁ । ଅନ୍ତତଃ ପାଞ୍ଚ ଛ ମାସ ଏହି ବ୍ୟୟ ଯୋଗାଇବା ଲୋକ କେହି ନାହାନ୍ତି ଏମନ୍ତ ବୋଲି ଯାଇ ନ ପାରେ ।

———

ଚଳିତ ମାସ ତା ୭ ରିଖର ଓଡ଼ିଆ ଓ ନବସମ୍ବାଦରେ ନାଳିକର ଶ୍ରୀ ଜା—ସ୍ୱାକ୍ଷରିତ ଖଣ୍ଡିଏ ପ୍ରେରିତ ପତ୍ର ପ୍ରକାଶିତ ହୋଇ ଅଛି । ତହିଁରେ ଲେଖା ଅଛି କି ଓଡ଼ିଶାର ସମ୍ବାଦ ପତ୍ରମାନଙ୍କରେ ବନ୍ଦୋବସ୍ତର ଯଥୋଚିତ ଚର୍ଚ୍ଚା ହେଉ ନାହିଁ ଏବଂ ଓଡ଼ିଶାର ଶୋଭା ଚିନ୍ତାଶୀଳ ଓ ପ୍ରଧାନ ଲୋକମାନେ ଏ ବିଷୟରେ ଆଦୌ ମନୋଯୋଗୀ ନାହାନ୍ତି । ବର୍ତ୍ତମାନ ସମୟରେ ବନ୍ଦୋବସ୍ତ କାର୍ଯ୍ୟ ସର୍ବାପେକ୍ଷା ଗୁରୁତର ଏବଂ ତାହା ସୁରୂପେ ହେଲେ ରାଜା ପ୍ରଜା ଉଭୟଙ୍କର ମଙ୍ଗଳ ହେବ ତହିଁର ଆନ୍ଦୋଳନ ଯଥେଷ୍ଟରୂପେ ହେବା ଉଚିତ ଏ ବିଷୟରେ ଦ୍ୱିରୁକ୍ତି ନାହିଁ । ଅମ୍ଭେମାନେ ସ୍ୱୀକାର କରୁଅଛୁଁ ଯେ ଆପଣା କର୍ତ୍ତବ୍ୟ କର୍ମ ଉତ୍ତମ ରୂପେ ନିର୍ବାହ କରି ନ ପାରିବାରୁ ଦୋଷୀ ଅଛୁଁ । ମାତ୍ର ଏଥିର ପ୍ରାଦୁର୍ଭୂତ ଅବସ୍ଥା ପତ୍ରପ୍ରେରକଙ୍କଠାରୁ ପ୍ରାର୍ଥନା କରୁ ଅଛୁଁ । ସେ ଯେବେ ଏହି ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭଠାରୁ ଏ ପର୍ଯ୍ୟନ୍ତ ସମସ୍ତ ଘଟନା ସ୍ମରଣ କରିବେ ତେବେ ଦେଖିବେ ଯେ ଉତ୍କଳ ସଭା ପ୍ରଥମରୁ ସଚେତନ୍ ହୋଇ ଜମିଦାରଙ୍କର ଏକ ସଭା କରାଇ ଥିଲେ ଏବଂ ଗବର୍ଣ୍ଣମେଣ୍ଟକୁ ଆବେଦନ ପତ୍ର ପଠାଇ ଥିଲେ । ଗବର୍ଣ୍ଣମେଣ୍ଟଙ୍କ ଉତ୍ତର ଓ ଜମିଦାରଙ୍କ ସଭା ବିବରଣ ଯଥା ସମୟରେ ପ୍ରକାଶିତ ହୋଇଥିଲା । ଜମିଦାରମାନେ ଆପଣା ଆପଣା କାର୍ଯ୍ୟ ସ୍ୱତନ୍ତ୍ର ରୂପେ ନିର୍ବାହ କରିବାର ଇଚ୍ଛା ନିମନ୍ତେ ହେଲେ ଗବର୍ଣ୍ଣମେଣ୍ଟ କହିଲେ ଯେ ବନ୍ଦୋବସ୍ତ ଶେଷ ନିଷ୍ପତ୍ତି ରୂପେ ସ୍ଥିର ହେଲେ ଜଣାଇବେ ମାତ୍ର କିଛି ଜଣାଇଲେ ନାହିଁ । ସମ୍ବାଦ ପତ୍ରମାନେ ଯେତେବେଳେ ଯାହା ଜାଣି ପାରିଲେ ସେତେବେଳେ ତାହା ପ୍ରକାଶ କଲେ । ଦେଶ ସାରା ମୌନ ହୋଇ ରହିଲେ ଦେଶର ମୁଖପାତ୍ର ସମ୍ବାଦ ପତ୍ରର କାର୍ଯ୍ୟ ଫଳିବ କାହିଁ ? ବର୍ତ୍ତମାନ ବନ୍ଦୋବସ୍ତ ସମ୍ବନ୍ଧରେ ଯେଉଁ ଜମିଦାର ପ୍ରତି ଯେଉଁ ବ୍ୟବସ୍ଥା ହେଉଅଛି ତାହା କେବଳ ସେହି ଜମିଦାର ଓ ତାହାଙ୍କ ଜିଲ୍ଲା ମୁକ୍ତାରଙ୍କୁ ଜଣା । ସେମାନେ ଯେବେ ସାଧାରଣ ହିତାର୍ଥେ ସେସବୁ ପ୍ରକାଶ କରୁଥାନ୍ତେ ତେବେ ଅବଶ୍ୟ ତହିଁର ଚର୍ଚ୍ଚା ଲାଗି ଥାନ୍ତା ଏବଂ କୌଣସି ଅନ୍ୟାୟ ଘଟିଲେ ତହିଁର ପ୍ରତିକାରର ପରାମର୍ଶ ଦଶ ଜଣ ଦେଇ ପାରନ୍ତେ । ସେ କଥା ହେଉ ନାହିଁ । କୌଣସି ସମ୍ବାଦ ପତ୍ରର ଅବସ୍ଥା ମଧ୍ୟ ଏପରି ନୁହେ ଯେ ବିଶେଷ ଲୋକ ନିଯୁକ୍ତ କରି ସଦର ମୋଫସଲର ବନ୍ଦୋବସ୍ତ କଚେରୀମାନଙ୍କରେ ଯେତେବେଳେ ଯେ କଥା ହେଉ ଅଛି ତହିଁର ସମ୍ବାଦ ଆଣି ସର୍ବସାଧାରଣରେ ପ୍ରକାଶ କରିବେ । ପତ୍ର ପ୍ରେରକମାନେ ନାନାବିଷୟ ଲେଖି ପ୍ରାୟ ସବୁ ସପ୍ତାହରେ ଉପସ୍ଥିତ ହେଉ ଥିଲେହେଁ ବନ୍ଦୋବସ୍ତ ଯେଉଁ କାହାରିକୁ ବ୍ୟସ୍ତ ହେବାର ପ୍ରାୟ ଦେଖା ଯାଏ ନାହିଁ । ଏ ଅବସ୍ଥାରେ ପତ୍ରପ୍ରେରକ ମହାଶୟଙ୍କର ଦୁଃଖ ପ୍ରକାଶ କରିବା ଓ ସମସ୍ତଙ୍କର ତ୍ରୁଟି ଦେଖାଇ ଦେବା ଅନ୍ୟାୟ ନୁହେ ମାତ୍ର ସେ ଯେଉଁରୂପେ ଏଥିର ଚର୍ଚ୍ଚାରେ ଉଦ୍ୟତ ହୋଇ ଅଛନ୍ତି ସେ ସ୍ଥଳେ ଆଶା କରୁଁ ସେ କେବଳ ସାଧାରଣ ଉପଦେଶ ଦେବା ଦ୍ୱାରା ଶାନ୍ତ ନ ହୋଇ ବନ୍ଦୋବସ୍ତ ସମ୍ବନ୍ଧୀୟ ଜ୍ଞାତବ୍ୟ ବିଷୟମାନଙ୍କର ଚର୍ଚ୍ଚା କରିବେ ।

———

Digitized by srujanika@gmail.com

Split by PDF Splitter



ଏଠା କଲେକ୍ଟରୀ ସଦର କାନନ୍‌ଗୋଇ କାର୍ଯ୍ୟପ୍ରାର୍ଥୀମାନଙ୍କ ମଧ୍ୟରୁ ବାବୁ ବ୍ରଜବାନନ୍ଦ ଦାସ ବି, ଏ, ଙ୍କୁ କଲେକ୍ଟର ସାହେବ ମନୋନୀତ କରି ତାହାଙ୍କ ଉପରୁ ଏହି ମର୍ମରେ ପତ୍ର ଲେଖି ଅଛନ୍ତି କି ଯେବେ ସେ ଏପରି ଏକରାରନାମା ଲେଖି ଦେବେ କି ତିନିବର୍ଷ ମଧ୍ୟରେ ଏ କାର୍ଯ୍ୟ ଛାଡି କାର୍ଯ୍ୟାନ୍ତରକୁ ଗଲେ ତୁଳଣ ଟଙ୍କା କ୍ଷତିପୂରଣ ଦେବେ ତେବେ ତାହାଙ୍କୁ ସଦର କାନନଗୋଇ କାର୍ଯ୍ୟରେ ନିଯୁକ୍ତ କରାଯିବ । ବି, ଏ, ଉପାଧିଧାରିଙ୍କ ମଧ୍ୟରୁ ଅଧିକାଂଶ କେବଳ ଥିବାବେଳେ ଅଳ୍ପ ବେତନର ପଦ ଲେଉଣ୍ଡୁ ମାତ୍ର ସୁବିଧା ପାଇଲେ ପୁଣି ତାହା ଛାଡିଦେଇ ଅଧିକ ବେତନର କାର୍ଯ୍ୟକୁ ଚାଲିଯାନ୍ତି ବୋଲି ଏହି ଅଭିନବ ନିୟମର ସୃଷ୍ଟି ହୋଇ ଅଛି । ଏ ନିୟମ କାହାରି ବିବେଚନାରେ କଠିନ ବୋଧ ହେଲେହେଁ ଅମ୍ଭେମାନେ ସେପରି ଜ୍ଞାନ କରୁ ନାହୁଁ । ଅମ୍ଭେମାନେ ବିବେଚନା କରୁଁ କି କେହି ଯୋଗ୍ୟ ଲୋକ କୌଣସି ମହକୁମାରେ ପଡିରହି କାର୍ଯ୍ୟଦ୍ୱାରା ଉପରିସ୍ଥ ହାକିମଙ୍କୁ ସନ୍ତୋଷ କଲେ ଅବଶ୍ୟ ସମୟରେ ପଦୋନ୍ନତି ପାଇ ପାରିବ । ଯେଉଁଠାରେ ସେପରି ଉନ୍ନତି ଲାଭର ସମ୍ଭାବନା ନାହିଁ ସେ ମହକୁମାରେ ଉଚ୍ଚାକାଂକ୍ଷୀ ଲୋକଙ୍କର ପ୍ରାର୍ଥୀ ହେବା ଉଚିତ ନୁହେ । ମାତ୍ର ଅମ୍ଭମାନଙ୍କ ବିବେଚନାରେ ଏଠା କଲେକ୍ଟରଙ୍କର ଅଳ୍ପ ଗୋଟିଏ ଭ୍ରମ ଅନୁଷ୍ଠିତ ବୋଧ ହେଉ ଅଛି । ବାବୁ ସୁଧାମୋହନ ଘୋଷ ନାମକରେ ଅଭିଜ୍ଞ ବି, ଏ, ଉପାଧିଧାରୀ କଲେକ୍ଟରି ମହକୁମାରେ ଏକବର୍ଷରୁ ଅଧିକ ହେବ ମୋହରରୀ କାର୍ଯ୍ୟ କରୁ ଅଛନ୍ତି । ସେ ମଧ୍ୟ ସଦର କାନନଗୋଇ କାର୍ଯ୍ୟ ପାଇଁ ଆବେଦନ କରିଥିଲେ ଏବଂ ଯେଉଁ ଡେପୁଟିଙ୍କ ନିକଟରେ ସେ କାର୍ଯ୍ୟ କରୁ ଅଛନ୍ତି ସେ ଯୋଗ୍ୟତାର ପ୍ରଶଂସା ମଧ୍ୟ କରିଥିଲେ । ଅଥଚ ସେ କେବଳ ବଙ୍ଗଳା ଜାଣନ୍ତି ବୋଲି ମନ୍ତବ୍ୟ ପ୍ରକାଶ କରି କଲେକ୍ଟର ସାହେବ ତାହାଙ୍କ ଦାବୀ ଉପେକ୍ଷା କଲେ । ଯେଉଁ ବ୍ୟକ୍ତି କଚେରୀରେ ପାର୍ସିକାଲ ପର୍ଯ୍ୟନ୍ତ ଓଡ଼ିଆ ମୋହରରୀ କରି ସୁଖ୍ୟାତି ଲଭି ଅଛନ୍ତି ତାହାଙ୍କୁ ଅଗ୍ରେ ପଦୋନ୍ନତ ନ ଦେଇ ପ୍ରତିଯୋଗିତା ପରୀକ୍ଷା କରା ତାହାର ଲୋକଠାରୁ ଏକରାରନାମା ନେଇବା କଦାଚ ନ୍ୟାୟସଙ୍ଗତ ହୋଇ ପାରି ନ ଥାଏ । ଏହି ଅବିଚାରରୁ ଘଟିବାର ସାଧାରଣ ବିଶ୍ୱାସ ହୋଇଅଛି ଯେ ସେ ଲୋକଟି ଏତଦ୍ଦେଶୀୟ ବଙ୍ଗାଳୀ ବୋଲି ତାହାର ଦାବୀ ଉପେକ୍ଷିତ ହୋଇ ଜଣେ ଓଡ଼ିଆ ମନୋନୀତ ହୋଇଅଛି । ଏ ଦେଶୀୟ ଓଡ଼ିଆ ବଙ୍ଗାଳିଙ୍କ ମଧ୍ୟରେ ହାକିମମାନେ ଭେଦଜ୍ଞାନ ରଖିବା କଥା କେବେ କେବେ ଉଠିଲେହେଁ ଅମ୍ଭେମାନେ ତହିଁରେ ଆସ୍ଥା କରି ନାହୁଁ ମାତ୍ର କେବଳ ହାକିମମାନଙ୍କର ଏବମ୍ବିଧ କାର୍ଯ୍ୟ ଦେଖି କେତେକ ପରିମାଣରେ ତାହା ବିଶ୍ୱାସ କରିବାକୁ ବାଧ୍ୟ ହେଉଅଛୁଁ । ହାକିମମାନେ ଯେବେ ଓଡ଼ିଆ ବଙ୍ଗାଳିଙ୍କ ମଧ୍ୟରେ ବିଚ୍ଛେଦ ଘଟାଇବେ ତେବେ ଆଉ ତାହାର ଫଳ ଅଛି ? ଭରସା କରୁଁ ହାକିମମାନଙ୍କର ସେ ଉଦ୍ଦେଶ୍ୟ ନୁହେ କିନ୍ତୁ ସେମାନଙ୍କ କାର୍ଯ୍ୟଦ୍ୱାରା କେବେ କେବେ ଏପରି ସନ୍ଦେହ ଉଦୟ ହେଉ ଥିବାରୁ ଜଣାଇଦେବା ଉଚିତ ବିବେଚନାରେ ଏଥିର ଉଲ୍ଲେଖ କଲୁଁ ।

---

## ପୁସ୍ତକପ୍ରାପ୍ତି ।

ଅମ୍ଭେମାନେ ନିମ୍ନଲିଖିତ ପୁସ୍ତକମାନ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ।

ରତ୍ନାବଳୀ—ସଂସ୍କୃତ ରତ୍ନାବଳୀ ନାଟକକୁ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ସୋନପୁର ରାଜଧାନୀର ସୁବିଖ୍ୟାତ ଶ୍ରୀମାନ ଶାର ମେତ୍ରୋହନ୍ ସିଂହ ଦେବ ଉତ୍କଳଭାଷାରେ ଗଦ୍ୟ ଓ ଗୀତରେ ଅନୁବାଦ କରି ପ୍ରକାଶ କରିଅଛନ୍ତି ଏବଂ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି । ଅମ୍ଭେମାନେ ଏପୁସ୍ତକ ପଢ଼ି ଆନନ୍ଦିତ ହୋଇଅଛୁଁ । ଏହାର ଭାଷା ଉନ୍ନତ ସୁରୁଚିପୂର୍ଣ୍ଣ ଅଥଚ କ୍ଲିଷ୍ଟ ନୁହେ ଏବଂ ଭାବ ମନୋହର । ଏହା ଅଗ୍ରେ ପାଠକରିବା ନିମନ୍ତେ ସର୍ବସାଧାରଣଙ୍କୁ ଅନୁରୋଧ କରୁଁ । ଭଦ୍ର ମଣ୍ଡଳରେ ଏହା ଅଭିନୀତ ହେଲେ ଆନନ୍ଦପ୍ରଦ ହେବ ସନ୍ଦେହ ନାହିଁ ।

ତମଲ୍ଲାର ଚନ୍ଦ୍ରିକା—ଏହିନାମର ମୂଳ ସଂସ୍କୃତ ଗ୍ରନ୍ଥରୁ ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଦ୍ୱାରା ଉତ୍କଳ ପଦବନ୍ଧରେ ଅନୁବାଦ ହୋଇ ଏଜଗତରସ୍ଥ ଅରୁଣୋଦୟ ଯନ୍ତ୍ରରେ ମୁଦ୍ରିତ ହୋଇଅଛି । ଏଥିରେ ଶ୍ରୀକୃଷ୍ଣଙ୍କ ଗୋପଲୀଳାର କେତେକ କୌତୁକ ବିଷୟ ସରଳ ଭାଷାରେ ବର୍ଣ୍ଣିତ ହୋଇଅଛି ମାତ୍ର ନାମାନୁରୂପ ତମଲ୍ଲାରରାଗ ଦେଖିଲୁଁ ନାହିଁ ।

ଅନଙ୍ଗରୂପା—ଶ୍ରୀ ଭାଗୀରଥୀ ଷାଠିଆଙ୍କ ଦ୍ୱାରା ରଚିତ ଏବଂ ଏଜଗତରସ୍ଥ ଅରୁଣୋଦୟ ଯନ୍ତ୍ରରେ ମୁଦ୍ରିତ । ଜଣେ ଅନ୍ୟ ଏକଜଣର ସ୍ତ୍ରୀକୁ ତାହାଠାରୁ ଠକ କରି ନେଇଥିଲା ମାତ୍ର ରାଜଦରବାରରେ ମନ୍ତ୍ରୀଙ୍କ ସୁବିବେଚନାରେ ଧର୍ମ୍ମପ୍ରକାଶ ହେବାରୁ ଦଣ୍ଡନୀୟ ହେଲା ଅନଙ୍ଗ ସ୍ୱଭୂମି ରହିପାରିଲା ନାହିଁ ଏହି ବିଷୟ ନାନା ରାଗିଣୀର ଛନ୍ଦରେ ବର୍ଣ୍ଣିତ ହୋଇଅଛି । ଏଥିର ଭାଷା ସରଳ ଏବଂ ମନୋହର ମାତ୍ର ବିଷୟ ଉପଯୁକ୍ତ ହୋଇ ନାହିଁ ।

ଭଜନମାଳା—ଖଣ୍ଡପଡ଼ାଧିପ ଶ୍ରୀ ନଟବର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ଦ୍ୱାରା ବିରଚିତ ଏବଂ ଏଜଗତରସ୍ଥ ସ୍ୱୀୟ ପ୍ରେସରେ ମୁଦ୍ରିତ । ଏହି କ୍ଷୁଦ୍ର ପୁସ୍ତିକାରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶରେ କେତୋଟି ଭକ୍ତିପୂର୍ଣ୍ଣ ନାନା ରାଗିଣୀର ସଙ୍ଗୀତ ସନ୍ନିବେଶିତ ହୋଇଅଛି । ଗୀତ ସବୁର ଭାବ ଲେଖା ନାହିଁ । ମାତ୍ର ଭାବ ଉତ୍ତମ ଅଟେ । କେବଳ ବିତରଣାର୍ଥେ ପ୍ରକାଶିତ ହୋଇଅଛି ।

ସଂକ୍ଷିପ୍ତ ଉତ୍କଳ ଅଭିଧାନ—ବାବୁ ଜଗନ୍ନାଥ ରାଓଙ୍କ ଦ୍ୱାରା ପ୍ରକାଶିତ ଶ୍ରୀଯୁକ୍ତ ବାମଣ୍ଡା ରାଜାଙ୍କ ନାମରେ ଉତ୍ସର୍ଗିତ ଏବଂ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଦ୍ୱାରା ମୁଦ୍ରିତ । ଜଗନ୍ନାଥବାବୁ ଏଥିପୂର୍ବେ ଖଣ୍ଡିଏ ବୃହତ୍ ଅଭିଧାନ ପ୍ରକାଶ କରିଥିଲେ । କିନ୍ତୁ ତହିଁର ମୂଲ୍ୟାଧିକ୍ୟ ହେତୁ ସମସ୍ତଙ୍କ ପକ୍ଷରେ ସୁବିଧାଜନକ ନୁହେ । ଏଥିପାଇଁ ସେ ଏହି ସଂକ୍ଷିପ୍ତ ଅଭିଧାନ ପ୍ରକାଶ କରିଅଛନ୍ତି । ଏହା କ୍ଷୁଦ୍ର ଅକ୍ଷର ଏବଂ କ୍ଷୁଦ୍ର ଆକାରରେ ପୃ ୪୯୦ ଖଣ୍ଡରେ ସମାପ୍ତ ଏବଂ ଏଥିରେ ପ୍ରାୟ ଦଶସହସ୍ର ଶବ୍ଦ ଅଛି । ଏପୁସ୍ତକ ଅଭୀଷ୍ଟସାଧନୋପଯୋଗୀ ସନ୍ଦେହ ନାହିଁ ଏବଂ ଏହା ପ୍ରକାଶକରି ଗ୍ରନ୍ଥକାର ସର୍ବସାଧାରଣ ବିଶେଷତଃ ବିଦ୍ୟାଳୟର ଛାତ୍ରମାନଙ୍କର ଉପକାର କରିଅଛନ୍ତି । କେତେଗୁଡ଼ିଏ ନିତାନ୍ତ ଜଣା ଶବ୍ଦ ପରିବର୍ତ୍ତରେ ଆଉ କେତେକ ଅର୍ଥସାପେକ୍ଷ ଶବ୍ଦ ସନ୍ନିବେଶିତ ଏବଂ ବର୍ତ୍ତମାନର ତ୍ରୁଟି ଏକସ୍ଥଳରୁ ଜଣା ହେଲେ ଏହାର ଉପକାରିତା ଅଧିକ ବୃଦ୍ଧି ହେବ ବୋଲି ଆଶା ହେଉଅଛୁ ।

ଶାନ୍ତିମଞ୍ଜୁଷା—ସଂସ୍କୃତ ଶାନ୍ତିମଞ୍ଜୁଷା ନାମକ ଜ୍ୟୋତିଷଗ୍ରନ୍ଥରୁ ପଣ୍ଡିତ ଶ୍ରୀ ଫକୀର ତ୍ରିପାଠୀଙ୍କ ଦ୍ୱାରା ସଙ୍କଳିତ ଏବଂ ଉତ୍କଳଭାଷାରେ ଅନୁବାଦିତ ଏବଂ ଏଜଗତରସ୍ଥ ଅରୁଣୋଦୟ ଯନ୍ତ୍ରରେ ମୁଦ୍ରିତ । ମୂଲ୍ୟ ଟ ୦ ⁄ । ଏପୁସ୍ତକ ଅତିକ୍ଷୁଦ୍ର ଅର୍ଥାତ୍ ୮ ପୃଷ୍ଠା ମାତ୍ର ହେଲେହେଁ ଏଥିରେ ଯେଉଁ ୬୧ଟା

Digitized by srujanika@gmail.com

ଶ୍ଳୋକ ଅର୍ଥ ସହିତ ପ୍ରକାଶିତ ହୋଇଅଛି ତଦ୍ୱାରା ସଂସ୍କୃତର ବ୍ୟବହାରସ୍ଥ ଖାଦ୍ୟ ଦ୍ରବ୍ୟ ଭାଷାରେ ଜାଣି ହେବାର ଲେଖାଥିବାରୁ ବଡ଼ ଉପକାର ଅଛି । ଅଜୀର୍ଣ୍ଣ ସବୁରୋଗର ମୂଳ । ଯେଉଁ ଖାଦ୍ୟ ହେଉ ତାହା କଷ୍ଟକ ଅବଲମ୍ବେ ଯହିଁକି ପ୍ରଶଂସାରୁ ଏପୁସ୍ତକ ସାହାଯ୍ୟରେ ହୋଇପାରିବ ଅଥଚ ଯେ ସବୁଦ୍ରବ୍ୟ ସର୍ବଦା ଲୋକଙ୍କ ଘରେ ଥାଏ ସେମାନଙ୍କ ଅତ୍ୟାବଶ୍ୟ ପ୍ରଶଂସାର ସ୍ୱରୂପ ସେହି ସବୁଦ୍ରବ୍ୟ ଉଲ୍ଲେଖ ହୋଇଅଛି ।

ଅନୁଗୁଳର ଇତିହାସ ଏବଂ ଭୂଗୋଳ—ଉତ୍କଳ ଭାଷାରେ ବାବୁ ଭଗବାନ ଚରଣଦାସଙ୍କ ଦ୍ୱାରା ପ୍ରକାଶିତ ଏବଂ ଏଜଗରସ୍ଥ ଉତ୍କଳପ୍ରଥା ଯନ୍ତ୍ରରେ ମୁଦ୍ରିତ । ଏପୁସ୍ତକର ଦଫେବର ପୃଷ୍ଠା ସଂଖ୍ୟା ମୂଲ୍ୟ ୬ ୭ । ଅନୁଗୁଳର ବର୍ତ୍ତମାନ ଡେପୁଟି କମିଶ୍ନର ଶ୍ରୀଯୁକ୍ତ ଉଆଇସାହେବଙ୍କ ନାମରେ ଉତ୍ସର୍ଗିତ । ଜଙ୍ଗଲ ସମ୍ବନ୍ଧ ଅନୁଗୁଳ ଜିଲାର ଅନ୍ତର୍ଗତ ହେବାରୁ ତହିଁର ବିବରଣ ମଧ୍ୟ ସନ୍ନିବେଶିତ ହୋଇଅଛି । ବିଜ୍ଞାପନରୁ ପ୍ରକାଶ ଯେ ଗ୍ରନ୍ଥକାର ଓଡ଼ିଶା ବିଦ୍ୟାଳୟ ସମୂହର ଇନ୍‌ସ୍ପେକ୍ଟରଙ୍କ ଅନୁରୋଧ ଏବଂ ପ୍ରଦର୍ଶିତ ପ୍ରଣାଳୀ ଅନୁସାରେ ଏପୁସ୍ତକ ପ୍ରଣୟନ କରିଅଛନ୍ତି ଏବଂ ଇନସ୍ପେକ୍ଟର ମହୋଦୟ ମଧ୍ୟ ଅନୁଗୁଳ ଜିଲାର ସ୍କୁଲ ଓ ଶିକ୍ଷକମାନଙ୍କୁ ବିତରଣ କରିବା କାରଣ ପ୍ରଚୁର ପରିମାଣରେ ଏପୁସ୍ତକ କିଣିବା ପାଇଁ ଅନୁଗୁଳର ସ୍କୁଲ ଇନସ୍ପେକ୍ଟରଙ୍କୁ ଆଦେଶ ଦେଇ ଉତ୍ସାହ ଉଦ୍ଦୀପନ କାଳେବ ପୂର୍ଣ୍ଣ କରିଅଛନ୍ତି । ପିଲାମାନଙ୍କ ପଢ଼ିବା ପକ୍ଷରେ ଗୋଟିଏ ଉତ୍ତମ ବହି ପ୍ରଭୃତ ଉପଯୁକ୍ତ କରି ଗଢ଼ିଅଛି ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଶୁଣାଯାଏ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏର୍ ମାର୍ଶଲ ତଳେମାସ ତା ୩୦ ଏଠାରୁ ଛଅମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ମିଃ ମାକ୍‌ଫର୍ସନ ଅନ୍ୟାନ୍ୟ ପର୍ଯ୍ୟନ୍ତ ୧ମ ଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ ଡେପୁଟି କଲେକ୍ଟରରେ କାର୍ଯ୍ୟ କରୁଥିବେ ।

ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମିଃ ଅତୁଳକୃଷ୍ଣ ସପ୍ତ ଭୁବନେଶ୍ୱରର ଆଉଟ୍‌ପୋଷ୍ଟ ଅଫିସ ପଦରେ ନିଯୁକ୍ତ ହେଲେ ।

ଷଷ୍ଠକର ଅସ୍ଥାୟୀ ମୁନସଫ ବାବୁ କମଳାପତି ମହାନ୍ତି ଅବସର ପାଇବା ଓ ବସନ୍ତ କୁମାର ଦତ୍ତ ମୁନସଫ ପଦରେ ନିଯୁକ୍ତ ହୋଇ ଗ୍ରିବ୍ରାକ୍ଷତ୍ରରେ ଅବସ୍ଥିତ ହେଲେ ।

ତ୍ରିପୁରା ଜିଲାର ଡେପୁଟି କଲେକ୍ଟର ବାବୁ ପରମେଶ

ପ୍ରଭୃତି ସହିତ ପୌରିକାର୍ଯ୍ୟ ମାଜିଷ୍ଟ୍ରେଟ ସଂସ୍ପର୍କାରେ ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ପ୍ରାପ୍ତ ହେଲେ ।

---

ଏ ସପ୍ତାହରେ ଅଧିକ ବୃଷ୍ଟି ପ୍ରଚଳନ ନେଇଅଛି ଧୂଳିହେଁ ନାମ ମାତ୍ର ବୃଷ୍ଟି ହୋଇଅଛି ।

ଓଡ଼ିଶାଠାରେ ରୋଗ ବର୍ତ୍ତମାନ ଶୀଘ୍ର ହେବାର ଜଣାଯାଏ ।

ଗତ ବାରି ଏ ଦେଶ ଭିତରେ ଉପଲକ୍ଷରେ ଅନ୍ୟାନ୍ୟ ବର୍ଷ ପରି ଅନେକ ଲୋକ ଏଣ୍ଡ ବିଶେଷ ପ୍ରତିମା ପୂଜା ହୋଇଥିଲା ।

ଜାଣି ପଡ଼ିବୁ କହୁଛେ ଏ ସ୍ଥାନର ଯେ ସମସ୍ତ ଜମିଦାର ଘାଟରେ ଅଛିଅଛି ଅସାମୀ ବୃଦ୍ଧିକାର ସେସବୁ ଅକ୍ଷମ ହେବାର ବଡ଼ ଆର୍ଥିକ ହୋଇଅଛି ।

କଟକଜିଲାର ମାଜିଷ୍ଟ୍ରେଟ ଗ୍ରୋବର ସାହେବ ଏ ନଗରର ଲଣ୍ଡନ ପ୍ରତି ବର୍ଷାସ୍ଥ ମିଉନସିପାଲିଟି ଅପରାଧ ୨୫ ଟଙ୍କା ପାଏ ବ ଠାରୁ ୨୫ ଟଙ୍କା ପର୍ଯ୍ୟନ୍ତ ନିର୍ଦ୍ଧାରିତ ଭାଷା ବନ୍ଦ ଆଦେଶ ଦେଇଅଛନ୍ତି ମାତ୍ର ମାଂସ ବିକ୍ରୀ ଶିଖ ଫଳ ଖାଇ ପ୍ରଭୃତି ଖାଦ୍ୟଦ୍ରବ୍ୟ ବିକ୍ରୟ କରିବାର ସଂଗ୍ରେସନ ଫିସ୍ କାର୍ତ୍ତିକ ୫ ୫୦ ଟା ମଧ୍ୟରେ ଦେଇ ଦିବ ।

ପଞ୍ଚିମ ଗବର୍ଣ୍ଣମେଣ୍ଟ ନର୍ଦ୍ଦମାମାନ ଏଥର ସିମେଣ୍ଟରେ କରିବାକୁ ଇଚ୍ଛା କରେ ଅର୍ଥାତ୍ ଦୁଇମାସ ମଧ୍ୟରେ ଅତିବାଦ କଥା ହେଉଅଛି ।

କଟକ ପ୍ରଥମ ଯେ କଲାହୋଟ ମାଡ଼ ହାକିମଙ୍କ ହୋଇ ନିଜର ଦେଶୀୟମାନେ ମଦ ପାନ କରିବାକୁ ଇଚ୍ଛା କଲେ ଶାଇବା ସମୟରେ ପ୍ରଥମେ ବୋତଲ ଦିଅ ବନ୍ଦ ଶାସ୍ତି । ବିଲାତରେ ମଦର ବ୍ୟବହାର ଅଧିକ ହୋଇ ସେଠାରେ ଲୋକ ଚେତନ ହୁଏ ପର ।

ସ୍ୱାମୀଭକ୍ତ ହୃଦୟୀଣିକୁ ଅବସର ଦେଲୁ ସେ ଭୂସ୍ୱଦର ଜଣେ ଗଜପତି ଦେପୁଟି କମିଶନରଙ୍କଠାରେ ଦରଖାସ୍ତ କରିଅଛି ସେ ସ୍ୱତଃ ଚଢ଼ିଥିଲାବେଳେ ଏକ ଘୋଡ଼ା ମୋକଦ୍ଦମା ଶୁଣିବା ବେଳେ ବେତ୍ରରେ ଉଠି ଅଛି ଉପାନତ୍ ସୂତ୍ର ଦୂରପାଦସ୍ଥାନ ସହସ୍ରରେ ଦୂରଗୋଡ଼ରୁ ମାଡ଼ି ହୋଇ ତାହା ଭାଲକୁ ଉପେକ୍ଷା କଲେ ଏବଂ ତହିଁ ପରେ ପଦାଘାତ ମଧ୍ୟ କଲେ । ପ୍ରମାଣ ହେଲେ ଉଚ୍ଚ ଦଣ୍ଡ ପାଇବା ଅବଶ୍ୟ ଯୁକ୍ତି ପାଇଲେ ।

କଲିକତାରେ ଅଲ୍ପଦିନ ତଳେ ଲୋକ ଭେଟ ଦେଲେ ପ୍ରତିଷ୍ଠାର ଗୋକୁଳ ପ୍ରତିଷ୍ଠାର୍ଥ କଟାଇବାକୁ ହେଉଥିବା ଅପରାଧରେ ୫୦୦ ଟଙ୍କା ଜରିମାନା ଅର୍ଥଦଣ୍ଡ ଦେଇଅଛନ୍ତି । ଦେବତାଙ୍କ ଏମାନେ ବହୁଥିଲେ କଳିକାତା କୋର୍ଟ ଭଳି ୫ ହେଲେ ଯେତେମାନେ ଶବଦେହରେ ନିର୍ମିତ କରନ୍ତି ନାହିଁ ନାମ ମାତ୍ର ପ୍ରୟୋଗ ତହିଁରେ ଏହା ନ ହୋଇ ସନ୍ନିଧାନ କଲେ । ଜନ୍ତୁମାନଙ୍କ ପ୍ରତି ନିଷ୍ଠୁର ଆଚରଣ ଉଠିବା କରିବା ସମ୍ବନ୍ଧରେ ଅପ ମ ଥିବା ଯେ ଗୋରକ୍ଷିଣୀ ସଭା ଅପରାଧରେ ଭଲ ହେବା ପରେ ହୁଏତ ଅପରି ନାହିଁ ମାତ୍ର ସାଧାରଣ ଅନ୍ୟ କାର୍ଯ୍ୟ ନ ମିଳିବାରୁ ଏ ଜଣେ ସ୍ତ୍ରୀମାନଙ୍କ ଉପରେ ଦେଲେ ତାଙ୍କର ଦୟାଶୀଳତାକୁ ଧନ୍ୟବାଦ ଦେବାକୁ ହେବ ।

ବୋମ୍ବାଇଠାରେ ଜଣେ ଯୁବକ ପୁନାରୁ ଦ୍ୱାରକାକୁ ବଗ୍ଗିରେ ଯାଉଥିଲେ ବୋଷଃ ଜାହାଜ ପରିଚୟ ବହି ଅଛିବାର ସରିଥିବା ମାର୍ଗରେ ସୌଭାଗ୍ୟ ଦେଖିଲେ ତାଙ୍କୁ ଏକ ନିବେଦନ କରିଅଛି । ଶୁଣାଯାଏ ଜାହାଜ ଘେ ଯେ ଶାନ୍ତରେ ଉଚ୍ଚ ଜଳ ହାନି ଦୂର ୨ ଲାଗିଲେ ଆଡ଼ାକୁ ଶୀଘ୍ର କରେ ଦେଖି ଅପରାଧରେ ଅଧି ରହିଅଛି । ଶୁଣାଯାଏ ଯୁବକ ଜନକ ଗୁଣବତୀକୁ ଦେଇ ଅନ୍ତଃପୁର ଦେବାକୁ ଜାଣି କଲେ । ମାଜିଷ୍ଟ୍ରେଟ ଏବିଷୟରେ ବିଚାର କରିବା କଥା କାଗଜ ଅଛି ଏବଂ ଅଛନ୍ତି ।

ନଈକୂଳର ଟଙ୍କା ଅଗ୍ରହଣରୁ କରିଥିବା ଅପରାଧରେ ଉକ୍ତ ଜାହାଜର ପରିଚାଳକ ପ୍ରାପ୍ତ ହେବାର ସମ୍ଭାବନା ଅଛି । ଏ ଦୁଷ୍ଟ ବାଳକ ଏ ଶୀଘ୍ର ଅଛି ଶୀଘ୍ର ଗ୍ରହଣ ଯେଉଁ ଲୋକମାନଙ୍କୁ ସକାଳୁ ବାଦକୁ ଯେ ଡକାଇତ ହୋଇଥିବାର ସମ୍ବାଦ ଅଛି ।

ଦଣ୍ଡ ଦେବ ଏ ଦେଶରେ ଅଛି ଶୀଘ୍ର ଯୁବକ ଦେବେ କି ?

ଉତ୍କଳ ପ୍ରଦେଶରେ ଅଧିକ ଶାନ୍ତି ବିରାଜିତ ହୋଇ ନାହିଁ । କଟକ ରେଭିନ୍ୟୁ କମିଶନରଙ୍କ ସମ୍ବାଦ ମିଳିଲା । ଲେଫ୍‌ଟେନାଣ୍ଟ କାମ୍ବେଲସାହେବ ଗୋପାଳପୁରରେ ଯୋଗିଏ ବୋଲି ବିଶେଷ ପୀଡ଼ା ପାଇଅଛନ୍ତି । ଅନ୍ୟ କେତେକ ସିପାହୀମାନ ପ୍ରତି ହୋଇଥିବାର ସମ୍ବାଦ ଅସ୍ପଷ୍ଟ । ସୁରତ ସହ ଶ୍ରୀକ୍ଷେତ୍ର ଯୋଗ ନ ଥିବାରୁ ଛିନ୍ନ ହୋଇ ଅଛି । କେବଳ କେତେକ ସ୍ଥାନ ବାହାରେ ଅଧିକାର ଅଛନ୍ତି ହୋଇଅଛି ।

କାଳାହାଣ୍ଡିରେ ଅନେକ ଲୋକେ ଜମାନ୍ତର ବଂଶଗତ ଭୂମି ପ୍ରାପ୍ତ ହୋଇ ଅନେକ ଲୋକଙ୍କୁ ଜାତବକରେ ଦେଉଥିବାର ସମ୍ବାଦ ମିଳିଲା । ଏ ବୃତ୍ତି ଯୋଗୁଁ ଅଧିକାରୀଙ୍କ ବିଶେଷ ହାନି ହୋଇଅଛି ଓ ସେଠାରେ ଦୁର୍ଭିକ୍ଷ ପଡ଼ିବାର ସମ୍ଭାବନା ହୁଏ । ସାପାନର ଜୀବନ ହେତୁ ସେଠାରେ ଏମାନଙ୍କ ବୋଧ ବୃଷ୍ଟି ପତନ ହୋଇଅଛି କି ?

## ଢେଙ୍କାନାଳ ସମ୍ବାଦ ।

ଗତତ ମାସ ତା ୧୨ ଖ ସୋମବାର ଦିନ ସ୍କୁଲ ମାନଙ୍କ ମେନେଜର ବାବୁ ଶ୍ରୀ କୃଷ୍ଣଚନ୍ଦ୍ର ମାହାନ୍ତି ମହାଶୟ ପଠାଣମାନ ଓ ଜନ୍ମମୃତ୍ୟୁ ରେଜିଷ୍ଟର ରେଭେନ୍ୟୁ ପର୍ଯ୍ୟନ୍ତ କରିବା ହେତୁ ଘରେ କଳ ଶୀଘ୍ରବଳା ଆରମ୍ଭ କଲେ । ଢେଙ୍କାନାଳ ଅଧିକାଂଶ ନଦୀ ତା ୨ ଦିନ ବଢ଼ୁଅଛନ୍ତି । ବର୍ତ୍ତମାନ ଅଧିକ୍ଷ ସେକ୍ରେଟେରୀ ଅଫିସର ବାବୁ ଶ୍ରୀ ଜଗମୋହନ ଘୋଷ ମହାଶୟ ଛୁଟି ନେଇଛନ୍ତି ଅଛନ୍ତି । ସେହିଙ୍କ ମେଟ୍ରିକୁ ପାସ ହେଉଅଛନ୍ତି ଭଲ ବୁଝନ୍ତି ।

କଟକଠାରେ କାର୍ଯ୍ୟର ସ୍କୁଲର ଶାଖା କାର୍ଯ୍ୟ ନଦୀ ସମାପ୍ତିରେ ହୋଇଯାଇ ଅଛି । ଅଉ କାହାରି ଭାଗ ଉଚିତ ତାହା ଉଚ୍ଚଶିକ୍ଷାରେ ଏକ ନୂତନ ସ୍କୁଲ ଖୋଲି ସମାପ୍ତିରେ ହୋଇଯାଇ ଅଛି ।

ଶ୍ରାବଣଠାରୁ ଏକ ବର୍ଷା ଓ ଏକ ହେବାରୁ ସଙ୍କଟ ଦୁର୍ଭିକ୍ଷ କେଉଁଠାରେ କାର୍ଯ୍ୟ ପଡ଼ିଅଛି । ଗ୍ରାମୀଣରେ ଏହି ବୃଷ୍ଟି ହୋଇଥିଲା ଜଣାଅଛି ।

ଓଡ଼ିଶାରେ ବାବୁ ଶ୍ରୀ ଜଗନ୍ନାଥ ମହାନ୍ତି ଅନୁରୋଧ କରିଛନ୍ତି ଯେ ଶଙ୍ଖ ଜିଲାରେ ସବୁ ଏକ ସହିତ ୫ ୮୦୧ ଟା ବେତନରେ ପ୍ରାଥମିକରେ ନିଯୁକ୍ତ ହୋଇ ଅଛନ୍ତି ।

---

## ପତ୍ରପ୍ରେରକଙ୍କ ପତ୍ର ।

ଶ—ଓଡ଼ିଶାର ପ୍ରଜାଙ୍କର ଦୁଃଖରେ ଏଠା ମିଉନସିପାଲିଟି ଓଷଧ ବଣ୍ଟନାର୍ଥେ ଡାକ୍ତରଖାନା ଦବାଖାନା ସ୍ଥାପନ କରିବା ଏବଂ କେତେକଜଣ ଡାକ୍ତର ନିଯୁକ୍ତ କରିବାରୁ ଆମ୍ଭଙ୍କ ମନେ କରନ୍ତି କି ଯେତେକି ଡାକ୍ତର କୌଣସି ଓଡ଼ିଆ ସେବିଟାର ଯେଉଁ ଓଷଧ ଜାତ

Split by PDF Splitter

Digitized by srujanika@gmail.com

ନେଷିବେକ ସେ ଔଷଧ ମିଉନିସିପାଲିଟିର ଡାକ୍ତରଖାନାକୁ ଦଅସିବ ଅଥବା ମିଉନିସିପାଲିଟିରୁ ନିଯୁକ୍ତ ହୋଇଥିବା ଡାକ୍ତରମାନେ କୌଣସି ରୋଗିଙ୍କୁ ସମସ୍ତ ସ୍ଥଳ ଲଗିବସିବେ । ଏହା ବୃନ୍ଦ ଅଟେ । ମିଉନିସିପାଲିଟି ନଜର ଔଷଧ ବଢାଇବ ଏବଂ ଗରିବ ରୋଗିଙ୍କ ଅବସ୍ଥା ଦେଖି ସମୟ ସମୟରେ ଉପଦେଶ ଦେବା କାରଣ ସେପରି ବନ୍ଦୋବସ୍ତ କରିଥିଲେ । ବିସ୍ତର ବେତନ ଦେଇ ଅନେକ ପ୍ରବୀଣ ଡାକ୍ତର ନିଯୁକ୍ତ କରିବା ଏଠା ମିଉନିସିପାଲିଟିର ଅବସ୍ଥାର ଅତିରିକ୍ତ ବୋଲି ଜଣା ନ ଯାଉଥାଉଁ ଅପ୍ରବୀଣ ଯୁବା ଡାକ୍ତର କେତେଜଣ ନିଯୁକ୍ତ କରିବା ଦୋଷ ହେଲା କି? ସାଧାରଣ ଭରସା ଯେ ଏଥର ମିଉନିସିପାଲିଟି ଯଥାସାଧ୍ୟ ଆପଣା କର୍ତ୍ତବ୍ୟ ପାଳନରେ ଯେପରି ତତ୍ପରତା ଦେଖାଇ ଅଛନ୍ତି ପୂର୍ବେ କେବେ ସେପରି ଦେଖା ନ ଥିଲା ।

ଶ୍ରୀ କଃକ—ସ୍ଥାନାଭାବରୁ ଆପଣଙ୍କ ଗୀତ ପ୍ରକାଶ କରି ନ ପାରି ଦୁଃଖିତ ହେଲୁଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଗତ ତା ୧୮ ଉଣ ରବିବାର ସନ୍ଧ୍ୟା ସମୟରେ କଟକ ଦେବାନବଜାର ନିବାସୀ ଶ୍ରୀ ସେଖ୍ ଗୁଲାମମହମ୍ମଦ ଦସ୍ତଗୀର ସୌଦାଗରଙ୍କ ଗୃହରେ ଶ୍ରୀଯୁକ୍ତ ମୁନସୀ ଓୟାଏଦ ମହମ୍ମଦ ଓ ମୁନସୀ ଅବଦୁଲ ଗଫାର ଏବଂ ମୁନସୀ ସେଖ୍ ମହମ୍ମଦ ପ୍ରଭୃତିଙ୍କ ସହିତେ ଗୋଟିଏ ମନୋହର ସଭା ହୋଇଥିଲା ଏବଂ ଅଳ୍ପ ସମୟରେ ଅନେକ ମଉଲବ ଓ କାଜି ଏବଂ ବିଶେଷ ଭଦ୍ର ବିଦ୍ୱଲୋକମାନଙ୍କର ସମାଗମ ଦ୍ୱାରା ସେହି ସଭାଗୃହଟି ସୁଶୋଭିତ ହୋଇଥିଲା । ଏହି ମଜଲିସରେ ଉପସ୍ଥିତଥିବା ମାନ୍ୟବର ଶ୍ରୀଯୁତ ମଉଲବୀ ସମସୁଲ ହକ୍ ସାହେବ ଗୋଟିଏ ସାରଗର୍ଭ ବକ୍ତୃତାଦ୍ୱାରା ପ୍ରକାଶ କଲେ କି ଜେଲଉଠା ଦେଶ ପ୍ରଭୃତି ନିବାରଣାର୍ଥେ ନାନା ପ୍ରକାର ବାଜା ବଜାଇ ଓ ପୁଣି ତଦନନ୍ତରେ ଭୂଷିତ ହୋଇ ସକଳ ବାହାରକରିବା ମୁସଲମାନ ଶାସ୍ତ୍ର ବିରୁଦ୍ଧ । ଉହିଁର ପୋଷକତାରେ ସେ ଅନେକ ପ୍ରକାର ପୁସ୍ତକଶାସ୍ତ୍ର ଉଦାହରଣ ଦେଖାଇ ଯେଉଁମାନେ ଏପରି ସକଳରେ ଯୋଗ ଦଅନ୍ତି ସେହି ମୁସଲମାନମାନଙ୍କୁ ତହିଁରୁ କ୍ଷାନ୍ତ ରହିବାର ଉପଦେଶ ଦେଲେ । ଉପସ୍ଥିତ ସଭ୍ୟବୃନ୍ଦଙ୍କ ମଧ୍ୟରୁ ଅଧିକାଂଶଙ୍କର ମନୋରଞ୍ଜନ ହୋଇଥିଲା । ଏହା ଏ ନଗରରେ ଅଭିନବ ଘଟଣା ବୋଲିବାକୁ ହେବ ।

ପରିଶେଷରେ ଗୃହକର୍ତ୍ତା ମହାଶୟ ସମାଗତ ଲୋକମାନଙ୍କୁ ଭୋଜନାଦିଦ୍ୱାରା ପରିତୃପ୍ତ କରାଇ ବିଦାୟ ଦେଲେ ।

| | |
|---|---|
| କଟକ ଦେବାନବଜାର ୨୫।୮।୯୫ | ନିବେଦକ ବଃ ଶ୍ରୀ ହାଫିଜ ମହମ୍ମଦ ଉମଜାନ |

ମହାଶୟ !

ଆପଣଙ୍କ ୨ ୩।୮।୯୫ ତାରିଖ ଉତ୍କଳଦୀପିକାରେ ପ୍ରକାଶିତ ବଂଶୀମୋହନ ବୋଷ ଏବଂ ଖ୍ରୀଷ୍ଟିୟାନ ଛାତ୍ରୀ ବସନ୍ତକୁମାରୀର ପାଣିଗ୍ରହଣ ବିଷୟ ବଡ଼ ମର୍ମାନ୍ତିକ ଅଟେ । ଏପରି ଘଟଣା ବାରମ୍ବାର ହେବାର କେବେହେଁ ବାଞ୍ଛନୀୟ ନୁହେ । ବାସ୍ତବରେ ପିତାଦି ଅଭିଭାବକମାନେ ଏହା ଦେଖି ନିଃସନ୍ଦେହ ମେଡିକାଲ ଶିକ୍ଷାପ୍ରତି ବିରକ୍ତ ହେବେ । ସେମାନଙ୍କର ବୃଦ୍ଧାବସ୍ଥାରେ ଶିକ୍ଷିତ ପୁତ୍ର ସ୍ତ୍ରୀରହିତ ଛିନ୍ନଭିନ୍ନରେ ଯଦି ବିଧର୍ମୀ ହୁଏ ତେବେ ଏଥିବଳ ଦୁଃଖର ବିଷୟ ଅଧିକ କି ହୋଇପାରେ । ସ୍କୁଲରେ ଏବଂ ବୋଡିଂରେ ଉତ୍ତମ ଶାସନ ରଖା ଏକାନ୍ତ କର୍ତ୍ତବ୍ୟ । ସ୍କୁଲରେ ଅଳ୍ପକ୍ଷଣ ନିମନ୍ତେ ଛାତ୍ର ଏବଂ ଛାତ୍ରୀମାନେ ଏକ ସମୟରେ ଉପସ୍ଥିତ ହୋଇ ଉପଦେଶ ଗ୍ରହଣ କରନ୍ତି । କେତେବେଳେ ମଧ୍ୟ ଶିକ୍ଷକମାନେ ସମୀପରେ ଉପସ୍ଥିତ ଥାନ୍ତି । ସେମାନଙ୍କ ସମକ୍ଷରେ କୌଣସି ପ୍ରକାର ପ୍ରେମବିକାର ସମ୍ଭବ ନୁହେ । ବୋଡିଂରେ ଦୁଇଗୋଟି କବାଟ ଅଛି । ଛାତ୍ରନିବାସ ଛାତ୍ରୀନିବାସରୁ ସ୍ୱତନ୍ତ୍ର ହେଲେହେଁ ମଧ୍ୟରେ ଅଳ୍ପ ବ୍ୟବଧାନ ମାତ୍ର । (ଏତଦ୍ଭିନ୍ନ କ୍ଷେତ୍ରାଶ୍ରମ ଇତ୍ୟାଦି ଦୁଇ ଗୋଟି ଅଶ୍ରମ ସ୍କୁଲ କମ୍ପାଉଣ୍ଡ ବାହାରରେ ଅଛି ।) ବୋଡିଂରେ ନାନାଦି ଗୋଳମାଳ ହେବାର ସମ୍ଭବ ଓ ହୋଇଥାଏ । କୌଣସି ଗୋଳମାଳ ହେଲେ ତଦନ୍ତ ହୋଇ ଯଦି ତହିଁର ସମ୍ୟକ୍ ପ୍ରତିବିଧାନ ଓ ପ୍ରତୀକାର କରି ନ ଯାଏ ତେବେ ଛାତ୍ରମାନଙ୍କର ଆସ୍ପର୍ଦ୍ଧା ଅଧିକ ବର୍ଦ୍ଧିତ ହୁଏ । ଛାତ୍ରମାନଙ୍କ ପ୍ରତି କଠିନ ଶାସନ ଓ ସମୁଚିତ ଦଣ୍ଡ ଅତି ଅବଶ୍ୟକ ଅଟେ । ପୁଣି ଯେଉଁ ସ୍ଥାନରେ ଏପରି ଘଟଣା ବାରମ୍ବାର ହେଉଅଛି ସେଠାରେ ଶାସନ ଅଧିକତର କଠିନ ହେବାର ଉଚିତ । ଯେ ବୋଡିଂରେ ପ୍ରାୟ ଷଡାଧିକ ଛାତ୍ର ବାସ କରନ୍ତି ସେ ବୋଡିଂ ପ୍ରତି ତତ୍ତ୍ୱାବଧାରକଙ୍କର ତୀକ୍ଷ୍ଣଦୃଷ୍ଟି ଓ ସତର୍କତାର ବିଶେଷ ପ୍ରୟୋଜନ । ଅବଶ୍ୟ ତତ୍ତ୍ୱାବଧାରକ ମହାଶୟ ନ୍ୟାୟବାନ୍ ହେବେ । ତାଙ୍କ ମନରେ ହିଂସା, ପକ୍ଷପାତିତା, ଘୃଣା ଇତ୍ୟାଦି ଗୁଣମାନ ସ୍ଥାନ ନ ପାଇ ବରଂ ନିରପେକ୍ଷ ବ୍ୟବହାର ପ୍ରବଳ ହେବା ଉଚିତ । ବଂଶୀମୋହନ ଏବଂ ବସନ୍ତକୁମାରୀ କମ୍ପା ବ୍ରାହ୍ମଣ ଛାତ୍ର ଓ ଶୂଦ୍ରଛାତ୍ରୀ କିନ୍ତୁ ଏକସମୟରେ ଏକକ୍ଳାସରେ କମ୍ପାଉଣ୍ଡରୀ ଏକବର୍ଷ ଛଡାଇତ ହୋଇ ସ୍କୁଲରେ ପଢୁ ନ ଥିଲେ । ସେଦିନଠାରୁ ବୋଡିଂର ସୁବନ୍ଦୋବସ୍ତ ଏବଂ ସୁଶାସନ ନ ହେବ ସେତେଦିନ ଏହିପରି ନାନାଦି ବିଷମଯ୍ ଫଳ ଫଳୁଥିବ । ମାନ୍ୟବର ନାଇଡ ଡାକ୍ତର ଯୋସ୍କ ସାହେବଙ୍କ ଦୃଷ୍ଟିପଥରେ ଏସବୁ ବିଷୟ ଅସତ ନାହିଁ । ଯାହା ଅସତ ତହିଁର ବ୍ୟାଖ୍ୟା ଅଣବୋଧଙ୍କଦ୍ୱାରା ଭିନ୍ନପ୍ରକାର ହୋଇଥାଏ । ଫଳତଃ ଫଳ ଭିନ୍ନପ୍ରକାର ହୁଏ ।

ଶ୍ରୀ—

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବନମାଳି ସିଂହ | କଟକ | ୫ ॥ |
| ମାନେଜର ଆଲଗଡ଼ | | ୫ ॥ |
| ଲୋକା କହେ ଚଣପଞ୍ଜା | | ୫ ୨ |
| ବାବୁ ଜଗବନ୍ଧୁ ମହାନ୍ତି | କଟକ ଚିଉଳିପୁର | ୫ ॥ |
| „ ରାଧାମାଧବ ଖାତ୍ରୀ | | ୫ ॥ |
| „ ଶ୍ୟାମସୁନ୍ଦର ସତ୍ପଥୀ | | ୫ ॥ |
| „ ବ୍ରଜସୁନ୍ଦର ପାଟଯୋଶୀ | | ୫ ୨ |
| ଚୌଧୁରୀ ଶ୍ୟାମଚରଣ ମହାନ୍ତି | | ୫ ୨। |
| „ ସାଧୁଚରଣ ମହାନ୍ତି | | ୫ ୨। |
| ବାବୁ ଜଗନ୍ନାଥ ଦାସ | ଭଦ୍ରକ | ୫ ୨ |
| „ ଶାରଦାଚରଣ ଦାସ | | ୫ ॥ |
| „ ଗୋପୀନାଥ ମହାନ୍ତି | କୃଷ୍ଣାର | ୫ ॥ |
| ସେଖ ଗୁଲାମ ମହମ୍ମଦ ଦେବାନବଜାର କଟକ | | ୫ ॥ |
| ଚକ୍ରବର୍ତ୍ତୀ ଜଗନ୍ନାଥ ନାୟକ | ଗୁଣୁପୁର | ୫ ॥ |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଁ ଦିଆଯାଉଅଛି କି ମଧୁପୁର ଅନ୍ତର୍ଗତ ଉମାମନଗର ହାଟରେ ଆମ୍ଭର ଯେଉଁ ଗୋଦାମ ଥିଲା ତାହାର ହିସାବକିତାବ ଆମ୍ଭର କାରପରଦାଜ ସେଖ ଅବଦୁଲ ଲତିଫ ନିକଟରୁ ବୁଝିବାରେ ଅମ୍ଭେ-

Split by PDF Splitter



ନଗଦ ଟ ୩୦୦୯ ଙ୍କାର କ୍ଷତିଗ୍ରସ୍ତ ହୋଇଅଛୁଁ । ଅତଏବ ଉକ୍ତ କାରବାରୀଙ୍କୁ ଆମ୍ଭର କାର୍ଯ୍ୟରୁ ବହିଷ୍କୃତ କରିଅଛୁଁ । ଉକ୍ତ କୋମ୍ପାନିଙ୍କ ନିକଟରେ ଯେଉଁମାନଙ୍କର ଦେଣା ପାଉଣା ଅଛି ସେମାନେ ଏତତ୍ପ୍ରାନ୍ତ ମଧ୍ୟରେ ଆମ୍ଭ ନିକଟରେ ସମସ୍ତ ପ୍ରକାଶ କରିବେ । ଅଦ୍ୟ-ଠାରୁ କାରିପରିବାରର କୌଣସି କାର୍ଯ୍ୟ ସକାଶେ ଅମ୍ଭେ ଦାୟୀ ହେବୁ ନାହିଁ । ଦୁଃଖର ବିଷୟ ଏହି ଯେ Sarkar & Co କୋମ୍ପାନି ଫେଲ୍ ହୋଇ ଯାଇଅଛି ।

ମଥୁର ୧୮।୮।୯୫ } P. C. Sircar
ରାମନଗର ହାଟ
ମଥୁର

## NOTICE

(a) Green and dry Sal, Piasal, Sissu, and Bondhon logs.
(b) As well as those of other species and bamboos will be sold to any body applying for cutting and carrying away the same to the undersigned at the following rates of royalty in this State Forests.

(1) For class (a) 30" to 36" @ 0-8-0
36" to 42" @ 1-0-0
42" to 48" @ 2-0-0
For all logs above 48" at the rate of four annas per c. ft.
(a) Standing green timbers of class (b) shall be priced at half the above rates. (c) Dry and wind fall timbers at half the rates for standing green timber of the same class.
(d) Bamboos small kind per 1000 2-0-0
(e) Do, large „ 4-0-0

Any body wishing to purchase ready cut timbers and bamboos at any ghat of the Mahanady river in this State or at any ghat in Cuttack may apply for an estimate to the undersigned.
For further particulars apply to the undersigned.

Govt. Agent's office Daspalla 7th August 1895. } Mohommad Atahar Govt. Agent

## ବିଜ୍ଞାପନ ।

ଦେଶୀୟ ନ ଏହା ମଧ୍ୟରେ କଟକ ଓ ପୁରୀ ଓ ଅନ୍ୟାନ୍ୟ ଜିଲ୍ଲାର ଦେଶୀୟ ଲୋକ-

ମାନେ କାଠ ଓ ବାଉଁଶ କାରବାର କରୁଅ-ଛନ୍ତି ସେମାନେ ଏଠାରେ କାଠ ଓ ବାଉଁଶ କାଟି ଜଙ୍ଗଲରେ ଓ ମହାନଦୀ କୂଳ ଘାଟମା-ନଙ୍କରେ ଜମାକରି ରଖିଅଛନ୍ତି ମାସୁଲ ଅଦା-ୟ କରୁ ନାହାନ୍ତି ଏ ସମ୍ବନ୍ଧରେ ଏ ରାଜ୍ୟରେ ନୋଟିସ ପ୍ରଚାର ହୋଇଥିବା ପ୍ରତ୍ୟେକ କୌଣସି ଲୋକ ଏପରି ପ୍ରାର୍ଥୀ ହୋଇ ନାହିଁ ଅତଏବ ଏ ନୋଟିସ ସର୍ବସାଧାରଣଙ୍କ ଜ୍ଞାତ ସକାଶେ ପ୍ରକାଶ ହେଲା ଯେ ଯେଉଁ କାଠ ଓ ବାଉଁଶ ମନ୍ଦ-ନେ ଆସନ୍ତା ସେପଟେମ୍ବର ମାସ ତା ୨୦ ରିଖ ପର୍ଯ୍ୟନ୍ତ ଏ ଅଫିସରେ କେହି ହାଜର ହୋଇ ମାସୁଲ ଦାଖଲ କରି କାଠ ଓ ବାଉଁଶ ଉଠାଇ ନ ନେବେ ସେ ସବୁ କାଠ ଓ ବାଉଁଶ ସରକାର ତରଫରୁ ଯଥା ନିୟମ ନିଲାମ ହେବ ଓ ଉକ୍ତ ଘାଟ ପରେ ତାହାର କିଛି ଦାବି ଦାଓ ଉଜର ଶୁଣା ଯିବ ନାହିଁ ।

ଗବର୍ଣ୍ଣମେଣ୍ଟ ଏଜେଣ୍ଟ ଅଫିସ ଦଶପଲ୍ଲା ତା ୧୪ ରିଖ ଅଗଷ୍ଟ ସନ ୧୮୯୫ } Mohommad Atahar Govt. Agent

ଏତଦ୍ୱାରା ଜ୍ଞାତ କରାଇ ଦିଆ ଯାଉଅଛି ଯେ ପାରଳା ମଧ୍ୟମ ଶ୍ରେଣୀ ଇଂରାଜୀ ସ୍କୁଲ ସକାଶେ ମାସିକ ଟ ୨୦ ଙ୍କା ବେତନରେ ଜଣେ ହେଡମାଷ୍ଟର ଆବଶ୍ୟକ । ଯେଉଁମାନେ ଏ-ଣ୍ଟ୍ରାନ୍ସ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଶିକ୍ଷକତା କାର୍ଯ୍ୟ-ରେ ପାରଦର୍ଶିତା ଲାଭ କରିଥିବେ ସେମାନେ ସ୍ୱ ସ୍ୱ ପ୍ରଶଂସା ପତ୍ର ସହିତ ଚଳିତ ମାସ ତା ୩୧-ରିଖ ମଧ୍ୟରେ ଅମ୍ଭ ନିକଟକୁ ଦରଖାସ୍ତ ପଠା-ଇବେ ଇତି ।—

ପାରଳା ତା ୧୨ ରିଖ ଅଗଷ୍ଟ ୧୮୯୫ } ସଭା । ନ । ପାରଳା । ଜି । ସ୍କୁଲ

## NOTICE.

Wanted a settlement officer at Anandpore in Killah Keonjhar salary of Rs. 80 per mensem. None need apply who has not experience in settlement work. Applications will be received by the Superintendent of the Tributary Mehals up to the 30th August 1895.

By order
SUDAM CHANDRA NAIK
Asstt, Supdt, Try, Mehals.

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉ-ଅଛୁଁ ଯେ ଅମ୍ଭର କଟକ ଚୌଧୁରୀବଜାରରେ ସ୍ଥିତ ଔଷଧାଳୟ " Imperial Druggist Hall " ରୁ ଓଡ଼ିଆବଜାର ହେବରଗେଟ-ମଠ ସମ୍ମୁଖରେ ଥିବା ଏକ ନୂତନ ଗୃହକୁ ସ୍ଥାନାନ୍ତରିତ କରୁଅଛୁଁ । ଏହା ବର୍ତ୍ତମାନ ଅମ୍ଭର ତତ୍ତ୍ୱାବଧାରଣରେ ରହିଲା ପ୍ରତିଦିନ ପ୍ରାତଃ ଘ ୭ ଟାଠାରୁ ଘ ୯ ଟା ପର୍ଯ୍ୟନ୍ତ ଅମ୍ଭେ ଡାକ୍ତରଖାନାରେ ରୋଗୀମାନଙ୍କୁ ବ୍ୟବସ୍ଥା ଓ ହୋମିଓପାଥିକ ଔଷଧ ବିତରଣ କରୁଅଛୁଁ । କେବଳ ଗୋଟିଏ ପଇସାର ଟିକିଟ ଦେଇ ଆସି-ଲେ ଲୋକେ ଔଷଧ ନେଇ ପାରିବେ । ଅ-ନ୍ୟାନ୍ୟ ଔଷଧମାନ ଅମ୍ଭ ଡାକ୍ତରଖାନାରେ ସ୍ୱଳ୍ପ ମୂଲ୍ୟରେ ବିକ୍ରୟ ହେଉ ଅଛି ।

ଓଡ଼ିଆବଜାର କଟକ ୨୮।୮।୯୫ } ପ୍ରୋପ ଡ଼ଲଟର ।

## ଆୟୁର୍ବେଦୀୟ ଔଷଧାଳୟ ।

ଓଡ଼ିଶାରେ ଆୟୁର୍ବେଦୀୟ ଚିକିତ୍ସାର ଶ୍ରୀବୃଦ୍ଧି ସାଧନ ନିମନ୍ତେ ଓଡ଼ିଶାର କତିପୟ ଲୋକ-ମାନଙ୍କ ଯତ୍ନରେ ଏ ନଗରରେ ଗୋଟିଏ ଆୟୁ-ର୍ବେଦୀୟ ଔଷଧାଳୟ ସ୍ଥାପିତ ହୋଇଅଛି । ସେହି ଔଷଧାଳୟର ଶିକ୍ଷକ ପଦରେ କଲିକତାର ସୁନାମଖ୍ୟାତ କବିରାଜ ଗଙ୍ଗାପ୍ରସାଦ ସେନ କବିଭୂଷଣ ମହାଶୟଙ୍କ ଛାତ୍ର ପଣ୍ଡିତ ଶ୍ରୀ ଶ୍ୟାମଦାମୋଦର ଦାସ ଗୁପ୍ତ କବିରଞ୍ଜନ କବିରାଜ ହୋଇ ଆୟୁ-ର୍ବେଦମାସ ହେବ ଏ ନଗରର ଗୁଣଗ୍ରାହୀବନ୍ତ ରାଜା ବୈକୁଣ୍ଠନାଥ ଦେ ମହାଶୟଙ୍କ କୋ-ଠୀରେ ଅବସ୍ଥାନ କରୁଅଛନ୍ତି । ସେ ସର୍ବସାଧା-ରଣଙ୍କ ଚିକିତ୍ସା ନିମନ୍ତେ ପ୍ରସ୍ତୁତ ଅଛନ୍ତି ଏବଂ ଆବଶ୍ୟକ ହେଲେ ବଡ଼ଲୋକମାନଙ୍କ ଗୃହକୁ ଯାଇ ଚିକିତ୍ସା କରନ୍ତି । ତାହାର ଅଦ୍ଭୁତ ନାନାବିଧ ପେଟେଣ୍ଟ ଔଷଧ ତାଙ୍କ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

## ଶୁଭସଂବାଦ ।

ଅପୂର୍ବେ ଦେବଙ୍କ ମେଡିସନ୍ ମ୍ୟାନୁଫାକ୍ଚରିଂ
କୋମ୍ପାନି ଅବ ଇଣ୍ଡିଆ, ଲିମିଟେଡ ।
କାଲିକତା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକଡ଼ା ଟ ୨୫ ଙ୍କା ଭଳି ହେଲା ।

କୋମ୍ପାନିର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳ ଘୃତ ମୋ-

Digitized by srujanika@gmail.com

Split by PDF Splitter



ଜାତ ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ ସାର୍ଦ୍ଧବାନ୍ ଓ ସୁଲଭ ମୂଲ୍ୟରେ ବିକ୍ରୀତ ହୁଏ ସେପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତାର ନିମିତ୍ତ (କୋମ୍ପାନି ଦାୟୀ । ଏତ ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନି ନିକଟରୁ ନେବେ ଠକିବାର ଭୟ ନାହିଁ । ରୋଗର ଅନୁପୂର୍ବିକ ବିବରଣ ପଠାଇଲେ ବ୍ୟବସ୍ଥା ମଧ୍ୟ ଦିଆ ହୁଏ ।

**ଔଷଧର ମୂଲ୍ୟ ଅଗ୍ରିମ ଦେୟ—** ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଆଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

**ବୈଦ୍ୟନାଥ ବଟି—** ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ନଷ୍ଟ ନିଶ୍ଚୟ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୬ ବଟି ୧୨ ଟଙ୍କା ଡାକମାଶୁଲ ।୵ ଅଣା ।

**ମୋହନକୁନ୍ତଳ ତୈଳ —** ବ୍ୟବହାରରେ କେଶ ଘନ, ଭ୍ରମରକୃଷ୍ଣ ଏବଂ ରେଶମ ପରି କୋମଳ ଓ ଶୋଭାଯୁକ୍ତ ହୋଇ ସମଧିକ ବୃଦ୍ଧି ପାଏ ଏବଂ କେଶର ଅକାଳପକ୍ୱତା ଓ ପତନତା ନିବାରିତ ହୁଏ । ଏହାର ଗନ୍ଧ ମଧୁର ମନୋହର ଏବଂ କୋମଳଭାବମୟ । ଏଥିରେ ମସ୍ତିଷ୍କ ସୁଶୀତଳ ରହେ । ଏହା କେବଳ ମର୍ତ୍ତ୍ୟ ଭୂମିରେ ମନ୍ଦାର-ମଧୁ । ଏହା ଅପେକ୍ଷା ବିଳାସୋପଯୋଗୀ ସୁଗନ୍ଧଯୁକ୍ତ ତୈଳ ଆଉ ଅଦ୍ୟାବଧି ହୋଇ ନାହିଁ ।

୧ ଶିଶି ୧ ଟଙ୍କା, ଡାକମାଶୁଲ ।୵ ଅଣା ।

**ଦନ୍ତସଂସ୍କାର ଚୂର୍ଣ୍ଣ—** ଏହା ବ୍ୟବହାରରେ ଦନ୍ତର ଓ ଦନ୍ତମୂଳର ଯେ କୌଣସି ରୋଗ ହେଲେହେଁ ଅତ୍ୟଳ୍ପ ସମୟ ମଧ୍ୟରେ ନିବାରିତ ହୁଏ । ଏହା ଅତିବ ବିଳାସୋପଯୋଗୀ ଏବଂ ସୁଗନ୍ଧଯୁକ୍ତ ଦନ୍ତମଞ୍ଜନ ଏହାର ଦ୍ୱିତୀୟ ନାହିଁ ।

୧ କୌଟା ୦୵ ଅଣା ଡାକମାଶୁଲ ।୵ ଅଣା ।

**କୁନ୍ତଳକୌମୁଦୀ ତୈଳ—** ବ୍ୟବହାରରେ ନୂତନ ଝାଳ ଦମନ ଏବଂ ପତନୋନ୍ମୁଖ କେଶ ମୂଳ ଦୃଢ଼ ହୁଏ । ଏହା ବିଳାସୋପଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧବିଶିଷ୍ଟ ।

୧ ଶିଶି ୧ ଟଙ୍କା ଡାକମାଶୁଲ ।୵ ଅଣା ।

୧ ଡଜନକୁ ୯ ଟଙ୍କା ।

କୋମ୍ପାନିର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ୫ ୨୫ ଟା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଳଧନ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୲ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

**ସର୍ବତ୍ର ଏଜେଣ୍ଟର ପ୍ରୟୋଜନ—** ଏଜେଣ୍ଟଙ୍କୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିବିଧ ବିଷୟ ଜ୍ଞାତବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।
ସେକ୍ରେଟରି ଓ ଟ୍ରେଜରର ।

---

☞ ଫଟେଲନ ପରଚ୍ୟୁତେ ☜

**ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।**

**ବିଷଲ୍ୟ କରଣୀ ଘୃତ ।—** (ସହସ୍ର ଥଇଭୋ ଫମର କାର୍ଯ୍ୟକରେ) ଏହିଘୃତ ବ୍ୟବହାରରେ ଦୁଃଖଦାୟୀ ଉପଦଂଶ (ଗରମି ରୋଗ) ଓ ଘାଗଜନିତ ଦୁଷ୍ଟରୋଗ ନୂତନ ପୁରାତନ ସର୍ବପ୍ରକାର କ୍ଷତ (ଘାଅ) ଦାନାକ୍ୱାଳା ଯନ୍ତ୍ରଣାରେ ଅଚିରାତ୍ ଆରୋଗ୍ୟ ହୁଏ ପ୍ରତିକୌଟାର ମୂଲ୍ୟ ଟ ୧ ୯ ଙ୍କା

୧ ମଧୁମାଳତୀବଟିକା } ଏହା ସ୍ତ୍ରୀମାନଙ୍କର ସର୍ବପ୍ରକାର
୨ ବସନ୍ତ କୁସୁମାକର ଚୂର୍ଣ୍ଣ }

ପ୍ରଦରର ଏକମାତ୍ର ମହୌଷଧ । ଏହା ବ୍ୟବହାର କରି ବହୁବର୍ଷର ପୁରାତନ ପ୍ରଦରମାନ ସ୍ୱଳ୍ପସମୟ ମଧ୍ୟରେ ଆରୋଗ୍ୟ ହେବାର ପରୀକ୍ଷା କରି ଦେଖିଅଛୁଁ ବ ୧୦ ଟୀକାର ମୂଲ୍ୟ ଟ ୧ ୯ ଙ୍କା ଓ ଚୂର୍ଣ୍ଣ ପ୍ରତିକୌଟାକୁ ଟ ୨ ।

**ଅମୃତସେତୁ ବଟିକା ।—** ଏହି ଔଷଧ ସପ୍ତାହ ସେବନ କଲେ ରକ୍ତାର୍ଶର ରକ୍ତ ବନ୍ଦ ଓ କ୍ରମଶ କୋଷ୍ଠ ପରିଷ୍କାର ହୁଏ । କ୍ରମାନ୍ୱୟେ କିଛିଦିନ ସେବନ କଲେ ସ୍ୱୋପଚୟର ଅର୍ଶବଳ ଶୁଷ୍କ ହୋଇଯାଇ ରୋଗାରୋଗ୍ୟ ହୁଏ ୭ ବଟିକାର ମୂଲ୍ୟ ଟ ୦ ୵

**ଲକ୍ଷ୍ମୀକାନ୍ତ ବଟିକା ।—** ଏହା ସେବନ କଲେ ଧ୍ୱଜଭଙ୍ଗ, ଶୁକ୍ରତରଳତା, ସ୍ୱପ୍ନଦୋଷ ନଷ୍ଟପ୍ରାୟ ହୁଏ ଏତଦ୍‌ଭିନ୍ନ ଏହାର ଅଦ୍ଭୁତ କେତେକ ଚମତ୍କାର ଗୁଣ ଅଛି ତାହା ବ୍ୟବସ୍ଥା ପତ୍ର ପାଠେ ଜାଣି ପାରିବେ ଏକ ସ୍ୱପ୍ନଦୋଷ ଆରୋଗ୍ୟପକ୍ଷେ ଏହା ବ୍ରହ୍ମାସ୍ତ୍ର ବ ୭ ଟିକାର ମୂଲ୍ୟ ଟ ୧ ୯ ଙ୍କା

**ଶୂଳାଶନି ଚୂର୍ଣ୍ଣ—** ସର୍ବପ୍ରକାର ଶୂଳ ରୋଗ (ପେଟମରା) ଆରୋଗ୍ୟ ହୁଏ ମୂଲ୍ୟ ଟ ୧ ଙ୍କା

ଉପରୋକ୍ତ ଔଷଧସମସ୍ତ ମୋଫସଲ ପାଇଁ ପ୍ୟାକିଂ ଡାକମାଶୁଲ ସ୍ୱତନ୍ତ୍ର ଲାଗେ ଓ ଔଷଧ ସହିତ ବ୍ୟବସ୍ଥା ପତ୍ର ପଠାଯାଏ ।

ଏହି ଔଷଧ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଅମୃତକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

କୃଷ୍ଣନପୁର
ସହର କଟକ
ବାବୁରାଧାଶ୍ୟାମ-
ସରକାରଙ୍କ ବସାରେ } କବିରାଜ
ଶ୍ରୀ ବାଳକୃଷ୍ଣ ଦାସ

---

## ହିତୈଷିଣୀ ବିତରଣ ।

ସମ୍ବଲପୁରହିତୈଷିଣୀ ପତ୍ରିକା ବିତରଣ କରାଯାଉ ଅଛି । ଡାକମାଶୁଲ ଓ କାଗଜ ଖର୍ଚ୍ଚ ସ୍ୱରୂପ କେହି ଏକଟଙ୍କା ପଠାଇଲେ ଏକବର୍ଷକାଳ ଉକ୍ତ ପତ୍ରିକା ପାଇ ପାରିବେ । ଶୀଘ୍ର ଗ୍ରାହକ ନ ହେଲେ ପଛକୁ ଏ ସୁବିଧା ମିଳିବ ନାହିଁ । "ଦେବଗଡ଼ ପୋଃ, ଜିଲ୍ଲା ସମ୍ବଲପୁର ଠିକଣାରେ ହିତୈଷିଣୀ ମେନେଜରଙ୍କ ନାମରେ ଟଙ୍କା ପଠାଇବାକୁ ହେବ ।"

---

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

କଲେଜିୟେଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ପ୍ରାପ୍ତବ୍ୟ ।

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

## ଦାର୍ଢ୍ୟତାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା
ମୋଫସଲନିମନ୍ତେ ଡାକମାଶୁଲ ଟ ୦ ୵

---

**NOTICE**

THE

# DWIBHASI.

*SECOND EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

### ନୂତନ ନୂତନ ନୂତନ

### କବିବର୍ଣ୍ଣ ବିରଚିତ

ଲକ୍ଷ୍ମୀକାନ୍ତ୍ୟୁଣ ଜନ୍ମପାଳ ମୂଲ୍ୟ ଟ ୦/ ଏକଅଣା
ପଦ୍ମଲୋଚନ ପାଲ ମୂଲ୍ୟ ଟ ୦/
ମର୍କଟାଳ ଜନ୍ମପାଲ ମୂଲ୍ୟ ଟ ୦୶
ବୃକଅର୍କ୍କୁ ପାଲ ମୂଲ୍ୟ ଟ ୦୶
ଉତ୍କଳାଳ ପାଲ „ ଟ ୦/

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛୁ ଅନ୍ୟାନ୍ୟସ୍ଥାନମାନ ଯନ୍ତ୍ରସ୍ଥ ଅଛୁ

## ସଙ୍ଗୀତସର୍ବସାର ।

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶହ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ୷ ମା ତ୍ର ।

ଏଥିରେ ଦକ୍ଷିଣୀ, ଠୁମ୍ରି, ଝେମଟା, ଟପା, ଧ୍ରୁପଦପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛୁ ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପାନୀର ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛୁ ।

## ଶ୍ରୀମଦ୍ଭାଗବତ ।

### ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ କୃତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଅଛୁଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛୁ । ଯେଉଁ ସ୍ଥଳମାନ ସମ୍ପୂର୍ଣ୍ଣ ସନ୍ଦିଗ୍ଧ ବିଶେଷ ଅମେଳ ଥିଲା ତାହା, ସଂଶୋଧିତ ହୋଇଅଛୁ । ପ୍ରତି ଅଧ୍ୟାୟର ଏବଂ ଯିକ ପ୍ରସ୍ତାବ ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବିଷ୍ଟ ହୋଇଅଛୁ । ଅଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବା ଜଗଦୀଶ୍ୱର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରଣଶ୍ରବ କରିବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ଉପସ୍ଥିତ କରିଥିବା ଚିତ୍ରଯୁକ୍ତ ସୁନ୍ଦର ଛବିମାନ ପ୍ରଦତ୍ତ ହୋଇଅଛୁ । ମୂଲ୍ୟପୂର୍ବେ ଟ ୦୷ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍କୃଷ୍ଟ ବନାଇ ପୁସ୍ତକର ଅତିସ୍ୱଳ୍ପ ମୂଲ୍ୟ ଟ ୦ ୵ ଧାର୍ଯ୍ୟ ହୋଇଅଛୁ ।

## ଘଡ଼ୀ ମରାମତୀ ।



ଏଠାରେ ନାନାପ୍ରକାର ଶ୍ରେଷ୍ଠ ବଡ଼ ଛୋଟ ଘଡ଼ୀ ମରାମତୀ କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ଯନ୍ତ୍ରମାନେ ନୂତନ କାରିଗରଦ୍ୱାରା ହେଉଅଛୁ । ଯାହାଙ୍କର ଦରକାର ହେବ ସେ ଏଠାରେ ପତ୍ର ଦେଲେ ସମସ୍ତବିଷୟ ଜାଣିପାରିବେ ଏହାଛଡ଼ା ହାରମୋନିୟମବାଜା-ମିଉଜିକେଲବାକ୍ସ ଏବଂ ଲୁଗାସିଲେଇକଲ ପ୍ରଭୃତି ମରାମତ କରିଦିଆଯିବ ।

ଘଡ଼ୀର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ହୋଇଲା ଦିନଠାରୁ ସମୟ ମଧ୍ୟରେ ଯଦି ନ ଚଲିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ପ୍ରକାଶଥାଉ କି ଘଡ଼ୀଖାନାର ବାହାରେ କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ପରିଚୟ ଦେବାର ଅବଗତ ହୁଏ । ଏହିପରି କେତେକ ଘଟଣା ଶୁଣାଗଲା ତହୁଁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର ହାତରେ ନ ଦେଇ ସ୍ୱହସ୍ତରେ ଘଡ଼ୀ ଘଡ଼ୀଖାନାକୁ ପଠାଇଦେଇ ତଥା ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୂପାର ଗିଲ୍ଟି କର୍ମ ମଧ୍ୟ ଏଠାରେ ହୁଏ ।

୧୨ । ୪ । ୯୫
କଟକପ୍ରିଣ୍ଟିଂକମ୍ପାନୀ } ଶ୍ରୀ ଗୌରୀଶଙ୍କର ରାୟ ।
ଅଫିସ କଟକ

## ଜ୍ୱରର ଅବ୍ୟର୍ଥ ମହୌଷଧ

### ( ବିଶେଷ ପରୀକ୍ଷିତ )

ମୂଲ୍ୟ ପ୍ରତିଶିଶି ଟ ୦ ।୶ ମାସୁଲ ଟ ୦ । ଅଣ

ଏହି ଔଷଧ ବ୍ୟବହାରରେ ସବୁପ୍ରକାରର ଜ୍ୱରରୋଗ ଏକାବେଳକେ ଆରୋଗ୍ୟ ହୋଇଯାଏ । ଥରେ ଆରୋଗ୍ୟ ହେଲେ ସେ ଶରୀରରେ ଆଉ ଜ୍ୱର ହୁଏ ନାହିଁ । ଏହାକୁ ବ୍ୟବହାର କଲେ କୁଇନାଇନ ଭଳି ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ନାନାପ୍ରକାର ଦୁର୍ବଳତା ନଷ୍ଟ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ ଚୋପ ଅଧିକ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅତୁଳ ଅର୍ଥ ଫଳପ୍ରଦ ହୋଇଅଛି । ଯେଉଁମାନେ ଏହି ଜ୍ୱରିତ ରୋଗରେ କଷ୍ଟ ପାଉଅଛନ୍ତି ଉଚିତ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ । ଏହାକୁ ବ୍ୟବହାର କରି ବହୁଲୋକ ଆରୋଗ୍ୟ ହୋଇଅଛନ୍ତି ଏବଂ ଅନେକ ପ୍ରଶଂସାପତ୍ର ମିଳି ଦେଇଅଛନ୍ତି ; ଔଷଧ ବ୍ୟବହାରବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମ ଚାନ୍ଦଶେଖର
ବେଙ୍କ ଭିକ୍ଟୋରିଆ
ବାଲେଶ୍ୱର

## ବିଜ୍ଞାପନ ।

### ବୃତ୍ତପାଠ୍ୟ, ପଞ୍ଚମ ସଂସ୍କରଣ ।

### ପଣ୍ଡିତଅନାଳକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଲେବର ବଢ଼ିଅଛୁ । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ଗଣମଣି ମିଶ୍ର

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛୁ, ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୶ ୶ |
| ଅଧସ୍ତମ୍ଭ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ କେତେ କ୍ଷୁଦ୍ର ହେଲେ ହେଁ ତହିଁର ଦର ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମଥର ହେବା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ଦର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରପ୍ରଦାନରେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଏବଂ ଜମ୍ବୁ ପିତାମ୍ବର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୩୦ ଶ | ସ ୩୫ ସଂଖ୍ୟା
ତା ୩୧ ରଖ ମାହେ ଅଗଷ୍ଟ ସନ ୧୮୯୫ ମସିହା । ମୁ । ଭାଦ୍ର ୧୬ ନ ଭଦ୍ର ଶକ ୧୩୦୩ ସାଲ ଶନିବାର ।
ଅଗ୍ରିମ ଟ ୩୧
ପଶ୍ଚାଦେୟ ଟ ୬୧

କାବୁଲର ସାହାଜାଦାଙ୍କ ବିଲାତ ଭ୍ରମଣ ଶେଷ ହେଲା । ବର୍ତ୍ତମାନ ସେ ଫରାସୀ ରାଜ୍ୟର ରାଜଧାନୀ ପାରିସ ନଗରରେ ଅଛନ୍ତି । ଅଗଷ୍ଟ ତା ୧ ଦିନରେ ମାରସେଲ ନଗର ଠାରେ ପୋତାରୋହଣ କରି ଭାରତକୁ ଯାତ୍ରା କରିବେ । ଭୂବନସ୍ଥଳଟା ଦେଖି ପାରିଲେ ନାହିଁ ।

---

ମାନ୍ଦ୍ରାଜ ହାଇକୋର୍ଟର ପ୍ରଧାନ ବିଚାରପତି ଙ୍କ ଉପରେ ରସିକ ଲୋକ ଅଷ୍ଟ୍ରେଲିଆ ଏକ ପାଗଳର ମୋକଦ୍ଦମା ପଡ଼ିଥିଲା । ବାଦୀଙ୍କର କହିଲେ କି ଅଧିକ ଲଢ଼ିବା ବା ବୃଥା ଲଢ଼ିବା ପାଗଳର ଲକ୍ଷଣ । ତହିଁରେ ପ୍ରଧାନ ବିଚାରପତି ହୁକୁମ କଲେ ଯେ ତାହା ହେଲେ ଅଧିକାଂଶ ବାରିଷ୍ଟରଙ୍କୁ ପକ୍କା ପାଗଳ ସାବ୍ୟସ୍ତ କରିବାକୁ ହେବ ।

---

ସରକାରୀ ସମ୍ବାଦରୁ ପ୍ରକାଶ ଯେ ତା ୧୯ ରଖ ପର୍ଯ୍ୟନ୍ତ ବର୍ଦ୍ଧମାନ ମେଦିନୀପୁର ପ୍ରଭୃତି କେତେକ ଜିଲ୍ଲାରେ, ଅତ୍ୟନ୍ତ ଊଣା ବୃଷ୍ଟି ହୋଇଥିଲା । ବର୍ଦ୍ଧମାନରେ ଜଳ ଅଭାବରୁ ସାରଧ ଫସଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଅଛି ଏବଂ ଚାଉଳର ଦର ବୃଦ୍ଧି ହେଉଅଛି । ଏବର୍ଷ ଇନ୍ଦ୍ରଙ୍କ ଅନୁଗ୍ରହଟା ଓଡ଼ିଶା ପ୍ରତି ବହୁତ ଅଧିକ । ଏଠାରେ ବୃଷ୍ଟିର ବିରାମ ନାହିଁ କହିଯାଇ ପାରେ ।

---

ଗତ ବାର୍ଲୋ... ସମ୍ବାଦବାହିକାରେ ପାଠ କଲୁଁ ଯେ ସେ ଅଞ୍ଚଳରେ ସେଟଲମେଣ୍ଟ ମହକୁମାରୁ ଏହି ମର୍ମରେ ଏକ ନୋଟିସ ବାହାରିଅଛି କି ଜମିଦାରଭୂମିର ଅଧିକାରୀ ଅଥବା ପ୍ରଜାମାନେ ଆପଣା ଆପଣା ପ୍ରାପ୍ୟ ବା ଦେୟ ଜମା ଛିଣ୍ଡିସ୍ତ କରିନେବାକୁ ଇଚ୍ଛାକଲେ ଏକମାସ ମଧ୍ୟରେ ଆବେଦନ କରିବେ । ସରକାରୀ ରାଜସ୍ୱ ଧାର୍ଯ୍ୟ କରିବା ବର୍ତ୍ତମାନ ବନ୍ଦୋବସ୍ତର ଉଦ୍ଦେଶ୍ୟ ଏବଂ ସେ ସମ୍ପର୍କରେ ବନ୍ଦୋବସ୍ତ କର୍ମଚାରୀଙ୍କର ଏତେକାର୍ଯ୍ୟ ଅଛି ଯାହା ଅଳ୍ପ ଦିନରେ ଶେଷ ହେବାର ନୁହେ । ତହିଁ ଉପରନ୍ତୁ ଜମିଦାର ବା ରାଇୟତ ଜମିରେ କଳେପଡ଼ ହସ୍ତକ୍ଷେପ କରିବାର ପ୍ରୟୋଜନ କି ? ଏପରି ହସ୍ତକ୍ଷେପ ଦ୍ୱାରା ଜମିଦାର ଓ ସେମାନଙ୍କ ପ୍ରଜାଙ୍କୁ ଲଣ୍ଡଦଣ୍ଡ ଓ ଖର୍ଚ୍ଚାନ୍ତ କରିବା ଭିନ୍ନ ଆଉ ଅନ୍ୟ ଫଳ ନାହିଁ । ଜମିଦାରଙ୍କ ଜମିର ଅଧିକାରୀ ଏବଂ ପ୍ରଜାଙ୍କ ମଧ୍ୟରେ ସାଧାରଣ ଅସଦ୍ଭାବର କଥା ଶୁଣା ନାହିଁ ଏବଂ ଯେଉଁଠାରେ ବିବାଦ ହେବ ତହିଁର ଯଥେଷ୍ଟ ପ୍ରତୀକାର ପ୍ରଚଳିତ ଆଇନରେ ରହିଅଛି । ତେବେ ଏ ଅଭିନବ ବ୍ୟାପାର କାହିଁକି ? ଆମ୍ଭେମାନେ ଆଶା କରୁଁ କି ଜମିଦାର ଓ ସେମାନଙ୍କ ପ୍ରଜାମାନେ ଉପରଲିଖିତ ନୋଟିସରେ ଭୁଲିବେ ନାହିଁ ।

---

ପିଲା ଅପରାଧୀଙ୍କର ଚରିତ୍ର ସଂଶୋଧନ ନିମନ୍ତେ ବଙ୍ଗପ୍ରଦେଶରେ ଯୋଡ଼ିଏ ଜେଲଖାନା ଅଛି ଅର୍ଥାତ୍ ଗୋଟିଏ ଅଲିପୁରରେ ଏବଂ ଗୋଟିଏ ହଜାରିବାଗରେ । ସନ ୧୮୯୩ ସାଲ ଶେଷରେ ଏହି ଦୁଇ ସଂଶୋଧନୀ ବିଦ୍ୟାଳୟରେ ୫୬୮ ଓ ସନ ୧୮୯୪ ସାଲ ଶେଷରେ ୫୬୨ ପିଲା ଥିଲେ ସୁତରାଂ ପିଲା ଅପରାଧୀଙ୍କ ସଂଖ୍ୟା ଅଳ୍ପବୃଦ୍ଧି ହୋଇଅଛି । ଅଲିପୁରରେ ଅପରାଧୀର ସଂଖ୍ୟା ଊଣା ମାତ୍ର ହଜାରିବାଗରେ ବୃଦ୍ଧି ହୋଇଅଛି । ଯାହା ହେଉ ଉଭୟ ବିଦ୍ୟାଳୟରେ ପିଲାମାନଙ୍କର ସ୍ୱାସ୍ଥ୍ୟ ଭଲ ଏବଂ ସେମାନଙ୍କ କାର୍ଯ୍ୟ ଦ୍ୱାରା ଲାଭ ଅଧିକ ହେବାର ଦେଖାଯାଏ । ଅଲିପୁରରେ ପିଲାମାନେ ପୁସ୍ତକବାନ୍ଧିବା କାର୍ଯ୍ୟ କରନ୍ତି ଏବଂ ତଦ୍ୱାରା ବର୍ତ୍ତିତବର୍ଷରେ ପ୍ରାୟ ୧୬ ଶତ ଟଙ୍କା ଅଧିକା ଲାଭ ହୋଇଥିଲା । ଖଲାସି ପିଲାଙ୍କର ଚରିତ୍ର ପ୍ରତିବର୍ଷ ଅନୁସନ୍ଧାନ ହେବାର ନିୟମ ଅଛି ମାତ୍ର ସେକାର୍ଯ୍ୟ ଭଲରୂପେ ନ ଚଳିବାରୁ ଶାସନକର୍ତ୍ତା ଛୋଟଲାଟ ଆଦେଶ ଦେଇଅଛନ୍ତି କି ଯେଉଁବର୍ଷ ଯେଉଁପିଲା ଖଲାସ ପାଇବେ ତହିଁର ଅରବର୍ଷ ସେମାନଙ୍କ ଚରିତ୍ରର ଅନୁସନ୍ଧାନ ହେବ ଏବଂ ତହିଁଉତ୍ତାରୁ ଆଉ ହେବାର ଆବଶ୍ୟକ ନାହିଁ ।

---

ନବାବର ବୟସ

ନବାବର ବୟୋଧିକ୍ୟ ବର୍ତ୍ତମାନ ସମୟର ଗୋଟିଏ ଗୁରୁତର ସାମାଜିକ ଦୁଃଖ ହୋଇ

Digitized by srujanika@gmail.com

Split by PDF Splitter



ପ୍ରାୟ ସର୍ବତ୍ରରେ ପୋଷିତ ହେଉଅଛି ଏବଂ ତହିଁର ପ୍ରତିକାର ନିମନ୍ତେ ଗୃହଅଭେ ଅନ୍ଦୋଳନ ଲାଗିଅଛି । ପୂର୍ବେ ଯେ ଏଦୁଃଖ ନ ଥିଲା ଏମନ୍ତ ନୁହେଁ କାରଣ କନ୍ୟାଦାୟ କଥାଟା ପୁରୁଣା ଅଟେ । କେବେ ସମୟର ପରିବର୍ତ୍ତନରେ ବର୍ତ୍ତମାନଙ୍କୁ ସେ ଦାୟ ଅଧିକ ବାଧିବାରୁ ଲୋକେ ଅସ୍ଥିର ହୋଇଅଛନ୍ତି ଏବଂ କେତେକ ଲୋକ ଏଥିରେ ସର୍ବସ୍ୱାନ୍ତ ହେବାର ଦେଖି ସର୍ବସାଧାରଣ ବିଶେଷ ଚିନ୍ତିତ ହୋଇଅଛନ୍ତି । ରାଜକର୍ମଚାରୀମାନେ ମଧ୍ୟ ଲୋକଙ୍କର କଷ୍ଟ ଦେଖି ଉପାୟ ଚିନ୍ତାକରିବାରେ ପ୍ରବୃତ୍ତ । ଅନ୍ୟାନ୍ୟ ପ୍ରଦେଶୀୟ ଶାସନକର୍ତ୍ତାଙ୍କ ମଧ୍ୟରେ ପଞ୍ଜାବର ଗବର୍ଣ୍ଣମେଣ୍ଟ ଗତ ସେପ୍ଟେମ୍ବର ମାସ ତା ୨୦ ଦଶରେ ଆପଣ ଅଧୀନସ୍ଥ କମିସନର ଓ ଡେପୁଟି କମିସନରମାନଙ୍କ ନାମରେ ଏହି ମର୍ମରେ ଏକ ସର୍କୁଲର ଜାରୀ କରିଥିଲେ ଯେ ବିବାହ ଏବଂ ଶ୍ରାଦ୍ଧର ବ୍ୟୟାଧିକ୍ୟ ଜନସାଧାରଣ ବିଶେଷତଃ କୃଷକ ଶ୍ରେଣୀର ଦେଣବାସ୍ତ ଏମନ୍ତ ବୃଦ୍ଧି କରୁଅଛି ଯେ ତହିଁରୁ ଉଦ୍ଧାର ପାଇବାର ବାଟ ନାହିଁ ଅତଏବ ଏସବୁ ବ୍ୟୟ ଊଣାହେବା ପକ୍ଷରେ ସରକାରୀ କର୍ମଚାରୀମାନଙ୍କର ଯତ୍ନବାନ ହେବା ଉଚିତ । ସେ କହୁଅଛନ୍ତି କି ଏଥିପାଇଁ ଆଇନର ପ୍ରସ୍ତାବ ହେଲେ ଅନେକ ଲୋକ ତହିଁର ସମର୍ଥନ କରିବେ ମାତ୍ର ବର୍ତ୍ତମାନ ତେତେଦୂର ଯିବାର ପ୍ରୟୋଜନ ନାହିଁ କାରଣ ସେ ମନେ କରୁଅଛନ୍ତି କି ଯେବେ ଲୋକେ ଜାଣିବେ ଯେ ବିବାହାଦିର ବ୍ୟୟ ସଙ୍କୋଚକରିବାକୁ ଗବର୍ଣ୍ଣମେଣ୍ଟ ଏକାନ୍ତ ଯତ୍ନବାନ ଏବଂ ଯେଉଁମାନେ ତହିଁର ସାହାଯ୍ୟ କରିବେ ସେମାନେ ଗବର୍ଣ୍ଣମେଣ୍ଟରୁ ପ୍ରଶଂସା ପାଇବେ ତାହା ହେଲେ ଲୋକମାନେ ଅଗ୍ରସର ସହିତ ଏବିଷୟରେ ପ୍ରବୃତ୍ତ ହେବେ । ଏଥିପାଇଁ ପ୍ରତି ଜିଲାର ପ୍ରଧାନ ଲୋକମାନେ ସଭା କରି ବିବାହାଦିର ବ୍ୟୟ ଲାଘବ ବିଷୟରେ ନିୟମାବଳୀ ପ୍ରସ୍ତୁତ କରିବା ସେହି ସବୁ ସଭାର ବାର୍ଷିକ କାର୍ଯ୍ୟ ବିବରଣ ସରକାରଙ୍କୁ ଜଣାଇବା କାରଣ ଜିଲା ହାକିମମାନେ ପରାମର୍ଶ ଦେଲେ ଅବଶ୍ୟ ଅନେକ ଫଳ ହେବ ।

ପଞ୍ଜାବ ଗବର୍ଣ୍ଣମେଣ୍ଟଙ୍କ ଉପରଲିଖିତ ଅ-ବେଶତଃ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ବଙ୍ଗପ୍ରଦେଶର ସଭା ସମିତିଙ୍କ ଅବଗତି ନିମନ୍ତେ ପଠାଇ ପ୍ରଶ୍ନ କରିଅଛନ୍ତି କି ବିବାହର ବ୍ୟୟ ସଙ୍କୋଚକରିବା ସପକ୍ଷରେ କି ପରିମାଣ ସାଧାରଣ ମତ ଅଛି ଏବଂ ଦେଶୀୟ ସମାଜର ଲୋକ ଅର୍ଥାତ ପ୍ରଧାନଙ୍କ ମଧ୍ୟରେ ଏବିଷୟରେ ଯତ୍ନବାନ ହେବାକୁ ପ୍ରସ୍ତୁତ ଅଛନ୍ତି କି ନା । ଅନ୍ୟାନ୍ୟ ସଭା ସମିତିପରି ଏଠା ଉତ୍କଳ ସଭାକୁ ଏକଖଣ୍ଡ ପତ୍ର ଆସିଅଛି । ତହିଁ ସମ୍ବନ୍ଧରେ ଗତମାସରେ ଉତ୍କଳସଭାର ଏକ ଅଧିବେଶନ ହୋଇଥିଲା ଏବଂ ଯଦ୍ୟପି ସଭ୍ୟମାନେ ଏକବାକ୍ୟରେ ବ୍ୟୟ ଲାଘବ କରିବାର ଆବଶ୍ୟକତା ସ୍ୱୀକାର କଲେ ମାତ୍ର ତହିଁର ସତ୍ତ ଉପାୟ ସ୍ଥିର କରିପାରିଲେ ନାହିଁ କମ୍ବା ଏଠା ଦେଶୀୟ ସମାଜର ଦଳପତି କେଉଁମାନେ ଓ ସେମାନଙ୍କ ମଧ୍ୟରୁ କିଏ ଏଭାର ନେବାକୁ ପ୍ରସ୍ତୁତ ବୁଝି ନ ପାରି ଏବିଷୟରେ ଏନଗରବାସିଙ୍କର ଗୋଟିଏ ସାଧାରଣ ସଭା ଆହ୍ୱାନ କରିବାର ସ୍ଥିର କରିଅଛନ୍ତି । ଭରସା ଦୁଇଅ ଏଥିମଧ୍ୟରେ ସେପରି ଗୋଟିଏ ବୃହତ ସଭା ହେବ ମାତ୍ର ତହିଁରେ ବିଶେଷ କାର୍ଯ୍ୟ ହେବାର ଭରସା ବେଶି ନାହିଁ । ଦେଶୀୟ ସମାଜ ସାମାଜିକ ବିଷୟରେ ଗୋଟିଏ ସମାଜ ନୁହେଁ । ପ୍ରତ୍ୟେକ ଜାତିର ଗୋଟିଏ୨ ପ୍ରତ୍ୟେକ ସମାଜ ବୋଲିବାକୁ ହେବ । ତହିଁମଧ୍ୟରେ ହାଟୁଆ ଓ ତହିଁରୁ ଭିନ୍ନ ଜାତିମାନଙ୍କର ପ୍ରତ୍ୟେକର ଜାତିବେହେରା ପ୍ରଭୃତି ଅଛନ୍ତି ଯେ ସେମାନଙ୍କର କଥାର ଛଡ଼ା ସେମାନେ ଅନ୍ୟର କଥାରେ ଚଳିବେ ନାହିଁ । ଏଣୁ ଜାତିବେହେରାଙ୍କର ସଭା ଅର୍ଥାତ ପାଞ୍ଚକ ବସେଇ ସଭା ହୋଇ ବିବାହ ବ୍ୟୟ ଲାଘବ କରିବାର ଆବଶ୍ୟକତା ବୁଝାଇଦେଲେ କିଛି ଫଳ ହୋଇପାରେ ମାତ୍ର ବ୍ରାହ୍ମଣ କରଣ କାୟସ୍ଥ ପ୍ରଭୃତି ଉଚ୍ଚଜାତିଙ୍କର ସେପରି ପ୍ରଧାନ ବା ବେହେରା ଅଛନ୍ତି କେହି ନାହାନ୍ତି ବୋଲିବାକୁ ହେବ ଏବଂ ଏମାନେ ଅଧିକ ଶିକ୍ଷିତ ହେବାରୁ ଆପଣା୨ କର୍ତ୍ତବ୍ୟ ପ୍ରତି ଏତେ ଅଧିକ ଆସ୍ଥା ରଖନ୍ତି ଯେ ପାଞ୍ଚଜଣର କଥାରେ ଚଳିବାକୁ ସ୍ୱୀକାର ପାନ୍ତି ନାହିଁ । ବାସ୍ତବରେ ଏମାନଙ୍କ ସମାଜରେ ଅନେକ ବିଶୃଙ୍ଖଳା ଦେଖାଯାଏ ଏବଂ ସମାଜର ବିବାଦର ଏମାନଙ୍କ ମଧ୍ୟରେ ଅଧିକ । ଏହି କାରଣରୁ କରଣସଭା କାୟସ୍ଥସଭା ପ୍ରଭୃତି ସେତେ୨ ଏନଗରରେ ସ୍ଥାପିତ ହେଲା କିନ୍ତୁ ସ୍ଥିର ହୋଇ ରହିପାରିଲା ନାହିଁ । ବିବାହ ବ୍ୟୟ ଲାଘବକରଣ ସଭାର ପ୍ରଧାନ ଉଦ୍ଦେଶ୍ୟ ଥିଲା ଏବଂ କରଣମାନଙ୍କୁ ଓଡ଼ିଶାର ପ୍ରଧାନ ଜାତି ବୋଲିବାକୁ ହେବ । କାରଣ ପାଞ୍ଜି ପୋଥି ସବୁ ଅର୍ଥାତ ସଭ୍ୟମଣ୍ଡଳୀ ଏମାନଙ୍କ ହାତରେ । ଯେବେ ଏମାନେ ଜାତିସ୍ଥ ମେଳ ଓ ସଦନୁଷ୍ଠାନରେ ଦୃଢ଼କାର୍ଯ୍ୟ ନ ହେଲେ କେବେ ଅନ୍ତୁ କଏ ହେବ ? ଅତ ଏତେପର୍ଯ୍ୟନ୍ତ । ବାସ୍ତବରେ ଏ ବିଷୟ ପାଠକଙ୍କଠାରେ ଉପସ୍ଥିତ କରୁଅଛୁଁ ।

---

## ସର୍ଭେମକଦ୍ଦମା ।

ସର୍ଭେଇଲାକାର ଅଧୀନସ୍ଥ କର୍ମଚାରୀବିଶେଷ କେତେକ ପ୍ରଜାମାନଙ୍କଠାରୁ ଅତ୍ୟାଚାର ଓ ଅପହରଣଦ୍ୱାରା କରିତ ପାଇବାର କେତେକ ବିବରଣ ଏଥିପୂର୍ବେ ପ୍ରକାଶ ହୋଇଅଛି । ସମ୍ପ୍ରତି ସରକାରଙ୍କୁ ଠକିବାର ଗୋଟିଏ ଘଟଣା ଆମ୍ଭମାନଙ୍କ କର୍ଣ୍ଣଗୋଚରରେ ଆସିଅଛି । ତାହା ଏହି ଯେ ଦର୍ପଣକୋଷା ଚିରସ୍ଥାୟୀ ବନ୍ଦୋବସ୍ତ ମାହାଲ ଥିବାରୁ ଅଧୁନାତନ ବନ୍ଦୋବସ୍ତରୁ ଖାରଜ ଥିଲେହେଁ ତହିଁର ମାନଚିତ୍ର ସକାଶେ ପ୍ରତି ମୌଜାର ବାହ୍ୟସୀମା ସର୍ଭେ ଅର୍ଥାତ ସରହଦ ସୀମାନା ମାପ ହୋଇଥିଲା ଓ ଏକାର୍ଯ୍ୟରେ ନିଯୁକ୍ତ ହେବା ସର୍ଭେୟର ବା ଅମିନମାନଙ୍କ ଦ୍ୱାରା କର୍ମଚାରୀମାନେ ଜଙ୍ଗଲ କାଟିବା ଓ ମାପକରିବା ସକାଶେ ସେଉଁ ଆବଶ୍ୟକୀୟ କୁଲି ପାଇଥିଲେ ସେମାନଙ୍କ ମୂଲ ସରକାରରୁ ପାଇବାର ନିୟମ ଥିଲେହେଁ ଜମିଦାର ସ୍ୱର୍ଗୀୟ ବୈଦ୍ୟନାଥ ପଣ୍ଡିତ ଚୌଧୁରୀଙ୍କ ପୂର୍ବ ସ୍ୱତ୍ୱରୁ ଦେଉଥିବା ସେହି ସାମାନ୍ୟ ଖର୍ଚ୍ଚ ପାଇଁ ସରକାରଙ୍କୁ ଛଡ଼ିଦେଲେ ଯଥାତ ଗୋଲ୍‌ଲତଜ ନାମକ ସର୍ଭେୟର ୫ ୩୨ ଟଙ୍କାର ଓ ସ୍ୱାମୀ ଦୟାଲ ନାମକ ସର୍ଭେୟର ୫ ୧୬ ଟଙ୍କାର କୁଲିଖର୍ଚ୍ଚର ବିଲ ସର୍ଭେମହକୁମାରେ ଦାଖଲ କରି ଟଙ୍କା ପ୍ରାପ୍ତ ହେଲେ । ସେହି ସମୟରେ ସ୍ୱତାଙ୍କ ସେରସ୍ତାଦାର ସର୍ଭେ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କଠାରୁ କିଛି କାର୍ଯ୍ୟୋପଲକ୍ଷେ ଯାଇ ଥିଲେ କୁଲିଖର୍ଚ୍ଚା ସ୍ୱତାଙ୍କ ଜମିଦାରରୁ ଦିଆଯାଇ ଥିବା ଓ ସେହି ଟଙ୍କା ସରକାରଙ୍କୁ ନେବାରୁ କାରଣ ନପାଇଥିବାର ସେ ପ୍ରକାଶ କଲେ । ତହୁଁ ସାହେବ ପ୍ରଶଂସିତ ସେ ଦୁଇଜଣଙ୍କ ଜଲମାନ ସ୍ୱତାଙ୍କଠାକୁ ପଠାଇ ଦେବାକୁ ସେଥିର ତଦନ୍ତ ଭାର ଡାକ୍ତର ନୂତନ ମାନେଜର ବାବୁ ଜଗନ୍ମୋହନ ଲାଲଙ୍କ ପ୍ରତି ଅର୍ପଣ ହେଲା ।

ମାନେଜର ମହୋଦୟ ଦେଖିଲେ ଯେ ପ୍ରତ୍ୟେକର ଖଣ୍ଡିଏ ଦେଖିଏ ଷ୍ଟୋନେଡ ବିଲ ହୋଇଅଛି ଓ ବିଲଫାର୍ମରେ କୁଲିମାନଙ୍କ ଓ ସେମାନଙ୍କ ପିତାଙ୍କର ନାମ ଓ ଗ୍ରାମର ପ୍ରଧାନ ବ୍ୟକ୍ତିଙ୍କର ସ୍ୱାକ୍ଷର ସକାଶେ କଲମମାନ ଥିବାରୁ ସେସବୁ ପୂର୍ଣ୍ଣହୋଇ ପ୍ରତ୍ୟେକ ୧୫୦ ଜଣଙ୍କର ମଜୁରୀ ଏକଅଣା ଲେଖାଏ ପଡ଼ିଅଛି ଓ

Digitized by srujanika@gmail.com